

କ୍ରିସ୍‌ମାସ୍‌ରେ 'ବେବି ଜନ୍'

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-7 ◆BHUBANESWAR ◆MONDAY ◆1 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୭ ◆ଭୁବନେଶ୍ୱର ◆ସୋମବାର ◆୧ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ବିସିସିଆଇର ବଡ଼ ଘୋଷଣା

# ଟିମ୍ ଇଣ୍ଡିଆକୁ ୧୨୫ କୋଟିର ବିଜୟ ଭେଟି

■ **ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି):** ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବା ଟିମ୍ ଇଣ୍ଡିଆକୁ ବିସିସିଆଇ ପକ୍ଷରୁ ୧୨୫ କୋଟି ଟଙ୍କାର ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ବିସିସିଆଇ ସମ୍ପାଦକ ଜୟ ଶାହ ସୋସିଆଲ ମିଡିଆ 'ଏକ୍ସ'ରେ ଘୋଷଣା କରିବା ସହ ଭାରତୀୟ ଖେଳାଳି, ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫଙ୍କର ଯୋଗଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ବିଶ୍ୱକପ୍‌ରେ ଭାରତୀୟ ଖେଳାଳିଙ୍କ ଅନନ୍ୟ ପ୍ରତିଭା, ନିଷ୍ଠା, ଖେଳୁଆଡ ମନୋଭାବ ଯୋଗୁଁ ଆମ କ୍ରିକେଟ ଦଳ ଏହି ବିରାଟ ସଫଳତା ପାଇବାରେ ସମର୍ଥ ହୋଇଛି। ସୂଚନାଯୋଗ୍ୟ ଶନିବାର ବାର୍ବାଡୋସ୍‌ର ବ୍ରିଜ୍‌ଟାଉନ୍‌ରେ ଅନୁଷ୍ଠିତ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ରୋହିତ ▶ପୃଷ୍ଠା-୯



# ଆଜିଠୁ ଦେଶରେ ନୂଆ ଆଇନ

## ଜୁନ୍ ୩୦ ରାତି ୧୨ଟା ପରେ ଘଟିଥିବା ଅପରାଧରେ ଲାଗିବ ନୂଆ ଦଫା

- କୋର୍ଟରେ ହାଜିରା ବେଳେ ହାତକଡ଼ି ଲଗାଇପାରିବ ନାହିଁ ପୁଲିସ
- ୯୦ ଦିନ ଭିତରେ ପୁଲିସକୁ ଦାଖଲ କରିବାକୁ ପଡ଼ିବ ଚାର୍ଜସିଟ୍
- ସମସ୍ତ ଜିଲ୍ଲାର ଏସ୍‌ପି, ଡିସିପିଙ୍କ ସହ କଥାହେଲେ ପୁଲିସ୍ ଡିଜି



■ **ଭୁବନେଶ୍ୱର, ୩୦।୬ (ସମିସ):** ରବିବାର ମଧ୍ୟରାତ୍ରିରୁ ବଦଳିବ ଦେଶରେ ପୁଲିସ ଆଇନ। ବ୍ରିଟିଶ୍ ଅମଳର ପୁରୁଣା ଆଇନର ବିଲୋପ ହେବା ସହ ଦେଶରେ ନୂଆ ଆଇନ କାର୍ଯ୍ୟକାରୀ ହେବ। ରବିବାର ରାତି ୧୨ଟା ପରେ ଘଟିଥିବା ଅପରାଧରେ ନୂଆ ଆଇନ୍‌ର ଦଫା ଅନୁସାରେ ମାମଲା ରୁଜୁ କରାଯିବ। କିଭଳି ଏହି ଆଇନ୍ ଲାଗୁ କରାଯିବ, ଥାନା ଅଧିକାରୀ କିପରି କାର୍ଯ୍ୟ କରିବେ ସେ ସମ୍ପର୍କରେ ପୁଲିସ ଡ଼ିଜି ଅରୁଣ ଷଡ଼ଙ୍ଗୀ ସବୁ ଜିଲ୍ଲାର ଏସ୍‌ପି, ଡ଼ିସିପି, ଡ଼ିଆଇଜି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅନୁସାରେ ଏସ୍‌ପିମାନେ ସମସ୍ତ ଥାନା ଅଧିକାରୀଙ୍କୁ କିଭଳି ନୂଆ ଆଇନ୍ ଆଧାରରେ ମାମଲା ରୁଜୁ କରିବେ ସେନେଇ ପରାମର୍ଶ ଦେଇଛନ୍ତି। ଥାନା ଅଧିକାରୀଙ୍କୁ ସହାୟତା କରିବା ପାଇଁ ଲିଗାଏ ସେଲ୍ କରାଯାଇଛି। ସେମାନେ ଏହାର ସହାୟତା ନେଇ ମଧ୍ୟ ମାମଲା ରୁଜୁ କରିବେ। ଲାଗୁ ହୋଇଥିବା ୩ ନୂଆ ଆଇନ୍ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁସାରେ କାର୍ଯ୍ୟ କରିବାକୁ ମଧ୍ୟ କୁହାଯାଇଛି। ନୂଆ ଆଇନ ଅନୁସାରେ ନାବାଳିକା ଦୁଷ୍କର୍ମକାରୀଙ୍କୁ ମୃତ୍ୟୁ ଓ ଗଣଦୁଷ୍କର୍ମକାରୀଙ୍କୁ ଆଜୀବନ ସଜା ଦଣ୍ଡ ମିଳିବାର ବ୍ୟବସ୍ଥା ହୋଇଛି। ମବ୍ ଲିଞ୍ଚିଂ ବା ଭିଡ଼ ହିଂସା ମୃତ୍ୟୁ ମାମଲାରେ ଦୋଷୀଙ୍କୁ ୭ ବର୍ଷ ଜେଲରୁ ମୃତ୍ୟୁଦଣ୍ଡ ଯାଏଁ ପ୍ରାବଧାନ ରହିଛି। ▶ପୃଷ୍ଠା-୯

# କମିବ ବର୍ଷା

## ଜୁନ୍‌ରେ ୨୭ ପ୍ରତିଶତ ନିଅଣ୍ଟ

■ **ଭୁବନେଶ୍ୱର, ୩୦।୬ (ସମିସ):** ସକ୍ରିୟ ମୌସୁମୀ ଯୋଗୁଁ ରାଜ୍ୟରେ ବର୍ଷା ଜାରି ରହିଛି। ଲଗାତାର ଭାବେ ୩-୪ ଦିନ ହେବ ବର୍ଷା ହୋଇଥିବା ବେଳେ ରବିବାର ମଧ୍ୟ ଏକାଧିକ ସ୍ଥାନରେ ବର୍ଷା ହୋଇଛି। ତେବେ ସୋମବାରଠାରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହ ବର୍ଷାର ପ୍ରକୋପ ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗତ ୨୪ ଘଣ୍ଟାରେ ନବରଙ୍ଗପୁରରେ ୪୭ ମିମି ବର୍ଷା ହୋଇଥିବା ବେଳେ ବାରିପଦାରେ ୨୭, ଖୋର୍ଦ୍ଧାରେ ୨୫, ଢେଙ୍କାନାଳରେ ୨୨, ମାଲକାନଗିରି ୨୧, ପାରଳାଖେମୁଣ୍ଡି ୧୯ ମିମି ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ବର୍ଷା ଯୋଗୁଁ ରାଜ୍ୟରେ ଜାରି ରହିଥିବା ନିଅଣ୍ଟିଆ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଲଘୁଚାପ ପୂର୍ବରୁ ନିଅଣ୍ଟିଆ ବର୍ଷାର ପରିମାଣ ୪୨ ପ୍ରତିଶତ ରହିଥିବା ବେଳେ ଅଧିକାଂଶ ସ୍ଥାନରେ ସ୍ଥିତି ସମ୍ବେଦନଶୀଳ ରହିଥିଲା। ମାତ୍ର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ବର୍ଷାର ପରିମାଣ ବୃଦ୍ଧି ଘଟିଛି। ▶ପୃଷ୍ଠା-୯

## ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଦାୟିତ୍ୱଗ୍ରହଣ



■ **ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି):** ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ନୂଆ ସ୍ଥଳସେନା ମୁଖ୍ୟ ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି। ସେ ଆଜି ଅବସରଗ୍ରହଣ କରିଥିବା ଜେନେରାଲ ମନୋଜ ପାଣ୍ଡେଙ୍କ ସ୍ଥାନ ନେଇଛନ୍ତି। ଚଳିତ ବର୍ଷ ଫେବୃଆରୀ ୧୯ରେ ଉପେନ୍ଦ୍ର ଦ୍ୱିବେଦୀ ସେନାର ଉପ-ମୁଖ୍ୟ ନିଯୁକ୍ତ ହୋଇଥିଲେ। ଏହି ଦାୟିତ୍ୱଗ୍ରହଣ ସହିତ ସେ ▶ପୃଷ୍ଠା-୯

## ଦାୟିତ୍ୱ ନେଲେ ମୁଖ୍ୟ ସଚିବ ମନୋଜ ଆହୁଜା



■ **ଭୁବନେଶ୍ୱର, ୩୦।୬ (ସମିସ):** ରାଜ୍ୟ ମୁଖ୍ୟ ସଚିବ ଭାବେ ରବିବାର ଦାୟିତ୍ୱ ନେଇଛନ୍ତି ମନୋଜ ଆହୁଜା। ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଶ୍ରୀ ଆହୁଜା ରବିବାର ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ପରେ ସେ ଲୋକସେବା ଭବନରେ ବିଦାୟୀ ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୦ ବ୍ୟାଚ୍ ଓଡ଼ିଶା ▶ପୃଷ୍ଠା-୯

## ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ଏସିଏସ୍



■ **ଭୁବନେଶ୍ୱର, ୩୦।୬ (ସମିସ):** ବରିଷ୍ଠ ପ୍ରଶାସକ ନିକୁଞ୍ଜ ବିହାରୀ ଧଳଙ୍କୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ୧୯୯୩ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ୍ ଶ୍ରୀ ଧଳ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ନୂଆ ନିଯୁକ୍ତି ନେଇ ରବିବାର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

DSPL-31



# ଜାତୀୟ ଚିକିତ୍ସକ ଦିବସ

ପ୍ରତିବର୍ଷ ଜୁଲାଇ ୧ତାରିଖକୁ 'ଜାତୀୟ ଚିକିତ୍ସକ ଦିବସ' ଭାବେ ପାଳନ କରାଯାଇଥାଏ । ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ । ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ । ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ । ତାଙ୍କର ସମ୍ମାନାର୍ଥେ ତଥା ଡାକ୍ତରମାନଙ୍କ ତ୍ୟାଗ, ସେବାକୁ ଉଚିତ ସମ୍ମାନ ପ୍ରଦର୍ଶନ ନିମନ୍ତେ ୧୯୯୧ ମସିହାରେ ପ୍ରଥମ ଥର ପାଇଁ 'ଜାତୀୟ ଚିକିତ୍ସକ ଦିବସ' ପାଳନ କରାଯାଇଥିଲା । ନିକଟ ଅତୀତରେ ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା କରୋନା ମହାମାରୀ ପ୍ରମାଣ କରିଦେଇଛି, ଡାକ୍ତରଙ୍କ ବିନା ମାନବ ସଭ୍ୟତା କେତେ ଅସୁରକ୍ଷିତ! ସେହିପରି ଜଣେ ଡାକ୍ତରଙ୍କ ରୋଗୀ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଏବଂ ସୁସ୍ଥ ହେବାର ଆଶ୍ୱାସନା ରୋଗୀକୁ ବିନା ଔଷଧରେ ଅଧାରୁ ଅଧିକ ସୁସ୍ଥ କରିଥାଏ ।

# କ୍ରିସ୍‌ମାସ୍‌ରେ ଆସିବ 'ବେବି ଜନ୍'



ବଲିଉଡ୍ ଅଭିନେତା ବରୁଣ ଧୱନ୍ ତାଙ୍କର ଆଗାମୀ ଫିଲ୍ମ 'ବେବି ଜନ୍'କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ତେବେ ଫିଲ୍ମର ରିଲିଜ୍ ଡେଟ୍‌କୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା । ଏହି ଫିଲ୍ମ ମେ' ୩୧ରେ ରିଲିଜ୍ ହେବାର ଥିଲା । ଏବେ ଏହି ଫିଲ୍ମ କ୍ରିସ୍‌ମାସ୍ ଅବସରରେ ରିଲିଜ୍ ହେବ । ନିକଟରେ ବରୁଣ ଏକ ପୋଷ୍ଟର ସେୟାର୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ପୋଷ୍ଟରରେ ସେ ଲମ୍ବା କେଶ ଓ ଦାଢ଼ିରେ ନଜର ଆସିଛନ୍ତି । ହାତରେ ଛୁରି ଧରିଛନ୍ତି । ତାଙ୍କ ମୁହଁରେ କ୍ରୋଧ ସ୍ପଷ୍ଟ ବାରି ହେଉଛି । ହତିଆର ଧରିଥିବା କିଛି ଲୋକ ତାଙ୍କୁ ଘେରିଛନ୍ତି । ସେ ଏହି ପୋଷ୍ଟର୍‌କୁ ସେୟାର୍ କରି ଲେଖିଛନ୍ତି- 'ଏଥର କ୍ରିସ୍‌ମାସ୍ ବେଶ୍ ମଜାଦାର ହେବ । ଡିସେମ୍ବର ୨୫ରେ ଆସିବ 'ବେବି ଜନ୍' । ଏଥିପାଇଁ ପ୍ରସ୍ତୁତ ହୋଇଯାନ୍ତୁ ।'ଏହି ଫିଲ୍ମ ଜରିଆରେ କୀର୍ତ୍ତି ସୁରେଶ ହିନ୍ଦୀ ସିନେମାରେ ଡେବ୍ୟୁ କରିବାକୁ ଯାଉଛନ୍ତି । ଏଥିରେ ବାମିକା ଗବ୍ବୀଙ୍କୁ ମଧ୍ୟ ଲିଡ୍ ରୋଲରେ ଦେଖିବାକୁ ମିଳିବ । ରାଜପାଲ ଯାଦବ ଓ ଜ୍ୟାକିସ୍ରଫ୍‌ଙ୍କ ମଧ୍ୟ ଏଥିରେ ନଜର ଆସିବେ । ତେବେ ଏବେ ଏହି ଦିନ ଅମିର୍ ଖାନ୍‌ଙ୍କ ଫିଲ୍ମ 'ସିତାରେ ଜମିନ୍ ପର୍' ରିଲିଜ୍ ହେବ । ବକ୍ସ ଅଫିସ୍‌ରେ ଅମିର୍ କି ବରୁଣ କିଏ ସଫଳ ହେଉଛନ୍ତି, ତାହା ଦେଖିବାକୁ ବାକି ରହିଲା ।





## ଆଜି ବାହୁଡ଼ିଥିଲେ



# ପଲ୍ଲୀକବି ନନ୍ଦକିଶୋର

ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ । ସେ ନିଜ ରଚନାରେ ପଲ୍ଲୀ ଜୀବନର ନିଖୁଣ ଚିତ୍ରକୁ ଏଭଳି ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ପାଠକ ମନରେ ପଲ୍ଲୀର ଛବିକୁ ଜୀବନ୍ତ କରିଦେଉଥିଲା । ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ । ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ । ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା । ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଁରେ ୧୮୭୫ ମସିହା ଡିସେମ୍ବର ୨୨ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀ । ତାଙ୍କ ବାଲ୍ୟଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ । ନନ୍ଦକିଶୋର କଲେଜ ପଢ଼ିବାଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ । ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି । ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇଥିଲେ । ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି । ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ । ସେହିପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି । କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା । ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ । ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ବହୁ ଉଦ୍ୟମ କରିଥିଲେ ।

## ଆଜିର ଇତିହାସ

- ୧୮୬୨: କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ ।
- ୧୮୭୯: ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା ।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା ।
- ୧୯୯୭- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା ।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା ।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି(ବସ୍ତୁ ଏବଂ ସେବା କର) ଲାଗୁ କରାଗଲା ।

# ବିନା ହର୍ଣ୍ଣରେ ୫ ବର୍ଷ ଗାଡ଼ି ଚାଳନା





ରାସ୍ତାରେ ଏମିତି କୌଣସି ଗାଡ଼ି ନାହିଁ, ଯାହାକୁ ଚାଳକ ବିନା ହର୍ଣ୍ଣରେ ଚଲାଉଥିବେ । ସେହିପରି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଅଯଥାରେ ହର୍ଣ୍ଣ ବଜାଇବାକୁ ଭଲପାଆନ୍ତି । ଏହି ପରିପ୍ରେକ୍ଷୀରେ ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ବିନା ହର୍ଣ୍ଣରେ ମାସେ କି ବର୍ଷେ ନୁହେଁ, ପାଞ୍ଚ ବର୍ଷ ଗାଡ଼ି ଚଳାଇ ଆସୁଛନ୍ତି । କେବଳ ସେତିକି ନୁହେଁ, ସେ ତମାମ ଜୀବନ ବିନା ହର୍ଣ୍ଣରେ ଗାଡ଼ି ଚଳାଇବା ନିଷ୍ପତ୍ତି ନେଇଛନ୍ତି । ବିହାର ପୂର୍ଣ୍ଣିୟା ରାମବାଗ ନିବାସୀ ଗୌତମ ପାଣ୍ଡେୟ ବ୍ରିଟେନ୍‌ରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ଚାକିରିରୁ ଅବସର ନେବା ପରେ ସେ ନିଜ ଘର ପୂର୍ଣ୍ଣିୟାକୁ ଫେରିଲେ । ଗୌତମ ୨୦୧୯ ମସିହାରୁ ବିନା ହର୍ଣ୍ଣରେ ଗାଡ଼ି ଚଳାଇ ଆସୁଛନ୍ତି । ସେ ଗାଡ଼ିରେ ଦୂର ସ୍ଥାନକୁ ଯିବାପାଇଁ ଭଲପାଆନ୍ତି । କିନ୍ତୁ ବିନା ହର୍ଣ୍ଣରେ ଗାଡ଼ି ଚଳାଇବାକୁ ତାଙ୍କୁ ମଜା ଲାଗେ ବୋଲି ସେ କହିଛନ୍ତି । ସେ କହନ୍ତି, ଗାଡ଼ି ଚଳାଇବା ସମୟରେ ଚାଳକଙ୍କୁ କିଛି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦରକାର । ତେବେ ହର୍ଣ୍ଣ ନ ବଜାଇବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି । ଗୌତମ ୨୦୧୮ ମସିହାରେ ବସ୍ ଷ୍ଟାଣ୍ଡରେ ଥିବା ବେଳେ ହର୍ଣ୍ଣର ତୀବ୍ର ସ୍ୱରରେ ବିରକ୍ତ ହୋଇଥିଲେ । ଏହି ଘଟଣା ପରଠାରୁ ସେ ବିନା ହର୍ଣ୍ଣରେ ସାରା ଜୀବନ ଗାଡ଼ି ଚଳାଇବା ନିଷ୍ପତ୍ତି ନେଲେ । ଏହି ଅଭ୍ୟାସକୁ ସେ ଜାରି ରଖିଛନ୍ତି । ଗୌତମଙ୍କ ମତରେ ହର୍ଣ୍ଣ ଦ୍ୱାରା ଶବ୍ଦ ପ୍ରଦୂଷଣ ହୋଇଥାଏ । ଯାହାକି ପରିବେଶ ପାଇଁ ହାନିକାରକ । ଏହାବାଦ୍ ୫୦ ଡେସିବଲ୍ ପର୍ଯ୍ୟନ୍ତ ଶବ୍ଦ ମଣିଷଙ୍କ ପାଇଁ ଜରୁରି ହୋଇଥିବା ବେଳେ ଏହାଠୁ ଅଧିକ ଶବ୍ଦ ହାନିକାରକ । ଗାଡ଼ିର ହର୍ଣ୍ଣ ସାଧାରଣ ଲୋକଙ୍କ ବ୍ୟତୀତ ଗର୍ଭବତୀ, ଶିଶୁ, ବଧିର, ମାନସିକ ରୋଗୀଙ୍କୁ କ୍ଷତି ପହଞ୍ଚାଏ । ତେଣୁ ଲୋକଙ୍କୁ ପରିବେଶ ହିତ କଥା ଚିନ୍ତା କରି ଅତ୍ୟାବଶ୍ୟକ ସ୍ଥାନରେ ହର୍ଣ୍ଣ ବଜାଇବା ଦିଗରେ ଯତ୍ନବାନ ହେବା ଆବଶ୍ୟକ । ଅନ୍ୟପକ୍ଷରେ ବିନା ହର୍ଣ୍ଣରେ ମଧ୍ୟ ଧୀରେ ଧୀରେ ଗାଡ଼ି ଚଳାଯାଇ ପାରିବ । ଏହାଦ୍ୱାରା ଅନ୍ୟ ଚାଳକଙ୍କୁ ମଧ୍ୟ କୌଣସି ସମସ୍ୟା ହେବ ନାହିଁ ଏବଂ ପରିବେଶ ସୁରକ୍ଷିତ ରହିବ ବୋଲି ଗୌତମ କହିଛନ୍ତି ।

# ଗୋଟିଏ କପ୍ କଫି



ଆଜିକାଲି ଲୋକଙ୍କୁ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହି କାମ କରିବାକୁ ପଡ଼ିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ତେବେ ନିତିଦିନ ଗୋଟିଏ କପ୍ କଫି ଏହି ସମସ୍ୟାକୁ ଦୂର କରୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି । ଚୀନ୍‌ର ସୁଚୋଉ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏଭଳି ଏକ ଗବେଷଣା କରିଛନ୍ତି । ଏହି ଅଧ୍ୟୟନ ଜର୍ଣ୍ଣାଲ ବିଏମ୍‌ସି ପବ୍ଲିକ୍ ହେଲଥ୍‌ରେ ପ୍ରକାଶିତ । ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁଁ ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି, ନିୟମିତ କପେ କଫି ପିଇ ଏହାକୁ ଦୂରେଇ ଦିଆଯାଇ ପାରିବ ବୋଲି ଉକ୍ତ ଅଧ୍ୟୟନରେ କୁହାଯାଇଛି । ଆମେରିକାର ୧୦ ହଜାରୁ ଅଧିକ ଲୋକଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା । ତେବେ ଗତିହୀନ ଜୀବନଶୈଳୀ ଯୋଗୁଁ ଯେଉଁମାନେ ନିତିଦିନ କଫି ପିଇଥିଲେ, ସେମାନଙ୍କଠାରେ ହୃଦ୍‌ରୋଗ ସମସ୍ୟା କମ୍ ଦେଖିବାକୁ ମିଳିଥିଲା । ଅନ୍ୟପଟେ ନିତିଦିନ ବ୍ୟାୟାମ କରିବାର ପ୍ରଭାବ ତୁଳନାରେ କଫିର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ଅଧିକ ଥିଲା । ତେବେ ଗବେଷଣାର ନିଷ୍କର୍ଷରୁ ଏକଥା ଜଣାପଡ଼ିଛି ଯେ, ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସି ରହୁଥିବା ଲୋକେ କଫି ପିଇବା ଦ୍ୱାରା ମୃତ୍ୟୁ ଆଶଙ୍କା ୧୩ ବର୍ଷ ଅବଧି ମଧ୍ୟରେ ୧.୫ ଗୁଣ କମ୍ ହୋଇପାରେ ।

ସେହିପରି ଆମେରିକାର ଜାତୀୟ ସ୍ତରର ସ୍ୱାସ୍ଥ୍ୟ ତଥ୍ୟକୁ ବିଶ୍ଳେଷଣ କରି ଗବେଷକ ଟିମ୍ ଜାଣିବାକୁ ପାଇଛନ୍ତି ଯେ, କଫି ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁଁ ହେଉଥିବା ମୃତ୍ୟୁକୁ ହ୍ରାସ କରିଥାଏ । ଅନ୍ୟପଟେ ଦୀର୍ଘଦିନ ବସି ରହି କାମ କରିବା ଦ୍ୱାରା କୌଣସି ଶାରୀରିକ ଗତିବିଧି ହୋଇ ନ ଥାଏ । ଫଳରେ ଓଜନ ବୃଦ୍ଧି ପାଏ । ଏହାସହ ରକ୍ତ ପ୍ରବାହ କମ୍ ହେବା ଦ୍ୱାରା ଶରୀରର ବିଭିନ୍ନ ଅଂଶରେ ଚାପ ପଡ଼ିଥାଏ, ଫଳରେ ସେହି ସ୍ଥାନଗୁଡ଼ିକରେ ଯନ୍ତ୍ରଣା ହୋଇଥାଏ । କିନ୍ତୁ ନିତିଦିନ କଫି ପିଇବା ଦ୍ୱାରା ଏହି ସମସ୍ୟାକୁ ଅନେକାଂଶରେ ଦୂର କରାଯାଇପାରିବ ଗବେଷକମାନେ ଆଶା ପ୍ରକଟ କରିଛନ୍ତି । ଅବଶ୍ୟ ଏହାକୁ ନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

# ତକିଆ ତଳେ ରଖନ୍ତୁନି ଏହିସବୁ ଜିନିଷ

ବାସ୍ତୁଶାସ୍ତ୍ରରେ ଏମିତି ଅନେକ ନୀତିନିୟମ ରହିଛି, ଯାହାକୁ ପାଳନ କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ସବୁବେଳେ ରହିଥାଏ । ଆଉ କିଛି ଜିନିଷ ଏପରି ରହିଛି, ଯାହାକୁ ସଠିକ୍ ଭାବେ ବ୍ୟବହାର ନ କଲେ, ନକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ । ତେବେ, ରାତିରେ ଶୋଇବା ପୂର୍ବରୁ ଅନେକ ଜଣ ତକିଆ ତଳେ ମୋବାଇଲ୍, ହାତଘଣ୍ଟା, ହେୟାର୍ ବ୍ୟାଣ୍ଡ, ପର୍ସ ଆଦି ରଖିଦେଇଥାନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ, ଏଭଳି କରିବା ବହୁତ କ୍ଷତିକାରକ ହୋଇଥାଏ । ଏହା ବ୍ୟକ୍ତିଗତ ଓ ପାରିବାରିକ ଜୀବନ ଉପରେ କୁପ୍ରଭାବ ପକାଇଥାଏ । ଆସନ୍ତୁ ଜାଣିବା, କେଉଁସବୁ ଜିନିଷକୁ ତକିଆ ତଳେ ରଖିବା ଅନୁଚିତ ।

## ପର୍ସ

ବାସ୍ତୁ ଅନୁସାରେ, କେବେ ମଧ୍ୟ ତକିଆ ତଳେ ପର୍ସ ରଖିବା ଉଚିତ ନୁହେଁ । କାରଣ ପର୍ସରେ ଟଙ୍କା ରଖାଯାଏ । ତେଣୁ ଏହାକୁ ତକିଆ ତଳେ ରଖିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୋପଦୃଷ୍ଟି ପଡ଼ିଥାଏ । ତେଣୁ ଅଯଥା ଖର୍ଚ୍ଚ ବଢ଼ିବା ସହିତ ଆର୍ଥିକ ସଙ୍କଟ ମଧ୍ୟ ଦେଖାଯାଏ ।

## ହାତଘଣ୍ଟା

ତକିଆ ତଳେ ହାତଘଣ୍ଟା ରଖି ଶୋଇବା ଉଚିତ ନୁହେଁ । କୁହାଯାଏ ଯେ, ଏହାର ଶବ୍ଦ ନିଦରେ ବ୍ୟାଘାତ ସୃଷ୍ଟି କରେ । ଏହା ସହିତ ଘଡ଼ିରୁ ବାହାରୁଥିବା ତରଙ୍ଗଗୁଡ଼ିକ ହୃଦୟ ଓ ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଏହାଦ୍ୱାରା ଶାନ୍ତି ଭଙ୍ଗ ହୁଏ ଏବଂ ଅବସାଦ ସୃଷ୍ଟି ହୋଇଥାଏ ।

## ବହି

ଅନେକ ଲୋକ ବହି ପଢ଼ି ଶୋଇଥାନ୍ତି ଏବଂ ଶୋଇବା ସମୟରେ ତାକୁ ତକିଆତଳେ ରଖିଦିଅନ୍ତି । କିନ୍ତୁ ଏଭଳି କରିବା ଅନୁଚିତ । ଏହାଦ୍ୱାରା ନକାରାତ୍ମକ ଶକ୍ତି ସୃଷ୍ଟି ହୁଏ, ଯାହାକି ବ୍ୟକ୍ତିର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଏ ।



## ଅଳଙ୍କାର

ମହିଳାମାନେ ପିନ୍ଧୁଥିବା ଅଳଙ୍କାରଗୁଡ଼ିକୁ ବେଳେବେଳେ ତକିଆ ତଳେ ରଖିଦିଅନ୍ତି । ଏଥିଯୋଗୁ କାମରେ ବାଧା ସୃଷ୍ଟି ହୋଇଥାଏ । ଏହାକୁ ଆଲମାରି ଭଳି ସୁରକ୍ଷିତ ସ୍ଥାନରେ ରଖିବା ଉଚିତ ।



## ଚାବିକାଠି

ଘରର ଚାବିକାଠିଗୁଡ଼ିକୁ ତକିଆ ତଳେ ରଖିବା ଅନୁଚିତ । ଏପରି କରିବା ଦ୍ୱାରା ଘରେ ଆର୍ଥିକ ସଙ୍କଟ ଦେଖାଯାଇଥାଏ ବୋଲି କୁହାଯାଏ ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ବୁଦ୍ଧିମାନର କାମ କରିଦେଖାଇବେ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ସମାଜସେବାରେ ସମୟ ବିତିବ ।

**ବୃଷ:** ଧନପ୍ରାପ୍ତି ପାଇଁ ଦିନଟି ବହୁତ ଭଲ । ଉଧାର ଟଙ୍କା ମଧ୍ୟ ଆଜି ଫେରି ପାଇବେ । ପୈତୃକ ଜମିସମ୍ପତ୍ତିକୁ ନେଇ ଚିନ୍ତାରେ ରହିବେ । ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରହିପାରନ୍ତି ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି । ମହିଳାମାନେ ସୁନା ଅଳଙ୍କାର କିଣିପାରନ୍ତି । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପାରିବାରିକ ଜୀବନ ସୁଖମୟ ହେବ ।

**କର୍କଟ:** ନିଜ ମନର ବିଚାରକୁ ନିୟନ୍ତ୍ରଣରେ ରଖିବା ଭଲ । ବିଦ୍ୟାର୍ଥୀମାନେ ପାଠପଢ଼ାରେ ମନ ଦେବେ । ପେଟଜନିତ ସମସ୍ୟା ଦେଖାଦେଇପାରେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ ।

**ସିଂହ:** ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ । ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭାଗ୍ୟଶାଳୀ । ପରିଶ୍ରମର ଉତ୍ତମ ଫଳ ପାଇବେ । ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ମିଶ୍ର ଫଳ ପ୍ରଦାନ କରିବ । ନିଷ୍ଠାର ସହ ସମସ୍ତ କାର୍ଯ୍ୟ କରନ୍ତୁ । କର୍ମକ୍ଷେତ୍ରରେ ବସ୍ ଆପଣଙ୍କୁ ପ୍ରଶଂସା କରିପାରନ୍ତି । ଜୀବନସାଥିଙ୍କ ସହ ସମୟ ବିତାଇବେ ।

**ତୁଳା:** ଆଜିର ଦିନଟି ସାମାନ୍ୟ ମଧ୍ୟମ ରହିବ । କୌଣସି ଦିଗରୁ ନିରାଶ ହୋଇ ପାରନ୍ତି । ହଠାତ୍ ଖର୍ଚ୍ଚ ବଢ଼ିପାରେ । ଯୋଜନା ମୁତାବକ ସମସ୍ତ କାର୍ଯ୍ୟ କରିବା ଭଲ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ ।

**ବିଛା:** କର୍ମକ୍ଷେତ୍ରରେ ନେତୃତ୍ୱ କରିବାକୁ ସୁଯୋଗ ମିଳିବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ସମାଜ ସେବା କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ । ବିବାହ ସମସ୍ୟା ସମାଧାନ ହେବ ।

**ଧନୁ:** କୌଣସି ନୂଆ କାମ ଆରମ୍ଭ କରିପାରନ୍ତି । ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଉଚ୍ଚଶିକ୍ଷା ପାଇଁ ଭଲ ସମୟ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** କର୍ମତତ୍ପର ରହିବେ । ବାପାମାଆଙ୍କ ସହଯୋଗ ମିଳିବ । ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ ।

**କୁମ୍ଭ:** ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ । ଚାକିରିରେ ବଦଳି ସମ୍ଭାବନା ଅଛି । ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ମୀନ:** ମନ ପ୍ରସନ୍ନ ରହିବ । ଏକାଗ୍ରତା ଏବଂ କାର୍ଯ୍ୟ କରିବାର ନିଷ୍ଠା ଯୋଗୁଁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଦୂରଯାତ୍ରା ଭ୍ରମଣ କରି ଥକ୍କା ଅନୁଭବ କରିବେ ।

■ ସପ୍ତଶଯ୍ୟା ବୁଲିବାକୁ ଆସି ଭୁଲିଗଲେ ରାସ୍ତା

## ଘଞ୍ଚ ଜଙ୍ଗଲରେ ୫ଛାତ୍ର ନିଖୋଜ

**ଢେଙ୍କାନାଳ, ୩୦।୬ (ସମିସ):** ଢେଙ୍କାନାଳର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟାକୁ ବୁଲିବାକୁ ଆସିଥିବା ୫ଜଣ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଘଞ୍ଚ ଜଙ୍ଗଲରେ ରାସ୍ତା ନପାଇ ସେମାନେ ହଜି ଯାଇଥିବା ଜଣାଯାଇଛି। ସେମାନଙ୍କୁ ଠାବ କରିବା ପାଇଁ ସଦର ପୁଲିସ ସହିତ ବନ ବିଭାଗର ମିଳିତ ସହଯୋଗରେ ୨ଟି ଟିମ୍ ପାହାଡ଼ରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି।



ନିଖୋଜ ଛାତ୍ରମାନେ ହେଲେ, କଟକର ଅରକ୍ଷିତ ମହାପାତ୍ର, ଶୁଭମ ମହାପାତ୍ର, ହିମାଂଶୁ ଦାସ, ସୁଜିତ ସାହୁ ଓ ଲକି ଦାସ।

ସୂଚନାନୁଯାୟୀ, ଏହି ୫ଜଣ ସପ୍ତଶଯ୍ୟା ବୁଲିବାକୁ ଆସିଥିଲେ। ତେବେ ରାତି ଏବଂ ପ୍ରବଳ ବର୍ଷା ଯୋଗୁଁ ସେମାନେ ଜଙ୍ଗଲ ମଧ୍ୟରେ ରାସ୍ତା ନପାଇ କେଉଁଆଡ଼େ ହଜି ଯାଇଥିଲେ। ସେମାନେ ବାଟ ପାଉ ନଥିବା ସଂପର୍କରେ ଘରଲୋକଙ୍କୁ ଫୋନ କରିବା ଜଣାଇବା ପରେ ପରିବାରଲୋକ ପୁଲିସକୁ ଖବର ଦେଇଥିଲେ। ସଦର ପୁଲିସ ସପ୍ତଶଯ୍ୟାରେ ପହଞ୍ଚିଥିବା ବେଳେ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ନିର୍ଦ୍ଦେଶରେ ୨ଟି ଟିମ୍ ଗଠନ କରାଯାଇ ସର୍ଚ୍ଚ ଅପରେସନ୍ ଜାରି ରହିଛି। ତେବେ ଦିନତମାମ୍ ବର୍ଷା ଓ ଘନ ଜଙ୍ଗଲରେ ସେମାନଙ୍କୁ ଖୋଜିବା କଷ୍ଟକର ହୋଇପଡ଼ିଛି। ମୋବାଇଲ ନେଟୱର୍କ ନଥିବାରୁ ଏବଂ ଟ୍ରାକିଂ ହୋଇପାରୁନଥିବାରୁ ରାତି ପର୍ଯ୍ୟନ୍ତ ସେମାନଙ୍କୁ ଠାବ କରାଯାଇପାରିନାହିଁ। ଛାତ୍ରମାନଙ୍କ ପାଇଁ ପ୍ରଶାସନ ତତ୍ପର ଥିବା ବେଳେ ଘନ ଜଙ୍ଗଲରେ ହାତୀ ଏବଂ ସରୀସୃପଙ୍କ ଭୟ ମଧ୍ୟ ରହିଛି।

■ ଗାଧୋଇବା ବେଳେ ଟାଣିନେଲା ସମୁଦ୍ର

## ଜଣେ ମୃତ; ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଲେ ୩

**ଶ୍ରଦ୍ଧାପୁର, ୩୦।୬ (ସମିସ):** ବାଲେଶ୍ୱର ଜିଲ୍ଲା ଉଦୟପୁର ବେଳାଭୂମିରୁ ସମୁଦ୍ରକୁ ଭାସି ଯାଇଥିବା ଜଣେ ପର୍ଯ୍ୟଟକଙ୍କ ମୃତଦେହ ରବିବାର ସକାଳେ ଉଦ୍ଧାର କରାଯାଇଛି। ମୃତକ ହେଲେ, ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ପଇବା ଥାନା ଅଧୀନ ବାରିଲ ଗାଁର ପ୍ରଦୀପ ମଲ୍ଲିକଙ୍କ ପୁଅ ସୌଭିକ(୨୨)। ତାଳସାରି ସାମୁଦ୍ରିକ ଥାନା ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଗତକାଲି ଘଟିଥିବା ଏହି ଅଘଟଣରୁ ସୌଭିକଙ୍କ ୩ ସାଙ୍ଗ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

**ଉଦୟପୁରରୁ ଉଦ୍ଧାର ହେଲା ମୃତଦେହ**

ମିଳିଥିବା ସୂଚନା ଅନୁଯାୟୀ, ସୌଭିକଙ୍କ ସହ ଅନ୍ୟ ୯ଜଣ ସାଙ୍ଗ ଶନିବାର ସକାଳେ ଦୀଘା ବୁଲିବାକୁ ଆସିଥିଲେ। ପରେ ଅପରାହ୍ଣ ୫ଟାରେ ସେମାନେ ବାଲେଶ୍ୱର ଜିଲା ଭୋଗରାଇର ଅନ୍ୟତମ ମନୋରମ ବେଳାଭୂମି ଉଦୟପୁରରେ ପହଞ୍ଚିଥିଲେ। ବେଳାଭୂମିରେ ବୁଲାବୁଲି ପରେ ସେମାନଙ୍କ ମଧ୍ୟରୁ ୪ଜଣ ସାଙ୍ଗ ସମୁଦ୍ରସ୍ନାନ କରିଥିଲେ। ତେବେ ସମୁଦ୍ର ଅଶାନ୍ତ ଥିବାରୁ ୪ଜଣ ଯାକ ଭାସି ଯାଇଥିଲେ। କୂଳରେ ଥିବା ଅନ୍ୟମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଜୀବନକୁ ବାଜି ଲଗାଇ ୩ଜଣଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସୌଭିକଙ୍କର କୌଣସି ପତ୍ତା ମିଳି ନଥିଲା।

**କଳା ରବିବାର**

# ଅଘଟଣରେ ଚାଲିଗଲା ୧୦ ଜୀବନ

## ଅଟୋକୁ ଧକ୍କାଦେଲେ ବାଇକ୍-ବୋଲେରୋ; ୨ ମୃତ, ୧୨ ଆହତ

**ରାୟଗଡ଼ା,୩୦।୬ (ସମିସ):** ରାୟଗଡ଼ା-ପିତାମହଲ ମୁଖ୍ୟ ରାସ୍ତାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ୧୨ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଗଣେଶ ପିଡିକାକା(୩୫) ଓ ସତ୍ୟ ମାଣ୍ଡାଙ୍ଗି। ଗଣେଶଙ୍କ ଘର ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡ଼ାରେ ଏବଂ ସତ୍ୟଙ୍କ ଘର ଗାଜିଗାଁ ପଞ୍ଚାୟତ ଅନ୍ତର୍ଗତ ଡେକାଗୁଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି। ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଶହଶହ ଯାନବାହନ ରାସ୍ତା ଉପରେ ଘଣ୍ଟାଘଣ୍ଟା ଧରି ଅଟକି ରହିଥିଲା। ତେବେ ପରିସ୍ଥିତି କ୍ରମଶଃ ଜଟିଳ ହେବାରୁ ଶେଷଖାଲ ଓ ରାୟଗଡ଼ା ଥାନା ପୁଲିସ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା।

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ, ଆଜି ସକାଳେ ରାୟଗଡ଼ା ସଦର ବ୍ଲକ୍‌ର ଗାଜିଗାଁ ପଞ୍ଚାୟତ ସମେତ ଏହାର ଆଖପାଖ ଗ୍ରାମଗୁଡ଼ିକର ୧୦ରୁ ୧୨ଜଣ ଗ୍ରାମବାସୀଙ୍କୁ ନେଇ ଏକ ଅଟୋ ରାୟଗଡ଼ାକୁ ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଓ ବଲେରୋ ଅଟୋଟିକୁ ମୁହାଁମୁହିଁ ଧକ୍କା ଦେଇଥିଲେ। ପିତାମହଲ ଢାବା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ୍‌ରେ ବସିଥିବା ୨ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ବେହେରାଗୁଡ଼ା ଗ୍ରାମର ଗଣେଶ ପିଡିକାକାଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟତମ ବାଇକ୍ ଆରୋହୀ ଦେବରାଜ ମାଣ୍ଡାଙ୍ଗି ମଧ୍ୟ ଗୁରୁତର ଆହତ ହୋଇଥିଲେ। ସେହିପରି ଅଟୋରେ ଥିବା ୧୦ରୁ ୧୨ଯାତ୍ରୀ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସଂକଟାପନ୍ନ ସତ୍ୟ ମାଣ୍ଡାଙ୍ଗିଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଅନ୍ୟ ଜଣେ ଗୁରୁତର ଦେବରାଜ ମାଣ୍ଡାଙ୍ଗିଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ବୋଲେରୋଟି ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତେନ୍ତୁଳିଗୁଡ଼ା ନିକଟରେ ଗାଡ଼ିକୁ ଅଟକାଇ ପୁଲିସ ଜିମା ଦେଇଥିଲେ।

ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ୍ ଆହତମାନଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ଆମ୍ବୁଲାନ୍ସର ବନ୍ଦୋବସ୍ତ କରିଥିବା ବେଳେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ମୃତାହତମାନଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି।



## କାର୍ ଧକ୍କାରେ ବାପା-ପୁଅ ମୃତ

**ସିନାପାଲି, ୩୦।୬(ସମିସ):** ସିନାପାଲି ବ୍ଲକ୍ ସଦର କାପସିରୁ ବରଗାଁ ଯିବା ରାସ୍ତା ଅନ୍ଧାରି ବରି ପାଖରେ ଏକ ଦୁର୍ଘଟଣାରେ ବାପା-ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଚଚରାଭଟା ଗ୍ରାମର ଆପାରାମ ତାଣ୍ଡି (୬୦) ଓ ତାଙ୍କ ପୁଅ ଲିଙ୍ଗରାଜ ତାଣ୍ଡି (୨୫)। ଝିଅ ବେଲମତି ତାଣ୍ଡି (୩୦)ଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ମଧ୍ୟ ସଂକଟାପନ୍ନ ରହିଥିବା ଜଣାଯାଇଛି।

**ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛି ଝିଅ**

ସୂଚନାନୁସାରେ, ସିନାପାଲି ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମରୁ ଗୋଟିଏ ପରିବାରର ଉକ୍ତ ୩ ଜଣ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ରାତି ୭ଟା ବେଳେ ଏହି ଅଘଟଣ ଘଟିଥିଲା। ସିନାପାଲି ପଟୁ ଆସୁଥିବା ଏକ ଦ୍ରୁତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ବାପା-ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା। ଝିଅ ବେଲମତିଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସିନାପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା କାର୍ ସିନାପାଲିର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଚାଲିଚାଲି ଯାଉଥିଲେ, ମାଡ଼ିଗଲା କ୍ରେନ୍

**କ୍ଷତିପୂରଣ ଦାବିରେ ଜୟପୁର-ମାଲକାନଗିରି ରାଜପଥ ଅବରୋଧ**



**ମାଲକାନଗିରି, ୩୦।୬ (ସମିସ):** ମାଲକାନଗିରି ଜିଲ୍ଲା ସଦରରେ ଏକ କ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରାମ ସିଂ ଖରା। ତାଙ୍କ ଘର ଜୟପୁରିଆଗୁଡ଼ା ଅଞ୍ଚଳରେ। ଆଜି ସଂଧ୍ୟାରେ ସେ ମାଲକାନଗିରି-ଜୟପୁର ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ବେଳେ ଏକ କ୍ରେନ୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଶବକୁ ରାଜପଥ ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହଶହ ଗାଡ଼ି ଅଟକି ରହିଥିଲା। ଖବର ଲେଖା ହେବା ବେଳକୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲା।

## ବଜ୍ରପାତରେ ଟଳିପଡ଼ିଲେ ୨ ଚାଷୀ

**ଖୋର୍ଦ୍ଧା, ୩୦।୬ (ସମିସ):** ବିଲରୁ କାମ କରି ଫେରୁଥିବା ବେଳେ ବଜ୍ରପାତରେ ୨ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲ୍ଲା ପୁରୁସାହି ପଞ୍ଚାୟତ ଜୟମଙ୍ଗଳ ଗ୍ରାମରେ ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ନାରାୟଣ ପ୍ରଧାନ ଓରଫ ଭାଗି (୬୦) ଓ ସରୋଜ ଜେନା ଓରଫ କାଳିଆ (୪୦)। ସୂଚନା ଅନୁଯାୟୀ, ଭାଗି ଓ କାଳିଆ ଆଜି ବିଲକୁ ତଳି ପୋତିବାକୁ ଯାଇଥିଲେ। ଅପରାହ୍ଣରେ ସେମାନେ ଘରକୁ ଫେରୁଥିବା ବେଳେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ କାଳିଆ ଓ ଭାଗୀ ଗୁରୁତର ଆହତ ହୋଇଥିଲେ। ପାଖରେ ଥିବା ଅନ୍ୟ ଲୋକମାନେ ଉଭୟଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଦର୍ଶ ଥାନା ପୁଲିସ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖବର ପାଇ ମେଡିକାଲରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରେଡକ୍ରସ ପାଣ୍ଠିରୁ ସେମାନଙ୍କୁ ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଛି।

## କୂଅରେ ପଡ଼ି ଦାଦା-ପୁତୁରା ମୃତ

**ଜଟଣୀ, ୩୦।୬(ସମିସ):** ଜଟଣୀ ଥାନା ଗୋରାଧର୍ମ ସାଗର ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପରିତ୍ୟକ୍ତ କୂଅରେ ପଡ଼ି ଦାଦା-ପୁତୁରାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୋରା ଧର୍ମସାଗର ଅଞ୍ଚଳ ହରିଜନ ସାହିର ରବୀନ୍ଦ୍ର ନାୟକଙ୍କ ପୁଅ ନିଖିଳ ନାୟକ (୧୮) ନିକଟସ୍ଥ ଏକ ପରିତ୍ୟକ୍ତ କୂଅ ନିକଟକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣବଶତଃ ସେ କୂଅ ଭିତରେ ପଡ଼ିଯାଇଥିଲେ। ପୁତୁରାକୁ ଉଦ୍ଧାର କରିବାକୁ ଯାଇ ଦାଦା ଦୁଲାରାମ ନାୟକ କୂଅ ଭିତରକୁ ଡେଇଁ ପଡ଼ିଥିଲେ। କିନ୍ତୁ ଉଭୟ ଦାଦା ଓ ପୁତୁରା କୂଅ ଭିତରୁ ବାହାରି ପାରି ନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ହାବିଲଦାର୍ ମୃତ

**ଦେବଗଡ଼, ୩୦।୬ (ସମିସ):** ଦେବଗଡ଼ ଥାନା ଅଧୀନ ବଳମଗ୍ରାମ ଶାସନସାହି ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ପୁଲିସ ହାବିଲଦାର ହୃଦାନନ୍ଦ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଲଳିତା ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ରବିବାର ଅପରାହ୍ଣରେ ହୃଦାନନ୍ଦ ସ୍କୁଟିରେ ନିଜ ଗ୍ରାମ ପୁର୍କୁଣ୍ଡାରୁ ଦେବଗଡ଼ ଫେରୁଥିବା ବେଳେ ବଳମଗ୍ରାମ ଶାସନ ସାହି ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ସ୍କୁଟି ସହ ଦମ୍ପତି ରାସ୍ତା ଉପରେ ଛିଟିକି ପଡ଼ିଥିଲେ।

**ଜମି ବିବାଦରୁ କରୁଣ ପରିଣତି**

## ସାନଭାଇକୁ ହତ୍ୟା କଲା ବଡ଼!

**ବଲାଙ୍ଗିର/ଦେଓଗାଁ, ୩୦।୬(ସମିସ):** ବାହାଘରର ହଳଦୀ କାର୍ଯ୍ୟକ୍ରମ ଚାଲିଥିଲା। ନାଚଗୀତରେ ସମସ୍ତେ ମସଗୁଲ ଥିଲେ। ହେଲେ କିଏ ଜାଣିଥିଲା, ବାହାଘର ଦିନ ପରିଜନଙ୍କ ମଲା ଖବର ଆସି ପହଞ୍ଚିବ। ହସଖୁସିରେ ଚଳଚଞ୍ଚଳ ହୋଇଉଠିଥିବା ବାହାଘର କାର୍ଯ୍ୟକ୍ରମ କାନ୍ଦବୋବାଳିରେ ଫାଟି ପଡ଼ିଲା। ରବିବାର ଅପରାହ୍ଣରେ ଏଭଳି ଏକ ଘଟଣା ଘଟିଛି, ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା, ବନ୍ଧପଡ଼ା ଫାଣ୍ଡି ଅର୍ନ୍ତଗତ ବ୍ରାହ୍ମଣୀଜୋର ଗ୍ରାମରେ। ଗ୍ରାମର ଚାଷ ଜମିରେ ଥିବା ଏକ ଗୁହାଳ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, ପ୍ରମୋଦ ଭୋଇ (୪୫)। ସେ ବଲାଙ୍ଗିର ଇନକମ୍ ଟ୍ୟାକ୍ସ ଅଫିସରେ ପିଅନ ଭାବରେ କାର୍ଯ୍ୟରତ ଥିଲେ। ଜମି ବିବାଦ ଯୋଗୁଁ ତାଙ୍କୁ ତାଙ୍କ ବଡ଼ଭାଇ ଧରମ ଭୋଇ ହତ୍ୟା କରିଥିବା କୁହାଯାଉଛି। କିନ୍ତୁ ଖବର ଲେଖାହେବା ପର୍ଯ୍ୟନ୍ତ ବନ୍ଧପଡ଼ା ଫାଣ୍ଡି କିମ୍ବା ଦେଓଗାଁ ଥାନାରେ ଏ ସମ୍ପର୍କିତ କୌଣସି ଅଭିଯୋଗ ହୋଇ ନଥିବା ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

**ଗୁହାଳ ଘରୁ ମିଳିଲା ମୃତଦେହ**

ସୂଚନାନୁଯାୟୀ, ପ୍ରମୋଦଙ୍କର ସମ୍ପର୍କୀୟ ଶିବୁ ମାଝୀଙ୍କ କହିବା ଅନୁସାରେ ରବିବାର ସକାଳେ ବ୍ରାହ୍ମଣୀଜୋର ଗ୍ରାମରେ ପ୍ରମୋଦଙ୍କର ସମ୍ପର୍କୀୟ ଭାଇଙ୍କ ବାହାଘର କାର୍ଯ୍ୟକ୍ରମ ଚାଲିଥିଲା। ସମସ୍ତେ ସମସ୍ତଙ୍କୁ ହଳଦୀ ଲଗାଇ ନାଚଗୀତ କରୁଥିଲେ। ଅପରାହ୍ଣ ପ୍ରାୟ ୪ଟା ସମୟରେ ଧରମ ତାଙ୍କୁ ଡାକି ନେଇଥିଲେ। ଏହାର ଠିକ୍ ଅଧଘଣ୍ଟା ଅର୍ଥାତ୍ ୪ଟା ୩୦ ବେଳକୁ ଘରଠାରୁ ଅଳ୍ପ ଦୂରରେ ଥିବା ଚାଷ ଜମିରେ ଥିବା ଗୁହାଳ ଘରେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ପରିବାରଲୋକେ ଦେଖିଥିଲେ। ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଗତ ଏକବର୍ଷ ହେବ ଜମିକୁ ନେଇ ବିବାଦ ଲାଗି ରହିଥିଲା। ତେଣୁ ଧରମ ହିଁ ତାଙ୍କୁ ଡାକିନେଇ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି।

**ରେଲୱେ ସିଗ୍ନାଲ୍ ଓ ଟେଲିକମ୍ୟୁନିକେସନ୍ କ୍ଷେତ୍ରକୁ ଅଣଦେଖା**

# କାମଚଳା ବଜେଟରେ କଟିଛି ଓଡ଼ିଶାର ୩୧% ପାଣ୍ଠି

**ଭୁବନେଶ୍ୱର, ୩୦।୬ (ସମିସ):** ବାହାନଗା ରେଳ ଦୁର୍ଘଟଣା ଭାରତୀୟ ରେଳବାଇ ପାଇଁ ସତର୍କଘଣ୍ଟି ସଦୃଶ ଥିଲା। ଏଥିରୁ ରେଳବାଇ ଶିକ୍ଷା ଗ୍ରହଣ କରି ସମଗ୍ର ଦେଶ ପାଇଁ ରେଳ ସିଗନାଲ ମାନୁଆଲରେ ଆମୂଳଚୂଳ ପରିବର୍ତ୍ତନ କଲା। ବିଶେଷକରି ରେଳବାଇ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସିଗନାଲ ଓ ଟେଲି-କମ୍ୟୁନିକେସନ୍ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ କାମ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ଏଥରକର କାମଚଳା ବଜେଟରେ ରେଳବାଇ ଓଡ଼ିଶା ପାଇଁ ଏହି କ୍ଷେତ୍ରକୁ ଆବଣ୍ଟିତ ଅନୁଦାନରେ ୩୧% ଅର୍ଥ କାଟ କରାଯାଇଛି। ଏପରିସ୍ଥଳେ ରେଳ ସୁରକ୍ଷାକୁ ଗୁରୁତ୍ୱ ଦେଇ ପୂର୍ଣ୍ଣାଙ୍ଗ ବଜେଟରେ ପର୍ଯ୍ୟାପ୍ତ ଅନୁଦାନ ବ୍ୟବସ୍ଥା କରାଯାଉ ବୋଲି ମତପ୍ରକାଶ ପାଇଛି। ନିକଟରେ ପଶ୍ଚିମବଙ୍ଗରେ ଘଟିଥିବା କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣାରେ ମଧ୍ୟ ସିଗନାଲ ଓ ଟେଲି-କମ୍ୟୁନିକେସନ୍ ବ୍ୟବସ୍ଥାରେ ତ୍ରୁଟିକୁ ଦାୟୀ କରାଯାଉଛି।

ଚଳିତବର୍ଷ ଫେବୃଆରୀରେ ଆସିଥିବା କାମଚଳା ବଜେଟରେ ସିଗନାଲ ଓ ଟେଲି-କମ୍ୟୁନିକେସନ୍ ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାର ପୂର୍ବତଟ ରେଳପଥକୁ ୨୪୭.୯୪ କୋଟି ଟଙ୍କା ଦେଇଥିଲେ। ଗତ ବଜେଟରେ ଏହି କ୍ଷେତ୍ରକୁ ୩୫୭.୯୭କୋଟି ଟଙ୍କା ମିଳିଥିଲା। ବାହାନଗା ରେଳ ଦୁର୍ଘଟଣା ପରେ ରେଳବାଇରେ ସିଗନାଲ ଓ ଟେଲିକମ୍ କ୍ଷେତ୍ରକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବା ସହିତ ପୁରୁଣା ବ୍ୟବସ୍ଥାର ପୁନରୁଦ୍ଧାର କରାଯିବ ବୋଲି ରେଳମନ୍ତ୍ରୀ ଘୋଷଣା କରିଥିଲେ। ସମଗ୍ର ଦେଶକୁ ଦୋହଲାଇ ଦେଇଥିବା ଏହି ଦୁର୍ଘଟଣାରୁ ରେଳବାଇ ଅନେକ ଶିକ୍ଷା ପାଇଛି ଏବଂ ଭବିଷ୍ୟତରେ ଏହାର ପ୍ରତିକାର ପନ୍ଥା ପାଇଁ ଅବହେଳା କରାଯିବ ନାହିଁ ବୋଲି ମଧ୍ୟ କୁହାଗଲା। ହେଲେ ଚଳିତ ବର୍ଷ ଏହି କ୍ଷେତ୍ରରେ ୩୧% ଅର୍ଥ କାଟି ଦିଆଯିବା, ସିଗନାଲ ବ୍ୟବସ୍ଥା ପ୍ରତି ରେଳବାଇର ଉଦାସୀନତା ଆଡ଼କୁ ଇଙ୍ଗିତ କରୁଛି। ଫଳରେ ଏହି କ୍ଷେତ୍ରରେ ଯେଉଁ ସଂଶୋଧନ କରାଯିବା ନେଇ ଆଶା ଥିଲା, ତାହା ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି।

■ ବାହାନଗା ଦୁର୍ଘଟଣା ବି ଚେତାଇ ପାରିଲାନି!
■ ଚୂଡ଼ାନ୍ତ ବଜେଟରେ ପର୍ଯ୍ୟାପ୍ତ ଅନୁଦାନ ପାଇଁ ଦାବି
■ ପାଣ୍ଠି ଅଭାବରେ କାମ ବିଳମ୍ବିତ ହେବା ଆଶଙ୍କା

ସୂଚନା ଅନୁସାରେ, ବାହାନଗା ରେଳ ଦୁର୍ଘଟଣା ପରେ ରେଳବାଇ ଯେଉଁ ସଂଶୋଧିତ ମାର୍ଗଦର୍ଶିକା ଜାରି କଲା, ସେହି ଅନୁସାରେ ପୂର୍ବତଟ ରେଳପଥ ସମେତ ଅନ୍ୟ ରେଳ ଜୋନ୍‌ମାନଙ୍କରେ ସିଗନାଲ ଏବଂ ଟେଲି-କମ୍ୟୁନିକେସନ୍ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉଛି। ପୁରୁଣା ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇ ସ୍ୱୟଂଚାଳିତ ଏବଂ ଅତ୍ୟାଧୁନିକ ସରଞ୍ଜାମ ଖଞ୍ଜାଯାଉଛି। କିନ୍ତୁ ପୂରା ଜୋନ୍‌ରେ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଯଥେଷ୍ଟ ସମୟ ଲାଗିବ। କାମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଆଉ ପର୍ଯ୍ୟାପ୍ତ ମାନବସମ୍ବଳ ମଧ୍ୟ ଅଛନ୍ତି। କିନ୍ତୁ ତ୍ୱରିତ ବେଗରେ କାମ ଚଳାଇ ପୂରା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପାଣ୍ଠି ଅଭାବ ବଡ଼ ସମସ୍ୟା ହୋଇପାରେ।

ରେଳ ବିଶେଷଜ୍ଞ ସୁବ୍ରତ ଆଚାର୍ଯ୍ୟ କହିଛନ୍ତି, ଦେଶରେ ଯେତେ ରେଳ ଦୁର୍ଘଟଣା ଘଟୁଛି, ସେଥିରୁ ଅର୍ଦ୍ଧାଧିକର କାରଣ ସିଗନାଲ ଏବଂ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥାରେ ତ୍ରୁଟି। ଅନ୍ତତଃ ବାହାନଗା ରେଳ ଦୁର୍ଘଟଣା ପରେ ସିଗନାଲ ଓ ଟେଲି-କମ୍ୟୁନିକେସନ୍ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ କରିବା କେତେ ଜରୁରୀ, ତାହା ପ୍ରମାଣିତ ହୋଇଥିଲା। ଏପରିକି ରେଳବାଇ ପକ୍ଷରୁ କୁହାଗଲା ଯେ ମରାମତି ଓ ରକ୍ଷଣାବେକ୍ଷଣ କାମରେ ଏହି ଦୁଇ କ୍ଷେତ୍ରକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ତେବେ ରେଳବାଇର ବିଶାଳ ନେଟ୍‌ୱାର୍କରେ ପରିବର୍ତ୍ତନ ଆଣିବା ସମୟସାପେକ୍ଷ ଏବଂ ବ୍ୟୟବହୁଳ ମଧ୍ୟ। ପର୍ଯ୍ୟାପ୍ତ ପାଣ୍ଠି ରହିଲେ କାମ ତ୍ୱରାନ୍ୱିତ ହେବ। ତେଣୁ ଆସନ୍ତା ଜୁଲାଇରେ ଆସିବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟରେ ଏହି କ୍ଷେତ୍ରକୁ ପୂର୍ବବର୍ଷ ତୁଳନାରେ ଅଧିକ ପାଣ୍ଠି ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

**ନିର୍ମାଣାଧୀନ ରେଳ ପ୍ରକଳ୍ପ ସମୀକ୍ଷା କଲେ ମନ୍ତ୍ରୀ ଅଶ୍ୱିନୀ**

## ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳଲାଇନ ଉଭୟପାର୍ଶ୍ୱରେ ହେବ ଟନେଲ୍



**ଭୁବନେଶ୍ୱର,୩୦।୬(ସମିସ):** ପୂର୍ବତଟ ରେଳପଥ ପରିସୀମା ଭିତରେ ଚାଲୁ ରହିଥିବା ରେଳ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ଆଜି ରେଳ ସଦନଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମୀକ୍ଷା କରିଛନ୍ତି। ବିଶେଷକରି ଏହି ପରିସରରେ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ କାର୍ଯ୍ୟ ସମୟରେ ଉପୁଜୁଥିବା ପ୍ରମୁଖ ପ୍ରତିବନ୍ଧକର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଚାଲୁରହିଥିବା ରେଳ ପ୍ରକଳ୍ପଗୁଡ଼ିକରେ ସମସ୍ୟା କ୍ଷେତ୍ରଗୁଡ଼ିକ ଯଥା ଜମି ଅଧିଗ୍ରହଣ, ଜଙ୍ଗଲ ସମସ୍ୟା ଏବଂ ଆଇନ ଏବଂ ଶୃଙ୍ଖଳା ଇତ୍ୟାଦିର ସମାଧାନ ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଛନ୍ତି।

● ଉଭୟପାର୍ଶ୍ୱରୁ ନିର୍ମାଣ ହେବ ତାଳଚେର-ବିମଳାଗଡ଼ ରେଳ ଲାଇନ
● ଭିତ୍ତିଭୂମି ନିର୍ମାଣରେ ଉପୁଜୁଥିବା ସମସ୍ୟା ଓ ସମାଧାନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନର ଶୀଘ୍ର ସମାପ୍ତି ପାଇଁ ଟନେଲ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ପ୍ରାୟ ୭ କିଲୋମିଟର ଲମ୍ବର ପ୍ରମୁଖ ଟନେଲ ସହିତ ମାର୍ଗରେ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯିବ। ଫଳସ୍ୱରୂପ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେବ। ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନରେ ନିର୍ମାଣ କାର୍ଯ୍ୟକୁ ଉଭୟ ପାର୍ଶ୍ୱରୁ ସମ୍ପାଦନ କରାଯିବାକୁ ଏହି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଅଛି। ରେଳ ମନ୍ତ୍ରଣାଳୟ ନିକଟ ଭବିଷ୍ୟତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଏକ ସମୀକ୍ଷା ବୈଠକ କରି ରାଜ୍ୟରେ ଚାଲୁରହିଥିବା ପ୍ରତ୍ୟକ ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବାକୁ ରେଳ ମନ୍ତ୍ରୀ ପ୍ରକାଶ କରିଛନ୍ତି।

ଶ୍ରୀ ବୈଷ୍ଣବ କହିଛନ୍ତି ଯେ ରେଳ ନେଟୱର୍କରେ ଓଡ଼ିଶାର ସମସ୍ତ ଜିଲ୍ଲାକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଅଛି। ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୧୮୨୬ ଟ୍ରାକ୍ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି। ଆର୍ଥିକ ଅଭିବୃଦ୍ଧି ଏବଂ ରେଳ ସଂଯୋଗ ପାଇଁ ଏହାର ଗୁରୁତ୍ୱକୁ ସୂଚାଇ ରେଳ ଲାଇନର ସମ୍ପ୍ରସାରଣ ପାଇଁ ପ୍ରାଥମିକତା ଦିଆଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ ବେହେରାଙ୍କ ସମେତ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍ ଏସ ବାଜୱା ଏବଂ ଅଧିକାରୀମାନେ ଯୋଗ ଦେଇଥିଲେ।

# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଲୋକଙ୍କ ମଳ ନେବେ ଉତ୍ତର କୋରିଆ ସରକାର



ପୋଙ୍ଗୟାଙ୍ଗ, ୩୦।୬ (ଏଜେନ୍ସି): ଉତ୍ତର କୋରିଆରୁ ଅଜବ ମାମଲା ସାମ୍ନାକୁ ଆସିଛି। ଏଠାକାର ଏକଛତ୍ରଶାସକ କିମ୍ ଜୋଙ୍ଗ ଉନ୍ ଲୋକଙ୍କୁ ପ୍ରତି ମାସରେ ଅତିକମରେ ୧୦ କେଜି ଶୁଖିଲା ମଳ (ମଣିଷର) ଜମାକରି ସରକାରଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ନ ମାନିଲେ ୫୦୦ ଟଙ୍କା ଜରିମାନା (୫ ହଜାର ୱାନ) ଲଗାଯିବ। ଉ. କୋରିଆ ଦେଶର ସୀମାରେ ମଳ ଭର୍ତ୍ତି ବେଲୁନ ପକାଉଥିବା ନେଇ ଦକ୍ଷିଣ କୋରିଆ ଅଭିଯୋଗ କରିବାର ପ୍ରାୟ ମାସେ ପରେ କିମ୍‌ଙ୍କ ଏହି ଆଦେଶ ଆସିଛି। ସେ ଆଗକୁ ଆହୁରି ଏଭଳି କାରସାଦି କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ଏହାକୁ ନେଇ ଉ. କୋରିଆ ସରକାରୀ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଜୈବିକ ଖତ ପ୍ରସ୍ତୁତ ପାଇଁ ଲୋକଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନିକଟସ୍ଥ ସାର କେନ୍ଦ୍ରରେ ଜମା କରିବାକୁ ପଡିବ। ଏଥିପାଇଁ ଏକ ପ୍ରମାଣପତ୍ର ଦିଆଯିବ। ପରେ ଘରକୁ ଘର ଯାଇ ପ୍ରମାଣପତ୍ର ଯାଞ୍ଚ କରାଯିବ। ଏହା ଉତ୍ତର କୋରିଆ ଲୋକଙ୍କ ପାଇଁ ନୂଆ କଥା ନୁହେଁ ବୋଲି କୁହାଯାଇଛି। ମାତ୍ର ଲୋକେ ଏହା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପ୍ରଥମ ସ୍ୱଦେଶୀ ୪ଜି ମୋବାଇଲ ଷ୍ଟେସନ ସେନାରେ ସାମିଲ





ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ପ୍ରଥମ ଥର ପାଇଁ ସ୍ୱଦେଶନିର୍ମିତ ଚିପ୍ ବେସଡ୍ ୪ଜି ମୋବାଇଲ ବେସ୍ ଷ୍ଟେସନ ଆର୍ମିକୁ ମିଳିଛି। ବେଙ୍ଗାଲୁରୁର ସିଗନାଲଟ୍ରନ୍ ନାମକ କମ୍ପାନୀରୁ ସରକାର ଏହି ୪ଜି ମୋବାଇଲ ସାହ୍ୟାଦ୍ରି ଏଲଟିଇ ବେସ୍ ଷ୍ଟେସନ ଆର୍ମି ପାଇଁ କିଣିଛନ୍ତି। ହିମାଂଶୁ ଖସନିସ ହେଉଛନ୍ତି ସିଗନାଲଟ୍ରନ୍ କମ୍ପାନୀର ସଂସ୍ଥାପକ। ୪ଜି ମୋବାଇଲ ସାହ୍ୟାଦ୍ରି ଏଲଟିଇ ବେସ୍ ଷ୍ଟେସନରେ ବ୍ୟବହୃତ ଚିପ୍ ସିଗନାଲଚିପ୍ ନାମକ ହିମାଂଶୁ ଖସନିସଙ୍କ ଅନ୍ୟ ଏକ କମ୍ପାନୀ ଡେଭଲପ୍ କରିଛି। ସିଗନାଲଚିପ୍ ହେଉଛି ୨୦୧୦ରେ ସ୍ଥାପିତ ଏକ ଫାବଲେସ୍ ସେମିକଣ୍ଡକ୍ଟର ନିର୍ମାତା କମ୍ପାନୀ ଯିଏ ୪ଜି ଓ ୫ଜି ନେଟୱର୍କ ପାଇଁ ଚିପ୍ ତିଆରି କରିଥାଏ। ବର୍ତ୍ତମାନ ହିମାଂଶୁଙ୍କ କମ୍ପାନୀ ଆର୍ମିକୁ ୨୦ ୟୁନିଟ୍ ୪ଜି ମୋବାଇଲ ସାହ୍ୟାଦ୍ରି ଏଲଟିଇ ବେସ୍ ଷ୍ଟେସନ ଯୋଗାଇଛି।

## ପ୍ରଥମ ଦିନରେ ଅମରନାଥଙ୍କୁ ଦର୍ଶନ କଲେ ୧୩, ୭୩୬ ଶ୍ରଦ୍ଧାଳୁ

ଜମ୍ମୁ, ୩୦।୬(ଏଜେନ୍ସି): ପବିତ୍ର ବାର୍ଷିକ ଅମରନାଥ ଯାତ୍ରା ଦୁଇ ଦିନ ତଳେ ଆରମ୍ଭ ହୋଇଛି। ଗତକାଲି ସକାଳେ ପ୍ରଥମ ବ୍ୟାଚ୍ ତୀର୍ଥଯାତ୍ରୀମାନେ ବାଲତାଲ ଓ ନୁନୱାନ ବେସ୍ କ୍ୟାମ୍ପରୁ ଅମରନାଥ ଗୁମ୍ଫା ଅଭିମୁଖେ ଯାତ୍ରା ଶୁଭାରମ୍ଭ କରିଥିଲେ। ସମୁଦ୍ର ପତ୍ତନଠାରୁ ୩୮୮୦ ମିଟର ଉଚ୍ଚରେ ଥିବା ସୁପ୍ରସିଦ୍ଧ ଶୈବ ପୀଠ ଅମରନାଥ ଗୁମ୍ଫାରେ ନିରାପଦରେ ପହଞ୍ଚି ୧୩୭୩୬ ଜଣ ତୀର୍ଥଯାତ୍ରୀ ଦେବଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। କେନ୍ଦ୍ର ସରକାର ଅମରନାଥ ଯାତ୍ରୀଙ୍କ ପାଇଁ କଡ଼ା ସୁରକ୍ଷାର ବ୍ୟବସ୍ଥା ସାଙ୍ଗକୁ ଯାତ୍ରା ପଥରେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧା ନ ଭୋଗିବେ ତାହା ସୁନିଶ୍ଚିତ କରିଥିବା ଶାହ ଜଣାଇଛନ୍ତି। ଦୁଇ ମାର୍ଗ ଦେଇ ଗତକାଲି ୩୩୦୦ ମହିଳା, ୫୨ ଶିଶୁ, ୧୦୨ ସାଧୁ ଓ ୬୮୨ ଜଣ ସୁରକ୍ଷା ବାହିନୀ ଯବାନଙ୍କ ସମେତ ମୋଟ ୧୩୭୩୬ ଜଣ ଶ୍ରଦ୍ଧାଳୁ ଗୁମ୍ଫାରେ ପହଞ୍ଚିଥିଲେ।

## ଆତ୍ମଘାତୀ ଆକ୍ରମଣରେ ୧୮ ମୃତ

ଅବୁଜା, ୩୦।୬ (ଏଜେନ୍ସି): ନାଇଜେରିଆରେ ହିଂସା ଥମିବାର ନା ଧରୁନି। ଶନିବାର ପୂର୍ବୋତ୍ତର ନାଇଜେରିଆରେ ତିନି ଆତ୍ମଘାତୀ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ୪୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୯ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୃତକଙ୍କ ମଧ୍ୟରେ ଶିଶୁ, ଗର୍ଭବତୀ ମହିଳା ଏବଂ ପୁରୁଷ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ଗ୍ୱୋଜା ସହରରେ ପ୍ରଥମ ଆକ୍ରମଣ ହୋଇଥିଲା। ପିଠିରେ ଶିଶୁକୁ ଧରି ଆସୁଥିବା ମହିଳା ଏକ ବିବାହ କାର୍ଯ୍ୟକ୍ରମରେ ଏହି ଆକ୍ରମଣ କରିଥିଲେ। କାମରୁନ ସୀମାରେ ନିକଟବର୍ତ୍ତୀ ହସ୍ପିଟାଲରେ ଦ୍ୱିତୀୟ ଏବଂ ବିବାହ କାର୍ଯ୍ୟକ୍ରମରେ ପ୍ରାଣ ହରାଇଥିବା ମୃତକଙ୍କ ଅନ୍ତିମ ସଂସ୍କାର ହେଉଥିବାବେଳେ ତୃତୀୟ ଆକ୍ରମଣ କରାଯାଇଥିଲା।

## କର୍ମଚାରୀ ହରତାଳ; ୪୦୭ ଉଡ଼ାଣ ବାତିଲ

ଓଟାୱା, ୩୦।୬ (ଏଜେନ୍ସି): ଠିକା ବିବାଦକୁ ନେଇ ଆଲୋଚନା ବିଫଳ ହେବା ପରେ କାନାଡ଼ା ଦ୍ୱିତୀୟ ବୃହତ୍ତମ ଏୟାରଲାଇନ ୱେଷ୍ଟଜେଟ୍‌ର ରକ୍ଷଣାବେକ୍ଷଣ କର୍ମଚାରୀ ସଂଘ ଶୁକ୍ରବାର ସନ୍ଧ୍ୟାରୁ ହରତାଳ ଆରମ୍ଭ କରିଦେଇଛି। ଏଥିଯୋଗୁଁ ଏୟାରଲାଇନ୍‌ର ୪୦୭ ଉଡ଼ାଣ ବାତିଲ ହୋଇଯାଇଛି। ୪୯ ହଜାରରୁ ଅଧିକ ଯାତ୍ରୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ସପ୍ତାହନ୍ତ ଯୋଗୁଁ ଯାତ୍ରୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଧାନମନ୍ତ୍ରୀ ଜଷ୍ଟିସ ଟ୍ରୁଡୋ ସରକାର ଏହାକୁ ବନ୍ଦ କରିବାରେ ବିଫଳ ହୋଇଛନ୍ତି। ଏୟାରଲାଇନର ସିଇଓ ଏଲେକ୍ସିସ ଭାନ ହୋନ୍ସବ୍ରୋଚ ଏହି ସ୍ଥିତି ପାଇଁ ଆମେରିକାର ସଂଘକୁ ଦାୟୀ କରିଛନ୍ତି।

## ଜୀବଜନ୍ତୁଙ୍କ ତାଲିକା ପ୍ରସ୍ତୁତରେ ଭାରତ ପ୍ରଥମ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଭାରତ ଜୀବଜନ୍ତୁ ପ୍ରଥମ ତାଲିକା ପ୍ରସ୍ତୁତ କରିଛି। ଏହି ତାଲିକାରେ ୧, ୦୪, ୫୬୧ ପ୍ରଜାତିର ଜୀବଜନ୍ତୁଙ୍କ ସୂଚନା ଦିଆଯାଇଛି। ଏଥିରେ ବିଲୁପ୍ତପ୍ରାୟ ଜୀବଜନ୍ତୁଙ୍କ ବିଷୟରେ ମଧ୍ୟ ସୂଚନା ରହିଛି। ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ଏହି କାମ କରିଛି। କୋଲକାତା ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ (ଜେଏସ୍ଆଇ) ର ୧୦୯ ତମ ପ୍ରତିଷ୍ଠା ଦିବସ ଅବସରରେ ଭାରତର ଜୀବଜନ୍ତୁଙ୍କ ପୋର୍ଟାଲ ଆରମ୍ଭ କରାଯାଇଛି। କେନ୍ଦ୍ର ପରିବେଶମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଜୀବଜନ୍ତୁଙ୍କ ପ୍ରଜାତି ବିଷୟରେ ବିସ୍ତୃତ ତାଲିକା ପ୍ରସ୍ତୁତ କରାଯାଇଛି।

## ପଶ୍ଚିମବଙ୍ଗରେ ଦିନ ଦ୍ୱିପହରେ ମହିଳାଙ୍କୁ ମାଡ଼

କୋଲକାତା, ୩୦।୬ (ଏଜେନ୍ସି): ପଶ୍ଚିମବଙ୍ଗରୁ ପୁଣି ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଉତ୍ତର ଦିନାଜପୁର ଜିଲ୍ଲାର ଚୋପଡ଼ା ଅଞ୍ଚଳର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ଲୋକ ଦିନ ଦ୍ୱିପହରେ ସମସ୍ତଙ୍କ ସାମ୍ନାରେ ଜଣେ ପୁରୁଷ ଏବଂ ମହିଳାଙ୍କୁ ରାସ୍ତା ଉପରେ ଲୁହା ଛଡ଼ରେ ମାଡ଼ ମାରୁଥିବା ଦେଖାଯାଉଛି। ଚୁଟି ଘୋସାଡ଼ି ଗୋଇଠା ମାରୁଛି। ଲୋକେ ତାମସା ଦେଖି ମଧ୍ୟ କେହି ଅଟକାଇବାକୁ ପ୍ରୟାସ କରୁନାହାନ୍ତି। ମହିଳା ଚିଲାଉ ଥିବା ସତ୍ତ୍ୱେ ଉକ୍ତ ବ୍ୟକ୍ତି ମାରିବା ବନ୍ଦ କରୁନାହିଁ। ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏ ପର୍ଯ୍ୟନ୍ତ ମାରପିଟର କାରଣ ଜଣାପଡ଼ି ନାହିଁ। ଏହାକୁ ନେଇ ବିରୋଧୀ ରାଜ୍ୟର ମମତା ବାନାର୍ଜୀ ସରକାରକୁ ନିଶାଣ କରିଛନ୍ତି। ରାଜ୍ୟରେ ସରିଆ ଆଇନ ଚାଲିଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ମାଡ଼ ମାରୁଥିବା ବ୍ୟକ୍ତି ଟିଏମ୍‌ସି ନେତା ତାଜୁମଲ ବୋଲି ଜଣାପଡ଼ିଛି।

● ବିହାର ପରେ ଝାଡ଼ଖଣ୍ଡ...

## ଭୁଶୁଡ଼ିଲା ନିର୍ମାଣାଧୀନ ପୋଲ



ରାଞ୍ଚି, ୩୦।୬ (ଏଜେନ୍ସି): ବିହାର ପରେ ଏବେ ଝାଡ଼ଖଣ୍ଡରେ ଏକ ନିର୍ମାଣାଧୀନ ପୋଲି ଭୁଶୁଡ଼ି ଯାଇଛି। ପ୍ରବଳ ବର୍ଷା ଯୋଗୁଁ ଶନିବାର ରାତିରେ ଗିରିଡିହ ଜିଲ୍ଲା ଦେବରି ବ୍ଲକର ଅରଗା ନଦୀ ଉପରେ ନିର୍ମାଣାଧିନ ପୋଲର ଖମ୍ବ ଧସି ଯାଇଛି। ଏଥିଯୋଗୁଁ ଗାର୍ଡର ଭାଙ୍ଗି ଯାଇଛି ଏବଂ ପୋଲ ନଦୀ ମଧ୍ୟକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ଏହି ସ୍ଥାନ ରାଜଧାନୀ ରାଞ୍ଚିଠାରୁ ପ୍ରାୟ ୨୩୫ କିମି ଦୂରରେ ରହିଛି। ଡୁମୃଟୋଲ ଏବଂ କରିପହରି ଗାଁକୁ ଯୋଡ଼ିବା ପାଇଁ ଫତେହପୁର-ଭେଲାବତି ମାର୍ଗରେ ଏହି ପୋଲ ନିର୍ମାଣ କରାଯାଉଥିଲା। ଏଥିପାଇଁ ୫.୫ କୋଟି ଟଙ୍କା ବ୍ୟୟ ଅଟକଳ ଥିଲା ବୋଲି କୁହାଯାଉଛି। ନିର୍ମାଣ ବିଭାଗର ଇଞ୍ଜିନିୟର ବିନୟ କୁମାର କହିଛନ୍ତି ଯେ ଭୁଶୁଡ଼ି ଯାଇଥିବା ଅଂଶର ପୁନଃନିର୍ମାଣ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଉ ଜଣେ ଇଞ୍ଜିନିୟର କହିଛନ୍ତି ଯେ ସପ୍ତାହେ ତଳେ ଗାର୍ଡରରେ ସେଣ୍ଟ୍ରିଂ କାମ ଚାଲିଥିଲା। ଏହା ମଜବୁତ ହେବା ପାଇଁ ୨୮ ଦିନର ଆବଶ୍ୟକତା ଥିଲା।

## କେଦାରନାଥ ନିକଟରେ ହିମସ୍ଖଳନ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ସାରା ଦେଶରେ ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ଜାରି ରହିଛି। ଏହା ମଧ୍ୟରେ ରବିବାର ଉତ୍ତରାଖଣ୍ଡର କେଦାରନାଥ ମନ୍ଦିର ନିକଟରେ ହିମସ୍ଖଳନ ହୋଇଛି। ମନ୍ଦିର ପଛରେ ଥିବା ପାହାଡ଼ରେ ସକାଳ ୫ଟାରେ ଗାନ୍ଧୀ ସରୋବର ଉପରେ ଜମା ବରଫର ବଡ଼ ଅଂଶ ଭାଙ୍ଗି ଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।

### ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା: ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା

# ଟେଲିଗ୍ରାମ୍‌ରେ ହୋଇଥିଲା ଅଗ୍ରୀମ ବୁକିଂ





ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଦେଶର ରାଜନୀତି ସରଗରମ ରହିଛି। ଏହାକୁ ନେଇ ବିରୋଧୀ ସରକାରଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଲଗାଇ ଚାଲିଛନ୍ତି। ସଂସଦରେ ସରକାରଙ୍କୁ ଘେରିଛନ୍ତି। ଏହା ମଧ୍ୟରେ ସିବିଆଇ ପାଟନାର ବେଉର ଜେଲ୍‌ରେ ପହଞ୍ଚି ଅଭିଯୁକ୍ତଙ୍କୁ ଜେରା କରିଛି। ଦ୍ୱିତୀୟ ଦିନରେ ଆଜି ୧୩ ଅଭିଯୁକ୍ତଙ୍କୁ ୩ ଘଣ୍ଟା ପର୍ଯ୍ୟନ୍ତ ଜେରା କରାଯାଇଛି। ଏହା ବ୍ୟତୀତ ରିମାଣ୍ଡରେ ନେଇଥିବା ଅଭିଯୁକ୍ତଙ୍କୁ ଜେରା କରିଛି। ସିବିଆଇ ଅଧିକାରୀ ଓଏସିସ୍ ସ୍କୁଲ ପ୍ରିନ୍ସପାଲ ଏହସାନୁଲ ହକ ଏବଂ ଭାଇସ-ପ୍ରିନ୍ସପାଲ ଇମତିଆଜ ଆଲମ ସହିତ ସାମ୍ବାଦିକକୁ ଜେରା କରିଛି। ସେହିପରି ଚିଣ୍ଟୁ, ମୁକେଶ, ମନୀଷ ଅଲଗା ଅଲଗା ବୟାନ ଦେବା ପରେ ସମସ୍ତଙ୍କୁ ସାମ୍ନାସାମ୍ନି ବସାଇ ଜେରା କରିଛି। ଏଜେନ୍ସି ଅଭିଯୁକ୍ତଙ୍କ କଲ୍ ବିବରଣୀ ମଧ୍ୟ ଯାଞ୍ଚ କରୁଛି। ପ୍ରଶ୍ନପତ୍ର ପ୍ରଘଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ସଞ୍ଜୀବ ମୁଖିଆଙ୍କୁ ଧରିବା ପାଇଁ ଆଉ ଏକ ଟିମ୍ କାମ କରୁଛି।

ଅନ୍ୟପକ୍ଷରେ ଏହି ମାମଲାରେ ସୁମନ ସିଂହ ଓରଫ ରଞ୍ଜିତ ସିଂହର ନାମ ସାମ୍ନାକୁ ଆସିଛି। ତେବେ ସଞ୍ଜୀବ ମୁଖିଆ ସହ କୌଣସି ସମ୍ବନ୍ଧ ନାହିଁ ବୋଲି ସେ କହିଛି। ସେ ନାର୍କୋ ଟେଷ୍ଟ ପାଇଁ ପ୍ରସ୍ତୁତ ଥିବା ମଧ୍ୟ ଉଲ୍ଲେଖ କରିଛି। ସୂଚନା ଅନୁଯାୟୀ ୨୦ ବର୍ଷ ତଳେ ରଞ୍ଜିତ ଉପରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ଲାଗିଥିଲା। ଏହି ମାମଲାରେ ସିବିଆଇ ତାକୁ ଗିରଫ କରିଥିଲା। ୬ ବର୍ଷ ଜେଲ୍‌ରେ ରହିବା ପରେ ୨୦୦୯ରେ ମୁକୁଳି ଥିଲା। ସେବେଠାରୁ ତା ବିରୋଧରେ ମାମଲା ଜାରି ରହିଛି। କିଛି ରିପୋର୍ଟରେ ଦାବି କରାଯାଇଛି ଯେ ସଞ୍ଜୀବ ମୁଖିଆ ଏବଂ ରଞ୍ଜିତ ସିଂହ ପୁରୁଣା ବନ୍ଧୁ। ସେ ହିଁ ସଞ୍ଜୀବକୁ ପ୍ରଶ୍ନପତ୍ର ପ୍ରଘଟ ବିଷୟରେ ଶିଖାଇ ଥିଲା। ଉଭୟ ବିହାର ନାଳନ୍ଦା ଜିଲ୍ଲାର ବାସିନ୍ଦା। ଏବେ ରଞ୍ଜିତ ମଧ୍ୟ ଫେରାର ଅଛି। ସେ କେଉଁଠି ଲୁଚିଛି ତାହା ଜଣାପଡ଼ି ନାହିଁ। ସୂଚନା ଅନୁଯାୟୀ ରଞ୍ଜିତ କହିଛି ଯେ ସଞ୍ଜୀବ କେବଳ ତାର ବନ୍ଧୁ। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ୧୦ରୁ ଅଧିକ ଟେଲିଗ୍ରାମ ଚ୍ୟାନେଲର ନାମ ସାମ୍ନାକୁ ଆସିଛି। ଏହି ଚ୍ୟାନେଲରେ କେବଳ ନିଟ୍ ନୁହେଁ, ବରଂ ଜେଇ ସମେତ ଅନେକ ପ୍ରଶ୍ନପତ୍ର ମିଳିଥିବା ଦାବି କରାଯାଉଛି। ପ୍ରଶ୍ନପତ୍ର ପାଇଁ ଟଙ୍କା ମଗାଯାଇଛି। ନିଟ୍-୨୦୨୫ ପାଇଁ ମଧ୍ୟ ବୁକିଂ ଚାଲିଥିଲା।

### ଘରୋଇ ସ୍କୁଲ ମାଲିକ ଗିରଫ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସିବିଆଇ ରବିବାର ଗୁଜରାଟ ଗୋଧ୍ରାର ଏକ ଘରୋଇ ସ୍କୁଲର ମାଲିକ ଦୀକ୍ଷିତ ପଟେଲଙ୍କୁ ଗିରଫ କରିଛି। ସେ ଏହି ଅନିୟମିତତାରେ ସାମିଲ ଥିବା ଅଭିଯୋଗ ହୋଇଛି। ସେ ଗିରଫ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ ବୋଲି ସୂଚନା ମିଳିଛି। ଏହି ଆଧାରରେ ସିବିଆଇ ତାଙ୍କୁ ଗିରଫ କରିଛି। ରିମାଣ୍ଡରେ ନେବା ପାଇଁ ସିବିଆଇ ଅହମଦାବାଦ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଦୀକ୍ଷିତ ପଞ୍ଚମହାଲ ଜିଲ୍ଲାର ଗୋଧ୍ରା ନିକଟରେ ଥିବା ଜୟ ଜଲାରାମ ସ୍କୁଲ୍‌ର ମାଲିକ। ଏହି ସ୍କୁଲରେ ନିଟ-ୟୁଜି ପରୀକ୍ଷା ଆୟୋଜନ କରାଯାଇଥିଲା। ଏହି ମାମଲାରେ ଗତ ୨୭ରେ ସିବିଆଇ ତାଙ୍କୁ ଜେରା କରିଥିଲା।

## କେନ୍ଦ୍ର ନିର୍ଦ୍ଦେଶରେ କେଜ୍ରିୱାଲ ଗିରଫ: ଆପ୍



ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ଆମ୍ ଆଦମୀ ପାର୍ଟି(ଆପ୍) ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଆଜି କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପାଖରେ ମନି ଟ୍ରେଲର କୌଣସି ପ୍ରମାଣ ନାହିଁ ବୋଲି ରାଉଜ୍ ଏଭେନ୍ୟୁ ପିଏମଏଲଏ ଅଦାଲତ ସ୍ୱୀକାର କରିଥିବା ସତ୍ତ୍ୱେ ତାଙ୍କ ଜାମିନ ଉପରେ ଷ୍ଟେ ହାସଲ କରିବାକୁ ଇଡି ସକ୍ଷମ ହୋଇଛି। ସରକାରଙ୍କ ନିର୍ଦ୍ଦେଶରେ କେଜ୍ରିୱାଲଙ୍କୁ ସିବିଆଇ ଗିରଫ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ କହିଛନ୍ତି, କେଜ୍ରିୱାଲଙ୍କ ବିରୋଧରେ ଇଡି ପାଖରେ କିଛି ପ୍ରମାଣ ନାହିଁ, ଦୁରାଭିସନ୍ଧି ରଖି ଇଡି କାର୍ଯ୍ୟ କରୁଛି ବୋଲି ଟ୍ରାଏଲ କୋର୍ଟ ଦର୍ଶାଇ କେଜ୍ରିୱାଲଙ୍କୁ ଜାମିନ ମଞ୍ଜୁର କରିଥିଲେ। ପ୍ରମାଣ ନାହିଁ, କୌଣସି ରିକଭରୀ ନାହିଁ, ତେଣୁ କେଜ୍ରିୱାଲ ନିର୍ଦ୍ଦୋଶ ବୋଲି କୋର୍ଟ କହିଛନ୍ତି। ଇଡି କେଜ୍ରିୱାଲଙ୍କ ଜାମିନ ସମ୍ପର୍କିତ କୋର୍ଟ ଅର୍ଡରର କପି ନଧରି ହାଇକୋର୍ଟ ଯାଇ ଜାମିନ ଉପରେ ଷ୍ଟେ ମାଗିବା ଅସାମ୍ବିଧାନିକ ଓ ବେଆଇନ। କେଜ୍ରିୱାଲ କାଲେ ଖଲାସ ହୋଇଯିବେ, ସେଥିପାଇଁ ମୋଦୀ ସରକାରଙ୍କ ନିର୍ଦ୍ଦେଶରେ ସିବିଆଇ ତତ୍ପର ହୋଇଉଠି ତାଙ୍କୁ ଗିରଫ କରିଛି। କେନ୍ଦ୍ର ସରକାର ଇଡି ଓ ସିବିଆଇର ଦୁରୁପଯୋଗ କରୁଥିବାରୁ ଇଣ୍ଡିଆ ବ୍ଲକ୍ ସାଂସଦମାନେ ଆସନ୍ତା କାଲି ଦିବା ୧୦ଟା ୩୦ ମିନିଟରେ ସଂସଦ ପରିସରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ ଜଣାଇବାକୁ ସ୍ଥିର କରିଥିବା ବିଷୟ ସଞ୍ଜୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

**ସଙ୍କଟରେ କେସିଆର୍‌ଙ୍କ ବିଆର୍‌ଏସ୍**

## ୬ ବିଧାୟକ କଂଗ୍ରେସରେ ସାମିଲ

ହାଇଦରାବାଦ, ୩୦।୬(ଏଜେନ୍ସି)



କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର ୬ ଜଣ ବିଧାୟକ ଇତି ମଧ୍ୟରେ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ଗତ ୨୧ ତାରିଖରେ ରାଜ୍ୟ ବିଧାନସଭାର ପୂର୍ବତନ ବାଚସ୍ପତି ପି ଶ୍ରୀନିବାସ ରେଡ୍ଡି ବିଆରଏସ୍ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ତା'ର ଦୁଇ ଦିନ ପରେ ଅନ୍ୟ ଜଣେ ବିଆରଏସ୍ ନେତା ଏମ୍ ସଞ୍ଜୟ କୁମାର କଂଗ୍ରେସକୁ ଚାଲିଯାଇଥିଲେ। ଗତ ଶୁକ୍ରବାର ଦିନ ଆଉ ଜଣେ ବିଧାୟକ କେ ଯାଦାଇହା ମଧ୍ୟ ବିଆରଏସ୍ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ପୂର୍ବରୁ ବିଆର୍‌ଏସ୍‌ର ୩ ବିଧାୟକ କଂଗ୍ରେସରେ ଯୋଗ ଦେଇଥିଲେ। ଆଉ ୮ଜଣ ବିଆର୍‌ଏସ୍ ବିଧାୟକ ମଧ୍ୟ ଜୁଲାଇ ଦ୍ୱିତୀୟ ସପ୍ତାହ ଆଡ଼କୁ କଂଗ୍ରେସରେ ଯୋଗ ଦେବା ସମ୍ଭାବନା ରହିଛି। ସେଥି ପାଇଁ ଲବି ଚାଲିଛି। ଅର୍ଥାତ୍, କେସିଆର୍‌ଙ୍କ ବିଆର୍‌ଏସ୍ ସଙ୍କଟରେ ପଡ଼ିଛି। ୨୦୨୩ ନଭେମ୍ବରରେ ହୋଇଥିବା ବିଧାନସଭା ନିର୍ବାଚନ ଜିତି ତେଲଙ୍ଗାନାରେ କଂଗ୍ରେସ ସରକାର ଗଢ଼ିଛି। କଂଗ୍ରେସର ଏ ରେଭନ୍ତ ରେଡ୍ଡି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୧୧୯ ଆସନ ବିଶିଷ୍ଟ ତେଲଙ୍ଗାନା ବିଧାନସଭାରେ ବିଆର୍‌ଏସ୍‌'ର ମାତ୍ର ୩୯ ଜଣ ବିଧାୟକ ଅଛନ୍ତି। ବିଆର୍‌ଏସ୍‌'ର ୬ ବିଧାୟକ କଂଗ୍ରେସରେ ମିଶିବାରୁ କଂଗ୍ରେସର ବିଧାୟକ ସଂଖ୍ୟା ୭୧କୁ ବଢ଼ିଛି। ଦଳବଦଳ ନିରୋଧୀ ଅଇନରୁ ବର୍ତ୍ତିବାକୁ ହେଲେ ବିଆର୍‌ଏସ୍‌'ର ୨୬ ବିଧାୟକଙ୍କୁ କଂଗ୍ରେସ ପଟକୁ ଆଣିବାକୁ ହେବ ଯାହାର ଯୋଜନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି ପ୍ରସ୍ତୁତ କରିଛନ୍ତି। ଗତ ଲୋକସଭା ନିର୍ବାଚନରେ ବିଆର୍‌ଏସ୍ ଗୋଟିଏ ମଧ୍ୟ ଆସନ ଜିତି ପାରିନାହିଁ। ତେଲଙ୍ଗାନାରେ ଲୋକସଭା ଆସନ ସଂଖ୍ୟା ହେଉଛି ୧୭। ଲୋକସଭା ନିର୍ବାଚନରେ କଂଗ୍ରେସ ୮, ବିଜେପି ୮ ଓ ଏଆଇଏମ୍‌ଆଇଏମ୍ ୧ ଆସନ ଜିତିଛି।

**ଶରଦ ପାୱାରଙ୍କ ମନ୍ତବ୍ୟ**

## ମିଳିମିଶି ଲଢ଼ିଲେ ଏମ୍‌ଭିଏ କ୍ଷମତାକୁ ଫେରିବ

ମୁମ୍ବାଇ, ୩୦।୬(ଏଜେନ୍ସି)

ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ-ଏନ୍‌ସିପି(ଶରଦ)-ଶିବସେନା (ଉଦ୍ଧବ)କୁ ନେଇ ଗଠିତ ରାଜନୈତିକ ମେଣ୍ଟ ମହାବିକାଶ ଆଘାଡ଼ି(ଏମ୍‌ଭିଏ) ପକ୍ଷରୁ ଉଦ୍ଧବ ବାଲ ଥାକରେଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯିବା ନିମନ୍ତେ ସଞ୍ଜୟ ରାଉତଙ୍କ ପ୍ରସ୍ତାବକୁ ଶରଦ ପାୱାର ଗତକାଲି ଅଗ୍ରାହ୍ୟ କରିଛନ୍ତି। ଶରଦ ପାୱାର କହିଛନ୍ତି, ଏମ୍‌ଭିଏ ହେଉଛି ଏକ ମିଳିତ ମଞ୍ଚ। ମିଳିତ ନେତୃତ୍ୱରେ ଏହାର ସଞ୍ଚାଳନ ହୋଇଥାଏ। ତେଣୁ ଏମ୍‌ଭିଏ କୌଣସି ବ୍ୟକ୍ତିଙ୍କୁ ତା'ର ମୁଖ୍ୟମନ୍ତ୍ରୀ ଚେହେରା କରିବ ନାହିଁ। ଆଗାମୀ ବିଧାନସଭା ନିର୍ବାଚନରେ ଏମ୍‌ଭିଏ ଜିତିବ ବୋଲି ଶରଦ କହିଛନ୍ତି। ଶିବସେନା(ଉଦ୍ଧବ ଗୋଷ୍ଠୀ) ନେତା ସଞ୍ଜୟ ରାଉତ କହିଛନ୍ତି, ଲୋକସଭା ନିର୍ବାଚନରେ ଯଦି ରାହୁଲ ଗାନ୍ଧୀଙ୍କୁ ଇଣ୍ଡିଆ ବ୍ଲକ୍‌ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇ ଥାଆନ୍ତା ତେବେ ଇଣ୍ଡିଆ ବ୍ଲକ୍ ଆଉ ୨୫ କି ୩୦ ଆସନ ଅଧିକ ପାଇଥାନ୍ତା। ଲୋକେ ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ନରେନ୍ଦ୍ର ମୋଦୀଙ୍କୁ ଭୋଟ ଦେଇଛନ୍ତି। କାହାକୁ ଭୋଟ ଦେଉଛନ୍ତି ତାହା ଭୋଟର୍ ଜାଣିବାକୁ ଚାହିଁବା ସ୍ୱାଭାବିକ। ତେଣୁ ପ୍ରତ୍ୟେକ ସରକାରର, ପ୍ରତ୍ୟେକ ସଂସ୍ଥା ବା ସଂଗଠନର ଏକ ଚେହେରା ରହିବା ଦରକାର ବୋଲି ରାଉତ ମତ ଦେଉଛନ୍ତି। ଉଦ୍ଧବ ଏମ୍‌ଭିଏ ମୁଖ୍ୟମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ କାର୍ଯ୍ୟକୁ ଲୋକେ ପ୍ରଶଂସା କରୁଥିଲେ। ଲୋକସଭା ନିର୍ବାଚନ ବେଳେ ଉଦ୍ଧବ ଏମ୍‌ଭିଏର ଛାମୁଆଁ ପ୍ରଚାରକ ଥିଲେ, ଫଳରେ ଏମ୍‌ଭିଏକୁ ବୃହତ୍ ସଫଳତା ମିଳିଥିଲା। ଅପରପକ୍ଷେ, ଶରଦ ପ୍ରସ୍ତାବ ଦେଇଛନ୍ତି, ଏମ୍‌ଭିଏ ତିନି ଦଳ ପ୍ରଥମେ ଆସନ ବଣ୍ଟନ ବୁଝାମଣା କରନ୍ତୁ। ଯାହାକୁ ଯେତେ କୋଟା ମିଳିବ ସେଥିରୁ ନିଜ ସହଯୋଗୀ କ୍ଷୁଦ୍ର ଦଳଙ୍କୁ ଯଥା ପିଡବ୍ଲ୍ୟୁପି, ବାମପନ୍ଥୀ ଓ ଆପ୍ ଭଳି ଏନ୍‌ଡିଏ-ବିରୋଧୀ ଦଳଙ୍କୁ ଆସନ ଛାଡ଼ନ୍ତୁ। ସମସ୍ତେ ମିଳିମିଶି ଲଢ଼ିଲେ ଏମ୍‌ଭିଏ ସରକାର ଗଢ଼ିବା ସ୍ଥିତିକୁ ଆସିପାରିବ।



### ଏସ୍‌ସିଓ ଶୀର୍ଷ ସମ୍ମିଳନୀକୁ ଯିବେନି ମୋଦୀ

# ଭାରତୀୟ ଦଳର ନେତୃତ୍ୱ ନେବେ ଜୟଶଙ୍କର

ନୂଆଦିଲ୍ଲୀ,୩୦।୬(ଏଜେନ୍ସି)



କାଜାକସ୍ଥାନର ରାଜଧାନୀ ଆସ୍ତାନାରେ ଜୁଲାଇ ୩ ଓ ୪ ତାରିଖରେ ହେଉଥିବା ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ(ଏସ୍‌ସିଓ) ଶୀର୍ଷ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବା କାର୍ଯ୍ୟକ୍ରମ ଥିଲା ଯାହାକୁ ବାତିଲ କରାଯାଇଛି। ତେବେ ଏସ୍‌ସିଓ ସମ୍ମିଳନୀରେ ଭାରତୀୟ ପ୍ରତିନିଧି ଦଳ ଯୋଗଦେବ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଭାରତୀୟ ପ୍ରତିନିଧି ଦଳକୁ ନେତୃତ୍ୱ ଦେବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ କାଜାକସ୍ଥାନ ଗସ୍ତ କାର୍ଯ୍ୟକ୍ରମ ଆପାତତଃ ଚୂଡ଼ାନ୍ତ ହୋଇଥିଲା ଓ ଆସ୍ତାନାକୁ ଭାରତର ଏକ ସିକ୍ୟୁରିଟି ଲିଆସନ୍ ଟିମ୍ ଆଗୁଆ ଯାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ହେବାକୁ ଥିବା ସୁରକ୍ଷା ବନ୍ଦୋବସ୍ତର ସମୀକ୍ଷା କରିଥିଲା। କିନ୍ତୁ ଏବେ ସଂସଦ ଅଧିବେଶନ ଚାଲିଥିବାରୁ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନ୍ୟ କିଛି ବ୍ୟସ୍ତତା ଥିବା କାରଣରୁ ସେ ଆସ୍ତାନା ଗସ୍ତରେ ନଯିବାକୁ ନିଷ୍ପତ୍ତି ନେଇଛନ୍ତି। କାଜାକସ୍ଥାନ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଭାରତୀୟ ପ୍ରତିନିଧି ଦଳକୁ ସଙ୍ଗରେ ନେଇ ଜୟଶଙ୍କର ଯିବେ ଓ ଏସ୍‌ସିଓ ସଦସ୍ୟ ଦେଶଙ୍କ ସହ ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀକୁ କିପରି ଅଧିକ ପ୍ରସାରିତ କରାଯିବ ସେ ନେଇ ବିଚାରବିମର୍ଶ କରିବେ। ଏସ୍‌ସିଓ'ର ୯ ସଦସ୍ୟ ଦେଶ ହେଲେ ଭାରତ, ଚୀନ, ରୁଷ୍, ଇରାନ, ପାକିସ୍ତାନ, କାଜାକସ୍ଥାନ, ତାଜିକିସ୍ଥାନ, ଉଜବେକିସ୍ଥାନ ଓ କିରଗିଜସ୍ଥାନ। ପ୍ରଧାନମନ୍ତ୍ରୀ ମୋଦୀ ଏସ୍‌ସିଓ ଶୀର୍ଷ ସମ୍ମିଳନୀକୁ ଯାଇଥିଲେ ସେଠାରେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍‌ଙ୍କ ସହ ତାଙ୍କର ଭେଟ ହୋଇଥାନ୍ତା। ୨୦୧୪ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇଥିବା ଭାରତୀୟ ପ୍ରତିନିଧି ଦଳକୁ ନେତୃତ୍ୱ ଦେଇଥିଲେ ତତ୍କାଳୀନ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ତା'ପରେ କ୍ରମାଗତ ଭାବେ ୫ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସ୍‌ସିଓ ସମ୍ମିଳନୀରେ ଭାଗ ନେଇଥିଲେ।

୨୦୧୯ ଓ ୨୦୨୦ରେ କୋଭିଡ୍ ମହାମାରୀ କାଳରେ ଏସ୍‌ସିଓ ସମ୍ମଳନୀ ହୋଇନଥିଲା। ୨୦୨୧ରେ ଭିଡିଓ କନ୍‌ଫରେନ୍ସିଂରେ ଓ ୨୦୨୨ରେ ପ୍ରଧାନମନ୍ତ୍ରୀ ମୋଦୀ ଉଜବେକିସ୍ଥାନ ଯାଇ ଏସ୍‌ସିଓ ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ। ମୋଦୀ ସେତେବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର୍ ପୁଟିନ୍‌ଙ୍କୁ ଭେଟି ୟୁକ୍ରେନ ଯୁଦ୍ଧର ପରିସମାପ୍ତି ଘଟାଇବାକୁ ତାଙ୍କୁ ଅନୁରୋଧ କରିଥିଲେ। ଭାରତ ଗତବର୍ଷ ଏସ୍‌ସିଓ ଶୀର୍ଷ ସମ୍ମିଳନୀର ଆୟୋଜନ କରିଥିଲା। କିନ୍ତୁ ସେଥିରେ ଯୋଗ ଦେବାକୁ ଭାରତ ଆସିବେ ନାହିଁ ବୋଲି ରୁଷ ରାଷ୍ଟ୍ରପତି ପୁଟିନ୍ ଓ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ନିଷ୍ପତ୍ତି ନେବାରୁ କାର୍ଯ୍ୟକ୍ରମକୁ ଭର୍ଚୁଆଲ କରିଦିଆଯାଇଥିଲା।

# ରଥ ପାଇଁ ଆସେ ପାଞ୍ଚଥର ଆଜ୍ଞାମାଳ

**ପୁରୀ,୩୦।୬(ସମିସ):** ପରମ କାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହିଁ ଅନୁଷ୍ଠିତ ହୋଇଆସୁଛି। ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ, ସ୍ବୟଂ ମହାପ୍ରଭୁ ଏହି ଯାତ୍ରା କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାତ୍ରା ନିମନ୍ତେ ତିନିରଥ ଶିଳ୍ପ ଶାସ୍ତ୍ରାନୁଯାୟୀ ପାରମ୍ପରିକ ଶିଳ୍ପୀମାନେ ନିର୍ମାଣ କରିଥାନ୍ତି। ରଥ କାର୍ଯ୍ୟ ଆରମ୍ଭରୁ ମହାପ୍ରଭୁଙ୍କର ଦୃଷ୍ଟି ରଥଗୁଡ଼ିକ ଉପରେ ନିବଦ୍ଧ ରହିଥାଏ। ଅର୍ଥାତ୍ ରଥ ପାଇଁ ପାଞ୍ଚଥର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିଥାଏ।

ଏ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଦିନ ତିନିବାଡ଼ରୁ ତିନିଗୋଟି ଆଜ୍ଞାମାଳ ରଥଖଳାକୁ ବିଜେ ହୁଅନ୍ତି। ତିନିରଥ ପାଇଁ ପ୍ରସ୍ତୁତ ଥିବା ତିନିଖଣ୍ଡ କାଠରେ ପୂଜାପଣ୍ଡା ସାମନ୍ତ ଏହି ଆଜ୍ଞାମାଳ ଲାଗି କରିଥାନ୍ତି। ଏହାପରେ ମହାପ୍ରଭୁଙ୍କ ନିର୍ଦ୍ଦେଶ ପାଇ ତିନିରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ। ଏହି କାର୍ଯ୍ୟର ଅଗ୍ରଗତିକୁ ତଦାରଖ କରିବା ପାଇଁ ଦାରୁବିଗ୍ରହଙ୍କ ନିକଟରୁ ପୁନଶ୍ଚ ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ବା ଚନ୍ଦନ ଯାତ୍ରାର ଭଉଁରୀ ଦିନ ଆଜ୍ଞାମାଳ ଆସି ତିନିରଥର ୬ ଚକ ଓ ୩ ଅଖରେ ଲାଗି କରାଯାଇଥାଏ। ଏହି ଦିନ ତିନିରଥର ୨ଟି ଲେଖାଏଁ ଚକ ୩ଟି ଅଖରେ ଯୋଡ଼ାଯାଏ। ଏହାକୁ ଚକଡେରା ନୀତି କହନ୍ତି। ପୁନଶ୍ଚ ରଥଯାତ୍ରା ପୂର୍ବଦିନ ନିର୍ମାଣ କାର୍ଯ୍ୟ ସରିବା ପରେ ରଥଗୁଡ଼ିକୁ ସିଂହଦ୍ୱାରକୁ ଟାଣିନେବା ପାଇଁ ଠାକୁରମାନଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ। ଏହି ଆଜ୍ଞାମାଳ ପାଇବା ପରେ ତିନିରଥ ସିଂହଦ୍ୱାରକୁ ଆସନ୍ତି। ରଥଖଳାରୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ପରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ହୋଇ ସିଂହଦ୍ୱାରରେ ଏକ ସରଳରେଖାରେ ଅବସ୍ଥାନ କରିଥାନ୍ତି। ସେହିଦିନ ରାତ୍ରିରେ ତିନିରଥର ଦଧିନଉତିରେ ଲାଗିବାକୁ ଥିବା ୯ଟି କଳସଙ୍କୁ ତିନିବାଡ଼ର ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ପ୍ରଥମେ ଏହି କଳସଗୁଡ଼ିକୁ ଜୟବିଜୟ ଦ୍ୱାରକୁ ଅଣାଯାଇଥାଏ। ସନ୍ଧ୍ୟାଧୂପ ସରିବା ପରେ ଜଣେ ପୂଜାପଣ୍ଡା ତିନିବାଡରୁ ଆଜ୍ଞାମାଳ ନେଇ ତିନିକଳସଙ୍କୁ ଦେଇଥାନ୍ତି। ଟାଙ୍ଗଡା ମେକାପ ତିନିଖଣ୍ଡ ପଟନୀ ଶାଢ଼ି ଦିଅନ୍ତି ଓ ପୂଜାପଣ୍ଡା ତିନି କଳସରେ ବାନ୍ଧନ୍ତି। ଏହାପରେ କୋଠ ସୁଆଁସିଆମାନେ କଳସ ନେଇ ରଥରେ ବାନ୍ଧିଥାନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଲାଗୁଥିବା କଳସ ତ୍ରୟର ନାମ ଚନ୍ଦ୍ର, ସୂର୍ଯ୍ୟ ଓ ବିଦ୍ୟୁତ୍। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ କଳସ ତ୍ରୟର ନାମ ପରା, ଅପରା ଓ ବୈଖାରୀ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଲାଗୁଥିବା କଳସ ତ୍ରୟ ହେଲେ ନଭ, ଆକାଶ ଓ ବ୍ୟୋମ। ଅନ୍ୟପକ୍ଷରେ ଆଷାଢ଼ ଶୁକ୍ଳ ସପ୍ତମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥଗୁଡ଼ିକୁ ତିନିବାଡରୁ ଆଜ୍ଞାମାଳ ପ୍ରଦାନ କରାଯାଏ। ଏହିଦିନ ସକାଳ ଧୂପ ପରେ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ତିନିଖଣ୍ଡ ନେଇ ଘଣ୍ଟ, ଛତା ଓ କାହାଳୀ ସହ ତିନିରଥ ନିକଟକୁ ଯାଇ ପ୍ରଦାନ କରନ୍ତି। ଏହାପରେ ରଥଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଇଥାଏ। ଏହିପରି ଭାବେ ସମୁଦାୟ ପାଞ୍ଚଥର ରଥ ନିମନ୍ତେ ଠାକୁରମାନେ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ରଥ ନିର୍ମାଣଠାରୁ ରଥଯାତ୍ରାକାଳୀନ ସମସ୍ତ କାର୍ଯ୍ୟ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥାଏ ବୋଲି ଡ. ଦାଶ କହିଛନ୍ତି।




# ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ରାଜ୍ୟ ବିଜେପିର ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୦।୬(ସମିସ):** ନବନିର୍ବାଚିତ ବିଜେପି ସାଂସଦ, ବିଧାୟକ ଓ ମନ୍ତ୍ରୀମାନଙ୍କୁ ରାଜ୍ୟ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ, ନବନିର୍ବାଚିତ ବିଧାୟକ, ସାଂସଦ ଓ ୩ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପିକୁ ଏହି ସଫଳତା ମିଳିପାରିଛି। ରାଜ୍ୟବାସୀ ଏଥର ୭୮ଜଣ ବିଧାୟକ ଏବଂ ୨୦ଜଣ ସାଂସଦଙ୍କୁ ନିର୍ବାଚିତ କରି ବିଧାନସଭା ଏବଂ ଲୋକସଭାକୁ ପ୍ରତିନିଧିଭାବେ ପଠାଇଛନ୍ତି। ବିଜେପି ସରକାର ଗରିବ ଲୋକଙ୍କ ସରକାର, କୃଷକଙ୍କ ହକ୍ ପାଇଁ କାର୍ଯ୍ୟ କରିବ। ଦଳ ପକ୍ଷରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦିଆଯାଇଛି, ସେସବୁ ପୂରଣ କରିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ସାମଲ କହିଛନ୍ତି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଗରିବ କଲ୍ୟାଣ ଆମ ପ୍ରାଥମିକତା ଓ ଆମର କାର୍ଯ୍ୟ ଖସଡ଼ା ଆମ ସଂକଳ୍ପପତ୍ର। ଏବେ ଶ୍ରୀ ମନ୍ଦିରର ୪ ଦୁଆର ଖୋଲିଛି। ଆଗକୁ ରତ୍ନଭଣ୍ଡାର ଖୋଲାଯାଇ ଗଣତି ହେବ। ବିଜେପି ସରକାର ମହିଳା, କୃଷକ, ଯୁବକ, ଆଦିବାସୀ, ଦଳିତ ଓ ପଛୁଆ ବର୍ଗକୁ ପ୍ରାଥମିକତା ଦେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

- ବିକଶିତ ଓଡ଼ିଶା ଗଠନ ପାଇଁ ବିଜେପି ସରକାର କାର୍ଯ୍ୟ କରିବ: ମନମୋହନ
- ଗରିବ କଲ୍ୟାଣ ଆମ ପ୍ରାଥମିକତା ଓ କାର୍ଯ୍ୟ ଖସଡ଼ା ଆମ ସଂକଳ୍ପପତ୍ର: ମୋହନ
- ନବଗଠିତ ସରକାର ଓଡ଼ିଆ ଲୋକଙ୍କ ସରକାର ଭାବେ କାମ କରିବ: ଧର୍ମେନ୍ଦ୍ର
- ୫ ବର୍ଷରେ ଭିତରେ ଓଡ଼ିଶାକୁ ଆସିବ ଲକ୍ଷେ କୋଟି ଟଙ୍କାର ପ୍ରକଳ୍ପ: ଅଶ୍ୱିନୀ

ଉତ୍ସବରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ବିଜେପି ସରକାରର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ସାଢ଼େ ୪ କୋଟି ଓଡ଼ିଆ ଏବଂ ବିଜେପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ସମର୍ପିତ। ବିଜେପିର ବିଜୟ ଓଡ଼ିଆ ଆବେଗ, ଅଭିମାନ ଓ ସ୍ୱାଭିମାନର ପ୍ରତିଫଳନ, ଯାହାକୁ ଆମେ କାର୍ଯ୍ୟକର୍ତ୍ତାମାନେ କେବେ ବି ଭୁଲିବା ଉଚିତ୍ ନୁହେଁ। ନୂଆ ଓଡ଼ିଶା ଗଢ଼ିବା ସହ ବିକଶିତ ଭାରତର ସୈନିକ ହେବାର ଦାୟିତ୍ୱ ଆମ ହାତରେ ନ୍ୟସ୍ତ ଅଛି। ଓଡ଼ିଶାରେ ନବଗଠିତ ସରକାର ଓଡ଼ିଆ ଲୋକଙ୍କ ସରକାର ଭାବେ କାମ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଉତ୍ସବରେ ଯୋଗଦେଇ କହିଛନ୍ତି ଯେ ବିଜେପିକୁ ଏକଦା ପୋଷ୍ଟର ପାର୍ଟି ବୋଲି କୁହାଯାଉଥିଲା; ଆଜି ଓଡ଼ିଶାରେ ପ୍ରଥମଥର ଏକାକୀ ଏହି ଦଳ ସରକାର ଗଠନ କରିଛି। ବିକଶିତ ଓଡ଼ିଶା ଗଠନ ଆମ ସମସ୍ତଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ୍ ବୋଲି ଶ୍ରୀ ଓରାମ ମତବ୍ୟକ୍ତ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଅତୀତରେ ଓଡ଼ିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳା କରାଯାଉଥିଲା। ମାତ୍ର ମୋଦୀ ସରକାର ଅମଳରେ ଏହି ଆଭିମୁଖ୍ୟ ପରିବର୍ତ୍ତନ ହୋଇଛି। ଆଗାମୀ ୫ ବର୍ଷରେ ଭିତରେ ଓଡ଼ିଶାକୁ ୧ ଲକ୍ଷ କୋଟି ଟଙ୍କାର ନୂଆ ରେଳ ପ୍ରକଳ୍ପ ଆସିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ଏହି ଅବସରରେ ଉପସ୍ଥିତ ନେତୃବୃନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିର ଆଜି ପ୍ରଥମ 'ମନ୍ କି ବାତ୍ କାର୍ଯ୍ୟକ୍ରମ'କୁ ଶୁଣିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକକଥା



ମହାନଦୀ ସତେ ଖୁସି ହେଉଥିବ
ଫୁଲ ସରକାର ପାଇ,
ଏଣିକି ତାହାର ଶୋଷ ମେଣ୍ଟିଯିବ
ହବନାହିଁ ହାଇଁପାଇଁ !
ସେ ଦିନକୁ ଅଛି ଚାହିଁ,
ଡବଲ ଇଞ୍ଜିନ୍ କେବେ ଚାଲୁହେବ
ଶୁଖିବନି ଆଉ ନଈ !!

## ମହାପ୍ରଭୁଙ୍କ ସେବାରେ ୧୫ ଦିନ

# ସଫା କରନ୍ତି ରଥର ପିତ୍ତଳ ସାମଗ୍ରୀ

**ପୁରୀ, ୩୦।୬ (ସମିସ):** ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ସେବାରେ ୧୧୯ ପ୍ରକାର ସେବକ ଅଛନ୍ତି। ହେଲେ ଏଥିମଧ୍ୟରୁ କିଛି ସେବା ପ୍ରାୟ ବନ୍ଦ ହୋଇଗଲାଣି। କିନ୍ତୁ ଏମିତି ଏକ ପରିବାର ଅଛି, ସେମାନେ ଶ୍ରୀମନ୍ଦିରର ସେବକ ନ ହେଲେ ବି ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇଛନ୍ତି। ରଥଯାତ୍ରା ଆସିଲେ ଏହି ପରିବାରକୁ ଖୋଜାପଡ଼େ। ସିଦ୍ଧମହାବୀର ଅଞ୍ଚଳ ଯୋଗେଶ୍ୱରୀ ଲେନ୍‌ର ସାଗର ସାହୁଙ୍କ ପରିବାର ବର୍ଷକୁ ମାତ୍ର ୧୫ଦିନ ଦାରୁବିଗ୍ରହଙ୍କ ସେବାରେ ନିଜକୁ ସମର୍ପି ଦିଅନ୍ତି। ତିନିରଥର ଶୋଭାବର୍ଦ୍ଧନ କରୁଥିବା ପିତ୍ତଳ ସାମଗ୍ରୀକୁ ସେ ମାଜି ଚକ୍‌ଚକ୍ କରନ୍ତି।



ବଡ଼ଦାଣ୍ଡରେ ରଥ ଗଡୁଥିବା ବେଳେ ଶ୍ରଦ୍ଧାଳୁଙ୍କ ନଜର ପଡ଼େ ରଥ କନା ଉପରେ ଲାଗିଥିବା ମାଛ, ଯୋଡ଼ିହଂସ, ମଗରମୁଣ୍ଡ, ସଖୀ, କଦଳୀ ଗଛ ଓ ରାହୁମୁଣ୍ଡ ଉପରେ। ଦୀର୍ଘବର୍ଷ ହେଲା ଏହି ସେବା କରିଆସୁଛନ୍ତି ସାଗରଙ୍କ ପରିବାର। ପୂର୍ବରୁ ତାଙ୍କ ବାପା ଏହି କାମ କରୁଥିଲେ। ବାପାଙ୍କ ପରେ ଏବେ ଏହି କାମ ନିଜ କାନ୍ଧରେ ସମ୍ଭାଳିଛନ୍ତି ସାଗର। ସାଗରଙ୍କ ମତରେ ସେ ହେଉଛନ୍ତି ବୃତ୍ତିରେ କଂସାରୀ। ତେଣୁ ରଥରେ ଲାଗୁଥିବା ପିତ୍ତଳ ସାମଗ୍ରୀକୁ ପ୍ରତିବର୍ଷ ସଫା ଓ ଆବଶ୍ୟକ ମରାମତି କରିବାର ସୁଯୋଗ ତାଙ୍କୁ ମିଳିଛି। ପୁଅକୁ ସାଥୀ କରି ସେ ଏ ସବୁକୁ ସଫା କରିଛନ୍ତି। ତିନିରଥରେ କନା ପଡ଼ିସାରିବା ପରେ ନେତ୍ରୋତ୍ସବ ଦିନ କନା ଉପରେ ପିତ୍ତଳ ନିର୍ମିତ ମାଛ, ଯୋଡ଼ିହଂସ, ମଗରମୁଣ୍ଡ, ସଖୀ, କଦଳୀଗଛ ଓ ରାହୁମୁଣ୍ଡ ଲାଗିଥାଏ। ତିନିରଥରେ ମାଛ ଓ କଦଳୀଗଛ ୨୪ଟି ଲେଖାଏଁ ଲାଗୁଥିବା ବେଳେ ଅନ୍ୟ ସବୁ ସାମଗ୍ରୀ ୧୨ଟି ଲେଖାଏଁ ଲାଗିଥାଏ। ସ୍ନାନଯାତ୍ରା ପରଦିନ ଶ୍ରୀମନ୍ଦିର ପ୍ରଶାସନ ଏହିସବୁ ସାମଗ୍ରୀକୁ ତାଙ୍କୁ ହସ୍ତାନ୍ତର କରିଥାନ୍ତି। ଏ ସବୁକୁ ମେସିନ ଏବଂ ହାତରେ ସେମାନେ ସଫା କରନ୍ତି। ଯଦି କିଏ ମରାମତି ଆବଶ୍ୟକ କରେ, ତାହାର ମରାମତି ମଧ୍ୟ କରିଥାନ୍ତି। ସଫା କରିବା ଲାଗି ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ, ତେନ୍ତୁଳି ମଣ୍ଡ ବ୍ୟବହାର କରାଯାଏ। ଆସନ୍ତା ଗୁରୁବାର ସାଗର ଏହି ପିତ୍ତଳ ସାମଗ୍ରୀ ଆଣି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ। ଶୁକ୍ରବାର ରଥ କନା ଉପରେ ଏ ସବୁ ଲାଗିବ ବୋଲି ଜଣାପଡ଼ିଛି।

## ବଣଭୋଜିରୁ ଗୋଷ୍ଠୀସଂଘର୍ଷ

# ଆନ୍ଧ୍ରର ଜଣେ ପର୍ଯ୍ୟଟକ ମୃତ

**ରଙ୍ଗେଇଲୁଣ୍ଡା,୩୦।୬(ସମିସ):** ବଣଭୋଜିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ୍ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଗୋଳନ୍ଥରା ଥାନା ଅଧୀନ ବାଦି ଛକରେ ଆଜି ଏହି ଅଘଟଣ ଘଟିଛି। ମୃତକ ହେଲେ, ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲ୍ଲା କେଦାରପୁର ଗ୍ରାମର ଏ. ବାଲୁ ରେଡ୍ଡୀ। ଖବର ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଗୋଳନ୍ଥରା ଥାନା ପୁଲିସ ଆହତମାନଙ୍କୁ ହସ୍ପିଟାଲ ପଠାଇ ଘଟଣାର ତଦନ୍ତ କରୁଛି।

- ଗୋଡ଼େଇ ଗୋଡ଼େଇ ପିଟିଲେ, ଛାଡ଼ି ଚାଲିଗଲେ
- ୩ ଗୁରୁତର

ସୂଚନାନୁସାରେ, ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଥାନା ଅଧୀନସ୍ଥ କେଦାରପୁର ଗ୍ରାମର ଏ. ବାଲୁ ରେଡ୍ଡୀଙ୍କ ସମେତ ୨୦ଜଣରୁ ଅଧିକ ସୁନାପୁର ବେଳାଭୂମିକୁ ବଣଭୋଜି କରିବା ପାଇଁ ଆସିଥିଲେ। ସେହି ସ୍ଥାନରେ ଇଚ୍ଛାପୁର ବେଲପଡ଼ା ସାହିର କିଛି ଯୁବକ ମଧ୍ୟ ଭୋଜି କରୁଥିଲେ। କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ବଚସା ହୋଇଥିଲା। ବଣଭୋଜି ସରିବା ପରେ ସନ୍ଧ୍ୟାରେ ବାଲୁ ଓ ଅନ୍ୟମାନେ ଗ୍ରାମକୁ ଫେରୁଥିବା ବେଳେ ବାଦି ଛକ ନିକଟରେ ବିରୋଧୀ ଗୋଷ୍ଠୀ ଯୁବକମାନେ ବାଲୁଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ବାଲୁଙ୍କ ସହ ଥିବା ତିନିଜଣ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୁଲିସ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ବାଲୁଙ୍କ ମୃତ୍ୟୁ ଘଟିଛି। ସୋମବାର ବାଲୁର ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ଆଡ୍‌ଭୋକେଟ ଜେନେରାଲ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

# ସରକାରୀ ପ୍ୟାନେଲରେ ମଧ୍ୟ ନିଯୁକ୍ତି ପାଇବେ ଆଇନଜୀବୀ

**ଭୁବନେଶ୍ୱର,୩୦।୬(ସମିସ):** ରାଜ୍ୟରେ ଖୁବଶୀଘ୍ର ଆଡଭୋକେଟ ଜେନେରାଲ (ଏଜି) ନିଯୁକ୍ତ ହେବେ। ଏଥିନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜେଡି ସରକାର ସମୟରେ ଏଜି ଥିବା ଅଶୋକ ପରିଜା ନୂଆ ସରକାର ଗଠନ ପୂର୍ବରୁ ଇସ୍ତଫା ଦେଇ ସାରିଛନ୍ତି। ତାଙ୍କ ସହିତ ହାଇକୋର୍ଟର ଏଜିଙ୍କ ଦପ୍ତରରେ ନିଯୁକ୍ତି ପାଇଥିବା ସରକାରୀ ପ୍ୟାନେଲର କେତେକ ଓକିଲ ମଧ୍ୟ ଇସ୍ତଫା ଦେଇଛନ୍ତି। ଏହି ପ୍ରରିପେକ୍ଷୀରେ ରାଜ୍ୟ ସରକାର ଇସ୍ତଫା ଦେଇଥିବା ଏଜି ଏବଂ ଅନ୍ୟ ଓକିଲଙ୍କ ସ୍ଥାନରେ ନୂଆ ନିଯୁକ୍ତି ପ୍ରଦାନ କରିବାକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ମାମଲାଗୁଡ଼ିକୁ ଅଦାଲତରେ ପରିଚାଳନା କରିବାରେ ଏଜିଙ୍କର ଭୂମିକା ସର୍ବାଗ୍ରେ ରହିଥାଏ। ବିଦାୟୀ ଏଜି ଅଶୋକ ପରିଜା ମଧ୍ୟ ମହାନଦୀ ଜଳବିବାଦଠାରୁ ଆରମ୍ଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗ ଧରିଛନ୍ତି। ଏବେ ନୂଆ ଏଜି ଭାବରେ କାହାକୁ ନିଯୁକ୍ତି ଦିଆଯିବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ସରକାରୀ ପ୍ୟାନେଲରେ ଓକିଲଙ୍କୁ ନିଯୁକ୍ତି ବେଳେ ଅଭିଜ୍ଞତା ଓ ଦକ୍ଷତାକୁ ଅଗ୍ରାଧିକାର ଦିଆଯିବ। ବିଭିନ୍ନ ଦିଗକୁ ବିଚାରକୁ ନେଇ ସରକାରଙ୍କ ପକ୍ଷରୁ ଦକ୍ଷତାର ସହ ଯେଉଁମାନେ ହାଇକୋର୍ଟରେ ମାମଲା ପରିଚାଳନା କରିପାରିବେ ସେଭଳି ବଛା ବଛା ଓକିଲଙ୍କୁ ସରକାରୀ ପ୍ୟାନେଲରେ ନିଯୁକ୍ତି ଦିଆଯିବ। ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ଏଜି ନିଯୁକ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପରେ ତାଙ୍କ ସହ ଆଲୋଚନା କରି ପ୍ୟାନେଲର ଅନ୍ୟ ସରକାରୀ ଓକିଲମାନଙ୍କୁ ନିଯୁକ୍ତି ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ। କେବଳ ଏଜି ନୁହେଁ; ବିଭିନ୍ନ ରାଜସ୍ୱ, ଫୌଜଦାରୀ ଓ ଦେୱାନୀ ଅଦାଲତ ଏବଂ ନ୍ୟାୟାଧିକରଣଗୁଡିକରେ ମଧ୍ୟ ଖୁବଶୀଘ୍ର ପୁରୁଣା ପ୍ୟାନେଲ ବଦଳାଇ ନୂଆ ସରକାରୀ ଓକିଲମାନେ ନିଯୁକ୍ତ ହେବେ।

ଏଠାରେ ଉଲ୍ଲେଖନୀୟ ଯେ ଲୋକସେବା ଆୟୋଗ ମାଧ୍ୟମରେ ନିମ୍ନ ଅଦାଲତଗୁଡ଼ିକ ପାଇଁ କିଛି ସଂଖ୍ୟକ ସରକାରୀ ଓକିଲ ନିଯୁକ୍ତ ହୋଇଥାନ୍ତି। ଏମାନେ ସରକାରୀ ଚାକିରିରେ ସ୍ଥାୟୀ ଭାବେ ରହୁଥିବାରୁ ସରକାର ପରିବର୍ତ୍ତନ ହେଲେ ବି ଏମାନଙ୍କ ଚାକିରି ଯାଏ ନାହିଁ। ତେବେ ବିଭାଗୀୟ କର୍ତ୍ତୃପକ୍ଷ ଏମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ଆବଶ୍ୟକତା ଅନୁଯାୟୀ ବଦଳି କରିପାରିବେ।












## ଜିଲ୍ଲା ଲକ୍ଷେଘର ସମାଜ ବୈଠକ



**ସୁନ୍ଦରଗଡ଼, ୩୦।୬(ସମିସ):** ଜିଲ୍ଲା ଲକ୍ଷେଘର ସମାଜ ତରଫରୁ କିରେଇ ହାଇୱେ ହୋଟେଲରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଉରକେଲା ସଭାବନା କମିଟିର ନୂତନ ସଭାପତି ଭାବେ ପ୍ରଦୀପ ସୂର୍ଜଲିଆ ମନୋନୀତ ହୋଇଥିବାରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସୁନ୍ୟାନି, କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ବର ମହାନନ୍ଦିଆ, ଲବଣୀଧର ବାଗ, ଜିଲ୍ଲା ସାଧାରଣ ସମ୍ପାଦକ ଲଲୀନ୍ଦ୍ର ସିଂ, ଉପଦେଷ୍ଟା ବିଶ୍ୱଜିତ ତନ୍ତୀ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବୈଠକରେ ସଂଗଠନର ପରିଚାଳନା, ବ୍ୟବସ୍ଥାର ସୁଦୃଢ଼ୀକରଣ, ସାମାଜିକ କାମ ଦ୍ୱାରା ଲୋକେ ଲାଭବାନ ହେବା, ସାମାଜିକ ବେକାର ଯୁବକ ଯୁବତୀ ସ୍ୱାବଲମ୍ବୀ ହେବା, ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଗଠନକୁ ମଜବୁତ୍ କରିବା ପାଇଁ ପାଣ୍ଠି ସଂଗ୍ରହ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ଜିଲ୍ଲାବାସୀଙ୍କୁ ନେଇ ମହାସଂଘ ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲା ଉପସଭାପତି ରାଜା କାକ, ନଗର ସଭାପତି ସୁନୀଲ ମହାନନ୍ଦିଆ ନଗର କାର୍ଯ୍ୟକ୍ରମ, କାର୍ଯ୍ୟାଳୟ ନିର୍ମାଣ, ଚାରାରୋପଣ, ରକ୍ତଦାନ ଶିବିର ଆୟୋଜନ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଉପସଭାପତି ଦାମୋଦର ଦେହୁରିଆ, ରୋହିତ ମହାନନ୍ଦିଆ, ସମ୍ପାଦକ ମୁକ୍ତେଶ୍ୱର ବୁଡ଼ା, ହେମଗିରି ବ୍ଲକ ସଭାପତି ରାଧେଶ୍ୟାମ ଗର୍ଡ଼ିଆ, ରାଜଗାଙ୍ଗପୁର ବ୍ଲକ ସଭାପତି ସୁରେନ୍ଦ୍ର ବଞ୍ଛୁର, ଉପସଭାପତି କୌଶଳ ମହାନନ୍ଦିଆ ସଂଗଠନର ସୁପରିଚାଳନା ଓ ମହାସଭା ଆୟୋଜନ ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ। ରବୀନ୍ଦ୍ର ବାଗ, ଟି. ରାଜନ୍, ବିକ୍ରମ ଭାଇନା, ଅଭିନ୍ନ ରାଜନ, ଲକ୍ଷ୍ମୀଧର ରାଜନ, ଭୋଜରାଜ୍ ସିଂ, ସୁରେନ୍ଦ୍ର ବାଞ୍ଛୁର ପ୍ରମୁଖ ଉପସ୍ଥିତ ଥିଲେ।

## ନିରାଶକଲା ଜୁନ୍ ମାସ ▶ ସୁନ୍ଦରଗଡ଼ ଜିଲ୍ଲାରେ ୮୭.୪୬ ମି.ମି କମ୍ ବର୍ଷା

ସୁନ୍ଦରଗଡ଼, ୩୦।୬(ସମିସ)

ସୁନ୍ଦରଗଡ଼ ଜିଲ୍ଲାରେ ଚଳିତ ଖରିଫ ଋତୁ ପ୍ରାରମ୍ଭରୁ ସ୍ଥିତି ସଙ୍ଗୀନ ହୋଇଛି। ଜୁନ ମାସରେ ୮୭.୪୬ ମି.ମି କମ ବର୍ଷା ହୋଇଥିବାରୁ ଏଠାରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଜୁନ ମାସର ସାଧାରଣ ବୃଷ୍ଟିପାତ ହେଉଛି ୨୦୪.୩ ମି.ମି। ହେଲେ ଏହି ମାସରେ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ମାତ୍ର ୫୯ ମି.ମି ବର୍ଷା ହୋଇଛି। ସେହିପରି ବଡ଼ଗାଁ ବ୍ଲକରେ ୩୯ ମି.ମି, ବିଶ୍ରା ବ୍ଲକରେ ୯୯ ମି.ମି, ବଣାଇଁ ବ୍ଲକରେ ୬୭ ମି.ମି, ଗୁରୁଣ୍ଡିଆ ବ୍ଲକରେ ୮୬ ମି.ମି, ହେମଗିରି ବ୍ଲକରେ ୧୯୩ ମି.ମି, କୋଇଡ଼ା ବ୍ଲକରେ ୬୦ ମିମି, କୁଆଁରମୁଣ୍ଡା ବ୍ଲକରେ ୨୦୩ ମି.ମି, କୁତ୍ରା ବ୍ଲକରେ ୧୧୯, ଲହୁଣୀପଡ଼ା ବ୍ଲକରେ ୧୦୭ ମି.ମି, ଲାଠିକଟା ବ୍ଲକରେ ୨୧୭ ମି.ମି, ଲେଫ୍ରିପଡ଼ା ବ୍ଲକରେ ୧୭୭ ମି.ମି, ନୂଆଗାଁ ବ୍ଲକରେ ୧୦୭ ମି.ମି, ରାଜଗାଙ୍ଗପୁର ବ୍ଲକରେ ୧୧୦ ମି.ମି, ରାଉରକେଲା ମହାନଗର ନିଗମରେ ୬୬ ମି.ମି, ସବଡେଗା ବ୍ଲକରେ ୧୦୭ ମି.ମି, ସୁନ୍ଦରଗଡ଼ ବ୍ଲକରେ ୧୨୩ ମି.ମି, ଟାଙ୍ଗରପାଲି ବ୍ଲକରେ ୨୧୨ ମି.ମି ବର୍ଷା ରକର୍ଡ କରାଯାଇଛି। ଜିଲ୍ଲାସ୍ତରରେ ହାରାହାରି ୧୧୬.୮୪ ମି.ମି ବର୍ଷା ହୋଇଛି।

ଜୁନ ଶେଷରେ ବଡ଼ ଧରଣର ଲଘୁଚାପ ବର୍ଷା ହୋଇଛି। ଦେଶର ବିଭିନ୍ନ ସ୍ଥାନରେ ବର୍ଷା ବହୁ ବର୍ଷର ରେକର୍ଡ ଭାଙ୍ଗିଛି। ସୁନ୍ଦରଗଡ଼ ଜିଲ୍ଲାର ଚାଷୀମାନେ ଏହି ଲଘୁଚାପ ଜନିତ ବର୍ଷା ମାସର ନିଅଣ୍ଟିଆ ବର୍ଷାକୁ ଭରଣା କରିପାରେ ବୋଲି ଆଶାବାଦୀ ଥିଲେ। ମାତ୍ର ଶେଷରେ ତାହା ବି ନିରାଶ କରିଛି। ଜୁଲାଇ ମାସ ରୁଆ, ବେଉଷଣର ପ୍ରକୃଷ୍ଟ ସମୟ। ମାତ୍ର ରୁଆ, ବେଉଷଣ ତ ଦୂର କଥା, କ୍ଷେତରେ ଗଜା ଉଠି ନାହିଁ। ଚାଷୀ ମୁଖ୍ୟତଃ ଧାନ ପହ୍ଲା ପକାଇ ପାରୁ ନାହିଁ। ସମୟ ଅତିକ୍ରାନ୍ତ ହେଉଥିବାରୁ ଚାଷୀ ବିଭିନ୍ନ ସ୍ଥାନରୁ ପାଣି ଉଠାଇ ଧାନ ପହ୍ଲା ପକାଉଥିବା ଦେଖିବାକୁ ମିଳୁଛି। ଜିଲ୍ଲାର ବିଭିନ୍ନ ନଦ ନଦୀରେ ଥିବା ଉଠା ଜଳସେଚନ ଓ ବୃହତ ଉଠା ଜଳସେଚନ ପ୍ରକଳ୍ପ ପାଣି ଅଭାବରୁ କାମକରୁନାହିଁ।

ଚଳିତ ବର୍ଷ ଖରିଫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା କରିବାକୁ ରାଜ୍ୟ ସରକାର ଯୋଜନା କରିଥିବାରୁ ଚାଷୀ ଅଧିକ ମାତ୍ରାରେ ଧାନ ଚାଷ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମାତ୍ର ଚାଷ ପ୍ରାରମ୍ଭରୁ ନିଅଣ୍ଟିଆ ବର୍ଷା ଏଥିରେ ବାଧକ ସାଜିଛି। ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ୧ ଲକ୍ଷ ୯୪ ହଜାର ୭୦୦ ହେକ୍ଟର ଜମିରେ ଧାନ ଚାଷ ପାଇଁ ରଖାଯାଇଥିବା ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି।



ସ୍ଥିତି ସଙ୍ଗୀନ; ସରକାରୀ ଲକ୍ଷ୍ୟଧାର୍ଯ୍ୟ ପୂରଣ ନେଇ ଆଶଙ୍କା

## ଅପରାଧ ଖବର

### ଯୁବତୀଙ୍କୁ ଉଠାଇନେବାକୁ ଧମକ

**ସୁନ୍ଦରଗଡ଼, ୩୦।୬(ସମିସ):** ଭଷ୍ଣା ଥାନା ଅନ୍ତର୍ଗତ ଗଇଜୋର ଗ୍ରାମର ଜଣେ ଯୁବତୀଙ୍କୁ ଗ୍ରାମର ଜନୈକ ବ୍ୟକ୍ତି ଗାଳିଗୁଲଜ କରିବା ସହ ଉଠାଇନେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବତୀଙ୍କ ବାପା କୁଆଡ଼େ ରାଜ ନାଏକଙ୍କ ଘରୁ ମଦ କିଣି ପିଉଥିଲେ। ଯୁବତୀ ଏହାର ବିରୋଧ କରିବାରୁ ରାଜ ତାଙ୍କୁ ଗାଳିଗୁଲଜ କରିବା ସହ ଉଠାଇନେବାକୁ ଧମକ ଦେଇଥିଲେ। ରାଜଙ୍କ ମାଆ ମଧ୍ୟ ତାଙ୍କୁ ଗାଳିଗୁଲଜ କରିଥିଲେ। ଯୁବତୀ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା; ୨ ବାଇକ୍ ଜବତ

**ସୁନ୍ଦରଗଡ଼, ୩୦।୬(ସମିସ):** ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୨ ଜଣଙ୍କ ବାଇକ ଜବତ କରିଛି ଧରୁଆଡିହି ଥାନା ପୁଲିସ। ସେମାନେ ହେଲେ ସ୍ଥାନୀୟ ଠେଲକୋବୁଡ଼ ଗ୍ରାମର କୃଷ୍ଣ କିସାନ ଓ ତଳସରା ଥାନା ଅନ୍ତର୍ଗତ ତଳସରା ଗ୍ରାମର ଗୋବିନ୍ଦ ପ୍ରଧାନ। ଗଡ଼ିଆଜୋର ନିକଟରେ ପୁଲିସ ଯାଞ୍ଚ ବେଳେ ଏମାନେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ପୁଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ବାଇକ ଜବତ କରିଛି।

### ଚୋରି ପାଣି ପମ୍ପ ଉଦ୍ଧାର; ଜଣେ ଗିରଫ

**ସୁନ୍ଦରଗଡ଼, ୩୦।୬(ସମିସ):** ହେମଗିରି ଥାନା ପୁଲିସ ଏକ ଚୋରି ପାଣି ପମ୍ପ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସ୍ଥାନୀୟ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ଏକ ୩ ଏଚପି ବିଶିଷ୍ଟ ପମ୍ପ ଚୋରି ହୋଇଥିଲା। ସମ୍ପୃକ୍ତ ସଂସ୍ଥାର ସିକ୍ୟୁରିଟି ସୁପରଭାଇଜର ସଞ୍ଜୀୟ ବେହେରା ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ଭବାନୀ ବାଗ ଏଥିରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ପୁଲିସ ଭବାନୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

### ଟ୍ରାକ୍ଟର ଧକ୍କାରେ ୨ ମହିଳାଙ୍କ ମୃତ୍ୟୁ ମାମଲା; ଚାଳକ ଗିରଫ

**ସୁନ୍ଦରଗଡ଼, ୩୦।୬(ସମିସ):** ଶୁକ୍ରବାର ଅପରାହ୍ନରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଡୁମେରବାହାଲ ବୁଲାଣି ରାସ୍ତାରେ ଟ୍ରାକ୍ଟର ଧକ୍କାରେ ସ୍କୁଟିରେ ଯାଉଥିବା ୨ ମହିଳାଙ୍କ ମୃତ୍ୟୁ ମାମଲାରେ ପୁଲିସ ସମ୍ପୃକ୍ତ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ତାଙ୍କ ନାମ କୌଶଳ ଧମଲେ (୨୪), ଘର ମଧ୍ୟପ୍ରଦେଶ କନୋହର ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ସୁବଳୟା ଗ୍ରାମର ଆରତୀ ନାଏକ (୪୦) ଓ ସୁକଲମା ପଟେଲ (୩୫)ଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିଲେ। ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ପାନପୋଷ ହକି ଛାତ୍ରାବାସରେ ସମସ୍ୟା ଶୁଣିଲେ ବିଧାୟକ



**ରାଉରକେଲା, ୩୦।୬(ସମିସ):** ପାନପୋଷ ହକି ଛାତ୍ରାବାସରେ ଥିବା ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରି ଉଦବେଗ ପ୍ରକାଶ କରିଛନ୍ତି ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ। ବିଧାୟକ ତନ୍ତୀ ଛାତ୍ରାବାସ ବୁଲି ଦେଖିବା ସହିତ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କୁ ଭେଟି ଖେଳ ପ୍ରତି ସେମାନଙ୍କ ଆଗ୍ରହ ଦେଖି ଆନନ୍ଦିତ ହୋଇଥିଲେ। ସୁନ୍ଦରଗଡ଼କୁ ହକିର ଅନୁଡ଼ିଶାଳ କୁହାଯାଉଥିବା ବେଳେ ଏହି ଛାତ୍ରାବାସରେ ଅନେକ ସମସ୍ୟା, ଅବ୍ୟବସ୍ଥା ରହିଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ।

୨୦୨୨ରେ ଆସାମ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଅନ୍ତଃରାଜ୍ୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏହି ଛାତ୍ରାବାସର ୧୮ ଛାତ୍ରୀ ଯାଇଥିଲେ ଏବଂ ଗୋଲ୍ଡ କପ୍ ପ୍ରାପ୍ତ କରି ଓଡ଼ିଶାର ଗୌରବ ବଢ଼ାଇଥିଲେ। ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ୧୩ ହଜାର ଟଙ୍କା ଲେଖାଏଁ ଦିଆଯାଇଛି ଓ ଅନ୍ୟ ୯ ଜଣଙ୍କୁ ଆଜିପର୍ଯ୍ୟନ୍ତ କିଛି ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏତଦବ୍ୟତୀତ ଓଡ଼ିଶା ସରକାର ନିଜ ପାଣ୍ଠିରୁ ଆନ୍ତର୍ଜାତିକ ହକି ଖେଳ ଦେଖିବା ପାଇଁ ବିଦେଶକୁ ଅନ୍ୟ ରାଜ୍ୟର ଖେଳାଳିଙ୍କୁ ପଠାଉଥିବା ବେଳେ ଓଡ଼ିଶାର କାହାକୁ ସୁଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଖେଳିବା ପାଇଁ ଚୟନ ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ନିମ୍ନ ମାନର ଖେଳ ଜୋତା, କିଟ୍, ହକି ଷ୍ଟିକ, ଗୋଲ କିପର ପ୍ୟାଡ୍ ଦିଆଯିବା ଯୋଗୁଁ ସେମାନଙ୍କ ପ୍ରଗତିରେ ବାଧା ସୃଷ୍ଟି ହୋଉଛି। ଅନେକ ଛାତ୍ରଛାତ୍ରୀ ନିଜ ଅର୍ଥରୁ ଏଗୁଡ଼ିକୁ କିଣୁଛନ୍ତି। ସେମାନଙ୍କୁ ଟଏଲେଟ୍ରିଂ ପାଇଁ ମାସକୁ ୮୦୦ ଟଙ୍କା ମିଳୁଛି ଯାହା ତାଙ୍କ ପାଇଁ କମ୍ ହେଉଛି ବୋଲି କହି ଏହାକୁ ଅତି କମରେ ୧୦୦୦ ଟଙ୍କା କରିବାକୁ ଅନୁରୋଧ କରିଥିଲେ। ସୁନ୍ଦରଗଡ଼ରେ ବହୁ ଦକ୍ଷ ହକି କୋଚ ରହିଥିବା ବେଳ ଅନ୍ୟ ରାଜ୍ୟରୁ କୋଚ ଅଣାଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ଆଗ୍ରହ କମିଯାଉଛି ଓ ସେମାନେ ତାଙ୍କ ଭାଷା ଠିକ ଭାବରେ ବୁଝିପାରୁନାହାନ୍ତି। ଫଳରେ ପ୍ରଶିକ୍ଷଣ ନେଉଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ବିଧାୟକ ତନ୍ତୀ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ତନ୍ତୀ ରାଉରକେଲା ଉପନିର୍ଦ୍ଦେଶକ (ସ୍ପୋର୍ଟସ) ଅଭିଜିତ ମହାନ୍ତ, ଉପନିର୍ଦ୍ଦେଶକ (କୋଚିଂ) ବିଜେ କଡ଼ିଆପ୍ପା, ବରିଷ୍ଠ ହକି କୋଚ ପ୍ରଫୁଲ୍ଲ ତିର୍କୀଙ୍କ ସହିତ ଉପରୋକ୍ତ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବିଜେପି ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ଅକ୍ଷୟ କୁମାର ଦାଶ, ପୂର୍ବତନ ଭାରତୀୟ ପୁରୁଷ ହକି ଅଧିନାୟକ ପ୍ରବୋଧ ତିର୍କୀ, ଆଲୋକ ନାୟକ, ସୁଦାମ ସାହୁ, ଟିକେଶ୍ୱର ତାଣ୍ଡିଆ ପ୍ରମୁଖ ବିଧାୟକଙ୍କ ସହ ଉପସ୍ଥିତ ଥିଲେ।

## ୩୦୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ ପାଇଁ ଯୋଜନା



**ରାଉରକେଲା, ୩୦।୬(ସମିସ):** ଆସନ୍ତା ଜୁଲାଇ ମାସରୁ 'ସାମାଜିକ ବନକଳ୍ପ-୨୦୨୪' ଯୋଜନାରେ ରାଉରକେଲା ସହରର ଜଣାଶୁଣା ସାମାଜିକ ଅନୁଷ୍ଠାନ କ୍ଲୀନ ଓ ଗ୍ରୀନ ପକ୍ଷରୁ ଅନ୍ୟୂନ ୩୦୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଚାରା ରୋପଣ ଯୋଜନା କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ବର୍ଷା ଆଗମନକୁ ଦେଖି ଅନୁଷ୍ଠାନର ଆଗଧାଡ଼ିର ପ୍ରକୃତିପ୍ରେମୀ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ଚାରାରୋପଣ କାର୍ଯ୍ୟକ୍ରମର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ରବିବାର ସେକ୍ଟର-୬ ଦୁର୍ଗାପୁର ପାହାଡ଼ ଉପରେ ୧୬୦ ପରିବେଶ ଉପଯୋଗୀ ଚାରା ଲଗାଯାଇଛି। ପାହାଡ଼ ଉପରେ ଅନବରତ ବର୍ଷା ଧାରା ଓ ପ୍ରତିକୂଳ ପରିସ୍ଥିତି ଯୋଗୁଁ ସଦସ୍ୟମାନଙ୍କୁ ଦ୍ୱାରା ଚାରାରୋପଣ ଦୀର୍ଘ ଦୁଇଘଣ୍ଟା ଲାଗିଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ସଦସ୍ୟ ପରସ୍ପରକୁ ଚାରାରୋପଣରେ ସହଯୋଗ କରିଥିଲେ। ଜ୍ଞାନଜିତ ଦାସ, ପ୍ରଦୀପ ସ୍ୱାଇଁ, ପ୍ରଦୀପ ରଥ, ପ୍ରଦୀପ ପାତ୍ର, ବିଶିକେଶନ, ଚନ୍ଦ୍ରକାନ୍ତ, ଅମିତ, ଦୀନେଶ ସିଂହ, ରାଜକିଶୋର ସାମଲ, ରାଣାପ୍ରତାପ ସିଂହ, ସୁଦୀପ୍ତ ଦତ୍ତ, ସାଗର ପାଣି, ବିଭୂତି ଭୋଇ, ପ୍ରଫୁଲ୍ଲ ପାତ୍ର ଓ ଧର୍ମେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହିମାଂଶୁ ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ସୁଜିତ ସାହୁ, ନୀରଜ ମିଶ୍ର, ଜିତୁ, ବାପି, ଉତ୍ପଳ ଭକ୍ତ, ଶିଶିର ପାତ୍ର, ରଜନୀ ଘୋଷ ଓ ଶ୍ରୀହରି ଦାସ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ଅନୁଷ୍ଠାନ ସଦସ୍ୟ ଭୂଷଣ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ୧୩ ବର୍ଷ ପରେ ବି ଜମିହରାଙ୍କୁ ମିଳିନି କ୍ଷତିପୂରଣ

**ସୁନ୍ଦରଗଡ଼, ୩୦।୬(ସମିସ):** ଉଦଘାଟନର ୮ ବର୍ଷ ପରେ ବି ଜମିହରାଙ୍କୁ ମିଳିନି କ୍ଷତିପୂରଣ। କେତେକ କ୍ଷତିଗ୍ରସ୍ତ ପ୍ରଜାଙ୍କ ବିରୋଧ ଯୋଗୁଁ ହୋଇପାରୁନି ଖଣ୍ଡିଆ ରାସ୍ତା ନିର୍ମାଣ। ଫଳରେ ଯାତ୍ରୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ଭଷ୍ଣା-ଅବନକେଲା ଇବ୍ ବ୍ରିଜ ଓ ରାସ୍ତା ନିର୍ମାଣ ପ୍ରକଳ୍ପରେ। ୨୦୧୧ ଏପ୍ରିଲରେ ଭଷ୍ଣା-ଅବନକେଲା ଇବ୍ ପୋଲ ଓ ରାସ୍ତା ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ପ୍ରକଳ୍ପରେ ଟାଙ୍ଗରପାଲି ତହସିଲ ଅନ୍ତର୍ଗତ ଅବନକେଲା ଓ ରେମଣ୍ଡା ସହ ସୁନ୍ଦରଗଡ଼ ସଦର ତହସିଲ ଅନ୍ତର୍ଗତ ଭଷ୍ଣା ରାଜସ୍ୱ ଗ୍ରାମର ବହୁ ପ୍ରଜା ଜମି ହରାଇଥିଲେ। ମାତ୍ର ଜମି ଅଧିଗ୍ରହଣ ପରେ ୩୬ ଜଣ ପ୍ରଜା ୪ ଏକରରୁ ଊର୍ଦ୍ଧ୍ୱ ଜମିର କ୍ଷତିପୂରଣ ପାଇ ନ ଥିବା ଜଣାପଡ଼ିଥିଲା। ସମ୍ପୃକ୍ତ କ୍ଷତିଗ୍ରସ୍ତ ପ୍ରଜା କ୍ଷତିପୂରଣ ବିନା ରାସ୍ତା ନିର୍ମାଣକୁ ବାରମ୍ବାର ବିରୋଧ କରିବାରୁ ତାଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର କେତେକ ପ୍ରଜାଙ୍କ ଜିଦଖୋର ମନୋବୃତ୍ତି ଯୋଗୁଁ ଏହା ସ୍ୱୟଂସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଭଷ୍ଣା ଏବଂ ରେମଣ୍ଡା ରାଜସ୍ୱ ଗ୍ରାମର ୩ଟି ଖତିୟାନର କ୍ଷତିଗ୍ରସ୍ତ ପ୍ରଜାଙ୍କ ପ୍ରବଳ ବିରୋଧ ଯୋଗୁଁ ତାଙ୍କ ଜମି ଉପରେ ଅଦ୍ୟାବଧି ରାସ୍ତା ନିର୍ମାଣ ହୋଇପାରି ନାହିଁ। ଉକ୍ତ ଆବଡ଼ାଖାବଡ଼ା ଜମି ଉପରେ ବହୁ କଷ୍ଟରେ ଗାଡ଼ି ମୋଟର ଯିବା ଆସିବା କରୁଛି।

ଫଳରେ ଯାତ୍ରୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି। ଛୋଟ ବଡ଼ ଦୁର୍ଘଟଣା ମାନ ଘଟିବାରେ ଲାଗିଛି। ୨୦୧୬ ଡିସେମ୍ବରରେ ଏହି ଅସମ୍ପୂର୍ଣ୍ଣ ପ୍ରକଳ୍ପ ଉଦଘାଟନ ହେବା ପରେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଲୋକେ ଆଶାବାଦୀ ଥିଲେ। ମାତ୍ର ଇତିମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ୧୩ ବର୍ଷ ଓ ଉଦଘାଟନର ୮ ବର୍ଷ ବିତିଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରି ନାହିଁ। ରେମଣ୍ଡା ଗ୍ରାମର ସମ୍ପୃକ୍ତ ୨ ପ୍ରଜାଙ୍କ ଜମିର ଚାଲିଥିବା ସାନି ଜମି ଅଧିଗ୍ରହଣ ପ୍ରକ୍ରିୟା ସରୁନାହିଁ।

- ହେଉନି ଖଣ୍ଡିଆ ରାସ୍ତା ନିର୍ମାଣ
- ଦୁର୍ଦ୍ଦଶାରେ ଯାତ୍ରୀ

## ଡିଏଭି ପବ୍ଲିକ୍ ସ୍କୁଲରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ



**ସୁନ୍ଦରଗଡ଼, ୩୦।୬(ସମିସ):** ଜୁନ ୧୬ରୁ ଏମ୍‌ସିଏଲ୍ ମହାଲକ୍ଷ୍ମୀ ଏରିଆ ସହଭାଗିତାରେ ଲେଫ୍ରିପଡ଼ା ବ୍ଲକ ଛଟେନପାଲିସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଚାଲିଥିବା ସ୍ୱଚ୍ଛତା ପକ୍ଷ ରବିବାର ଉଦଯାପିତ ହୋଇଛି। ଏହି ଅବସରରେ ଛଟେନପାଲିରେ ନିଜ ନିଜ ପରିବେଶକୁ ସଫାସୁତରା ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଆଣିବା ଉଦ୍ଦେଶ୍ୟରେ ସ୍ୱଚ୍ଛତା ପଖ୍ୱାଡ଼ା କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରବନ୍ଧ, ପ୍ରଶ୍ନୋତ୍ତରୀ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଛି।

### ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦାବି

## ଡିବିଏଲ୍‌ର ଗୋପାଳପୁର ଅଫିସରେ ହଙ୍ଗାମା

ହେମଗିରି, ୩୦।୬(ସମିସ)

ବିଭିନ୍ନ ଦାବି ନେଇ ହେମଗିରି ବ୍ଲକ ଅନ୍ତର୍ଗତ ଏମ୍‌ସିଏଲର ଶିଆରମାଲ କୋଇଲା ଖଣି ପରିଚାଳନା ଦାୟିତ୍ୱରେ ଥିବା ଦିଲୀପ ବିଲ୍ଡକନ୍ ଲିମିଟେଡ୍ (ଡିବିଏଲ) କମ୍ପାନୀ ଅଫିସ୍‌ରେ ଶତାଧିକ ଅଞ୍ଚଳବାସୀ ସମେତ ନେତୃବୃନ୍ଦ ହଙ୍ଗାମା କରିଥିଲେ। ସ୍ଥାନୀୟ ଯୁବକଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ ପ୍ରମୁଖ ଦାବି ଥିଲା। କମ୍ ଶିକ୍ଷାଗତ ଯୋଗ୍ୟତା, ଅନଭିଜ୍ଞତା ପରି ବିଭିନ୍ନ ଆଳ ଦେଖାଇ ଅଞ୍ଚଳର ଯୁବକଯୁବତୀଙ୍କ ନିଯୁକ୍ତି ଅଧିକାରକୁ ଛଡ଼ାଇ ନିଆଯାଉଛି। ଅଞ୍ଚଳର ଯୁବକଯୁବତୀଙ୍କ କହିବା ଅନୁଯାୟୀ, ସେମାନେ ବିସ୍ଥାପିତ ହୋଇଥିବା ବେଳେ ନିଜ ଅଞ୍ଚଳରେ ନିଯୁକ୍ତି ପାଇ ଅଭିଜ୍ଞତା ବଢ଼ାଇବାକୁ ସୁଯୋଗ ପାଇବା କଥା। ଡିବିଏଲ କମ୍ପାନୀ ଅନ୍ତର୍ଗତ ବିଭିନ୍ନ ଠିକା ସଂସ୍ଥା ବିଭିନ୍ନ ପ୍ରକାରର କାର୍ଯ୍ୟ ନିର୍ବାହ କରନ୍ତି। ସେହି ଠିକା ସଂସ୍ଥାଗୁଡ଼ିକ ଅଞ୍ଚଳ ତଥା ଅଞ୍ଚଳ ବାହାରର ଯୁବକଙ୍କୁ ସ୍ୱଳ୍ପ ବେତନରେ ନିଯୁକ୍ତି ଦେଉଛନ୍ତି। ତାହା ପୁଣି ମୋଟା ଅଙ୍କର ଲାଞ୍ଚ ନେଇ ନିଯୁକ୍ତି ଦେଉଥିବା ଅଭିଯୋଗ ରହିଛି। ଡିବିଏଲ କମ୍ପାନୀ ଅନ୍ତର୍ଗତ କାର୍ଯ୍ୟରତ ଆଞ୍ଚଳିକ କର୍ମଚାରୀଙ୍କ ବେତନ କମ୍ ଥିବାବେଳେ ବାହାରୁ ଆଣୁଥିବା ଶ୍ରମିକ ଓ କର୍ମଚାରୀଙ୍କୁ ଅଧିକ ବେତନ ଦେଉଛନ୍ତି। କେନ୍ଦ୍ରୀୟ ଖଣି କର୍ମଚାରୀ ବେତନ ହାର ଧାର୍ଯ୍ୟ କରିଥିଲେ ସୁଦ୍ଧା ତଥା ଏମ୍‌ସିଏଲ କମ୍ପାନୀ ସେହି ଦରରେ ବେତନ ଦେଉଥିଲେ ସୁଦ୍ଧା ଏହି ସହକମ୍ପାନୀ ଓ ଠିକାସଂସ୍ଥାଗୁଡ଼ିକ କର୍ମଚାରୀଙ୍କୁ ସଠିକ୍ ବେତନ ନ ଦେଇ ଠକି ଚାଲିଥିବା ଅଭିଯୋଗ କରିଛନ୍ତି। ଏପରି କମ୍ପାନୀର ଦସ୍ତାବିଜ୍ ବାରମ୍ବାର ଯାଞ୍ଚ କରାଯାଉ ଏବଂ ତ୍ରୁଟି ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ପ୍ରସାଶନକୁ ଅନୁରୋଧ କରିଛନ୍ତି।

## ବାବା ଭୈରବନାଥ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ



**ରାଉରକେଲା, ୩୦।୬(ସମିସ):** ସ୍ଥାନୀୟ ପ୍ରଧାନପାଲ୍ଲୀସ୍ଥିତ ବାବା ଭୈରବ ନାଥ ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିସର ଏବଂ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଦୁଇ ପାର୍ଶ୍ୱରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କରଞ୍ଜ, ନିମ୍ବ, ହରିଡ଼ା, ବାହାଡ଼ା, ଲେମ୍ବୁ, ଆମ୍ବ, ଜାମୁ ଆଦି ଶତାଧିକ ଚାରାରୋପଣ କରାଯାଇଥିଲା। ବାବା ଭୈରବନାଥ ଟ୍ରଷ୍ଟ ଅଧକ୍ଷା ଅତୁଲ୍ୟରାଣୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଦସ୍ୟ କ୍ରିଷ୍ଣା ତନ୍ତୀ, ଛେଣ୍ଡ ଅଞ୍ଚଳର ବିଜେପି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଆରଏସଏସ ସେବା ପ୍ରମୁଖ ପ୍ରଫୁଲ୍ଲ କୁମାର ଡାକୁଆ, ସରୋଜ କୁମାର ଖଣ୍ଡୁଆଳ, ଆରଏସଏସ ସଦସ୍ୟ ସଞ୍ଜୟ କୁମାର ବରନୱାଲ, ସଞ୍ଜୟ କୁମାର ଜେନା, ଅଭିରାମ ଦାସ, ସାବିତ୍ରୀ କୁମାରୀ, ଅତୁଟ୍ୟରାଣୀ, ସରସ୍ୱତୀ, ପ୍ରମୋଦିନୀ, ବିମଳା ଦେବୀ, ଅହଲ୍ୟା କୁମାରୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ତୃତୀୟ ରେଳପଥ ପାଇଁ ଉଚ୍ଛେଦ ପୂର୍ବରୁ ଥଇଥାନ ନିମନ୍ତେ ଆଲୋଚନା

**ରାଉରକେଲା, ୩୦।୬(ସମିସ):** ରାଉରକେଲା-ଝାରସୁଗୁଡ଼ା ତୃତୀୟ ରେଳପଥ ନିର୍ମାଣ ପାଇଁ ରାଉରକେଲା ରେଳଷ୍ଟେସନ୍‌ରୁ ପାନପୋଷ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ରେଳ ଧାରଣାର ଉଭୟ ପାର୍ଶ୍ୱରେ ଜବରଦଖଲ କରି ରହିଥିବା ୯ଟି ବସ୍ତି ଉଚ୍ଛେଦ ପାଇଁ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ନୋଟିସ ଜାରି କରାଯାଇଛି। ଫଳରେ ବସ୍ତିବାସିନ୍ଦାଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ତେବେ ପ୍ରଥମେ ଥଇଥାନ ଏବଂ ତା' ପରେ ଉଚ୍ଛେଦ ବୋଲି କହିଛନ୍ତି ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି।



ବାସନ୍ତୀ କଲୋନୀ ନିକଟ କୁମ୍ଭାରପଡ଼ା ଓ ଆଖପାଖ ଅଞ୍ଚଳରେ ଥିବା ୯ ବସ୍ତିର ପ୍ରାୟ ୩୦୦୦ ପରିବାରକୁ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୭୭ ପରିବାରକୁ ସପ୍ତାହକ ମଧ୍ୟରେ ସ୍ଥାନ ଖାଲି କରିବାକୁ ଚକ୍ରଧରପୁର ରେଳ ଡିଭିଜନ ପକ୍ଷରୁ ନୋଟିସ କରାଯାଇଛି। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଥିବା ବେଳେ ବର୍ଷାଋତୁରେ ସେମାନେ ଘରଦ୍ୱାର ଛାଡ଼ି ପରିବାର ନେଇ କୁଆଡ଼େ ଯିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହି ସୂଚନା ପାଇବା ପରେ ବିଜେପି ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କ ସହ ଅନ୍ୟ ଦଳୀୟ ନେତୃବୃନ୍ଦ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ବସ୍ତି ବାସିନ୍ଦାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବିନା ଥଇଥାନରେ ଜୋରଜବରଦସ୍ତ ସେମାନଙ୍କୁ କେହି ଉଚ୍ଛେଦ କରିପାରିବେ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ଉଚ୍ଛେଦ ହେବାକୁ ଥିବା ସମସ୍ତ ବାସିନ୍ଦାଙ୍କ ରେକର୍ଡ ରଖିବା ପାଇଁ ସେନାପତି ରେଳବାଇ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ସେମାନଙ୍କୁ ଥଇଥାନ କରିବାରେ ସୁବିଧା ହେବ ବୋଲି ସେ କହିଛନ୍ତି। ବସ୍ତି ବାସିନ୍ଦା କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ ବୋଲି ସେନାପତି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ଅବସରରେ ଆତିଶ ମିଶ୍ର, କୈଳାସ ରାଉତ, ରଣଧିର ଲେଙ୍କା, ଶିବାନନ୍ଦ ବେହେରା, ମନୋଜ ସାହୁ, ପ୍ରଶାନ୍ତ ପଣ୍ଡା, ଅରୁଣ ବାରିକ, କୀର୍ତ୍ତିମାନ ରାୟ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ।

# ଗୁହାଳରେ ପରିଣତ ହୋଇଛି ସୁପର ମାର୍କେଟ କମ୍ପ୍ଲେକ୍ସ

**ରାଉରକେଲା, ୩୦।୬(ସମିସ)**



## ପାଲଟିଛି ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ

ଉଦିତନଗର ଆମ୍ବେଦକର ଛକ ନିକଟରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ପକ୍ଷରୁ ନିର୍ମାଣ କରାଯାଇଥିବା ସୁପର ମାର୍କେଟ କମ୍ପ୍ଲେକ୍ସ ଏବେ ଏକ ଗାଈ ଗୁହାଳରେ ପରିଣତ ହୋଇଛି। ରକ୍ଷଣାବେକ୍ଷଣ ଅଭାବ ତଥା କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ଏହି ମାର୍କେଟ କମ୍ପ୍ଲେକ୍ସ ଜରାଜୀର୍ଣ୍ଣ ହେବା ସହ ମଦ୍ୟପ ତଥା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି।

ସହରରେ ବ୍ୟବସାୟୀଙ୍କ ପାଇଁ ଉନ୍ନତମାନର ବ୍ୟବସାୟ କେନ୍ଦ୍ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ତଥା ଗ୍ରାହକଙ୍କ ସୁବିଧା ନିମନ୍ତେ ଆରଡିଏ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ତେବେ ସମ୍ପୂର୍ଣ୍ଣ ଅଣଦେଖା ତଥା ରକ୍ଷଣାବେକ୍ଷଣ ଅଭାବରୁ ସହରର ପ୍ରମୁଖ ସ୍ଥାନରେ ଥିବା ମାର୍କେଟ କମ୍ପ୍ଲେକ୍ସ ବର୍ତ୍ତମାନ କେବଳ ଗାଈ ଗୁହାଳର ଭ୍ରମ ସୃଷ୍ଟି କରୁନାହିଁ, ବରଂ ସମ୍ପ୍ରତି ଏହା ଭୂତକୋଠିରେ ପରିଣତ ହୋଇଥିବା କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ସେତିକି ନୁହେଁ, କମ୍ପ୍ଲେକ୍ସ କୋଠା ଏବେ ଜରାଜୀର୍ଣ୍ଣ ହୋଇ ଭାଙ୍ଗିରୁଜି ଶ୍ରୀହୀନ ହୋଇପଡ଼ିଥିଲେ ହେଁ ଆରଡିଏ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟର ବିଷୟ। ୧୯୮୫ରେ ଆରଡିଏ ପକ୍ଷରୁ ଏହି ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଦୋକାନ ଗୃହ ଆବଣ୍ଟନ କରାଯାଇଥିଲା। ଏହି କମ୍ପ୍ଲେକ୍ସରେ ମୋଟ ୩୪ ଦୋକାନ ଗୃହ ଥିବା ବେଳେ ଉପର ମହଲାରେ ୨-୩ଟି ବଡ଼ ହଲ ରହିଛି। ବର୍ତ୍ତମାନ ଉପର ମହଲାର ଗୋଟିଏ ହଲ୍‌ରେ ଏକ ବୀମା କମ୍ପାନୀ କାର୍ଯ୍ୟ କରୁଥିବା ବେଳେ ଦୁଇଟି ହଲରେ କ୍ଲିନିକ୍ ଚାଲିଛି।

ଦୀର୍ଘ ବର୍ଷ ହେଲା ଏହି ମାର୍କେଟ କମ୍ପ୍ଲେକ୍ସର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇଗଲାଣି। ଦୋକାନ ଘର ଛାତରୁ ସିମେଣ୍ଟ ପଲସ୍ତରା ଖସି ଲୁହାଛଡ଼ ଦେଖାଯାଉଛି। ଏପରିକି ସିମେଣ୍ଟ ପଲସ୍ତରା ମାର୍କେଟକୁ ଆସୁଥିବା ଗ୍ରାହକ ଏବଂ ବ୍ୟବସାୟୀଙ୍କ ଉପରେ ପଡୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ମାର୍କେଟର କେତେକାଂଶରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଅନ୍ଧକାରମୟ ରହିଛି। ସେହିପରି ବିଦ୍ୟୁତକରଣ ବ୍ୟବସ୍ଥା ଏଠାରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘବର୍ଷ ତଳେ ହୋଇଥିବା ବିଦ୍ୟୁତ ୱାୟରିଂର ଚିହ୍ନବର୍ଣ୍ଣ ନାହିଁ। ବର୍ତ୍ତମାନ କାନ୍ଥରେ ବିପର୍ଯ୍ୟସ୍ତ ଅବସ୍ଥାରେ ବିଦ୍ୟୁତ ତାର ଝୁଲୁଛି। ସନ୍ଧ୍ୟା ହେଲେ ମାର୍କେଟରେ କେବଳ ଅନ୍ଧାର ରାଜୁତି କରୁଛି। ଅନ୍ଧକାରର ସୁଯୋଗ ନେଇ ରାତିରେ ଏଠାରେ ଅସାମାଜିକ ତଥା ମଦ୍ୟପମାନଙ୍କ ଆଡ୍ଡା ଜମୁଛି। ଅସାମାଜିକ ତତ୍ତ୍ୱଙ୍କୁ ଏହା ବେଶ୍ ସୁହାଉଥିବା ବେଳେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଠାରେ ମଦ, ଗଞ୍ଜେଇ ଆସର ଜମୁଛି। ବିଗତ ଦିନରେ ସ୍ଥାନୀୟ ବ୍ୟବସାୟୀଙ୍କ ବାରମ୍ବାର ଦାବି ପରେ କିଛି ବର୍ଷ ପୂର୍ବେ ଆରଡିଏ କର୍ତ୍ତୃପକ୍ଷ ମାର୍କେଟର ମରାମତି ପାଇଁ ପଦକ୍ଷେପ ନେଇଥିଲେ। ମାତ୍ର ବିଭିନ୍ନ କାରଣରୁ ମରାମତି କାର୍ଯ୍ୟ ଅଧପନ୍ତରିଆ ରହିଯାଇଛି।

ରକ୍ଷଣାବେକ୍ଷଣ ଅଭାବରୁ ମାର୍କେଟ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଗତବର୍ଷ ଜାନୁଆରୀରେ ରାଉରକେଲା ସହରରେ ହକି ବିଶ୍ୱକପ୍ ଆୟୋଜନ ପରିପ୍ରେକ୍ଷୀରେ ସହରର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଏହି କ୍ରମରେ ସହରର ଅନ୍ୟତମ ପୁରାତନ ପାନପୋଷ ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଏକ ଉନ୍ନତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ହେଲେ ଏହି ମାର୍କେଟ କମ୍ପ୍ଲେକ୍ସ ଉପେକ୍ଷିତ ହୋଇ ରହିଗଲା। ବର୍ତ୍ତମାନ ଏହି ପୁରାତନ ମାର୍କେଟ କମ୍ପ୍ଲେକ୍ସର ମରାମତି ତଥା ରକ୍ଷଣାବେକ୍ଷଣ ଜରୁରୀ ହୋଇପଡ଼ିଥିବାବେଳେ ଆରଡିଏ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ବ୍ୟବସାୟୀ ମହଲରେ ଦାବି ହେଉଛି।

## ସରକାରୀ ଯୋଜନା ସାତସପନ

# ଦୁର୍ଦ୍ଦିନରେ କୁଲେଇପିଠ ଗ୍ରାମବାସୀ









**ରାଜଗାଙ୍ଗପୁର, ୩୦।୬(ସମିସ):**

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଛତାଆମ ପଞ୍ଚାୟତର ପାହାଡ ପର୍ବତ ଘେରା କୁଲେଇପିଠ ଗ୍ରାମବାସୀଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇଛି। ଏଠାରେ ବାସ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୌଳିକ ସୁବିଧାରୁ ବଞ୍ଚିତ ହୋଇ ବର୍ଷ ବର୍ଷ ଧରି ବହୁ କଷ୍ଟରେ ଜୀବନ କାଟୁଛନ୍ତି ଗ୍ରାମବାସୀ। ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତା

- ତୃଷ୍ଣା ମେଣ୍ଟାଉଛି ଚୁଆ ପାଣି
- ରୋଗୀଙ୍କୁ ମିଳୁନି ଆମ୍ବୁଲାନ୍ସ ସେବା

ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସଡ଼କ, ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଚୁଆ ପାଣି ସେମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ସାହାରା ହୋଇଛି। ଗାଁରେ ଥିବା ନଳକୂପ ଅଚଳ ହୋଇ ପଡ଼ିରହିଛି। ଜଳଯୋଗାଣ ପାଇଁ ବିଭିନ୍ନ ସରକାରୀ ଯୋଜନା ଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ସେ ସବୁ ସାତସପନ ହୋଇ ରହିଯାଇଛି। ଗାଁ ରାସ୍ତାକୁ ସଂଯୋଗ କରିବା ପାଇଁ ୨୦୨୨-୨୩ରେ ୧୦ ଲକ୍ଷ ଓ ୨୦୨୩-୨୪ରେ ପୁଣି ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ହେଲେ ଏପର୍ଯ୍ୟନ୍ତ କଲଭର୍ଟ କାମ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ବର୍ଷାଦିନରେ ସ୍କୁଲ ପିଲା ଶିକ୍ଷାରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଆସିଲେ ମଧ୍ୟ ଗାଁକୁ ଯାଇପାରେ ନାହିଁ। ଫଳରେ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗିବା ସହ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଗମନାଗମନ ଅସୁବିଧା ଯୋଗୁଁ ଗାଁ ଲୋକେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସିପାରୁ ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜାଣିପାରୁନାହାନ୍ତି। ଫଳରେ ଯୋଜନାର ଲାଭ ପାଇପାରୁନାହାନ୍ତି। ଅନେକ ଥର ପଞ୍ଚାୟତରେ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ଆବେଦନ କରିବା ସହ ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ଯୋଜନାରୁ ବଞ୍ଚିତ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ କଲଭର୍ଟ କାମ ବିଳମ୍ବ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଗ୍ରାମକୁ ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଅଧ୍ୟାପିକାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ରାଉରକେଲା, ୩୦।୬(ସମିସ):** ସ୍ଥାନୀୟ ଜଳଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତା ଇଂରାଜୀ ଅଧ୍ୟାପିକା ଜୟଶ୍ରୀ ବାରିକ ରବିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଶନିବାର ମହାବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଅରୁନ୍ଧତୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ବିଦାୟୀ ଅଧ୍ୟାପିକା ବାରିକଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଏକ ଗଣେଶ ମୂର୍ତ୍ତି ସ୍ମାରକୀ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷା, ଅଧ୍ୟାପିକା ଏବଂ କର୍ମଚାରୀମାନେ ବକ୍ତବ୍ୟ ରଖି ବାରିକଙ୍କ ଅଧ୍ୟାପନା ପ୍ରତି ପ୍ରତିବଦ୍ଧତା, ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ତଥା ତାଙ୍କ ସହ କଟିଥିବା ବିଭିନ୍ନ ସ୍ମୃତି ବିଜଡ଼ିତ ମୁହୂର୍ତ୍ତ ବିଷୟରେ ମତ ରଖିଥିଲେ।

ସମ୍ବର୍ଦ୍ଧନାର ଉତ୍ତରରେ ବିଦାୟୀ ଅଧ୍ୟାପିକା ବାରିକ ଦୀର୍ଘ ୩୨ ବର୍ଷର ଅଧ୍ୟାପନା କାଳରେ ମହାବିଦ୍ୟାଳୟରେ ସାଉଁଟିଥିବା ଅନେକ ସ୍ମୃତି ବଖାଣିବା ସହ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଗଣିତ ଅଧ୍ୟାପିକା ଅପରାଜିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ସମସ୍ତ ଏସଏସବି ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ସ୍ୱାଗତ କରାଯାଇଥିଲା।



## ● ରାଉରକେଲା ଟ୍ରକ ମାଲିକ ସଂଘ ନିର୍ବାଚନ

# ମୁକେଶ ସିଂହ ଅଧ୍ୟକ୍ଷ ନିର୍ବାଚିତ



**ରାଉରକେଲା, ୩୦।୬ (ସମିସ):** ରାଉରକେଲା ପାୱାର ହାଉସ୍ ରୋଡର ମହତାବ ରୋଡସ୍ଥିତ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ସଂଘର ୨୦୨୪-୨୫ ବର୍ଷ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ମୁକେଶ ସିଂହ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ୮୬ ଭୋଟ ମଧ୍ୟରୁ ମୁକେଶ ୫୩ ଭୋଟ୍ ପାଇଛନ୍ତି। ସେହିପରି ୫୨ ଭୋଟ ପାଇ ଉପସଭାପତି ଭାବରେ ମୋହନ ସିଂହ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବରେ ଜଗଦୀଶ ଜୟସ୍ୱାଲ ବିଜୟୀ ହୋଇଛନ୍ତି। ସେ ୫୭ ଭୋଟ ପାଇଛନ୍ତି। ସହ-ସମ୍ପାଦକ ଭାବରେ ଅଶୋକ କୁମାର ସାହୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ସଂଘରେ ୯୬ ସଦସ୍ୟ ଥିବାବେଳେ ସେଥିମଧ୍ୟରୁ ୮୬ ଜଣ ଏହି ନିର୍ବାଚନରେ ଭୋଟ୍ ଦେଇଛନ୍ତି। ସକାଳ ସାଢ଼େ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା। ଅପରାହ୍ନ ୨ଟାରୁ ଭୋଟ ଗଣତି ହୋଇଥିଲା। ଅପରାହ୍ନ ୩ଟା ୧୫ରେ ଫଳାଫଳ ଫଳାଫଳ ଘୋଷଣା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବରେ ରବୀନ୍ଦ୍ର ନାଥ ପାଲ୍ ନିର୍ବାଚନ ପରିଚାଳନା କରିଥିଲେ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଜଗାଙ୍ଗପୁର, ୩୦।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ରେଳ ଲାଇନ ପାର ହେଉଥିବା ସମୟରେ ମୌର୍ଯ୍ୟ ଏକ୍ସପ୍ରେସ ଧକ୍କାରେ ମଧୁସୂଦନ କଲୋନୀର ସଞ୍ଜୟ ପାତ୍ର (୪୧)ଙ୍କ ମୃତ୍ୟୁ ହୋଇଛି। ସଞ୍ଜୟ କୌଣସି କାମରେ ରେଳ ଷ୍ଟେସନ ଆସୁଥିବା ବେଳେ ନିର୍ମାଣାଧୀନ ଓଭରବ୍ରିଜ ନିକଟରେ ଦ୍ରୁତଗତିରେ ଆସୁଥିବା ମୌର୍ଯ୍ୟ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ରାଜଗାଙ୍ଗପୁର ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହ ତଦନ୍ତ ଜାରି ରଖିଛି।






ଯେତେ ଅଧିକ ଆଇନ ହେବ, ନ୍ୟାୟିକ ପ୍ରକ୍ରିୟା ସେତେ ବିଳମ୍ବିତ ହେବ।
-ସିସେରୋ

ସକାଳ THE SAKALA

# ନ୍ୟାୟ ମନ୍ଦିରର ସେବକ

ପ୍ରଚଳିତ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଅନ୍ୟାୟ ଅନୀତିର ଶିକାର ହୋଇଥିବା ପୀଡ଼ିତ ବ୍ୟକ୍ତିଟିଏ ଯେତେବେଳେ ସବୁଆଡ଼ୁ ନିରାଶ ହୁଏ, ସେତେବେଳେ ଶେଷ ଆଶ୍ରୟ ରୂପେ ସେ କେବଳ ଦୁଇଟି ସ୍ଥାନକୁ ବାଛି ନିଏ। ଗୋଟିଏ ଦେବାଳୟ ଓ ଅନ୍ୟଟି ନ୍ୟାୟାଳୟ। ତା' ପାଇଁ ନ୍ୟାୟ ଓ ସହାୟତା ପାଇବାର ଶେଷ ଆଶାଟିକକ ଏହି ଦୁଇଟି ସ୍ଥାନରେ ହିଁ ବଞ୍ଚି ରହିଥାଏ। ଆଜିର ବସ୍ତୁବାଦୀ ଦୁନିଆରେ ସମ୍ପୃକ୍ତ ପୀଡ଼ିତ ପ୍ରଥମେ ନ୍ୟାୟାଳୟକୁ ଯିବାକୁ ଉଚିତ୍ ମନେ କରେ। କାରଣ ତା'ର ଦୃଢ଼ ବିଶ୍ୱାସ ଥାଏ ଯେ ଏଠାରେ ହିଁ ତା'କୁ ତା'ର ଅଧିକାର ଓ ପ୍ରକୃତ ନ୍ୟାୟ ମିଳିପାରିବ ଏବଂ କୌଣସି ଅଲୌକିକତା ବିନା ବାସ୍ତବତା ସାକାର ହେବ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କ ନ୍ୟାୟାଳୟ ପ୍ରତି ଏହି ଆଶା, ବିଶ୍ୱାସ, ଭରସା ସର୍ବୋପରି। ତେଣୁ ନ୍ୟାୟାଳୟ ବା କୋର୍ଟକଚେରିକୁ 'ନ୍ୟାୟ ମନ୍ଦିର' ରୂପେ ତୁଳନା କରାଯାଇଆସିଛି। ଏହି ପୃଷ୍ଠଭୂମିରେ ଯଦି କେହି 'ନ୍ୟାୟ ମନ୍ଦିର'ର ଅଧିଷ୍ଠିତ ବିଚାରପତିମାନଙ୍କୁ 'ନ୍ୟାୟଦେବତା' ବା 'ନ୍ୟାୟମୂର୍ତ୍ତି' ରୂପେ ପରିଗଣିତ କରନ୍ତି ତେବେ ସେଥିରେ କିଛି ଅତିଶୟୋକ୍ତି ନାହିଁ। ବିଚାରପତିମାନଙ୍କୁ ଦେବତା ତୁଲ୍ୟ ଆସନ ଦିଆଯାଇଥିବାରୁ ନ୍ୟାୟାଳୟରେ ସମ୍ବୋଧନ ବେଳେ ସେମାନଙ୍କୁ 'ମାଇ ଲର୍ଡ', 'ୟୋର ଲର୍ଡସିପ୍' ଆଦି ସମ୍ବୋଧନ କରାଯିବାର ପରମ୍ପରା କାହିଁ କେତେକାଳରୁ ପ୍ରାୟ ସବୁଦେଶରେ ରହି ଆସିଛି। ଆହୁରି ମଧ୍ୟ ନ୍ୟାୟମୂର୍ତ୍ତିମାନେ ମାନବୀୟ ଆବେଗରେ ପ୍ରଭାବିତ ହୋଇ ଦୟା, କ୍ଷମା, କ୍ରୋଧ ଓ ମୋହଗ୍ରସ୍ତ ହୋଇ ନ୍ୟାୟରେ ଅବହେଳା କରିବେ ନାହିଁ ବୋଲି ନ୍ୟାୟର ଦେବୀଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧା ହୋଇ ହାତରେ ନିକିତି ଓ ଦଣ୍ଡ ଧାରଣ କରିଥିବାର ପ୍ରତିମୂର୍ତ୍ତିର ପରିକଳ୍ପନା କରାଯାଇଛି। ଅପରପକ୍ଷରେ ଯଦି ସାଧାରଣ ଜନତା ସମ୍ପୃକ୍ତ ନ୍ୟାୟ ଦେବତାଙ୍କ ପାଖରୁ ଅଲୌକିକତା ଆଶା କରନ୍ତି କିମ୍ବା ସେମାନେ ସର୍ବଶକ୍ତିମାନ ବୋଲି ଧାରଣା ସୃଷ୍ଟି କରନ୍ତି ତେବେ ତାହା ଅଯୌକ୍ତିକ। ବିଚାରପତି ବା ନ୍ୟାୟର ଦେବତାମାନେ ରକ୍ତ, ମାଂସଧାରୀ ସାଧାରଣ ମଣିଷ। ସେମାନଙ୍କର କିଛି ନିର୍ଦ୍ଦିଷ୍ଟ ଭାବଗତ, ବୈଚାରିକ ସୀମା ମଧ୍ୟ ରହିଛି। ସେମାନେ ତ୍ରିକାଳଦର୍ଶୀ ହୋଇ ନ ଥିବାରୁ ସେମାନଙ୍କ ବିଚାର ଓ ନ୍ୟାୟ ପ୍ରଦାନର ଦୃଷ୍ଟିକୋଣ ଓ ରାୟ ପ୍ରଦାନରେ କିଛି ଭୁଲ୍ ଭଟକା ତଥା ସୀମିତ ପ୍ରଭାବ ରହିଯାଇ ଥାଇପାରେ। ତେଣୁ ନ୍ୟାୟମୂର୍ତ୍ତିମାନେ ନିଜକୁ ଦେବତା ବୋଲି ମନେ ନ କରିବା ମଧ୍ୟ ସ୍ୱାଭାବିକ।

ଏକଥା ଏଠାରେ ଅବତାରଣା କରିବାର ପୃଷ୍ଠଭୂମି ହେଲା ନିକଟରେ ଏଭଳି ଏକ ବିଷୟକୁ ନେଇ ବିତର୍କ ସୃଷ୍ଟି ହୋଇଛି। ନ୍ୟାୟାଳୟ ଏକ ମନ୍ଦିର ଏବଂ ନ୍ୟାୟମୂର୍ତ୍ତିମାନେ ଦେବତା ସହିତ ତୁଳନୀୟ କି ନୁହେଁ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଘଟଣାର ପୃଷ୍ଠଭୂମି ହେଉଛି କୋଲକାତାର ନ୍ୟାଶନାଲ୍ ଜୁଡିସିଆଲ୍ ଏକାଡେମି। ଏହାର ବାର୍ଷିକ ସମ୍ମିଳନୀରେ ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ସମେତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଞ୍ଚାସୀନ ଥିଲେ। ମମତା ବାନାର୍ଜୀ ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଯେ ନ୍ୟାୟପାଳିକା ସମ୍ପୂର୍ଣ୍ଣ ରୂପେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଶୁଦ୍ଧ, ସ୍ୱଚ୍ଛ ଓ ପବିତ୍ର ହେବା ଦରକାର। କାରଣ ଲୋକମାନେ ନ୍ୟାୟପାଳିକାକୁ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ମନ୍ଦିର, ଗୁରୁଦ୍ୱାରା, ଗୀର୍ଜା, ମସଜିଦ୍ ରୂପେ ସମ୍ମାନ କରି ଆସୁଛନ୍ତି। ଏହାପରେ ଶ୍ରୀଚନ୍ଦ୍ରଚୂଡ଼ ନିଜ ମତ ରଖି କହିଥିଲେ ଯେ ଅଦାଲତ ମନ୍ଦିର କିମ୍ବା ବିଚାରପତିମାନେ ଦେବତା ନୁହନ୍ତି। ବିଚାରପତିମାନେ ନିଜକୁ ଏଭଳି ମନେ କରିବାରେ ସାଂଘାତିକ ବିପଦ ରହିଛି। ବିଚାରପତିମାନେ ଦେଶର ସମ୍ବିଧାନ ପ୍ରଦତ୍ତ ଅଧିକାର ଅନୁଯାୟୀ ନିଜକୁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେବକ ବୋଲି ବିବେଚନା କରିବା ଅଧିକ ଠିକ୍ ହେବ। ବିଚାରପତିମାନଙ୍କୁ ଦେବତା ତୁଲ୍ୟ ବିଚାର ନ କରିବା ପାଇଁ ଅନୁରୋଧ କରିବା ଭାରତରେ ଏହା ପ୍ରଥମଥର ନୁହେଁ। ୨୦୨୩ ଅକ୍ଟୋବର ମାସରେ ଏକ ମାମଲାର ଶୁଣାଣି ଅବସରରେ କେରଳ ହାଇକୋର୍ଟ ବିଚାରପତି ପି ଭି କୁନ୍ନିକ୍ରିଷ୍ଣନ୍ ମଧ୍ୟ ଅନୁରୂପ ମତ ଦେଇ କହିଥିଲେ ଯେ ନ୍ୟାୟାଳୟ ନ୍ୟାୟ ମନ୍ଦିର ବୋଲି ବିବେଚିତ ହେଉଥିଲେ ମଧ୍ୟ ସେଠାରେ ବସୁଥିବା ବିଚାରପତିମାନେ ଦେବତା ନୁହନ୍ତି। ତେଣୁ ଅଦାଲତରେ 'ଯୋଡ଼ ହସ୍ତ' କିମ୍ବା 'ଲୁହ'ର ଗୁରୁତ୍ୱ ନାହିଁ।

କେରଳ ହାଇକୋର୍ଟ ବିଚାରପତି କୁନ୍ନିକ୍ରିଷ୍ଣନ୍ ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ମନ୍ତବ୍ୟରେ ଯେଉଁ ସାମାନ୍ୟ କଥନର ଇଙ୍ଗିତ ରହିଛି ତାହା ହେଉଛି - ଅଦାଲତ ଓକିଲମାନଙ୍କ ସ୍ୱର୍ଗ। ସେଠାରେ ଅନୁନୟ ବିନୟ ବଦଳରେ ଆଇନସିଦ୍ଧଯୁକ୍ତି ତର୍କର ଗୁରୁତ୍ୱ ଅଧିକ। ସେହିପରି ମନ୍ଦିର ହେଉ ବା ଗୀର୍ଜା ବା ମସଜିଦ୍ - ଏହି ସବୁ ଧର୍ମାନୁଷ୍ଠାନରେ ଶୁଦ୍ଧ ଓ ସମର୍ପିତ ହୃଦୟର ପ୍ରାର୍ଥନା ଓ ପଶ୍ଚାତାପର ଅଶ୍ରୁ ବଦଳରେ କୃତକର୍ମ ପାଇଁ ଦୟା ଓ କ୍ଷମା ମିଳୁଥିବା ବେଳେ କୋର୍ଟରେ କେବଳ ଯୁକ୍ତିସଂଗତ, ନ୍ୟାୟ ଆଧାରିତ, ଆଇନ ଅନୁମୋଦିତ ଏବଂ ସାକ୍ଷ୍ୟ, ତଥ୍ୟ ଓ ପ୍ରମାଣ ବଳରେ ରାୟ ମିଳେ। ଅଦାଲତରେ ଅପରାଧୀର ପଶ୍ଚାତାପ ପାଇଁ କ୍ଷମା, ଦୟା ନୁହେଁ ଅପରାଧ ପାଇଁ ଦଣ୍ଡବିଧାନ ଅନିବାର୍ଯ୍ୟ। ତେଣୁ ବିଚାରପତିମାନେ ଭାବପ୍ରବଣତାରୁ ଊର୍ଦ୍ଧ୍ୱରେ ଏକ ନିର୍ଦ୍ଦିଷ୍ଟ ସମ୍ବିଧାନ ପ୍ରଦତ୍ତ ବିଧିବ୍ୟବସ୍ଥା ଭିତରେ ବନ୍ଧା। ସେମାନେ କ୍ଷମାଶୀଳ ହେବା ପରିବର୍ତ୍ତେ ଆଇନାନୁମୋଦିତ କର୍ତ୍ତବ୍ୟ ପରାୟଣ ଓ ସମ୍ବିଧାନ ପ୍ରତି ନିଷ୍ଠାବାନ ହେବା ଅପରିହାର୍ଯ୍ୟ। ସମ୍ବିଧାନକୁ ଉଚିତ ସମ୍ମାନ ଦେବା, ତାହାର ଆଦେଶ ପାଳନ କରିବା ଏବଂ ସେହି ଆଧାରରେ ନାଗରିକଙ୍କୁ ନ୍ୟାୟ ଦେବା ହିଁ ନ୍ୟାୟମୂର୍ତ୍ତିଙ୍କ ପ୍ରଥମ ଓ ପ୍ରଧାନ ଧର୍ମ। ତେଣୁ ନ୍ୟାୟମୂର୍ତ୍ତିମାନେ ଦେବତା ପଦବାଚ୍ୟ ହେବେ ବା କେମିତି? ଯଦି ବିଚାରପତିମାନେ ଦେବତା ହୋଇଥା'ନ୍ତେ ତେବେ ଆଜି ଭାରତର ବିଭିନ୍ନ କୋର୍ଟକଚେରିରେ ୫ କୋଟିରୁ ଊର୍ଦ୍ଧ୍ୱ ମାମଲା ବିଚାର ଅପେକ୍ଷାରେ ପଡ଼ି ରହି ନଥା'ନ୍ତା କି ଜେଲ୍ ଭିତରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ୁ ନଥା'ନ୍ତା।

ମୋଟ ଉପରେ ବିଚାର କଲେ ବିଚାରପତିମାନେ ଦେବତା ପଦବାଚ୍ୟ କି ନୁହନ୍ତି ତାହାର ଉଭୟ ପକ୍ଷବାଦୀ ତର୍କ ରହିଛି। ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକମାନେ ନ୍ୟାୟ ଓ ଅଧିକାର ପାଇଁ ଶେଷଭରସା ରୂପେ ନ୍ୟାୟାଳୟ ଓ ନ୍ୟାୟମୂର୍ତ୍ତିମାନଙ୍କୁ ଆଦରି ନେଇଥିବାରୁ ଏବଂ ଉଚିତ ନ୍ୟାୟ ପ୍ରଦାନ ଏକ ଦେବସୁଲଭ ଗୁଣ ହୋଇଥିବାରୁ ବିଚାରପତିମାନଙ୍କୁ ଦେବତାତୁଲ୍ୟ ମନେ କରିବା ନାଗରିକମାନଙ୍କ ଦ୍ୱାରା ନ୍ୟାୟ ବ୍ୟବସ୍ଥା ପ୍ରତି ଥିବା ଆସ୍ଥାର ପରିଚାୟକ। ଏହି ଭାବପ୍ରବଣତା ଆଧାରରେ ଆମେ ଡାକ୍ତରମାନଙ୍କୁ ମଧ୍ୟ 'ଦ୍ୱିତୀୟ ଭଗବାନ' ଆଖ୍ୟା ଦେଇଥାଉ। ଏହିଦୃଷ୍ଟିରୁ ଦେଖିଲେ ମମତା ବାନାର୍ଜୀଙ୍କ ମତ ବିଶାଳ ଓ ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହଣଯୋଗ୍ୟ। କିନ୍ତୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କଲେ ବିଚାରପତିମାନେ ଯଦି ଲୋକଙ୍କ ଭାବପ୍ରବଣତାକୁ ସମ୍ମାନ ଦେଇ ନିଜକୁ ଦେବତୁଲ୍ୟ ବୋଧ କରିବେ ତେବେ ସମ୍ବିଧାନ ଓ ଆଇନ ବାଟ ହୁଡ଼ିବାର ଆଶଙ୍କା ଅଧିକ। ତେଣୁ ଏହି ଦୃଷ୍ଟିରୁ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ମତ 'ବିଚାରପତିମାନଙ୍କୁ ଦେବତା ତୁଲ୍ୟ ବିଚାର କରିବା ଏକ ସାଂଘାତିକ ବିପଦ' ଅଧିକ ପ୍ରଣିଧାନଯୋଗ୍ୟ। ତେଣୁ ଆମେ ଏହି ଉପସଂହାରରେ ପହଞ୍ଚି ପାରିବା ଯେ ବିଚାରପତିମାନେ ଦେବତା ନ ହେଲେ ମଧ୍ୟ ଦେବତୁଲ୍ୟ ଆଚରଣ କରି ନିଷ୍ପେସିତ, ଅବହେଳିତ, ଗରିବ ପୀଡ଼ିତ ଜନତାଙ୍କ ପ୍ରତି ନ୍ୟାୟ ସେବା ପ୍ରଦାନରେ ଅଧିକ ସହାନୁଭୂତିଶୀଳ ହେବା ଆବଶ୍ୟକ। ଏଥିପାଇଁ ସେମାନେ ଅଧିକ ସ୍ୱଚ୍ଛ, ନିର୍ମଳ, ନିରପେକ୍ଷ ହେବା ସହିତ ରାଜନୈତିକ ସ୍ୱାର୍ଥ, ନିଜସ୍ୱ ଆଦର୍ଶରୁ ଊର୍ଦ୍ଧ୍ୱରେ ରହିବା ବିଧେୟ। ସେମାନେ ଯଥାର୍ଥରେ ନ୍ୟାୟ ମନ୍ଦିରର ସେବକ। ●

# ବାସହରା ବନ୍ୟପ୍ରାଣୀ



ଡକ୍ଟର ସୁନ୍ଦର ନାରାୟଣ ପାତ୍ର
ମୋ: ୯୪୩୭୧୯୦୪୨୦

ପ୍ରାକୃତିକ ଜଙ୍ଗଲ ହେଉଛି ବନ୍ୟପ୍ରାଣୀମାନଙ୍କ ମୂଳ ଆବାସ ସ୍ଥାନ। ପ୍ରାକୃତିକ ଜଙ୍ଗଲ ମଧ୍ୟ ଏକ ଜଟିଳ ପୂର୍ଣ୍ଣାଙ୍ଗ ପରିସଂସ୍ଥା, ଯେଉଁଥିରେ ବିବିଧ ଉଦ୍ଭିଦ ତଥା ପ୍ରାଣୀ ଏକତ୍ର ବାସ କରନ୍ତି। ସେଥିରେ ଖାଦ୍ୟ ଓ ଖାଦକ ଉଭୟ ଶ୍ରେଣୀର ପ୍ରାଣୀ ସ୍ଥାନୀୟ ପରିବେଶ ଓ ପ୍ରାକୃତିକ ସମ୍ପଦକୁ ସମ ଭାବରେ ଉପଭୋଗ କରନ୍ତି। କିନ୍ତୁ ଅଦୂରଦୃଷ୍ଟି ମାନବୀୟ କାର୍ଯ୍ୟକଳାପ ଯଥା ଖଣିଖାଦାନ, ଶିଳ୍ପ, ସହର ସମ୍ପ୍ରସାରଣ, ରାସ୍ତାଘାଟ ନିର୍ମାଣ ଇତ୍ୟାଦି ହେତୁ ଅବିଚାରିତ ଭାବରେ ପ୍ରାକୃତିକ ଜଙ୍ଗଲ ଅପସାରଣ ହୋଇ ଚାଲିଛି। ଫଳରେ ପ୍ରାକୃତିକ ଜଙ୍ଗଲ ନିଜର ପରିସଂସ୍ଥୀୟ ସେବା ପ୍ରଦାନ କ୍ଷମତା ହରେଇ ବସୁଛି। ପରିସଂସ୍ଥୀୟ ସେବା କହିଲେ ଜଳଚକ୍ର ନିୟନ୍ତ୍ରଣ, ବୃଷ୍ଟିଜଳ ଉତ୍ପାଦନ, ପରିସଂସ୍ଥୀୟ ସନ୍ତୁଳନ, ଉତ୍ତାପ ନିୟନ୍ତ୍ରଣ, ବାୟୁମଣ୍ଡଳର ବିଶୁଦ୍ଧିକରଣ, ମୃତ୍ତିକା ସଂରକ୍ଷଣ, ବିବିଧ ପ୍ରାଣୀ ତଥା ଉଦ୍ଭିଦ ପାଇଁ ଆଶ୍ରୟ ପ୍ରଦାନ ଇତ୍ୟାଦିକୁ ବୁଝାଏ। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ବର୍ତ୍ତମାନ ବିଶ୍ୱ ଜଳବାୟୁରେ ବହୁତ ଅନିୟମିତତା ଘଟିଚାଲିଛି। ବାୟୁମଣ୍ଡଳର କ୍ରମଶଃ ଉତ୍ତାପମୁଖୀ ହୋଇ ଚାଲିଛି, ସାମୁଦ୍ରିକ ଜଳ ପତନ ବଢ଼ିବାରେ ଲାଗିଛି, ଉପକୂଳବର୍ତ୍ତୀ ଲୁଣାଜଙ୍ଗଲ କ୍ରମେ ସଙ୍କୁଚିତ ହେଉଛି, ସ୍ଥଳ ଭାଗରେ ଜଙ୍ଗଲ ଅପସରି ଯାଉଛି ଏବଂ ଘନତା ହରାଉଛି। ଜଙ୍ଗଲରେ ନିଆଁ ଲାଗୁଛି, ବନ୍ୟା, ବାତ୍ୟା, ଝଡ଼, ମରୁଡ଼ି ହେତୁ ଜଙ୍ଗଲ ଛାରଖାର ହେଉଛି, ପ୍ରାକୃତିକ ଜଳଉତ୍ସ ତାହାର ଜଳଧାରଣ ଶକ୍ତି ହରାଇ ବସୁଛି।

ଗତ ଏପ୍ରିଲ ମାସରେ ଓଡ଼ିଶାର ଏକମାତ୍ର ସଂରକ୍ଷିତ ଜୈବମଣ୍ଡଳ ଶିମିଳିପାଳରେ ଏକାସାଙ୍ଗରେ ୩୫ଟି ସ୍ଥାନରେ ବନାଗ୍ନି ଘଟିଥିଲା। ଏହାକୁ ଆୟତ୍ତ କରିବାରେ ବନବିଭାଗ ସଫଳ ହୋଇଥିଲେ ହେଁ ଅପୂରଣୀୟ ପରିସଂସ୍ଥାଜନିତ କ୍ଷୟକ୍ଷତି ଘଟିଥିଲା। ସେହି ସମୟରେ ଖଣ୍ଡପଡ଼ା ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ତିନି ସପ୍ତାହ ଧରି ନିଆଁ ଲାଗିରହିଥିଲା। ଏଭଳି ପରିସ୍ଥିତିରେ ବନ୍ୟଜନ୍ତୁମାନେ ଖାଦ୍ୟ ଓ ଜଳ ଅଭାବରୁ ଜନବସତି ମୁହାଁ ହେବା ସ୍ୱାଭାବିକ। ବନ୍ୟପ୍ରାଣୀ ସଂଖ୍ୟା ବଢ଼ିବା ଅନୁପାତରେ ଜଙ୍ଗଲ ଇଲାକା ଯଦି ବଢ଼େ ସମସ୍ୟା ବିଶେଷ ରହିବ ନାହିଁ। କିନ୍ତୁ ଏହା ପରିବର୍ତ୍ତେ ଜଙ୍ଗଲ ଅଞ୍ଚଳ ହ୍ରାସ ହେବାରେ ଲାଗିଛି। ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳ ବନାଞ୍ଚଳ ଅଧିବାସୀ ଏବଂ ବନ୍ୟପ୍ରାଣୀ ଉଭୟ ଚାପର ସମ୍ମୁଖୀନ ହେଉଥିବା ଫଳରେ ବନ୍ୟପ୍ରାଣୀ ଏବଂ ମଣିଷଙ୍କ ମଧ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଛି। ନିକଟ ଅତୀତରେ କେରଳର ୱନୋଡ ଜିଲ୍ଲାରେ ୪ଟି ମୃତ ଗାଈ ଧରି ହଜାରରୁ ଊର୍ଦ୍ଧ୍ୱ ଲୋକ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଅସନ୍ତୋଷର କାରଣ ଥିଲା ଗୋଟିଏ ବାଘ ସେହି ଗାଈମାନଙ୍କୁ ମାରି ଦେଇଥିଲା। ପଶ୍ଚିମ ଘାଟ ଅନ୍ତର୍ଗତ ୱନୋଡ ଅଭୟାରଣ୍ୟରୁ ବାଘଟିଏ ଆସି ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଥିଲା। ଲୋକଙ୍କ ଦାବି ହେଲା ବାଘଟିକୁ ଗୁଳି କରି ହତ୍ୟା କରାଯାଉ ଏବଂ ସେମାନଙ୍କୁ କ୍ଷତିପୂରଣ ଦିଆଯାଉ।

ଖାଦ୍ୟ ତଥା ପାନୀୟ ଜଳ ଅନ୍ୱେଷଣରେ ବନ୍ୟପ୍ରାଣୀମାନେ ଅନେକ ସମୟରେ ଗ୍ରାମାଞ୍ଚଳରେ ପଶି ଗୋରୁଗାଈ, ମେଣ୍ଢା, ଛେଳିଙ୍କୁ ଶିକାର କରନ୍ତି। ତୃଣଭୋଜି ପ୍ରାଣୀ ହାତୀ ବିଲବାଡ଼ରେ ପଶି କଦଳୀ ଗଛ, ଆମ୍ବ ଗଛ, ପଣସ ଗଛ ଇତ୍ୟାଦି ଖାଇ ଦିଅନ୍ତି।



ଧାନ, ମକା ଇତ୍ୟାଦି ଫସଲ ଦଳିଚକଟି ନଷ୍ଟ କରି ଦିଅନ୍ତି। ଗତ ଜୁନ ମାସରେ ଛତିଶଗଡ଼ର କାଙ୍କେଇ ଜିଲ୍ଲା ଅନ୍ତର୍ଗତ ଚିନାର ଗ୍ରାମରେ ଜଣେ ୭୫ ବୟସ୍କା ବୃଦ୍ଧାଙ୍କୁ ଶୋଇଥିବା ଅବସ୍ଥାରେ ଏକ କଲରାପତରିଆ ବାଘ ଘରୁ ଟାଣି ନେଇ ଶିକାର କରିଥିଲା। ଏହାର କିଛିଦିନ ପୂର୍ବରୁ ଏକ ମଣିଷଖିଆ ବାଘ ଛତିଶଗଡ଼ର ବିଭିନ୍ନ ଗ୍ରାମରେ ୫/ ୬ ଜଣଙ୍କୁ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଥିଲା। ସେଭଳି ଗତ ଜୁନ୍ ମାସରେ କେନ୍ଦୁଝର ଜିଲ୍ଲା ପାଟଣାରେଞ୍ଜ ଖିରେଇଟାଙ୍ଗିରୀ ସେକ୍‌ସନ ନିହୁଆ ଗ୍ରାମରେ ହେଟା ବାଘ ଆକ୍ରମଣରେ ୪ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଥିଲେ। ଗତ ମେ' ମାସରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରରେ ଏକ କଲରାପତରିଆ ବାଘ ପଶି ଲୋକଙ୍କୁ ଆତଙ୍କିତ କରିଦେଇଥିଲା। ବନବିଭାଗ ବହୁ କଷ୍ଟସାଧ୍ୟ ପରିଶ୍ରମ କରି ବାଘଟିକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ। ସେଭଳି ଭାଲୁ, ହେଟା ବାଘ ଭଳି ଅନେକ ବନ୍ୟପ୍ରାଣୀ ବିଭିନ୍ନ ସମୟରେ ଜନବସତିରେ ପଶି ଆତଙ୍କ ସୃଷ୍ଟି କରିବାର ଉଦାହରଣ ଆମ ରାଜ୍ୟ ସମେତ ଦେଶରେ ବହୁଳ।

ଓଡ଼ିଶାର କଳାହାଣ୍ଡି ଜିଲ୍ଲାର କଲମପୁର ବ୍ଲକ ଅନ୍ତର୍ଗତ ଦେପୁର ପଞ୍ଚାୟତର ଦୁଇଟି ଗ୍ରାମ ଯଥା ଘରଲା ଓ ଦେଉଳପଡ଼ା ଗ୍ରାମବାସୀଙ୍କ ନିଦ ହଜେଇ ଦେଇଛି ଏକ ଦନ୍ତାହାତୀ। ସିଙ୍ଗାରା ସଂରକ୍ଷିତ ଜଙ୍ଗଲରୁ ଆସି ୧୨ ଜଣିଆ ହାତୀପଲ ଉକ୍ତ ଅଞ୍ଚଳରେ ପଶି ଧାନ ଗଛ ନଷ୍ଟ କରିବା ସହିତ ପନିପରିବା ଓ କଦଳୀ ଗଛ ଉପାଡ଼ିବା ସହିତ ଘର ଭାଙ୍ଗି ଗ୍ରାମବାସୀଙ୍କୁ ଭୟଭୀତ କରି ରଖିଥିବା ବେଳେ ୧୧ଟି ଅନ୍ୟ କେଉଁ ଆଡ଼େ ଚାଲିଯାଇଥିଲେ। ସେଥିରୁ ଗୋଠଛଡ଼ା ହୋଇ ଗୋଟିଏ ଦନ୍ତାହାତୀ ଘରଲା ଓ ଦେଉଳପଡ଼ା ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଗାଁ ଲୋକମାନେ ଶୌଚ ଇତ୍ୟାଦି ନିତ୍ୟକର୍ମ ପାଇଁ କେନାଲ ହୁଡ଼ାକୁ ଯିବାକୁ ଭୟ କରୁଥିଲେ। କଳାହାଣ୍ଡି ଜିଲ୍ଲାରେ ହାତୀପଲ ଆସିବା, ଫସଲ ହାନି ଓ ଘରଦ୍ୱାର ଭାଙ୍ଗିବା ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ଏକର ଏକର ଫସଲ ନଷ୍ଟ ହେବା ସହ ଧନଜୀବନ ହାନି ଘଟିବା କିଛି ନୂଆ କଥା ନୁହେଁ କଳାହାଣ୍ଡିରେ। ଗତ ଏପ୍ରିଲ ମାସ ପ୍ରଥମାର୍ଦ୍ଧରେ ଓଡ଼ଗାଁ ଓ ପଞ୍ଚରିଡ଼ା ବନାଞ୍ଚଳ ସୀମାନ୍ତରେ ଲଗାତାର ୧୫ ଦିନ ହେବ ଏକ ହାତୀ ପଲ ଗାଁ ଭିତରେ ପଶି ଖରାଦିନିଆ ଧାନ ଫସଲ, ପନିପରିବା, କଦଳୀ, ପଣସ ଗଛ ନଷ୍ଟ କରି ଉଜାଡ଼ି ଦେଇଥିଲେ।

ତେବେ ଚିନ୍ତାର କାରଣ ହେଉଛି ଏଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ଉଭୟ ଖାଦ୍ୟ ଓ ପାନୀୟ ଜଳ ନ ପାଇ ବିଭିନ୍ନ ସମୟରେ ହାତୀମାନେ ଜନବସତି ମୁହାଁ ହୋଇ କେଉଁଠି ଶିକାରୀଙ୍କ ହାବୁଡ଼େ ପଡ଼ି ମୃତ୍ୟୁବରଣ କରୁଥିବା ବେଳେ କେତେକ ଅଞ୍ଚଳରେ ଚାଷୀମାନଙ୍କ କ୍ଷେତ ନଷ୍ଟ କରିବାରୁ ଚାଷୀମାନେ କ୍ଷତି ସହୁଛନ୍ତି ଏବଂ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ୨୦୨୦ରୁ ୨୦୨୪ ମଧ୍ୟରେ ୪ ବର୍ଷରେ କେବଳ ଆଠଗଡ଼ ଅଧୀନରେ ଥିବା ୫ ଗୋଟି ବନାଞ୍ଚଳରେ ମୋଟ ୨୩ଟି ହାତୀ ମୃତ୍ୟୁବରଣ କରିଥିବା କୁହାଯାଉଛି। 'ୱାଇଲ୍ଡଲାଇଫ ସୋସାଇଟି ଅଫ ଓଡ଼ିଶା'ର ଏକ ରିପୋର୍ଟ ଅନୁଯାୟୀ, ୨୦୨୩-୨୪ରେ ପ୍ରାୟ ୧୫୦ ଜଣଙ୍କର ହାତୀ ଆକ୍ରମଣରେ ପ୍ରାଣହାନି ହୋଇଥିବା ବେଳେ ଏହା ହେଉଛି ଦେଶରେ ସର୍ବାଧିକ। ସେହିପରି ୨୦୨୨-୨୩ରେ ମଧ୍ୟ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇରେ ମଣିଷ ମୃତକଙ୍କ ସଂଖ୍ୟା ଥିଲା ୧୪୮ ଓ ସେହିବର୍ଷ ମଧ୍ୟ ଦେଶରେ ଏହା ଥିଲା ସର୍ବାଧିକ।

ଏହି ସମସ୍ୟାର ସ୍ଥାୟୀ ନିରାକରଣ ତଥା ସମାଧାନ ପାଇଁ ଅନେକଗୁଡ଼ିଏ ଗଠନମୂଳକ ପଦକ୍ଷେପ ନେବା ନିହାତି ଜରୁରୀ। ପ୍ରଥମେ ଜଙ୍ଗଲରେ ଯେଉଁ ପ୍ରାକୃତିକ ସମ୍ପଦ ରହିଛି ଯଥା ହାତୀ, ହରିଣ, ସମ୍ବର ଇତ୍ୟାଦି ତୃଣଭୋଜି ପ୍ରାଣୀଙ୍କ ପାଇଁ ବିବିଧ ଖାଦ୍ୟ ଉପଯୋଗୀ ବୃକ୍ଷଲତା, ମାଂସାଶୀ ପ୍ରାଣୀଙ୍କ ପାଇଁ ହରିଣ ସମ୍ବର ଜାତୀୟ ତୃଣଭୋଜି ପ୍ରାଣୀ, ପର୍ଯ୍ୟାପ୍ତ ପରିମାଣ ଜଳ, ଇତ୍ୟାଦି ଉପଲବ୍ଧ ଅଛି କି ନାହିଁ ଆକଳନ କରିବାକୁ ହେବ। ବନ୍ୟପ୍ରାଣୀଙ୍କ ଘନତା ଅନୁସାରେ ମୁକ୍ତଭାବରେ ଚଳପ୍ରଚଳ କରିବା ପାଇଁ ବ୍ୟାପକ ବନାଞ୍ଚଳ, ଜାତୀୟ ଉଦ୍ୟାନ ତଥା ଅଭୟାରଣ୍ୟ ଅଞ୍ଚଳକୁ ଜନବସତିଶୂନ୍ୟ କରିବା, ସମ୍ପୃକ୍ତ ଅଞ୍ଚଳରେ ଗୃହପାଳିତ ପଶୁମାନଙ୍କୁ ଗୁହାଳରେ ସୁରକ୍ଷିତ ଭାବରେ ରଖିବା, ବନବିଭାଗ ଓ ସରକାର ବନ୍ୟପ୍ରାଣୀ ଦ୍ୱାରା ଫସଲ ତଥା ଜନଜୀବନ ହାନି ପାଇଁ ତ୍ୱରିତ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବା, ଜଙ୍ଗଲରେ ଜଳ ଉତ୍ସ ଯେଭଳି ନିରନ୍ତର ପାନୀୟ ଜଳ ଯୋଗାଇବ ସେଥିପାଇଁ ବିହିତ ବ୍ୟବସ୍ଥା କରିବା, ବନ୍ୟପ୍ରାଣୀଙ୍କ ଚାହିଦା ମୁତାବକ ବିଭିନ୍ନ ବୃକ୍ଷଲତା ରୋପଣ କରିବା, ବନାଗ୍ନିକୁ ତୁରନ୍ତ ନିର୍ବାପିତ କରିବା ବ୍ୟବସ୍ଥା କରିବା, ବନ କର୍ମଚାରୀଙ୍କୁ ବନ୍ୟପ୍ରାଣୀଙ୍କ ପ୍ରତି କିଭଳି ବ୍ୟବହାର ପ୍ରଦର୍ଶନ କରିବେ ଏବଂ ବିପଦଆପଦ ବେଳେ ନିଜକୁ କିଭଳି ସୁରକ୍ଷିତ ରଖିବେ ସେ ବିଷୟରେ ପ୍ରଶିକ୍ଷଣ ଦେବା ଭଳି ଅନେକ ସୁପରିକଳ୍ପିତ ପଦକ୍ଷେପ ନେବା ଆବଶ୍ୟକ। ସର୍ବୋପରି ଏକ ନିର୍ଦ୍ଦିଷ୍ଟ ପରିସଂସ୍ଥାରେ ଖାଦ୍ୟ ଶୃଙ୍ଖଳରେ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ ଅନୁସାରେ କିଛି ପ୍ରାଣୀଙ୍କୁ ସ୍ଥାନାନ୍ତରିତ କଲା ବେଳେ କିଛି ପ୍ରାଣୀ ଆଣି ଭର୍ତ୍ତି କରିବା ଆବଶ୍ୟକ।

ଓଡ଼ିଶାରେ ବର୍ତ୍ତମାନ ୧୯ ଟି ଅଭୟାରଣ୍ୟ ଅଛି, ଯାହାର ଆୟତନ ସମୁଦାୟ ବନାଞ୍ଚଳ ଆୟତନର ୧୦.୩୭ ଭାଗ। ଓଡ଼ିଶାର ବନାଞ୍ଚଳ ହେଉଛି ୫୮, ୧୪୦ ବର୍ଗ କିଲୋମିଟର। ବର୍ତ୍ତମାନ କେବଳ ଅଭୟାରଣ୍ୟଗୁଡ଼ିକରେ ହିଁ ଅଧିକାଂଶ ବନ୍ୟପ୍ରାଣୀ ଅଛନ୍ତି। ତେଣୁ ସେଗୁଡ଼ିକର ପ୍ରାକୃତିକତା ଯେଭଳି ନଷ୍ଟ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ଉଚିତ୍। ଆବଶ୍ୟକ ସ୍ଥଳେ ଆହୁରି କିଛି ନୂତନ ବନାଞ୍ଚଳକୁ ନେଇ ଅଧିକ ଅଭୟାରଣ୍ୟ ସୃଷ୍ଟି କରାଯିବା ଦରକାର। ●

ଭୁବନେଶ୍ୱର
ସଭାପତି- ଓଡ଼ିଶା ପରିବେଶ ସମିତି

# ନିଶାମୁକ୍ତ ଶିକ୍ଷା ପରିସର କେବେ?



ପୁଷ୍ପମିତ୍ର ମହାପାତ୍ର

ଶିକ୍ଷା ପରିସରକୁ ନିଶା ମୁକ୍ତ ଓ ତମାଖୁ ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତମାଖୁ ବର୍ଜନ ଦିବସ ଆସିଲେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନିକଟରେ ପାଳିତ ହୋଇଛି ବିଶ୍ୱ ତମାଖୁ ବର୍ଜନ ଦିବସ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଏହାକୁ ପାଳନ କରାଯାଉଛି। ସଚେତନା ଶୋଭାଯାତ୍ରା ମଧ୍ୟ କରାଯାଉଛି। ସବୁପରେ ମଧ୍ୟ ଏହାକୁ ବନ୍ଦ କରାଯାଇପାରୁନାହିଁ। ସ୍କୁଲ, କଲେଜ ପାଖରେ ଖୋଲିଥିବା ସିଗାରେଟ, ଗୁଟଖା ଦୋକାନ ବନ୍ଦ ହୋଇପାରୁନି। ଶିକ୍ଷାନୁଷ୍ଠାନର ଶହେମିଟର ଦୂରରେ କୌଣସି ନିଶା କିମ୍ବା ତମାଖୁ ଜାତୀୟ ସାମଗ୍ରୀ ଦୋକାନ ରହିବ ନାହିଁ ବୋଲି ୨୦୦୩ରୁ ନିୟମ ରହିଥିଲେ ମଧ୍ୟ ଏହାକୁ କେହି ମାନୁନାହାନ୍ତି। ମାଳ ମାଳ ଦୋକାନ ଖୋଲିଛି ଏବଂ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ଏହାର ବେଶ ଫାଇଦା ଉଠାଉଛନ୍ତି ବ୍ୟବସାୟୀ। ଏପରିକି ଲୁଚାଛପାରେ ଗଞ୍ଜେଇ ଓ ବ୍ରାଉନସୁଗର ବି ଏସବୁ ଦୋକାନରେ ମିଳୁଥିବା ଅଭିଯୋଗ ହେଉଛି।

ଖୁସିର କଥା ଯେ ଓଡ଼ିଶା ସରକାର ଗତବର୍ଷ ଅଗଷ୍ଟ ମାସ ଠାରୁ 'ହ୍ୱାଇଟ ସ୍ପାଇଡର' (ଧଳା ବୁଢ଼ିଆଣୀ) ନାମରେ ଏକ ବିଶେଷ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ଅବକାରୀ ଗୁଇନ୍ଦା ତଥା ସାଧାରଣ ଜନତାଙ୍କଠାରୁ ସୂଚନା ଭିତ୍ତିରେ ବହୁ ନିଶା ମାଫିଆ ଧରାପଡ଼ିଲେଣି। ଦିନକୁଦିନ ଏହିଭଳି କଡ଼ାକଡ଼ି ତନଖି ଚାଲିଛି ଏବଂ କୋଟି କୋଟି ଟଙ୍କାର ଧଳା ଜହର ବା ହେରୋଇନ, ଚରସ ଓ ବ୍ରାଉନ ସୁଗର ଧରା ପଡ଼ିସାରିଲାଣି। ଅବଶ୍ୟ ଏଥିରେ ଆନ୍ତଃରାଜ୍ୟ ମାଫିଆ ଗୋଷ୍ଠୀ ଅନ୍ତର୍ଭୁକ୍ତ। ଆମ ରାଜ୍ୟରେ ରାଜ୍ୟ ସରକାରଙ୍କ 'ହ୍ୱାଇଟ ସ୍ପାଇଡର' ଅଭିଯାନ ସହିତ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଜଗି ରହିଛନ୍ତି ଏବଂ ବହୁପୂର୍ବରୁ ସଂଗଠିତ ଭାବେ କାମ କରୁଥିବା ନିଶାମୁକ୍ତି ଅଭିଯାନ ମଧ୍ୟ ସକ୍ରିୟ ରହିଛି।

ପରିତାପର ବିଷୟ ହେଲା, ଯେଉଁମାନେ ତମାଖୁ ନିରୋଧୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ପ୍ରତି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ନିଶାଦ୍ରବ୍ୟ



କାରବାର ବୃଦ୍ଧି ପାଉଛି। କେବଳ ଶିକ୍ଷାନୁଷ୍ଠାନ ବାହାରେ ନୁହେଁ, ବରଂ କ୍ୟାମ୍ପସ ଭିତରେ ମଧ୍ୟ ସିଗାରେଟ, ଗୁଟୁଖା କାରବାର ଖୋଲାରେ ଚାଲିଛି। କେତେକ ଦୋକାନରେ ଲୁଚାଛପାରେ ମଦ, ଗଞ୍ଜେଇ ମଧ୍ୟ ବିକ୍ରି ହେଉଛି। ରାଜ୍ୟସାରା ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏସବୁ ଦେଖୁଥିଲେ ମଧ୍ୟ ଚୁପ ରହୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ତମାଖୁ ନିୟନ୍ତ୍ରଣ କମିଟିକୁ ଦିଆଯାଇଥିଲେ ମଧ୍ୟ କମିଟି ନିରବଦ୍ରଷ୍ଟା ସାଜିଛି। ମଝିରେ ମଝିରେ ଲୋକଦେଖାଣିଆ ଭାବେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ କେବଳ ଜୋରିମାନା ଆଦାୟ କରାଯାଏ। ତା'ପରେ ଯଥା ପୂର୍ବଂ ତଥା ପର ନୀତିରେ ପୁଣି ବେପାର ଚାଲେ।

ସୂଚନା ଅନୁସାରେ କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ/ ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବ୍ୟବସ୍ଥା ରହିଛି। ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ କରାଯିବାକୁ କଡ଼ା ନିର୍ଦ୍ଦେଶ ରହିଛି। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ମାର୍ଗଦର୍ଶିକା ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା(ଏନଏସଏସ) ସଦସ୍ୟଙ୍କୁ ଗୁରୁଦାୟିତ୍ୱ ଦିଆଯାଇଥିଲା। ପନ୍ଦର ଦିନ କିମ୍ବା ମାସକୁ ଅତିକମରେ ଥରେ ସଚେତନତା କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା। କେତେକ ଶିକ୍ଷାନୁଷ୍ଠାନରେ କାଁ ଭାଁ ସଚେତନତା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ନିଶା ରୋକିବା ପାଇଁ କ୍ୟାମ୍ପସଗୁଡ଼ିକରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନି।

ଯଦି ଆମେ ଆମର ଭବିଷ୍ୟ ପିଢ଼ିକୁ ଏକ ନିଶ୍ଚିତ ମୃତ୍ୟୁଯନ୍ତ୍ରାରୁ ରକ୍ଷା କରିବାକୁ ଚାହୁଁଥିବା, ତେବେ ଏହି 'ଧଳା ବୁଢ଼ିଆଣୀ' ବନାମ 'ମାଟିଆ ଚିନି' ଅଭିଯାନରେ ରାଜ୍ୟ ଅବକାରୀ ବିଭାଗ ସହିତ ଖୋଲାଖୋଲି ସହଯୋଗ କରିବା ଅତ୍ୟାବଶ୍ୟକ। ପାଖ ପଡ଼ୋଶୀ, ବଜାର, ଦୋକାନରେ ଯେଉଁଠି ବି ନିଶା ଦ୍ରବ୍ୟ କାରବାରର ଆଭାସ ମିଳିବ, ତାହା ଆମେ ସରକାରଙ୍କ ଦ୍ୱାରା ବିଶେଷ ଭାବେ ପ୍ରଚାରିତ ହ୍ୱାଟସଆପ ନଂରେ ତତ୍‌କ୍ଷଣାତ ଜଣାଇବା ଦରକାର। ନ ହେଲେ ଧୀରେ ଧୀରେ ଏହି ଧଳା ଓ ମାଟିଆ ଜହର ଅକ୍ଟୋପସର ପଞ୍ଝା ବିସ୍ତାର କରି ଆମ ଯୁବ ସମାଜକୁ କବଳିତ କରିଦେବ।

ସଭ୍ୟ ସମାଜରେ ଜନଜାଗୃତି ସବୁପ୍ରକାର ଦୁର୍ନୀତି ଓ ଦୁର୍ଷ୍କର୍ମକୁ ବିରୋଧ କରିବା ପାଇଁ ସବୁଠାରୁ ପ୍ରଭାବୀଶକ୍ତି ଭାବେ ଯୁଗେ ଯୁଗେ ପରିଚିତ। ଆମେ ଆଜି ସେହି ଶକ୍ତିକୁ ଆହ୍ୱାନ କରୁଛୁ ଯେ ଆମ ରାଜ୍ୟକୁ ଓ ଦେଶକୁ ନିଶା ଅଜଗରର କବଳରୁ ମୁକ୍ତି ଦେବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି 'ଧଳା ବୁଢ଼ିଆଣୀ ବନାମ ମାଟିଆ ଚିନି' ଅଭିଯାନର ସ୍ୱୟଂସେବକ ଓ ସୈନିକ ଭାବେ ସମାଜ ରକ୍ଷା ପାଇଁ ଆଗେଇ ଆସନ୍ତୁ। ଓଡ଼ିଶା ଅବକାରୀ ଅଧିନିୟମରେ ମଦ ବ୍ୟବସାୟ ଲାଗି ଯେଉଁ ସ୍ଥାନ ଓ ବ୍ୟକ୍ତିଙ୍କ ଉପରେ କଟକଣା ରହିଛି, ବସ୍ତୁତଃ ସେହି ନିଷିଦ୍ଧାଞ୍ଚଳଗୁଡ଼ିକରେ ଏଭଳି ଅଭିଯାନକୁ ବ୍ୟାପକ କରାଯିବା ଆବଶ୍ୟକ। ୨୦୧୩ ଏପ୍ରିଲରେ ରାଜ୍ୟ ସରକାର ଘୋଷଣା କରିଥିବା ରାଜ୍ୟ ଯୁବନୀତିରେ ଯୁବପିଢ଼ି ମଧ୍ୟରେ ନିଶା ଓ ଅନ୍ୟ ମାଦକ ଦ୍ରବ୍ୟ ପ୍ରସାର ନେଇ ଉଦବେଗ ପ୍ରକାଶ କରାଯିବା ସହିତ 'ନିଶାମୁକ୍ତ ଗ୍ରାମ' ପ୍ରତିଷ୍ଠା ଲାଗି କୁହାଯାଇଥିଲେ ମଧ୍ୟ ନିଶା ନିବାରଣ ପାଇଁ ଆନ୍ତରିକତା ଅଭାବରୁ ଯୁବନୀତିର ଏହି ଆଭିମୁଖ୍ୟ ସଫଳ ହେବା ପରିବର୍ତ୍ତେ ବିଫଳ ହେଉଛି। ତେଣୁ ଯଦି ସରକାର ପକ୍ଷରୁ ଏସବୁ ନିୟମକୁ କଡ଼ାକଡ଼ି ପାଳନ କରାଯିବା ସହିତ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତେବେ ଯାଇ କ୍ୟାମ୍ପସ ନିଶାମୁକ୍ତ ହୋଇପାରିବ। ●

ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ବଦଳିଛି ସରକାର; ସୁଧୁରିବ ସୀମାନ୍ତ ସ୍କୁଲ ଭାଗ୍ୟ !

# ଫେରିବେ କି ଆନ୍ଧ୍ରରେ ନାମ ଲେଖାଇଥିବା ଓଡ଼ିଶା ଛାତ୍ରଛାତ୍ରୀ






**ବ୍ରହ୍ମପୁର, ୩୦।୬ (କ୍ଷୀରସିନ୍ଧୁ ମହାନ୍ତି):**

ଓଡ଼ିଶା-ଆନ୍ଧ୍ର ସୀମାରେ ଅବସ୍ଥିତ ଗଞ୍ଜାମର ଅନେକ ବିଦ୍ୟାଳୟ ବିଗତ ଦିନରେ ବନ୍ଦ ହୋଇଛି। ପିଲାସଂଖ୍ୟା କମୁଥିବା କାରଣରୁ କିଛି ସ୍କୁଲକୁ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ସୀମାନ୍ତର ଅଧିକାଂଶ ଗାଁରେ ତେଲୁଗୁ ସମ୍ପ୍ରଦାୟର ଜନସାଧାରଣ ବସବାସ କରୁଥିବାରୁ ଏଠାରେ ତେଲୁଗୁ ପିଲାଙ୍କ ସଂଖ୍ୟା ଅଧିକ। ହେଲେ ଆବଶ୍ୟକ ଭିତ୍ତିଭୂମି ଓ ତେଲୁଗୁ ଶିକ୍ଷକ ଯୋଗାଇବାରେ ଶିକ୍ଷା ପ୍ରଶାସନ ବିଫଳତା ଯୋଗୁଁ ପିଲାମାନେ ଆନ୍ଧ୍ରମୁହାଁ ହୋଇଥିଲେ। ଆନ୍ଧ୍ରପ୍ରଦେଶର ଗତ ଜଗନ ସରକାର ପିଲାଙ୍କ ଲାଗି ଅନେକ ଯୋଜନା କରିଥିବାରୁ ସେଥିରେ ଆକୃଷ୍ଟ ହୋଇ ମଧ୍ୟ ଓଡ଼ିଶା ସୀମାନ୍ତର ବହୁ ପିଲା ଆନ୍ଧ୍ରପ୍ରଦେଶର ସ୍କୁଲରେ ନାମ ଲେଖାଇ ପାଠ ପଢ଼ୁଥିଲେ। ବର୍ତ୍ତମାନ କିନ୍ତୁ ସ୍ଥିତି ବଦଳିଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ସରକାର ବଦଳିଛି। ଏହି କ୍ରମରେ ଓଡ଼ିଶାରେ ଥିବା ସୀମାନ୍ତ ସ୍କୁଲଗୁଡ଼ିକର ସମସ୍ୟା ଦୂର ଓ ଆନ୍ଧ୍ରରେ ନାମ ଲେଖାଇଥିବା ସୀମାନ୍ତ ଛାତ୍ରଛାତ୍ରୀ ଓଡ଼ିଶା ଫେରିବେ କି ବୋଲି ଏକ ଆଲୋଚନା ଅଭିଭାବକ ଓ ଶିକ୍ଷାବିତ୍‌ମହଲରେ ଜୋର୍ ଧରିଛି।

ସେମାନଙ୍କ କହିବା କଥା ହେଲା, ଯେଉଁ ଯେଉଁ କାରଣ ପାଇଁ ସୀମାନ୍ତ ଛାତ୍ରଛାତ୍ରୀମାନେ ଆନ୍ଧ୍ରମୁହାଁ ହେଉଥିଲେ, ସେହି କାରଣଗୁଡ଼ିକ ପ୍ରତି ଓଡ଼ିଶା ସରକାର ଧ୍ୟାନ ଦେଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା। ବିଶେଷକରି ଏଠାରେ ଥିବା ସ୍କୁଲଗୁଡ଼ିକରେ ତେଲୁଗୁ ଶିକ୍ଷକ ନିଯୁକ୍ତି, ଉଚିତ ସମୟରେ ପାଠ୍ୟପୁସ୍ତକ ପ୍ରଦାନ ଏବଂ ଭିତ୍ତିଭୂମି ସଜାଡ଼ିବା ଜରୁରୀ ବୋଲି ସେମାନେ କହିଛନ୍ତି।

ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ସୀମାନ୍ତକୁ ଆନ୍ଧ୍ରପ୍ରଦେଶ ଲାଗି ରହିଛି। ସୀମାନ୍ତରେ ଓଡ଼ିଆ ସମେତ ତେଲୁଗୁ ଭାଷା ମଧ୍ୟ ପ୍ରଚଳିତ। ଏଠାକାର ସ୍କୁଲଗୁଡ଼ିକରେ ବହୁ ବିଦ୍ୟାର୍ଥୀ ତେଲୁଗୁ ଭାଷାରେ ପାଠ ପଢ଼ନ୍ତି। ସମ୍ପ୍ରତି ଏଗୁଡ଼ିକ ବନ୍ଦ ହୋଇଯିବା ଆଶଙ୍କାରେ ରହିଛି। ପୂର୍ବରୁ ଅନେକ ବିଦ୍ୟାଳୟ ବନ୍ଦ ହୋଇ ଯାଇଥିବା ବେଳେ ଏଗୁଡ଼ିକ ପୁନଃ ଖୋଲିବା ଦିଗରେ ଜିଲ୍ଲା ଅଥବା ସମ୍ପୃକ୍ତ ଗୋଷ୍ଠୀ ଶିକ୍ଷା ପ୍ରଶାସନ ପକ୍ଷରୁ ଏତେଟା ଉଦ୍ୟମ ହୋଇନଥିବା ଅଭିଯୋଗ ହୋଇଛି। ଜିଲ୍ଲାର ପାତ୍ରପୁର, ଚିକିଟି, ରଙ୍ଗେଇଲୁଣ୍ଡା ଓ ବ୍ରହ୍ମପୁର ସହରର କିଛି ବିଦ୍ୟାଳୟରେ ତେଲୁଗୁ ପଢ଼ିବାର ବ୍ୟବସ୍ଥା ରହିଥିଲା। ହେଲେ ଶିକ୍ଷକ ଅଭାବ ଓ ପାଠ୍ୟପୁସ୍ତକ ମିଳିବାରେ ସମସ୍ୟା ହେବା କାରଣରୁ ବହୁ ବିଦ୍ୟାର୍ଥୀ ଏଠାରୁ ମୁହଁ ଫେରାଇ ଆନ୍ଧ୍ରରେ ନାମ ଲେଖାଇଥିଲେ। ସମୟକ୍ରମେ ସରକାର ଏହାକୁ ହୃଦୟଙ୍ଗମ କଲେ। ୨୦୨୦ ମସିହାରେ ପ୍ରତ୍ୟେକ ତେଲୁଗୁ ବିଦ୍ୟାର୍ଥୀଙ୍କୁ ପାଠ୍ୟପୁସ୍ତକ ଯୋଗାଇବାର ବ୍ୟବସ୍ଥା କଲେ। ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ମଧ୍ୟ ଜାରି ରହିଛି। କିନ୍ତୁ ବହୁ ସ୍କୁଲରେ ପୁସ୍ତକ ମିଳିବାରେ ବିଳମ୍ବ ପରିଲକ୍ଷିତ ହେଉଛି। ଗତବର୍ଷ ଜାନୁୟାରୀ ମାସରେ ପାଠ୍ୟପୁସ୍ତକ ମିଳି ନଥିବାରୁ ଛାତ୍ରଛାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ହେଲେ ସ୍ଥାନୀୟ ଶିକ୍ଷା ପ୍ରଶାସନ ଏଥିପ୍ରତି ଯତ୍ନବାନ ନ ହେବା ଯୋଗୁଁ ପିଲାଏଁ ଓଡ଼ିଶା ସ୍କୁଲରୁ ମୁହଁ ଫେରାଇଥିବା ଅନ୍ୟତମ କାରଣ ବୋଲି କୁହାଯାଇଛି। ଆଉ ଏକ ବିଡ଼ମ୍ବନାର ବିଷୟ ହେଲା, ଛାତ୍ର-ଶିକ୍ଷକ ଅନୁପାତ (ଟିପିଆର) ଆଳରେ ବହୁ ଶିକ୍ଷକଙ୍କ ବଦଳି ହୋଇଥିଲା। ଏଥିଯୋଗୁଁ ବିଭିନ୍ନ ସୀମାନ୍ତ ସ୍କୁଲରେ ଅବସ୍ଥାପିତ ଥିବା ତେଲୁଗୁ ଶିକ୍ଷକଙ୍କୁ ଓଡ଼ିଆ ସ୍କୁଲକୁ ବଦଳି କରାଗଲା। ଏହି ସ୍ଥାନରେ ଓଡ଼ିଆ ଶିକ୍ଷକଙ୍କୁ ଅବସ୍ଥାପିତ କରାଯିବା ଯୋଗୁଁ ବିଦ୍ୟାର୍ଥୀମାନେ ତେଲୁଗୁ ପାଠପଢ଼ାରୁ ବଞ୍ଚିତ ହେଲେ।

ଅନ୍ୟପକ୍ଷରେ, ବିଗତ ଦିନର ଆନ୍ଧ୍ର ସରକାରଙ୍କ ବିଭିନ୍ନ ପ୍ରଲୋଭନକାରୀ ଯୋଜନା ଯଥା ଆମ୍ମା ଓଡ଼ି, ଜଗନ କିଟ ଆଦି ଲୋଭରେ ମଧ୍ୟ ସୀମାନ୍ତର ବହୁ ତେଲୁଗୁ ବିଦ୍ୟାର୍ଥୀ ଓଡ଼ିଶା ଛାଡ଼ି ଆନ୍ଧ୍ରରେ ନାମ ଲେଖାଉଥିଲେ। ଏଥିଯୋଗୁଁ ସୀମାନ୍ତରେ ଥିବା ଓଡ଼ିଶାର ସ୍କୁଲଗୁଡ଼ିକରେ ବିଦ୍ୟାର୍ଥୀଙ୍କ ଉପସ୍ଥାନ କମିଥିଲା। ଫଳରେ ପୂର୍ବରୁ ପାତ୍ରପୁର ବ୍ଲକର ଲାଲକମାଗାଁ, ବଣସୋଲା, ଚିଡ୍ଡୁପୁଡ଼ି, କେଆରପୁର ଭଳି ବହୁ ବିଦ୍ୟାଳୟ ବନ୍ଦ ହୋଇଛି। ସେହିଭଳି କମ୍ ସଂଖ୍ୟକ ବିଦ୍ୟାର୍ଥୀ ଯୋଗୁଁ ଗତ କିଛିବର୍ଷ ମଧ୍ୟରେ ପୀତାମ୍ବରପୁର, ସରଧାପୁର, ପାର୍ବତୀପୁର, ଜୟପୁର, ଗୁଡ଼ିପଦର ଆଦି ଗ୍ରାମର ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଥିବା ସୂଚନା ମିଳିଛି। ଆଉ କିଛି ସ୍କୁଲ ଚଳିତ ଶିକ୍ଷାବର୍ଷରୁ ବନ୍ଦ ହୋଇଯିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ।

ସମ୍ପ୍ରତି ସୀମାନ୍ତରେ ଥିବା ବିଭିନ୍ନ ବ୍ଲକର ୧୫ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଆନ୍ଧ୍ରରେ ପାଠ ପଢ଼ୁଥିବା ବେଳେ କିଛି ବିଦ୍ୟାର୍ଥୀ ସେଠାକାର ସରକାରୀ ସ୍କୁଲ ଓ ଆଉ କିଛି ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ୁଛନ୍ତି। ସେହିଭଳି ଚିକିଟି ବ୍ଲକର ସୁରଳ, ସୁବାଣି, ଝାଟିପଦର ଆଦି ପଞ୍ଚାୟତର ବିଦ୍ୟାର୍ଥୀମାନେ ପୂର୍ବରୁ ତେଲୁଗୁ ପଢ଼ିବାର ସୁଯୋଗ ପାଉଥିଲେ। ବିଗତ କିଛି ବର୍ଷ ହେବ ତେଲୁଗୁ ଶିକ୍ଷା ଏଠାରେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ଓଡ଼ିଆ ଭାଷାରେ ପଢ଼ୁଥିବା ପିଲାଏଁ ନିକଟସ୍ଥ ସ୍କୁଲରେ ପଢ଼ୁଥିବା ବେଳେ ତେଲୁଗୁ ପଢ଼ୁଥିବା ବିଦ୍ୟାର୍ଥୀ ଆନ୍ଧ୍ରର ଇଚ୍ଛାପୁର ସମେତ ଆଖପାଖ ସହରରେ ପାଠ ପଢ଼ୁଥିବା ଜଣାପଡ଼ିଛି।

ଅନୁରୂପ ଭାବେ ବ୍ରହ୍ମପୁର ସହରର ତେଲୁଗୁ ଗାର୍ଲସ୍ ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ମଧ୍ୟ ଆଗ ଭଳି ଆଉ ବିଦ୍ୟାର୍ଥୀ ନାମ ଲେଖାଉନଥିବା ଜଣାପଡ଼ିଛି। ତେଲୁଗୁ ପଢ଼ାର ସୁଯୋଗ ଥିବା ଜିଲ୍ଲାର ବହୁ ଶିକ୍ଷାନୁଷ୍ଠାନରେ ତେଲୁଗୁ ଶିକ୍ଷକଙ୍କ ଘୋର୍ ଅଭାବ ରହିଛି। ଯେଉଁଠାରେ ଜଣେ ଦୁଇଜଣ ଅଛନ୍ତି, ସେଠାରେ ଏମାନେ ସବୁ ବିଷୟ ପଢ଼ାଉଛନ୍ତି। ଆଉ କିଛି ସ୍କୁଲରେ ଆଦୌ ତେଲୁଗୁ ଶିକ୍ଷକ ନାହାନ୍ତି। ଯଦ୍ୱାରା ବିଦ୍ୟାର୍ଥୀମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ଦୂର ହେଲେ ପୁଣି ସୀମାନ୍ତ ବିଦ୍ୟାଳୟ ଖୋଲିବାର ଆଶା ଉଜ୍ଜୀବିତ ହୋଇପାରେ ବୋଲି ଶିକ୍ଷାବିତ୍ ମହଲରୁ ମତପ୍ରକାଶ ପାଇଛି।

### ରଣପୁର ଗୁଳିକାଣ୍ଡ ଘଟଣା

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଗିରଫ



**ପୋଡ଼ ଫସଲ ନଷ୍ଟ ଘଟଣାରୁ ପରିବାରରେ ଅଶାନ୍ତି**

**ଭବାନୀପାଟଣା/ଥୁଆମୂଳ ରାମପୁର, ୩୦।୬(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ଅଧୀନ ଗୁଣପୁର ପଞ୍ଚାୟତର ରଣପୁରରେ ଶୁକ୍ରବାର ଘଟିଥିବା ଗୁଳିକାଣ୍ଡ ଘଟଣା ଭିନ୍ନ ମୋଡ଼ ନେଇଛି। ଖୋଦ୍ ବନ ମାଝୀ (୪୫)ର ଗୁଳିରେ ହିଁ ପତ୍ନୀ ଜେମାଦେଇ(୩୯)ଙ୍କ ମୃତ୍ୟୁ ଘଟିଛି ଏବଂ ୯ ବର୍ଷର ଝିଅ ଦିବ୍ୟା ଆହତ ହୋଇଛି। ପୁଲିସ ସନ୍ଦେହରେ ବନ ମାଝୀଙ୍କୁ ଅଟକ ରଖି ପଚରାଉଚରା କରିବା ବେଳେ ନିଶାସକ୍ତ ଅବସ୍ଥାରେ ସେ ଏହି କାଣ୍ଡ ଭିଆଇଥିବା ସ୍ୱୀକାର କରିଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ (ଛେରରା) ଜବତ କରିଛି।

ଗତ ଶୁକ୍ରବାର ସନ୍ଧ୍ୟାରେ ବନ ମାଝୀର ଜମିରେ ପଡ଼ୋଶୀ ସମ୍ପର୍କୀୟଙ୍କ ପୋଢ଼ ପଶି ଫସଲ ନଷ୍ଟ କରିଥିବା ନେଇ ଘରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କଥା କଟାକଟି ଓ ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବନ ନିଶାସକ୍ତ ଅବସ୍ଥାରେ ଥିବାରୁ କିଛି ବୁଝିବା ପୂର୍ବରୁ ପଡ଼ୋଶୀଙ୍କୁ ଭୟଭୀତ କରାଇ ଗୋଟେ ଶିକ୍ଷା ଦେବ ଚିନ୍ତା କରିଥିଲା। ଘରେ ଥିବା ଦେଶୀ ବନ୍ଧୁକ ନେଇ ଘରୁ ବାହାରକୁ ଯାଉଥିବାରୁ କୌଣସି ଅଘଟଣ ଆଶଙ୍କାରେ ପୁଅ ଉଦୟ ସିଂ ମାଝୀ ବାପାଙ୍କ ହାତରୁ ବନ୍ଧୁକ ଛଡ଼ାଇବାକୁ ଚେଷ୍ଟା କରିଥିଲା। ବାପା ଓ ପୁଅ ଭିତରେ ବନ୍ଧୁକ ଛଡ଼ାଛଡ଼ି ବେଳେ ବନଙ୍କ ଆଙ୍ଗୁଳି ଟ୍ରିଗର୍ ଉପରେ ପଡ଼ିଥିଲା। ଠିକ ସେତିକିବେଳେ ଘର ବାରଣ୍ଡାରେ ବସିଥିବା ଜେମାଦେଇ ଓ ଝିଅ ଦିବ୍ୟାଙ୍କ ଦେହରେ ଗୁଳି ବାଜିଥିଲା। ଗୁଳି ଜେମାଦେଇଙ୍କ ଜଙ୍ଘରେ ବାଜିଥିବା ବେଳେ ଝିଅର ଗୋଡ଼ରେ ମଧ୍ୟ ବାଜିଥିଲା। ପରେ ପରେ ଦାଦା ଓ ପୁଅ ତୁରନ୍ତ ଉଭୟଙ୍କୁ ଗାଁରୁ ରାତି ୧୦ଟାରେ ଭବାନୀପାଟଣା ନେଇ ଆସିଥିଲେ। ଡାକ୍ତର ଚିକିତ୍ସା ଆରମ୍ଭ କରିବା ଭିତରେ ଟାଉନ ଥାନା ପୁଲିସକୁ ଖବର ଦେଇଥିଲେ। କର୍ଲାପାଟ ପୁଲିସ ଖବର ପାଇ ପହଞ୍ଚିଥିଲେ। ଉଭୟ ମା'-ଝିଅଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ସେହି ରାତିରେ ବୁର୍ଲା ସ୍ଥାନ୍ତର କରାଯାଇଥିଲା। ତେବେ ପ୍ରଥମ ଦିନ ଏହି ଘଟଣା ଘଟିବା ପରେ ଯେହେତୁ ସ୍ୱାମୀର ଗୁଳିମାଡ଼ରେ ଏଭଳି ଅଭାବନୀୟ ଘଟଣା ଘଟିଛି ତାକୁ କୌଣସି ମତେ ଲୁଚାଇବା ଏବଂ ବନ ମାଝିକୁ ଘଟଣାରୁ ବଞ୍ଚାଇବାକୁ ପରିବାର ପକ୍ଷରୁ ପୁଲିସ ଆଗରେ ନୂଆ କାହାଣୀ ରଚା ଯାଇଥିଲା। କାହାଣୀ ପ୍ରକାରେ, ପାହାଡ଼ ଉପରେ ଗୁଳି ଫୁଟିଲା ପ୍ରସଙ୍ଗ ସମ୍ପୂର୍ଣ୍ଣ ମିଛ ବୋଲି ଏସଡିପିଓ ପ୍ରକାଶ କରିଛନ୍ତି। ବନ ମାଝୀ ଉପରେ ସନ୍ଦେହ କରି ପୁଲିସ ତାଙ୍କୁ ଗାଁରୁ ଉଠାଇ ଆଣିଥିଲା। ବୁର୍ଲା ମେଡ଼ିକାଲରେ ଜେମାଦେଇର ମୃତ୍ୟୁ ହୋଇଥିବା ବେଳେ ଝିଅର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି। ଆସନ୍ତାକାଲି ବନ ମାଝିକୁ କୋର୍ଟ ଚାଲାଣ କରାଯିବ ବୋଲି ଏସଡିପିଓ ସୁନାରାମ ହେମ୍ବ୍ରମ ସୂଚନା ଦେଇଛନ୍ତି।

### ଓଡ଼ିଶାରେ ମୁମ୍ବାଇ ପୁଲିସ୍‌ର ୫ ଜଣିଆ ଟିମ୍

# ଭଦ୍ରକରୁ ୬ ସାଇବର ଠକ ଗିରଫ

**ଭଦ୍ରକ, ୩୦।୬ (ସମିସ):** ଭଦ୍ରକ ଟାଉନ୍ ପୁଲିସ ସହାୟତାରେ ମୁମ୍ବାଇ ପୁଲିସ୍‌ର ୫ ଜଣିଆ ଏକ ଟିମ୍ ଆଜି ଭଦ୍ରକ ସହରରୁ ୬ଜଣ ସାଇବର୍ ଠକଙ୍କୁ ଗିରଫ କରିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ପୁଲିସ୍ ସେମାନଙ୍କ ନାମ ଓ ପରିଚୟ ସାର୍ବଜନୀନ କରିନାହିଁ। ଋଣ କରାଇଦେବାକୁ କହି ଏମାନେ ସାଧାରଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ କରୁଥିଲେ। ପରେ ଉକ୍ତ ଆକାଉଣ୍ଟରେ ଥିବା ଟଙ୍କାକୁ କିଛି ଯୁବକଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରୁଥିଲେ ଏବଂ ଏଥିପାଇଁ ସେମାନଙ୍କୁ କମିସନ୍ ମଧ୍ୟ ଦେଉଥିଲେ। ଏହା ଜରିଆରେ ପାଖାପାଖି ୫-୬ ଲକ୍ଷ ଟଙ୍କାର ସାଇବର୍ ଠକେଇ ହୋଇଥିବା ମୁମ୍ବାଇ ପୁଲିସ୍ ସୂତ୍ରରୁ ସୂଚନା ମିଳିଛି।

ଏହି ଠକେଇର ମାଷ୍ଟରମାଇଣ୍ଡ ମୁମ୍ବାଇରେ ରହି ସବୁ ଯୋଜନା କରୁଥିବା ବେଳେ ସାରା ଦେଶରେ ଅନେକ ସ୍ଥାନର କିଛି ଯୁବକଙ୍କୁ ଠକେଇରେ ସାମିଲ କରିଥିଲା। ସେମାନଙ୍କ ମଧ୍ୟରୁ ଭଦ୍ରକରେ ମଧ୍ୟ କିଛି ଯୁବକ ରହିଥିଲେ, ଯେଉଁମାନଙ୍କ ଆକାଉଣ୍ଟକୁ ଟଙ୍କା ଆସୁଥିଲା। ଏଭଳି ଏକ ଅଭିଯୋଗ ମୁମ୍ବାଇ ପୁଲିସ ପାଖରେ ଥିଲା। ଗତକାଲି ମୁମ୍ବାଇ ପୁଲିସର ୫ ଜଣିଆ ଟିମ ଭଦ୍ରକରେ ପହଞ୍ଚି ଭଦ୍ରକ ସହରାଞ୍ଚଳ ପୁଲିସର ସହାୟତାରେ ୮ ଜଣଙ୍କୁ ସନ୍ଦେହରେ ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଠକେଇରେ ସମ୍ପୃକ୍ତ ଥିବା ନେଇ ଗିରଫ କରିଛି ମୁମ୍ବାଇ ପୁଲିସ୍। ତେବେ ଡାକ୍ତରୀ ମାଇନା କରିବା ପରେ ସେମାନଙ୍କୁ ମୁମ୍ବାଇ ନେବା ପାଇଁ ପ୍ରସ୍ତୁତି ହେଉଥିବା ଜଣାପଡ଼ିଛି। ବାକି ୨ ଜଣଙ୍କ ନାମରେ କୌଣସି ପକ୍କା ପ୍ରମାଣ ନଥିବାରୁ ସେମାନଙ୍କୁ ପୁଲିସ ଖାଲି ପଚରାଉଚରା କରି ଅଟକ ରଖିଥିବା ଜଣାପଡ଼ିଛି। ଦିନକୁ ଦିନ ସାଇବର ଠକେଇ ବଢ଼ୁଥିବା ବେଳେ ମୁମ୍ବାଇରେ ସାଇବର ଅପରାଧର ଚେର ଭଦ୍ରକକୁ ଲମ୍ବିବା ଭଦ୍ରକ ପୁଲିସ ସହ ଭଦ୍ରକବାସୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

### ମଦନମୋହନପଡ଼ାରେ ସେକ୍ସ ରାକେଟ୍ ଠାବ

# ୪ ଗିରଫ, ୨ ରୂପଜୀବୀ ଉଦ୍ଧାର

**ଅନୁଗୋଳ, ୩୦।୬ (ସମିସ):** ଅନୁଗୋଳ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଦନମୋହନପଡ଼ା ବିକ୍ରମ ଲଜ୍ ପଛପଟେ ଥିବା ଗୋଟିଏ ଦୁଇ ମହଲା ଘର ଉପରେ ଚଢ଼ଉ କରି ଏକ ସେକ୍ସ ରାକେଟ୍ ଠାବ କରିଛି। ଚଢ଼ଉ ବେଳେ ଦ୍ୱିତୀୟ ମହଲାରେ ରଙ୍ଗଶାଳା ଚାଲିଥିବା ପୁଲିସ ଦେଖିବାକୁ ପାଇଥିଲା। ଅନୁଗୋଳ ପୁଲିସ ଚଢ଼ଉ କରି ସେଠାରୁ ଦୁଇ ରୂପଜୀବୀଙ୍କୁ ଉଦ୍ଧାର କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘରଟି ମିନତି ଓରଫ ସବନମ୍ ନାମକ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଶ୍ରୀଧର ବାରିକ, ବ୍ରଜମୋହନ ସାହୁ, ନିସାର୍ ଅହମଦ ଓ ନସିମ ଅହମଦ। ଅଭିଯୁକ୍ତମାନଙ୍କ ବାଇକ୍‌ଗୁଡ଼ିକୁ ମଧ୍ୟ ଜବତ କରାଯାଇଛି। ଏନେଇ ପୁଲିସ ଅଧିକ ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତଙ୍କୁ ଜେରା କରୁଛି।

# ଆଇଏଏସ ଅଧିକାରୀମାନେ ପ୍ରଶାସନିକ ବ୍ୟବସ୍ଥାର ଆତ୍ମା ସଦୃଶ

### ଅବସର ଗ୍ରହଣ କରିଥିବା ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୩୦।୬(ସମିସ):** ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଅବସର ପୂର୍ବରୁ ଶନିବାର ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଭେଟି ମୁଖ୍ୟ ସଚିବଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅବସର ଗ୍ରହଣ ପରିପ୍ରେକ୍ଷୀରେ ଶ୍ରୀ ଜେନା ଆଇଏସ ଅଧିକାରୀମାନଙ୍କୁ ଚାକିରି ଜୀବନର ବହୁ ଆହ୍ୱାନପୂର୍ଣ୍ଣ ଅନୁଭୂତି ପ୍ରକାଶ କରିଥିଲେ। ଚାକିରି ଜୀବନରେ ସେ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିବା, ୧୯୯୯ ମହାବାତ୍ୟା ପରଠାରୁ ରାଜ୍ୟର ବିକାଶ, ଫାଇଲିନ ବାତ୍ୟା ଏବଂ ବିଭିନ୍ନ ସମୟରେ ବିପର୍ଯ୍ୟୟ ପରିଚାଳନା, କୋଭିଡ ମହାମାରୀ ମୁକାବିଲାଠାରୁ ବାହାନଗାଠାରେ ଟ୍ରେନ ଦୁର୍ଘଟଣା ଦୁଃଖଦ ସମୟରେ କାର୍ଯ୍ୟ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ତାଙ୍କର ସରକାରୀ କାର୍ଯ୍ୟ ସମ୍ପର୍କରେ ବଖାଣିଥିଲେ। ଆଇଏଏସ ଅଧିକାରୀମାନଙ୍କୁ ସେ ପ୍ରଶାସନିକ ବ୍ୟବସ୍ଥାର ଆତ୍ମା ବୋଲି ଅଭିହିତ କରିବା ସହିତ ପ୍ରତିକୂଳ ପରିସ୍ଥିତିରେ ଆତ୍ମ ବିଶ୍ୱାସର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ଅଧିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

ଶ୍ରୀ ଜେନାଙ୍କୁ ରାଜ୍ୟ ଉନ୍ନୟନ କମିସନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଡି କେ ସିଂ, ସୁରେନ୍ଦ୍ର କୁମାର, ଜି ମାଥିଭାଥାନନଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିସନର୍ ତଥା ଶାସନ ସଚିବମାନେ ଲୋକସେବା ଭବନ, ଖାରବେଳ ଭବନ ଏବଂ ଅନ୍ୟ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ସାକ୍ଷାତ କରି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମଧ୍ୟ ବିଏମସି କମିସନର୍, ବିଡିଏ ଉପାଧ୍ୟକ୍ଷ, ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଅନ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ସମବେତ ହୋଇ ଶ୍ରୀ ଜେନାଙ୍କୁ ଅବସରକାଳୀନ ଶୁଭେଚ୍ଛା ଜଣାଇଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

### ଜିଲ୍ଲାସ୍ତରରେ ଅଭିଯୋଗ ଶୁଣିବେ ଜିଲ୍ଲାପାଳ-ଏସ୍‌ପି

**ଭୁବନେଶ୍ୱର, ୩୦।୬ (ସମିସ):** ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଦିନ ୧୧ଟାଠାରୁ ଭୁବନେଶ୍ୱର ୟୁନିଟ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାଳୟରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସୋମବାର ୯ଟାରୁ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଆଗ୍ରହୀ ବ୍ୟକ୍ତିମାନେ ଉକ୍ତ ସ୍ଥାନରେ ନିଜ ନିଜର ପଞ୍ଜୀକରଣ କରାଇ ଅଭିଯୋଗ ଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ସେହିପରି ଆସନ୍ତାକାଲିଠାରୁ ସପ୍ତାହର ପ୍ରତ୍ୟେକ ସୋମବାରରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ବିଭାଗୀୟ ମୁଖ୍ୟ ଜନ ଅଭିଯୋଗ ଶୁଣାଣି କରିବେ। ଜିଲ୍ଲାସ୍ତରରେ ସ୍ଥାନୀୟ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକମାନେ ମିଳିତ ଭାବେ ପ୍ରତ୍ୟେକ ସୋମବାର ଜନ ଅଭିଯୋଗ ଶୁଣାଣି କରିବେ। ସମସ୍ତ ଅଭିଯୋଗ ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟା ଜନ ଶୁଣାଣି ପୋର୍ଟାଲରେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅବଶିଷ୍ଟାଂଶ...

## ଟିମ୍ ଇଣ୍ଡିଆକୁ...

ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତ ୭ ରନ୍‌ରେ ଦକ୍ଷିଣଆଫ୍ରିକାକୁ ହରାଇ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଏହି ଟାଇଟଲ ଜିତିଥିବାରୁ ଆଇସିସି ପକ୍ଷରୁ ମଧ୍ୟ ଭାରତକୁ ୨୦.୪୨ କୋଟି ଓ ରନର୍ସ ଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକାକୁ ୧୦.୬୭ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତର ବିରାଟ କୋହଲି ଫାଇନାଲ ମ୍ୟାଚ୍‌ର ଓ ଯଶପ୍ରୀତ୍ ବୁମ୍‌ରା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏହି ଫାଇନାଲ ବିଜୟ ପରେ ଭାରତ ୧୧ ବର୍ଷ ପରେ ଆଇସିସି ଟାଇଟଲ ବିଜୟୀ ହୋଇଛି। ୨୦୧୩ରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଚାମ୍ପିଅନ୍ସ ଟ୍ରଫି ଜିତିବା ଭାରତ ଲାଗି ଶେଷ ଆଇସିସି ଟାଇଟଲ ଥିଲା। ସେହିପରି ଧୋନିଙ୍କ ନେତୃତ୍ୱରେ ଭାରତ ୨୦୧୧ରେ ଦିନିକିଆ ବିଶ୍ୱକପ୍ ଓ ୨୦୦୭ରେ ଟି-୨୦ ବିଶ୍ୱକପ୍ ଜିତିଥିଲା। ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଭାରତ ଟି-୨୦ ବିଶ୍ୱକପ୍‌ରେ ଟାଇଟଲ ବିଜୟୀ ହୋଇଛି। ଏହି ବିଜୟ ପରେ ଭାରତର ୩ଜଣ ତାରକା ଖେଳାଳି ତଥା ଅଧିନାୟକ ରୋହିତ ଶର୍ମା, ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି।

## ଆଜିଠୁ ଦେଶରେ...

ଦେଶଦ୍ରୋହ ଆଇନରେ ବ୍ୟାପକ ପରିବର୍ତ୍ତନ ସହ ଏହାର ସଂଜ୍ଞା ମଧ୍ୟ ପରିବର୍ତ୍ତନ କରାଯାଇଛି । ଦେଶ ବିଭାଜନ, ସଶସ୍ତ୍ର ବିଦ୍ରୋହ, ବିଚ୍ଛିନ୍ନତାବାଦୀ କାମ, ଦେଶର ସାର୍ବଭୌମତ୍ୱ ଓ ଏକତାକୁ କ୍ଷୁର୍ଣ୍ଣ କରିବା ଭଳି ଅପରାଧ ପାଇଁ ଆଇନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ନୂଆ ଆଇନରେ ଆତଙ୍କବାଦକୁ ପରିଭାଷିତ କରାଯାଇଛି। ଏହାକୁ ଦଣ୍ଡନୀୟ ଅପରାଧ ଶ୍ରେଣୀଭୁକ୍ତ କରାଯାଇଛି। କେବଳ ଦଣ୍ଡବିଧାନ ବ୍ୟବସ୍ଥା ନୁହେଁ, ଆସନ୍ତାକାଲି ନୂଆ ଆଇନ ଲାଗୁ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବାଠୁ ନେଇ କୋର୍ଟ ଚୂଡ଼ାନ୍ତ ରାୟ ଦେବା ପର୍ଯ୍ୟନ୍ତ, ପୂରା ବ୍ୟବସ୍ଥାରେ ଆମୂଳଚୂଳ ସଂସ୍କାର ଆସିବାକୁ ଯାଉଛି। ଏଣିକି ପୁଲିସ ସମସ୍ତଙ୍କୁ ଗିରଫ କରିବା ବେଳେ କିମ୍ବା କୋର୍ଟରେ ହାଜିରା ବେଳେ ହାତକଡ଼ି ଲଗାଇପାରିବ ନାହିଁ। ଧାରା ୪୩ (୩) ଅନୁସାରେ, କେବଳ ଅଭ୍ୟାସଗତ ଅପରାଧୀ, ପୂର୍ବରୁ ଫେରାର୍ ହୋଇଥିବା ଅଭିଯୁକ୍ତ, କିମ୍ବା ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତଙ୍କୁ ହାତକଡ଼ି ଲଗାଇପାରିବ। ଏଥିସହ ହତ୍ୟା, ଦୁଷ୍କର୍ମ, ଏସିଡ୍ ଆଟାକ, ମାନବଚାଲାଣ, ଡ୍ରଗ୍ସ ଓ ଶିଶୁଙ୍କୁ ଯୌନ ଶୋଷଣ ଆଦି ମାମଲାର ଅଭିଯୁକ୍ତଙ୍କୁ ହାତକଡ଼ି ପକାଇହେବ। ଜଣେ ଚାହିଁଲେ ଅନଲାଇନରେ କିମ୍ବା ଜିରୋ-ଏଫ୍‌ଆଇଆର୍ ବ୍ୟବସ୍ଥା ଅନୁସାରେ ଦେଶର ଯେକୌଣସି ଥାନାରେ ଏତଲା ଦେଇପାରିବେ। ୧୫ ବର୍ଷରୁ କମ୍ ଶିଶୁ, ୬୦ ବର୍ଷରୁ ଅଧିକ ବୟସ୍କ, ଦିବ୍ୟାଙ୍ଗ ଓ ଗୁରୁତର ଅସୁସ୍ଥଙ୍କୁ ଥାନାକୁ ଯିବାକୁ ପଡ଼ିବ ନାହିଁ। ଜଣେ ଗିରଫ ହେବା ପରେ ତତ୍କାଳ ଯାହାକୁ ଚାହିଁବେ ଜଣଙ୍କୁ ନିଜ ସ୍ଥିତି ସଂପର୍କରେ ସୂଚନା ଦେଇପାରିବେ। ୯୦ ଦିନ ଭିତରେ ପୁଲିସକୁ ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ ଏବଂ କୋର୍ଟ ଚାହିଁଲେ ଏହାକୁ ବଢାଇ ପାରିବେ। ଚାର୍ଜସିଟ୍ ଦାଖଲର ୬୦ ଦିନ ଭିତରେ ଚାର୍ଜଫ୍ରେମ୍ ହେବ। ଶୁଣାଣି ସରିବାର ୩୦ଦିନ ଭିତରେ କୋର୍ଟ ରାୟ ଶୁଣାଇବେ ଏବଂ ଆଉ ୭ ଦିନ ଭିତରେ ଦଣ୍ଡାଦେଶ ଦେବେ। ପୂରା ପ୍ରକ୍ରିୟା ସର୍ବାଧିକ ୩ ବର୍ଷ ଭିତରେ ସରିବ। ୩ ମାସ କିମ୍ବା ତାଠୁ କମ୍ ଜେଲ୍ ଦଣ୍ଡାଦେଶ ଏବଂ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାକୁ ଚାଲେଞ୍ଜ କରି ଉପରକୋର୍ଟକୁ ଯାଇହେବ ନାହିଁ।

## କମିବ ବର୍ଷା...

ଏହା ସତ୍ତ୍ୱେ ରବିବାର ସୁଦ୍ଧା ରାଜ୍ୟରେ ନିଅଣ୍ଟିଆ ବର୍ଷାର ପରିମାଣ ୨୭ ପ୍ରତିଶତ ରହିଛି। ୧୭ଟି ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜରେ ସର୍ବାଧିକ ୬୭ ପ୍ରତିଶତ ନିଅଣ୍ଟିଆ ରେକର୍ଡ ହୋଇଛି।

ଚଳିତ ବର୍ଷ ଓଡିଶାରେ ମୌସୁମୀ ସଅଳ ଆସିଥିଲା; କିନ୍ତୁ ପାଗ ଅନୁକୂଳ ନ ହେବାରୁ ଏହା ବିଳମ୍ବରେ ସକ୍ରିୟ ହୋଇଛି। ଯାହାର ପ୍ରଭାବରେ ମୌସୁମୀର ପ୍ରଥମ ମାସ ଅର୍ଥାତ ଜୁନ୍ ୧ରୁ ଜୁନ୍ ୩୦ ଯାଏଁ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ୧୨ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ମାଲକାନଗିରିରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି।

## ଜେନେରାଲ ଉପେନ୍ଦ୍ର...

ଲେଫ୍ଟନାଣ୍ଟ ଜେନେରାଲରୁ ଜେନେରାଲ ର୍‍ୟାଙ୍କକୁ ଆସିଛନ୍ତି। ଗତ ୧୧ ତାରିଖରେ ଭାରତ ସରକାର ତାଙ୍କ ନିଯୁକ୍ତି ନେଇ ଘୋଷଣା କରିଥିଲେ। ଏହା ପୂର୍ବରୁ ସେ ନର୍ଦ୍ଦର୍ଣ୍ଣ ଆର୍ମି କମାଣ୍ଡର, ଡିଜି ଇନ୍‌ଫ୍ୟାଣ୍ଟ୍ରି ଏବଂ ସେନାର ଅନ୍ୟ କମାଣ୍ଡର ମୁଖ୍ୟ ଭାବେ କାମ କରିଥିଲେ। ସେହିପରି ଅବସରଗ୍ରହଣ କରିବା ପରେ ଆଜି ଜେନେରାଲ ପାଣ୍ଡେଙ୍କୁ 'ଗାର୍ଡ ଅଫ୍ ଅନର' ଦିଆଯାଇଥିଲା। ସେ ୨୬ ମାସ ପର୍ଯ୍ୟନ୍ତ ସେନାମୁଖ୍ୟ ଥିଲେ। ଜେନେରାଲ ମନୋଜ ପାଣ୍ଡେ ମେ' ୩୧ରେ ଦାୟିତ୍ୱ ଗ୍ରହଣ କରିବାର ଥିଲା। ମାତ୍ର ଗତ ମାସରେ ସରକାର ତାଙ୍କ କାର୍ଯ୍ୟକାଳକୁ ମାସେ ପାଇଁ ବଢ଼ାଇ ଦେଇଥିଲେ। ଏହାକୁ ନେଇ ଜେନେରାଲ ଦ୍ୱିବେଦୀଙ୍କୁ ସରକାର ଅଣଦେଖା କରୁଥିବା କୁହାଯାଇଥିଲା। ମାତ୍ର ସରକାରଙ୍କ ନିଯୁକ୍ତି ସହିତ ଏହି ଆଶଙ୍କାରେ ବିରାମ ଲାଗିଥିଲା। ବରିଷ୍ଠ ଦୃଷ୍ଟିରୁ ସରକାର ଜେନେରାଲ ଦ୍ୱିବେଦୀଙ୍କୁ ନିଯୁକ୍ତି ଦେଇଛନ୍ତି। ସୂଚନା ଅନୁଯାୟୀ ଶ୍ରୀ ଦ୍ୱିବେଦୀଙ୍କ ପରେ ଦକ୍ଷିଣ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଅଜୟ କୁମାର ସିଂହ ସବୁଠାରୁ ବରିଷ୍ଠ ସଦସ୍ୟ ଥିଲେ। ଉଭୟେ ଜୁନ୍ ୩୦ରେ ଅବସରଗ୍ରହଣ କରିବାର ଥିଲା। ତିନି ସେନାର ମୁଖ୍ୟ ୬୨ ବର୍ଷ ପର୍ଯ୍ୟନ୍ତ କିମ୍ବା ତିନି ବର୍ଷ ଯାଏଁ ସେବା ଦେଇପାରିବେ। ମାତ୍ର ଲେଫ୍ଟନାଣ୍ଟ ଜେନେରାଲ ର୍‍ୟାଙ୍କର ଅଧିକାରୀଙ୍କ ଅବସର ବୟସ ୬୦ ରହିଛି। ଜେନେରାଲ ଦ୍ୱିବେଦୀ ମଧ୍ୟପ୍ରଦେଶର ବାସିନ୍ଦା। ସେ ୧୯୮୧ରେ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ସାମିଲ ହୋଇଥିଲେ। ୧୯୮୪ରେ ଜମ୍ମୁ-କାଶ୍ମୀର ରାଇଫଲ୍ସର ୧୮ତମ ବାଟାଲିୟନରେ ନିଯୁକ୍ତି ପାଇଥିଲେ। ଏହା ପରେ ସେ କାଶ୍ମୀର ଘାଟୀ ଏବଂ ରାଜସ୍ଥାନ ମରୁଭୂମିରେ କମାଣ୍ଡ ସମ୍ଭାଳି ଥିଲେ। ଜେନେରାଲ ଦ୍ୱିବେଦୀଙ୍କୁ ନିଜ ସେବା ପାଇଁ ପରମ ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟ ସେବା ପଦକରେ ସମ୍ମାନିତ କରାଯାଇଛି।

## ଦାୟିତ୍ୱ ନେଲେ...

କ୍ୟାଡ଼ର ଆଇଏଏସ୍ ମନୋଜ ଆହୁଜା କେନ୍ଦ୍ରରେ କୃଷି ଓ କୃଷକ ସଶକ୍ତୀକରଣ ସଚିବ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ କେନ୍ଦ୍ରୀୟ ଡେପୁଟେସନରେ ଥିବା ଶ୍ରୀ ଆହୁଜାଙ୍କୁ ଓଡ଼ିଶା ଫେରାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ଅନୁମତି ପରେ ରାଜ୍ୟ ସରକାର ଶ୍ରୀ ଆହୁଜାଙ୍କୁ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଅନ୍ୟପଟେ ବିଦାୟୀ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଅବସର ସମ୍ପର୍କରେ ନିଜର 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଶ୍ରୀ ଜେନା ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ରବିବାର ଅପରାହ୍ଣ ୩ଟା ୩୦ରେ ସେ ମୁଖ୍ୟ ଶାସନ ସଚିବ ପଦ ଛାଡ଼ିଛନ୍ତି। ଏହା ସହିତ ନୂଆ ମୁଖ୍ୟ ଶାସନ ମନୋଜ ଆହୁଜା ତାଙ୍କର ଜଣେ ଭଲ ବନ୍ଧୁ ବୋଲି ଉଲ୍ଲେଖ କରିଛନ୍ତି। ଦୀର୍ଘ ଅତୀତରେ କଳାହାଣ୍ଡି ଧର୍ମଗଡ଼ର ଉପଜିଲ୍ଲାପାଳଭାବେ ଶ୍ରୀ ଆହୁଜା ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଏବେ ମୁଖ୍ୟ ଶାସନ ସଚିବ ଭାବେ ମଧ୍ୟ ସମାନ ଘଟଣାର ପୁନରାବୃତ୍ତି ହୋଇଥିବା ସେ ଦର୍ଶାଇଛନ୍ତି। ଏହା ସହ ନୂଆ ମୁଖ୍ୟ ସଚିବଙ୍କୁ ଶ୍ରୀ ଜେନା ଶୁଭେଚ୍ଛା ଜଣାଇଛନ୍ତି।

**AFFIDAVIT**

I Sri Pitambar Harijan, aged about 29 , son of Sri Ganeswar Harijan, permanent resident of village/Po-Badakumuli, Pps- Papadahandi, Dist- Nabarangapur, do hereby solemnly affirm on oath and state as follows: I am willing to change my surname from Harijan to Nayak today onwards, hence in the Court of the Executive Magistrate Nabarangpur this affidavit dt - 20/06/2024 . Today onwards I will known as Pitambar Nayak, son of Ganeswar Harijan in place of Pitambar Harijan, son of Ganeswar Harijan in all purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

# ରାଉରକେଲାରେ ପ୍ରମୁଖ ପ୍ରକଳ୍ପ ନେଇ ରେଳମନ୍ତ୍ରୀଙ୍କ ସହ ଦିଲୀପ ରାୟଙ୍କ ଆଲୋଚନା

## ତାଳଚେର-ବିମଳାଗଡ଼ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ



ରାଉରକେଲା, ୩୦।୬(ସମିସ)

ରାଉରକେଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଓ ଅଗ୍ରଗତି ସମ୍ପର୍କରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ରେଳମନ୍ତ୍ରୀ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି। ଏହି ଆଲୋଚନା ବେଳେ ରାଉରକେଲା ବନ୍ଧମୁଣ୍ଡା ରେଲୱେ ସବଡିଭିଜନାଲ ହସ୍ପିଟାଲର ଭିତ୍ତିଭୂମି ବିକାଶ, ଶଯ୍ୟା ସଂଖ୍ୟା ବୃଦ୍ଧି ଆଦି ସ୍ଥାନ ପାଇଥିଲା। ଉଲ୍ଲେଖଯୋଗ୍ୟ, ସମ୍ପ୍ରତି ବନ୍ଧମୁଣ୍ଡା ରେଲୱେ ହସ୍ପିଟାଲରେ ୪୨, ୧୬୫ ରେଳବାଇ କର୍ମଚାରୀ ଏବଂ ୧୨, ୬୦୦ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ତେବେ ଆବଶ୍ୟକ ଡାକ୍ତର ଓ ଶଯ୍ୟା ନ ଥିବାରୁ ଚିକିତ୍ସା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହି ଡାକ୍ତରଖାନାକୁ ୬୫ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରିବାକୁ ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହାଦ୍ୱାରା ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ ବୋଲି କୁହାଯାଇଛି।

ସେହିପରି ଉଭୟ ରାଉରକେଲା ଏବଂ ପାନପୋଷ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏଥିପାଇଁ ଦିଲୀପ ରାୟ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଷ୍ଟେସନ ଦ୍ୱୟର ତ୍ୱରିତ ବିକାଶ କରିବାକୁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ କହିଛନ୍ତି। ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତାଳଚେର-ବିମଳାଗଡ଼ ରେଳ ଲାଇନ କମିଟିକୁ ଆଲୋଚନା ପାଇଁ ନିମନ୍ତ୍ରଣ କରିଥିବା ମନ୍ତ୍ରୀ କହିଥିଲେ। ଏହି ପ୍ରକଳ୍ପର ଅଗ୍ରଗତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେଳମନ୍ତ୍ରୀ ନିଶ୍ଚିତ କରିଛନ୍ତି। ବନ୍ଧମୁଣ୍ଡାର ଏକ୍ସଚେଞ୍ଜ ୟାର୍ଡରେ ଡିଟାଚମେଣ୍ଟ ଅଫ୍ ଫ୍ରି ରେକ୍ ପରୀକ୍ଷା ସୁବିଧା ପ୍ରତିଷ୍ଠା କରି ରେଳ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ସେ ପ୍ରସ୍ତାବ ରଖିଥିଲେ।

ରାଉରକେଲାରେ ବନ୍ଦେଭାରତ ରେଳ କୋଚ୍ ଉତ୍ପାଦନ ୟୁନିଟ୍ ଏବଂ ରେଳ ଆର ଆଣ୍ଡ ଡି ସୁବିଧା ଉପଲବ୍ଧ କରାଇବାକୁ ରାୟ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ଏହାର ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସୁବିଧା ଅନୁଧ୍ୟାନ କରିବା ପାଇଁ ରାଉରକେଲା ଆସିବାକୁ ଅନୁରୋଧ କରିଥିଲେ। ଏଥିରେ ରେଳମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିବା ସହ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ● ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଆଷାଢ଼ କାବ୍ୟୋତ୍ସବ

# 'ସାହିତ୍ୟ ଜୀବନକୁ ରତୁବର୍ଣ୍ଣା କରେ'



**ଭବାନୀପାଟଣା, ୩୦।୬(ସମିସ):** ସାହିତ୍ୟ କେବେ ସଂସାରକୁ ପ୍ରକୃତିର ସ୍ୱର କରେ ତ ପୁଣି କେବେ ଏକାନ୍ତ ଜୀବନକୁ ରତୁବର୍ଣ୍ଣା କରିଥାଏ। ସାହିତ୍ୟ ହିଁ ସୁଖର ପରିବେଶ ଯୋଗେଇ ଦେଇଥାଏ। ତେଣୁ ମେଘ ଦେଖିଲେ କବିର କଲମ ଭାବାସିକ୍ତ ହୋଇଉଠେ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ତରଫରୁ 'ଆଷାଢ଼ କାବ୍ୟୋତ୍ସବ -୨୪'ପାଳନ ଅବସରରେ ଅତିଥି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ପ୍ରକୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିଶୁ ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ବ୍ୟଙ୍ଗକବି ଡ. ନୀରଦ ଚନ୍ଦ୍ର କହଁର, ଯୁଗଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ଗାଳ୍ପିକ ହେମନ୍ତ ସାହୁ ଓ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଶିଳ୍ପୀ କାଜଲ ମହାରଣା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଏହି ଧାରାବାହିକ ୨୦୯ ସଂଖ୍ୟା ଆସରରେ ସର୍ବଶ୍ରୀ ଅଶୋକ କୁମାର ଖମାରୀ, ସଂଜୀବ କୁମାର ପଣ୍ଡା, ଜୟଦ୍ରଥ ସୁନା, ହେମନ୍ତ ସାହୁ, କେଶବ ନାଏକ, ଅଧ୍ୟାପକ ପ୍ରଦୀପ କୁମାର ଶୀଲ, କିଶୋର ମହାନନ୍ଦ, ଡାଇସି କହଁର, ପ୍ରାଞ୍ଜଳ ଠାକୁର, କାଜୁ ମହାରଣା, ଡ.ନୀରଦ ଚନ୍ଦ୍ର କହଁର ପ୍ରମୁଖ ଆଷାଢ଼ କବିତାବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବାବେଳେ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସମବେତ ବନ୍ଦେ ମାତରମ ପରେ ସଭା ସାଙ୍ଗ ହୋଇଥିଲା।

# କରଞ୍ଜିକୋଟରେ ବିଜେଡିର ସମୀକ୍ଷା ବୈଠକ

**ଧର୍ମଗଡ଼, ୩୦।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କରଞ୍ଜିକୋଟଠାରେ ବିଜେଡି ଦଳର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଆଗାମୀ ଦିନରେ ଦଳକୁ କିପରି ଆହୁରି ମଜବୁତ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ବିଗତ ଦିନରେ ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରିଥିବା ବେଳେ ଆଗମୀ ଦିନରେ ବ୍ଲକରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି କହିଥିଲେ। ବିଗତ ଦିନରେ ବ୍ଲକରେ ରାସ୍ତା, ବିଜୁଳି, ପାନୀୟ ଜଳ, ଜମିକୁ ଜଳସେଚନ, ଶିକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟଗୁଡିକ ଅନେକାଂଶରେ ଶେଷ ହୋଇଥିବା ବେଳେ



ବାକି ଥିବା କାମ ଗୁଡିକ ଯଥାଶୀଘ୍ର ଶେଷ ହେବ ବୋଲି କହିଥିଲେ। ଉକ୍ତ ଅବଶରରେ ବିଗତ ନିର୍ବାଚନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ ବିଗତ ନିର୍ବାଚନରେ ବିଜେଡି ଦଳ କେଗାଁ ଜିଲ୍ଲା ପରିଷଦ ଜୋନରେ ସମସ୍ତ ଜୋନଠାରୁ ଅଧିକ ଭୋଟ ପାଇଥିଲା। ଏଥି ପୂର୍ବରୁ ବିଜେଡି କର୍ମକର୍ତ୍ତାମାନେ ବିଧାୟକ ଶ୍ରୀ ମିଶ୍ରଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେଗାଁ ଜିଲ୍ଲା ପରିଷଦ ଜୋନ୍‌ର ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିବା ବେଳେ ବ୍ଲକରୁ ମଧ୍ୟ ଅନେକ ବରିଷ୍ଠ କର୍ମୀ ଯୋଗଦେଇ ନିଜର ମତାମତ ରଖିଥିଲେ।

## ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ପ୍ରାଧ୍ୟାପକ ଓ ଦୁଇ ସହକର୍ମୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ନୂଆପଡ଼ା/ଖଡ଼ିଆଳ, ୩୦।୬(ସମିସ):** ଖଡ଼ିଆଳ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ ପ୍ରାଧ୍ୟାପକ ଚନ୍ଦ୍ରଶେଖର ଚନ୍ଦ୍ରକାର, ଲାବ୍ ସହଯୋଗୀ ଶରତ କୁମାର ପଣ୍ଡା ଓରସାୟନ ବିଜ୍ଞାନ ବିଭାଗର ସହଯୋଗୀ ଈଶ୍ୱର ଦଣ୍ଡସେନା ବୃତ୍ତିଗତ ଅବସର ଗ୍ରହଣ କରିଛନ୍ତି। ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ କର୍ମଚାରୀ ସଂଘର ସମ୍ପାଦିକା ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଦୁର୍ଯ୍ୟୋଧନ ଭୋଇ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁକ୍ତ ଦୁଇ ଅଧକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଡ଼ ପଦ୍ମଲୋଚନ ବର୍ମା, କର୍ମଚାରୀ ସଂଘର ସହ ସମ୍ପାଦକ ଅଧ୍ୟାପକ ରାଜ କୁମାର ରତେଙ୍କ ସମେତ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପକ ଡ଼ ରଣବୀର ସିଂହ, ଡ଼ ସରୋଜ ପଣ୍ଡା ଧ୍ରୁବ ପାତ୍ର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସୂର୍ଯ୍ୟକାନ୍ତ



ଠାକୁର ପ୍ରମୁଖ ବିଦାୟୀ ବ୍ୟକ୍ତିତ୍ୱଙ୍କ କାର୍ଯ୍ୟକଳାପ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଉପହାର ପ୍ରଦାନ ପୂର୍ବକ ପ୍ରାଧ୍ୟାପକ ଏବଂ ସହକର୍ମୀ ଦ୍ୱୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା କାଜଲ ମେହେର, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ରାଜେଶ୍ୱରୀ କରୁଆଁ, ଅଧ୍ୟାପକ ଚିତ୍ତରଂଜନ ଜେନା, ଅଧ୍ୟାପକ ଜବାହର ରଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଆସୁନାହାନ୍ତି ଡାକ୍ତର

## ରୋଗୀ ହନ୍ତସନ୍ତ

**ଧର୍ମଗଡ଼, ୩୦।୬(ସମିସ):** ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଟିପିଗୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁ ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିପିଗୁଡା ଅଞ୍ଚଳର ପ୍ରାୟ ୨୫ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ବିଗତ ଦିନରେ ଏଠାକୁ ପଡୋଶୀ ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ ଦେଭୋଗ ଅଞ୍ଚଳର ଶହଶହ ରୋଗୀ ଆସି ଚିକିତ୍ସା ହୋଇଥିବା ବେଳେ ବର୍ତ୍ତମାନ ଏଠାରେ ଅବ୍ୟବସ୍ଥା ଯୋଗୁ ରୋଗୀ ସଂଖ୍ୟା କମିବାରେ ଲାଗିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଯୋଗାଇ ବା ପାଇଁ ୨ ଜଣ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ମହିଳା ସ୍ୱାସ୍ଥ୍ୟ ସେବିକା ଓ ଅନ୍ୟାନ୍ୟ କର୍ମଚାରୀ ଅଛନ୍ତି। ଅନେକ ସମୟରେ ଡାକ୍ତର ଓ ଫାର୍ମାସିଷ୍ଟ ମନଇଚ୍ଛା ଆସୁଥିବାରୁ ରୋଗୀମାନେ ହଇରାଣ ହରକତ ହେଉଛନ୍ତି। ବିଭିନ୍ନ ସମୟରେ ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ରୋଗୀମାନେ ବିନା ଚିକିତ୍ସାରେ ଘରକୁ ଫେରୁଛନ୍ତି। ଏ ସମସ୍ୟାର ସମାଧାନ ପାଇଁ ଅନେକ ଥର ଗ୍ରାମର ବୁଦ୍ଧିଜୀବୀ ତଥା ପରିଚାଳନା କମିଟି ଡାକ୍ତରଖାନାର କର୍ମଚାରୀମାନଙ୍କୁ ତାଗିଦ କରିଥିଲେ ମଧ୍ୟ ସେମାନେ ଖାତିର କରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଣୁ ଏ ସମ୍ପର୍କରେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେଇ ଡାକ୍ତରଖାନାର କର୍ମଚାରୀମାନେ ଯେପରି ନିୟମିତ ଆସି ରୋଗୀସେବା ଯୋଗାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟଥା ଆଗାମୀ ଦିନରେ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଡାକ୍ତରଖାନାରେ ତାଲା ପକାଯିବ ବୋଲି ଈଶ୍ୱର ବଞ୍ଜରା, ପଦୁ ଦୁର୍ଗା, ରବି ନାଏକ, ଶ୍ୟାମସୁନ୍ଦର ନାଏକ, ପ୍ୟାରୀଲାଲ ନାଏକ, ମୋତି ଦୁର୍ଗା, ମନୋଜ ନାଏକ, ଜୟଶଙ୍କର ନାଏକ ଓ ରାଜାରାମ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି।

# ସମସ୍ୟା ଘେରରେ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ

**ରାଉରକେଲା, ୩୦।୬(ସମିସ):** ସ୍ଥାନୀୟ ଜଳଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ଅନେକ ସମସ୍ୟା ଘେରରେ ରହିଥିବା ବେଳେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମହାବିଦ୍ୟାଳୟ ପରିଦର୍ଶନ କରି ସେଗୁଡ଼ିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ୮୦ ଦଶକରେ ତତ୍କାଳୀନ ସାଂସଦ ସ୍ୱର୍ଗତ ଫ୍ରିଡ଼ା ଟପ୍ନୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ମହାବିଦ୍ୟାଳୟ ସମ୍ପ୍ରତି

**● ସମାଧାନ ପ୍ରତିଶ୍ରୁତି ଦେଲେ ବିଧାୟକ**

ଅନେକ ସମସ୍ୟା ଦେଇ ଗତି କରୁଛି। ମହାବିଦ୍ୟାଳୟ ପରିସର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଛାତ୍ରୀମାନଙ୍କ ପାଇଁ ଶୌଚାଳୟ ନାହିଁ। ଛାତ୍ରୀ କମନ ରୁମ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏକ ପ୍ରଶାସନିକ କୋଠା, ୮ ଶ୍ରେଣୀଗୃହ ବିଶିଷ୍ଟ ଏକ ବ୍ଲକର ଆବଶ୍ୟକତା ରହିଛି।



ମହାବିଦ୍ୟାଳୟ ପ୍ରେକ୍ଷାଳୟ ଦୀର୍ଘଦିନ ଧରି ମରାମତି ନ ହୋଇ ଜରାଜୀର୍ଣ୍ଣ ହେବାରେ ଲାଗିଛି। ଏହାର ପୂର୍ଣ୍ଣ ନବୀକରଣ ଆବଶ୍ୟକତା ରହିଛି।

ବିଧାୟକ ତନ୍ତୀ ମହାବିଦ୍ୟାଳୟ ପରିଦର୍ଶନରେ ଯାଇ ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ଅବସରରେ ସେ ମହାବିଦ୍ୟାଳୟର ବିଭିନ୍ନ ବିଭାଗ, ପ୍ରଶାସନିକ କାର୍ଯ୍ୟାଳୟ, ଷ୍ଟାଫ କମନ ରୁମ୍, ପ୍ରେକ୍ଷାଳୟ, ଲାଇବ୍ରେରୀ ଆଦି ବୁଲି ଦେଖିଥିଲେ। ମହାବିଦ୍ୟାଳୟ ଅଧକ୍ଷା ଅରୁନ୍ଧତୀ ଦାସ, ଅଧ୍ୟାପକ ଓ ଅଧ୍ୟାପିକା, ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ପୁରାତନ ଲାଇବ୍ରେରୀ ଗୃହ ଓ ବିଜ୍ଞାନ ଶ୍ରେଣୀର ମରାମତି ଓ ନବୀକରଣ, ଷ୍ଟାଫ କମନ ରୁମର ମରାମତି ଓ ନବୀକରଣ ଆଦି ଉପରେ ଦୃଷ୍ଟି ଦେବାକୁ ଅଧକ୍ଷା ବିଧାୟକଙ୍କୁ ଅନୁରୋଧ କରିଥିଲେ। ଅଧିକାରୀଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ମହିଳାଙ୍କ ଉନ୍ମତ କାଣ୍ଡ

**ସୁନ୍ଦରଗଡ଼, ୩୦।୬(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଜବରଦସ୍ତପଡ଼ାର ଜଣେ ମହିଳାଙ୍କ ଉନ୍ମତ କାଣ୍ଡ ଚର୍ଚ୍ଚାର ବିଷୟ ହୋଇଛି। ସାମାନ୍ୟ କଥାକୁ କେନ୍ଦ୍ରକରି ଗ୍ରାମର ଭାରତୀ କୁମ୍ଭାର ତାଙ୍କ ବଡ଼ ଭଉଣୀ ଓ ବଡ଼ ଭଉଣୀଙ୍କ ପୁଅକୁ ମାଡ଼ ମାରିଥିଲେ। ଭିଣୋଇ ନରେନ୍ଦ୍ର ସିଂହ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା, ୩୦।୬(ସମିସ):** ଭବାନୀପାଟଣା ଏବଂ ଥୁଆମୂଳରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପ୍ରାଥମିକ ଶିକ୍ଷକ ଭବନ ଠାରେ ଥୁଆମୂଳରାମପୁର ଶିକ୍ଷକ ଉଜ୍ଜଳ କୁମାର ଦଳାଇ ଏବଂ ସଦର ବ୍ଲକ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସଦର ବ୍ଲକ ସଭାପତି ମଧୁସୂଦନ ପ୍ରଧାନ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ଆଚାରୀ ଶବର, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ଜୟକୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ଜଗଦୀଶ





ମୁଣ୍ଡ, ହୃଷିକେଶ ନାଏକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର କୁମାର ବାଗ, ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଉପଦେଷ୍ଟା ବିନୋଦ ବିହାରୀ ମଣ୍ଡଳ, ଥୁଆମୂଳରାମପୁର ବ୍ଲକ ଶିକ୍ଷକ ସଂଘ ସଭାପତି ଅଜିତ କୁମାର ନାୟକ, ସମ୍ପାଦକ ସୁରେଶ ଚନ୍ଦ୍ର ନାଏକ, ନର୍ଲା ସମ୍ପାଦକ ଅମିତ ଶର୍ମା ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମିନତୀ ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ସଦରବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା ସ୍ୱାଗତ ଅଭିଭାଷଣ ରଖିଥିଲେ। ଯୋଗେଶ୍ୱର ମିଶ୍ର, ଦିଲୀପ ଖାନସମା, ଶ୍ରୀନିବାସ ଆଚାରୀ, ଅମରେନ୍ଦ୍ର ପଟ୍ଟନାଏକ, ଜଗଦୀଶ ପାଣି, ତପନ କୁମାର ବେହେରା, ରାମେଶ୍ୱର ନାଏକ, ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରମୋଦ ବିଶି, ଜିଲ୍ଲା କୋଷାଧକ୍ଷ ଶିବପ୍ରସାଦ ଦାସ, ଥୁଆମୂଳରାମପୁର ବ୍ଲକ ଉପସଭାପତି ସୁବାସ ଚନ୍ଦ୍ର ନାଏକ, ସଦର ବ୍ଲକ ଉପସଭାପତି ଦୁଷ୍ମନ୍ତ ନାଏକ ଉପସ୍ଥିତ ଥିଲେ।

## ମିଶନରୁ ଫେଲ୍ ହେଉଛି ମିଶନ ଶକ୍ତି

# ଛଅ ବର୍ଷ ହେଲା ପୁନର୍ଗଠନ ହୋଇନି ବିଏଲ୍‌ଏଫ୍

ନର୍ଲା, ୩୦।୬(ସମିସ)

ମହିଳା ସଶକ୍ତିକରଣ ହେଉଛି ବିଗତ ବିଜେଡି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏକ ପ୍ରମୁଖ ବିକାଶମୂଳକ ପଦକ୍ଷେପ। ରାଜ୍ୟରେ ମହିଳାମାନଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମ ଯୋଗୁଁ ବିଗତ ସରକାର ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପ୍ରଶଂସିତ ହୋଇଛି। ମିଶନଶକ୍ତି ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ସଶକ୍ତିକରଣରେ ଯଥେଷ୍ଟ ସହାୟକ ହୋଇଥାଏ। ପୂର୍ବ ସରକାର ସମୟରେ ମହିଳା ମାନଙ୍କୁ ସ୍ୱାଧୀନ ଭାବରେ ରୋଜଗାର ଏବଂ ଆୟ ପାଇବାକୁ ସକ୍ଷମ କରି ଅର୍ଥନୈତିକ ସ୍ୱାଧୀନ ଭାବରେ ରୋଜଗାର ଏବଂ ଆୟ ପାଇବାକୁ ସକ୍ଷମ କରିବାରେ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ତେଣୁ ମହିଳା ସଶକ୍ତିକରଣ ହାସଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି ଭାବରେ 'ମିଶନ ଶକ୍ତି' କାର୍ଯ୍ୟକ୍ରମ ଅଧୀନରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଇଛି। ମା'କୁ ସମ୍ମାନ ଓ ସେମାନଙ୍କୁ ସ୍ୱାବଲମ୍ବୀ କରି ମହିଳା ସଶକ୍ତିକରଣ ଯୋଜନାରେ ବିଜେଡି ସରକାର ସବୁବେଳେ ଚେଷ୍ଟିତ ଥିଲା। ହେଲେ ଅନେକ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକରେ ଏହା ଦିଗହରା ହୋଇ ଚାଲିଛି।

ପ୍ରକାଶ ଯୋଗ୍ୟ ଯେ ବ୍ଲକର ୨୬ ଗୋଟି ପଞ୍ଚାୟତରେ ୧୭୫୦ରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ମିଶନ ଶକ୍ତିର ବ୍ଲକ ସ୍ତରୀୟ ଫେଡେରେସନ୍ ଗଠିତ ହୋଇଛି। ଏଥିରେ ଅନ୍ୟୁନ ୧୮୦୦୦ରୁ ଅଧିକ ମହିଳା ସଂପୃକ୍ତ ଅଛନ୍ତି। ବ୍ଲକ ପ୍ରୋଗ୍ରାମ ସଂଯୋଜକ ଓ ବ୍ଲକ ସ୍ତରୀୟ ଫେଡେରେସନ୍ ଜରିଆରେ ବ୍ଲକ ସ୍ତରରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ରହିଛି। ଏମାନଙ୍କ ମଧ୍ୟରୁ ପ୍ରତି ପଞ୍ଚାୟତରୁ ଦୁଇ ଜଣ ସଭ୍ୟ ଫେଡେରେସନର ସଭ୍ୟ ଓ ସେମାନଙ୍କ ମଧ୍ୟରୁ ଏଗାର ଜଣଙ୍କୁ ନେଇ କୋର କମିଟି ଗଠନ ହୋଇଛି। ଏହି କମିଟି ଜରିଆରେ ମିଶନ ଶକ୍ତିର ସମସ୍ତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପରିଚାଳିତ





ହେବାର ବିଧି ରହିଛି। ପରିତାପର ବିଷୟ ହେଲା ଯେ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଓ ବ୍ଲକସ୍ତରୀୟ ଫେଡେରେସନର କର୍ମକର୍ତ୍ତା ସମସ୍ତ ଗାଇଡ ଲାଇନର ଉଲ୍ଲଂଘନ କରି କମିଶନୀ କାରବାର କରୁଥିବା ଅଭିଯୋଗ ହେଉଛି। ମିଶନ ଶକ୍ତି ଗାଇଡ ଲାଇନ ଅନୁସାରେ ପ୍ରତି ଦୁଇ ବର୍ଷରେ ବ୍ଲକ ସ୍ତରୀୟ ଫେଡେରେସନର ପୁନର୍ଗଠନ ହେବା କଥା। ହେଲେ ଗତ ୨୦୧୮ରୁ ଗଠିତ ବିଏଲଏଫ୍ ଆଜି ସୁଦ୍ଧା ପରିବର୍ତ୍ତନ ହୋଇନାହିଁ। ବ୍ଲକ ସ୍ତରୀୟ ଫେଡେରେସନର କାର୍ଯ୍ୟକଳାପ ନେଇ ଏସଏଚଜି

**● ଅନୁଦାନ ଥାଇ ବି ତିନି ମାସ ହେଲା ଲାପ୍‌ଟପ୍ ବଣ୍ଟନ ହୋଇନାହିଁ**

ମାଁ ମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲେ ହେଁ ବିଏଲଏଫର ସଭାପତି ଓ ସମ୍ପାଦିକା ବର୍ତ୍ତମାନ ପର୍ଯ୍ୟନ୍ତ ଦାୟିତ୍ୱରେ ରହି ଫେଡେରେସନ୍ ଉପରେ ତାଙ୍କର ଆଧିପତ୍ୟ ଜାହିର କରି ଆସୁଛନ୍ତି। ଏନେଇ ଏମବିକେ, ସିଆରପି ଓ ଏସଏଚଜି ମାଁ ମାନେ ସେମାନଙ୍କ ଅସନ୍ତୋଷ ବ୍ଲକ ପ୍ରକଳ୍ପ ସଂଯୋଜକ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ନିକଟରେ ଜାହିର କରୁଛନ୍ତି। ସୂଚନା ଅନୁଯାୟୀ ଗତ ଏପ୍ରିଲ ୨ ତାରିଖ ଠାରୁ ବ୍ଲକର ୨୬ ଜଣ ଏମବିକେ ମାନଙ୍କୁ ଲାପଟପ୍ ପାଇଁ ଜଣପିଛା ପଚାଶ ହଜାର ହିସାବରେ ୧୩ ଲକ୍ଷ ଟଙ୍କା ଫେଡେରେସନର ବ୍ୟାଙ୍କ ଆକାଉଣ୍ଟରେ ଜମା ରହିଛି। ହେଲେ ଆଜି ପର୍ଯ୍ୟନ୍ତ ବିଭିନ୍ନ ବାହାନା କରି ସେମାନଙ୍କୁ ଦିଆଯାଇନାହିଁ। କାହିଁକି ଦିଆଯାଇନାହିଁ ବୋଲି ପ୍ରଶ୍ନ କଲେ ବ୍ଲକ ପ୍ରକଳ୍ପ ସଂଯୋଜକ ରୋହିତ ବିଶ୍ୱାଳ ମୁଁ ଜାଣିନାହିଁ ବୋଲି କହୁଛନ୍ତି। ସେହିପରି ଫେଡେରେସନର ସଭାପତି ସଙ୍ଗିତା ଭୋଇ ଓ ସଂପାଦିକା ବିଦ୍ୟୁଲତା ସାମଲ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ଫେଡେରେସନ୍ କାହିଁକି ପୁନର୍ଗଠନ ହୋଇନାହିଁ ଓ ସରକାରଙ୍କ ପ୍ରଦତ୍ତ ଲାପଟପ୍ ବାବଦର ଟଙ୍କା ଏମବିକେମାନଙ୍କୁ କାହିଁକି ଦିଆଯାଇନାହିଁ ବୋଲି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅମ୍ରିତ ପାଢ଼ୀଙ୍କୁ ପଚାରିବାରେ ସେ ଏବିଷୟରେ ଜାଣିନାହିଁ ବୋଲି କହିବା ସହ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ଡିସେମ୍ବର ଓ ଜାନୁଆରୀ ମାସରେ ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ବ୍ୟାଙ୍କ ମିତ୍ର ମାନଙ୍କୁ ଲାପଟପ୍, ଆଲମାରୀ, ଡେସ୍କ ଆଦି ବାବଦରେ ସତୁରୀ ହଜାର ଟଙ୍କା ଲେଖାଁଏ ଦିଆଯାଇଥିଲା। ସେହି ସମୟରେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଦୋକାନରୁ ନେଇ କମିଶନୀ କାରବାର ହୋଇଥିବା ଅଭିଯୋଗ ହେଉଛି। କାର୍ଯ୍ୟକାଳ ମଧ୍ୟରେ ଫେଡେରେସନର କାର୍ଯ୍ୟକର୍ତ୍ତା ଲକ୍ଷାଧିକ ଟଙ୍କାର ତୋଷରପାତ କରିଥିବା ଅଭିଯୋଗ ହୋଇଆସୁଛି। ଏହାର ଏକ ଭିଜିଲାନ୍ସସ୍ତରୀୟ ତଦନ୍ତ କରିବା ପାଇଁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଦାବି କରିଛନ୍ତି।

■ ଭୁବନ ଓକିଲ ସଂଘ ନିର୍ବାଚନ

# ବାବୁଲି ସଭାପତି, ପ୍ରହଲ୍ଲାଦ ସମ୍ପାଦକ

**ଭୁବନ, ୩୦।୬(ସମିସ) :** ଏକକ ବାର ଏକକ ଭୋଟ ନୀତି ଅନୁଯାୟୀ ରାଜ୍ୟର ସମସ୍ତ ଓକିଲ ସଂଘ ନିମନ୍ତେ ମାର୍ଚ୍ଚ ୩୦ ତାରିଖରେ ଭୋଟ ହେବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେବଳ ଭୁବନ ନିର୍ବାଚନରେ ଅନିୟମିତତା ଅଭିଯୋଗରେ ତଦନ୍ତ ପରେ ରାଜ୍ୟ ଆଇନଜୀବୀ ପରିଷଦ ଭୁବନ ବାର ନିର୍ବାଚନକୁ ସ୍ଥଗିତ କରିଥିଲେ। ତଦନ୍ତ ପରେ ଜୁନ ୩୦ ତାରିଖରେ ପୁନଃ ନିର୍ବାଚନ ହେବା ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶ



ମିଳିଥିଲା। ନିର୍ଦ୍ଦେଶ ଅନୁଯାୟୀ ଭୁବନ ବାରର ପ୍ରସ୍ତାବ କ୍ରମେ ଶ୍ରୀକାନ୍ତ କୁମାର ସାହୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ହୋଇଥିଲେ। ଭୁବନ ବାର ନିର୍ବାଚନ ନିମନ୍ତେ ବିଭିନ୍ନ ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ସଭାପତି ନିମନ୍ତେ ଦିବାକର ଦାସ, ବାବୁଲି କୁମାର ସେଠୀଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ସମୁଦାୟ ୩୬ଜଣ ଓକିଲ ଭୋଟ ଦେଇଥିଲେ। ବାବୁଲି ସେଠୀଙ୍କୁ ୨୨ ଖଣ୍ଡ ଭୋଟ ମିଳିଥିଲା। ଶ୍ରୀନିବାସ ଗୁରୁ, ପ୍ରହଲ୍ଲାଦ ସାହୁ ସମ୍ପାଦକ ନିମନ୍ତେ ଲଢ଼ିଥିଲେ। ୨୧ଖଣ୍ଡ ଭୋଟ ପାଇ ପ୍ରହଲ୍ଲାଦ ସାହୁ ବିଜୟୀ ହୋଇଥିଲେ। ଉପସଭାପତି ପ୍ରଶାନ୍ତ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଜଗବନ୍ଧୁ ସାହୁ ଓ କୋଷାଧ୍ୟକ୍ଷ ସଂଯୁଲତା ସାହୁଙ୍କୁ ବିଜୟୀ ଘୋଷଣା କରିଥିଲେ ନିର୍ବାଚନ ଅଧିକାରୀ। ସାରା ରାଜ୍ୟରେ କେବଳ ଭୁବନ ବାର ନିର୍ବାଚନ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ୩ମାସ ନିର୍ବାଚନ ସ୍ଥଗିତ ରହିଥିଲା। ରାଜ୍ୟ ଆଇନଜୀବୀ ପରିଷଦଙ୍କ ନିଷ୍ପତ୍ତିକୁ ଭୁବନ ଓକିଲ ସଂଘର ସମସ୍ତ ସଭ୍ୟ ସଭ୍ୟା ସ୍ୱାଗତ କରି ଭୋଟ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।

■ ୫୫ନଂ. ଜାତୀୟ ରାଜପଥର ବାଇପାସ୍ ରାସ୍ତା ନିର୍ମାଣ

# ସାମାନ୍ୟ ବର୍ଷାରେ ଲହଡ଼ି ମାରୁଛି ପାଣି

**ଢେଙ୍କାନାଳ, ୩୦।୬(ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ଅନ୍ତର୍ଗତ ସିମିନଈ ଏବଂ ଗଦାଶିଳା ପଞ୍ଚାୟତ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥ ଏବେ ଶୋଚନୀୟ ହୋଇପଡ଼ିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ପଞ୍ଚୁପଟିଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବା ପରେ ପୁରୁଣା ରାସ୍ତାକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଫଳରେ ଜାତୀୟ ରାଜପଥ ରାସ୍ତାକୁ କେତେକ ବ୍ୟକ୍ତି ଅବରୋଧ କରି ଦୋକାନଘର, ବାସଘର ନିର୍ମାଣ କରିବା ସହିତ ପୁରୁଣା ଡ୍ରେନକୁ ବନ୍ଦ କରିଦେଇଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଲହଡ଼ି ମାରୁଛି।

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥ ସିମିନଈ ଏବଂ ଗଦାଶିଳା ପଞ୍ଚାୟତ ଦେଇ ଯାଇଛି। ପୂର୍ବରୁ ଏହି ରାସ୍ତା ପଞ୍ଚୁପଟି ଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ଯାଇଥିବା ବେଳେ ଏହା ପଞ୍ଚୁପଟି, ମୂଳିସିଂହ, ଅଙ୍କରାନ୍ତିପୁର, ସିମିନଈ, ନିଳାମ୍ବରପୁର, ମହେନ୍ଦ୍ରପୁର, ସାଇଁବିରି, ଗଦାଶିଳା, ଚାଇଁପୁର ଦେଇ ଗାଡ଼ି ଚଳାଚଳ କରୁଥିଲା। ସରକାର ଲୋକସଂଖ୍ୟା ଏବଂ ଯାନବାହନ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ୪ଲେନ ରାସ୍ତା କରିବା ସମୟରେ ପଞ୍ଚୁପଟି ଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ୩ କିଲୋମିଟର ବାଇପାସ୍ ରାସ୍ତା ଭାବରେ ଗତ ୨୦୨୦ମସିହା ଠାରୁ ଯାନବାହନ ଚଳାଚଳ ପାଇଁ ଅନୁମତି ଦେଇଛନ୍ତି। ଫଳରେ ସମସ୍ତ ଭାରୀଯାନ ସହିତ ବସଗୁଡ଼ିକ ବାଇପାସ୍ ଦେଇ ଚଳାଚଳ କରୁଛି। ପୁରୁଣା ରାସ୍ତା ଉପରେ ସିମିନଈ, ଗଦାଶିଳା, କାଶିଆଡ଼ିହ, ବଳରାମପୁର, କାଣ୍ଡବିନ୍ଧା ସହିତ ପୁରୁଣା କଟକ- ସମ୍ବଲପୁର ରାସ୍ତାର ଗୋବିନ୍ଦପ୍ରସାଦ ଠାରୁ ତାମଣ୍ଡା ଦେଇ ପୁଣି ଥରେ ୫୫ ନଂ ଜାତୀୟ ରାଜପଥକୁ ସଂଯୋଗ, କୁଟୁଣିଆ, ବାବନ୍ଧ ପଞ୍ଚାୟତ ସହିତ ଗଞ୍ଜରା, ବ୍ରାହ୍ମଣିଆପାଳ ଅଞ୍ଚଳର ଲୋକମାନେ ପୁରୁଣା ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏହି ରାସ୍ତା ଉପରେ ୭ଟି ପଞ୍ଚାୟତ ସହିତ ହିନ୍ଦୋଳ ଉପଖଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଦୈନିକ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବା ବେଳେ ସିମିନଈ କଲେଜ ସହିତ ବିଭିନ୍ନ ସ୍କୁଲ କଲେଜକୁ ମଧ୍ୟ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି। ସରକାରଙ୍କ ତରଫରୁ ୪ ଲେନ ରାସ୍ତା ନିର୍ମାଣ ସହିତ ବାଇପାସ୍ ରାସ୍ତା ହେବା ପରେ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଛନ୍ତି। ଦୀର୍ଘ ୫ ବର୍ଷ ହେବ ରାସ୍ତାରେ ମାଟି ଗଣ୍ଡାଏ ପଡ଼ିନଥିବା ଜଣାପଡ଼ିଛି। ପିଚୁ ରାସ୍ତା ସମ୍ପୂର୍ଣ୍ଣ ଭାବରେ ଖାଲଖମା ସୃଷ୍ଟି ହୋଇ ପଡ଼ିରହିଛି। ବାଇପାସ ରାସ୍ତା ନିର୍ମାଣ ପରେ କେତେକ ବ୍ୟକ୍ତି ସରକାରୀ ଜମି ଉପରେ ଦୋକାନ ଘର କରି ଜବରଦଖଲ କରିଛନ୍ତି। ଏପରିକି କେତେକ ସ୍ଥାନରେ ଡ୍ରେନ ଥିବା ବେଳେ ସେହି ଡ୍ରେନ ମଧ୍ୟ ବନ୍ଦ ହୋଇପଡ଼ିଛି। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଲହଡ଼ି ମାରୁଛି। ସରକାରୀଙ୍କ ତରଫରୁ ଜାତୀୟ ରାଜପଥ ବିଭାଗ ବହୁ ପୂର୍ବରୁ ଜମି ଚିହ୍ନଟ କରିବା ସହିତ ଉଭୟ ପାର୍ଶ୍ୱରେ ଥିବା ସରକାର ଜମି ଚିହ୍ନଟ ସହିତ କେତେକ ଲୋକଙ୍କୁ କ୍ଷତିପୂରଣ ମଧ୍ୟ ଦେଇଥିବାର ଜଣାପଡ଼ିଛି। ଏହା ସତ୍ତ୍ୱେ ସରକାରୀ ଜମି ଚିହ୍ନଟ ନହେବାରୁ ଏହକୁ ଜବରଦଖଲ କରାଯାଇଛି। ଏହା ସହିତ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚୀନୟ ହୋଇପଡୁଥିବା ବେଳେ ପଞ୍ଚୁପଟି ଠାରେ ପୁରୁଣା ରାସ୍ତାକୁ ଆସିବା ପାଇଁ କେବଳ ମାଟି ଗଣ୍ଡାଏ ପକାଇଦେଇ ଠିକାଦାର କାମ ସାରିଦେଇଛି। ଝାରଗାଡିଆ ଠାରେ ମଧ୍ୟ ସମାନ ଭାବରେ ମାଟି ଗଣ୍ଡାଏ ପକାଇ ଦେଇ ଚାଲିଯାଇଛନ୍ତି। ଉଭୟ ସ୍ଥାନରେ ରାସ୍ତା ନିର୍ମାଣ ହେବା ତ ଦୂରର କଥା ପ୍ରଶାସନ କିମ୍ବା ଏନଏଚ ବିଭାଗ କୌଣସି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ରାସ୍ତା ନିର୍ମାଣ କରିବାକୁ ନେଇ ପୂର୍ବତନ ସରପଞ୍ଚ ତଥା ଜନସାଧାରଣ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ସ୍ଥାନୀୟ ବିଧାୟିକା, ସାଂସଦଙ୍କୁ ମଧ୍ୟ ଲିଖିତ ଭାବରେ ଅବଗତ କରାଯାଇଛି। ରାସ୍ତା ନିର୍ମାଣ ସହ ମରାମତି କରା ନଗଲେ ଏକ ବଡ଼ ଧରଣର ଜନଆନ୍ଦୋଳନ ସହ ବାଇପାସ ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ ଅଗାମୀ ଦିନରେ ବନ୍ଦ କରିବାକୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମସୁଧା ଚାଲିଛି।

ଅର୍ଥ ଅଭାବରୁ ପରିବାର ହନ୍ତସନ୍ତ

# ସ୍ୱାମୀଙ୍କ ଚିକିତ୍ସା ଓ ଝିଅର ପାଠପଢ଼ା ଚିନ୍ତା ଘାରିଛି

**କାମାକ୍ଷାନଗର, ୩୦।୬(ସମିସ)**

ସ୍ୱାମୀ, ସ୍ତ୍ରୀ ଓ ଏକମାତ୍ର ଝିଅକୁ ନେଇ ଦୁଃଖକଷ୍ଟରେ ପରିବାର ଚଳାଉଥିଲେ ବୈକୁଣ୍ଠ। ମାତ୍ର ହଠାତ ତାଙ୍କ ଜୀବନ ଆକାଶରେ ଘୋଟିଆସିଲା ବ୍ରେନଷ୍ଟ୍ରୋକ୍ ରୂପୀ କଳାବାଦଲ। ଆଉ ତା'ପରେ ପରିବାର ଉପରେ ପଡ଼ିଲା ବଜ୍ରଚଢ଼କ। ଅର୍ଥାଭାବରୁ ବୈକୁଣ୍ଠଙ୍କ ଚିକିତ୍ସା ହୋଇପାରୁ ନଥିବା ବେଳେ ଏକମାତ୍ର ପାଠପଢୁଆ ଝିଅର ଭବିଷ୍ୟତ ଏବେ ଅନ୍ଧାରରେ। କାମାକ୍ଷାନଗର ଉପଖଣ୍ଡର କଙ୍କଡାହାଡ଼ ବ୍ଲକ ଭଦଳିଆ ସାହିର ବୈକୁଣ୍ଠ ପାତ୍ର, ସ୍ତ୍ରୀ କାଞ୍ଚନ ପାତ୍ର ଓ ଏକମାତ୍ର ଝିଅ ଇତିଶ୍ରୀଙ୍କୁ ତାଙ୍କ ସଂସାର। ଦିନମଜୁରିଆ ଭାବେ କାମ କରି ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ ବୈକୁଣ୍ଠ। କିନ୍ତୁ ଆଜିକୁ ୩ବର୍ଷ ତଳେ ବୈକୁଣ୍ଠଙ୍କ ଶରୀର ହଠାତ ଖରାପ ହୋଇଗଲା। ପ୍ରଥମେ କଙ୍କଡାହାଡ଼ ମେଡିକାଲ ଓ ପରେ କାମାକ୍ଷାନଗର ମେଡିକାଲରେ ବୈକୁଣ୍ଠଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ସ୍ତ୍ରୀ କାଞ୍ଚନ। ମାତ୍ର ସେଠାରେ ଡାକ୍ତର ତାଙ୍କୁ କଟକ ଯାଇ ଚିକିତ୍ସା କରାଇବା ପାଇଁ କହିଥିଲେ। ଫଳରେ କଟକରେ ଚିକିତ୍ସା ପାଇଁ ଆସି ସ୍ୱାସ୍ଥ୍ୟପରୀକ୍ଷା କଲାପରେ ବୈକୁଣ୍ଠଙ୍କ ବ୍ରେନଷ୍ଟ୍ରୋକ୍ ହୋଇଥିବା କହିଥିଲେ ଡାକ୍ତର। ସ୍ୱାମୀଙ୍କୁ ଭଲକରିବା ପାଇଁ ତଥା ବିଭିନ୍ନ ଡାକ୍ତରୀ ପରୀକ୍ଷା ଓ ଅସ୍ତ୍ରୋପଚାର

● ସହଯୋଗ ଲାଗି ପ୍ରଶାସନକୁ ଗୁହାରି

ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଥିବା ବେଳେ କେମିତି ସ୍ୱାମୀଙ୍କୁ ଭଲ କରିବେ, ସେ ନେଇ ଚିନ୍ତାରେ କାଞ୍ଚନ। ଆଉ ଶେଷରେ ନିଜର ବିଲ ବାଡ଼ି, ଘରର ଆସବାବପତ୍ର, ସୁନା ଗହଣା ଇତ୍ୟାଦି ସବୁ ବିକ୍ରିକରି ସ୍ୱାମୀଙ୍କ ଚିକିତ୍ସା କରାଇଲେ କାଞ୍ଚନ। ହେଲେ ଅସ୍ତ୍ରୋପଚାର କରାଇବା ପାଇଁ ଆର୍ଥିକ ସମ୍ବଳ ନଥିବାରୁ ଅସ୍ତ୍ରୋପଚାର ହୋଇ ନପାରି ଅଧା ଚିକିତ୍ସାରେ ଘରକୁ ଫେରିଥିଲେ। ଆଉ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଅର୍ଥ ଅଭାବରୁ ବୈକୁଣ୍ଠ



ହୋଇଗଲେ ଶଯ୍ୟାଶାୟୀ। ଘରର ଏକମାତ୍ର ରୋଜଗାରିଆ ଲୋକଟି ଶଯ୍ୟାଶାୟୀ ହୋଇ ସରକାରୀ ସହାୟତାକୁ ଅନାଇ ବସିଥିଲା ବେଳେ ଅର୍ଥ ଅଭାବରୁ କେବଳ ଭଗବାନଙ୍କ ଭରସାରେ ସ୍ତ୍ରୀ କାଞ୍ଚନ ଓ ଝିଅ ଇତିଶ୍ରୀ। ଗୋଟିଏ ପଟେ ଭଙ୍ଗାଦଦରା ଘରେ ତିନିପ୍ରାଣୀ କୁଟୁମ୍ବ ଚଳୁଥିବା ବେଳେ ସରକାରୀ ସହାୟତା କହିଲେ କେବଳ ଚାଉଳ ୧୫ କିଲୋ। ୧୫ କିଲୋ ଚାଉଳ ବ୍ୟତୀତ ପରିବାର ପ୍ରତିପୋଷଣ ପାଇଁ କୌଣସି ବିକଳ୍ପ ନାହିଁ। ଏହାରି ଭିତରେ ନିଜର ଭବିଷ୍ୟତକୁ ଖୋଜୁଛି ଝିଅ ଇତିଶ୍ରୀ। ମାଟ୍ରିକ ପାସ୍ କରିବା ପରେ ଚଳିତ ବର୍ଷ କଙ୍କଡାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ +୨ ପାସ କରିଛନ୍ତି ଇତିଶ୍ରୀ। ଆଗକୁ ପାଠ ପଢ଼ିବାକୁ ଇଚ୍ଛାଥିଲେ ମଧ୍ୟ ଘରର ପରିସ୍ଥିତି ଓ ଅର୍ଥାଭାବକୁ ନେଇ ଇତିଶ୍ରୀ ଚୁପ୍। ମୁଠାଏ ଭାତ ଓ ଶାଗ ଭଜା ଟିକେ ଖାଇବା ପାଇଁ ନଥିବା ପରିବାର ଏବେ ଝିଅର ପାଠପଢ଼ା ପାଇଁ ପାଉନାହାନ୍ତି ରାହା। କେହି ବଦାନ୍ୟ ବ୍ୟକ୍ତି କିମ୍ବା ସରକାରୀ ସହାୟତାକୁ ଅପେକ୍ଷା କରି ଚାତକ ଭଳି ଅନାଇ ବସିଛନ୍ତି ଇତିଶ୍ରୀ ଓ ତାଙ୍କ ବାପା, ମା। ଏ ନେଇ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏ ବିଷୟରେ ବର୍ତ୍ତମାନ ସୁଦ୍ଧା ଆମ ପାଖରେ କୌଣସି ଖବର ନାହିଁ, ତେବେ ବୈକୁଣ୍ଠଙ୍କ ଚିକିତ୍ସା ଖର୍ଚ୍ଚ ଓ ଇତିଶ୍ରୀ କିପରି ପାଠ ପଢ଼ିପାରିବ, ସେ ନେଇ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଉପଜିଲ୍ଲାପାଳ। ଗୋଟିଏ ପଟେ ବୈକୁଣ୍ଠଙ୍କ ଚିକିତ୍ସା ଓ ଅନ୍ୟ ପକ୍ଷରେ ଇତିଶ୍ରୀଙ୍କ ପାଠପଢ଼ା। କୌଣସି ରୋଜଗାରର ସମ୍ଭାବନା ନଥିବା ପରିବାର ଏହି କଷ୍ଟରୁ ମୁକ୍ତି ପାଇବା ପାଇଁ ପ୍ରଶାସନ ଓ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି।

ଢେଙ୍କାନାଳ ରଥଯାତ୍ରା ଲାଗି ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱାରୋପ

**ଢେଙ୍କାନାଳ, ୩୦।୬(ସମିସ) :** ଚଳିତ ମାସ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ରବିବାର ୭ ତାରିଖ ଦିନ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ପାଇଁ ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ଓ ଭକ୍ତମାନେ କିଭଳି ବ୍ୟବସ୍ଥିତ ଢଙ୍ଗରେ ରଥଯାତ୍ରାର ଅନୁଭୂତି ପାଇପାରିବେ ସେ ସବୁଦିଗକୁ ସମୀକ୍ଷାକରି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଢେଙ୍କାନାଳ ରଥଯାତ୍ରାରେ ହାରାହାରି ୪୦ ରୁ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସେବା ଓ ଆଶୁ ଚିକିତ୍ସା ଯୋଗାଇ ଦେବାପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ

● ୧୨ଟା ୨୫ରେ ଛେରା ପହଁରା ଓ ଅପରାହ୍ନ ୧ଟା ୫ମିନିଟରେ ରଥଟଣା

କରିଥିଲେ। ଏହାସହିତ ରାଜପୁରୋଧା ଦେଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଯଥା ସମୟରେ କିପରି ସମସ୍ତ ରୀତିନୀତି କରାଯିବ ସେ ଉପରେ ଆଲୋଚନା କରିଥିଲେ। ରବିବାର ରଥଯାତ୍ରା ପାଇଁ ଭୋର ୫ଟା ୧୬ରେ ଜୟମଙ୍ଗଳ ଆଳତୀ ସହିତ ସକାଳ ୮ଟା ୧୫ରେ ମହାପ୍ରଭୁଙ୍କ ସକାଳ ଧୂପ ସହ ସମସ୍ତ ନୀତି ସମ୍ପନ୍ନ ହେବ। ସକାଳ ୮ଟା ୩୦ରେ ରଥ ପ୍ରତିଷ୍ଠା ସହିତ ୮ଟା୩୦ରୁ ୯ଟାରେ ପହଣ୍ଡି ବିଜେ କରାଯାଇ ୧୨ଟା ୨୫ରେ ଛେରାପହଁରା କରାଯାଇ ଦିନ ଗୋଟାଏ ୫ମିନିଟରେ ରଥଟଣା ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି। ସେହିପରି ସନ୍ଧ୍ୟା ୬ଟା ୨୫ମଧ୍ୟରେ ରଥଟଙ୍କା ଶେଷ କରିବାକୁ ନିଷ୍ପତ୍ତି କରାଯାଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ ଯୋଗଦେଇ ଶାନ୍ତି ଶୃଙ୍ଖଳା ଓ ଆରକ୍ଷୀ ମୁତୟନ ସମ୍ବନ୍ଧରେ ଆଲୋଚନା କରିଥିଲେ। ରଥ ଟଣାଯିବା ସମୟରେ ଯେପରି ରାସ୍ତାରେ କୌଣସି ଗାଡ଼ିମଟର ଯାତୟାତ କରିବ ନାହିଁ ଓ ଯେପରି କୌଣସି ଅପରାଧିକ କାର୍ଯ୍ୟକଳାପ ନଘଟେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କହିଥିଲେ। ଏହାସହିତ ରଥ ପାଖରେ ଶୃଙ୍ଖଳିତ ରଥଟଣା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ କରିବାକୁ କହିଥିଲେ। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପ୍ରଧାନ, ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ ଓ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦାନ କରିଥିଲେ। ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ନବକିଶୋର ଗୁରୁ, ବନଖଣ୍ଡ ଅଧିକାରୀ ସୁମିତ କର, ଜିଲ୍ଲା ପରିଷଦ



ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ଢେଙ୍କାନାଳ ରଥଯାତ୍ରା କମିଟିର ସଦସ୍ୟ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ବାହୁଡ଼ା ଯାତ୍ରା ପୂର୍ବରୁ ୧୧ ତାରିଖରେ ହେରା ପଞ୍ଚମୀ ନୀତି, ୧୪ ତାରିଖରେ ଆଡ଼ପ ମଣ୍ଡପ ଦର୍ଶନ ଏବଂ ୧୫ ତାରିଖ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ବାହୁଡ଼ା ଯାତ୍ରା ପାଇଁ ସମସ୍ତ ନୀତି ୧୦ଟା ୪୫ମିନିଟ ମଧ୍ୟରେ ଶେଷ କରି ୧୧ଟା ୪୦ ମଧ୍ୟରେ ପହଣ୍ଡି, ଏବଂ ୧୨ଟା ୫୫ ମିନିଟରେ ପ୍ରଥମ ରଥ ଟଣାଯିବ ବୋଲି ରାଜପୁରୋଧା ପଞ୍ଚାନନ ମିଶ୍ର ଜଣାଇଛନ୍ତି। ସେହିପରି ୧୬ ତାରିଖରେ ରଥାରୂଢ଼ ପ୍ରଭୁଙ୍କର ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ପାଳନ, ୧୭ରେ ଏକାଦଶୀ ନୀତି ଏବଂ ସୁନାବେଶ, ୧୮ ରେ ପ୍ରଭୁଙ୍କର ରତ୍ନସିଂହାସନ ବିଜେ ହେବ ବୋଲି ଜଣାପଡ଼ିଛି।

## ଯୁବକଙ୍କ ଆତ୍ମହତ୍ୟା

**କାମାକ୍ଷାନଗର,୩୦।୬(ସମିସ):** କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡ଼ାମାଳି ଗ୍ରାମର ମାନସ କୁମାର ମଲ୍ଲ ରବିବାର ସନ୍ଧ୍ୟାରେ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନଥିବା ବେଳେ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ଶବ ବ୍ୟବଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ମଦ ବୋତଲ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**କାମାକ୍ଷାନଗର,୩୦।୬(ସମିସ):** ଗତକାଲି ଅପରାହ୍ନରେ ମହାବିରୋଡ଼ ଥାନା ଅନ୍ତର୍ଗତ ଗଡ଼ପଳାଶୁଣି ଗ୍ରାମ ଆମ୍ବତୋଟା ପାଖରେ ଏକ ଅଭାବନୀୟ ଘଟଣା ଘଟିଥିଲା। ମଦ ବୋତଲ ଭାଙ୍ଗି ପେଟରେ ଭୂଷି ଦେବା ଫଳରେ କଙ୍କଡାହାଡ଼ ଥାନା ଅନ୍ତର୍ଗତ ଡ଼ଙ୍ଗାପାଳ ଗ୍ରାମର ବିଜୟ ସିଂହ(୪୦)ଙ୍କ ଅନ୍ତଃବୁଜୁଳା ବାହାରି ଯାଇଥିଲା। ପ୍ରଥମେ ବିଜୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଧିକ ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ଥାନାନ୍ତରିତ କରାଯାଇଥିଲା। ବିଜୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ ଥିବାରୁ କଟକ ସ୍ଥିତ ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ଡାକ୍ତର ପଠାଇଥିଲେ। ମହାବିରୋଡ଼ ଥାନା ଏଏସାଇ ଶେଷଦେବ ଲେଙ୍କା କହିଛନ୍ତି ସେ ଆଜି କଟକ ଯାଇ ଦେଖିଲେ ଗୁରୁତର ଅବସ୍ଥାରେ ବିଜୟ ଅଛନ୍ତି। ସେଠି ତାଙ୍କୁ ସର୍ଜରି ବିଭାଗରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୁତ୍ରରୁ ଜଣାପଡ଼ିଛି ଯେ, ୩ ଜଣ ବ୍ୟକ୍ତି ଏକାଠି ମଦ୍ୟପାନ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ଫଳରେ ଅଭାବନୀୟ ଘଟଣା ଘଟିଥିଲା। ସେହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଅନୀଲ ସିଂହକୁ ଗତକାଲି ପୁଲିସ ଅଟକ ରଖିଥିବା ବେଳେ ଆଜି ଅମର ସିଂହଙ୍କୁ ଅଟକ ରଖି ପଚାରାଉଚାରା କରୁଥିଲା। ଏ ସଂକ୍ରାନ୍ତରେ ମହାବିରୋଡ଼ ଥାନା ଅଧିକାରୀ ଅନାଦି ପଟାୟତ କହିଛନ୍ତି ଯେ, ମୁଖ୍ୟ ଅଭିଯୁକ୍ତ ଅନୀଲ ସିଂହ ଓ ଅମର ସିଂହ ଉଭୟଙ୍କୁ ପୁଲିସ ଗିରଫ କରି ଆଜି ସନ୍ଧ୍ୟା ସମୟ ୭.୩୦ ବେଳେ ପରଜଙ୍ଗ ଅଦାଲତକୁ ପଠାଇଛନ୍ତି। ଅନୀଲ ପୁଲିସ ବିଭାଗରେ କାମ କରୁଥିବା ବେଳେ ଅମର ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଥାନା ଅଧିକାରୀ ଶ୍ରୀ ପଟାୟତ ସୂଚନା ଦେଇଛନ୍ତି।

■ କପିଳାସ କ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି

# ରଥ ନିର୍ମାଣରେ ୬ ମହାରଣା, ୧ କମାର, ୪ ଶ୍ରମିକ ନିୟୋଜିତ

**ଗଁଦିଆ, ୩୦।୬(ସମିସ):** ଆଉ ମାତ୍ର ୭ଦିନ ପରେ ଆରମ୍ଭ ହେବ ଘୋଷଯାତ୍ରା। ଢେଙ୍କାନାଳ ଜିଲ୍ଲା ଦେଓଗାଁର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କୁ ରଥରେ ଦର୍ଶନ କରିବାକୁ ଅନେଇ ବସିଛନ୍ତି। ଏବେ ରଥ ନିର୍ମାଣରେ ୬ ମହାରଣା, ୧ କମାର, ୪ ଶ୍ରମିକ ନିୟୋଜିତ ହୋଇଛନ୍ତି। ରଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। କପିଳାସ କ୍ଷେତ୍ରର ଆରାଧ୍ୟ ଦେବତା



ଶ୍ରୀବଳଦେବାଜୀଉ ତାଙ୍କ ଭଗିନୀ ସୁଭଦ୍ରା ଓ ସାନୁଜ ଜଗନ୍ନାଥ ବ୍ରହ୍ମ ତଳଧ୍ୱଜ ରଥାରୂଢ଼ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ସହ ମାଉସୀ ମା' ମନ୍ଦିର ଅଭିମୁଖେ ଶ୍ରୀଗୁଣ୍ଡିଚା ଦିନଠାରୁ ଯାତ୍ରା ଆରମ୍ଭ କରିବେ। ସେଥିପାଇଁ ଏବେ ରଥ ଖଳା ଚଳଚଞ୍ଚଳ ହୋଇପଡ଼ିଛି। କପିଳାସ କ୍ଷେତ୍ରର ରଥଖଳାରେ ଏବେ ରଥ ନିର୍ମାଣ କାର୍ଯ୍ୟ ମହାରଣା ସେବାୟତଙ୍କ ଦ୍ୱାରା ଜୋରସୋର ଚାଲିଛି। ପ୍ରତେକ ବର୍ଷ ରଥ ପାଇଁ କିଛି ନୂଆ କାଠ ଓ ପୁରୁଣା କାଠରେ ନିର୍ମାଣ କରାଯାଇଥାଏ। ରଥ ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥାଏ। ଏହି ରଥର ଅଖ ସଂଖ୍ୟା ୭ ଓ ଚକ ସଂଖ୍ୟା ୧୪। ଏହାର ଉଚ୍ଚତା ୨୬ ହାତ ୭ ଆଙ୍ଗୁଳି ପରମ୍ପରା ଅନୁସାରେ ପ୍ରତେକ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଦିନ ରଥନିର୍ମାଣ କାର୍ଯ୍ୟ କରାଯାଇ ପୂଜା କରାଯାଇଥାଏ। ପରେ ୧୪ଟି ଚକ, ୭ଟି ଅଖ ସହ ସଂଯୋଗ କରାଯାଇଥାଏ। କମାର ମହାରଣା ରଥ ନିର୍ମାଣ ଲାଗି ଆବଶ୍ୟକ ଥିବା କଣ୍ଟା ସେମାନଙ୍କ ଦ୍ୱାରା ତିଆରି କରାଯାଇଥାଏ। ସେଥିପାଇଁ ସେମାନେ ମନ୍ଦିର ପକ୍ଷରୁ କିଛି ପରିଶ୍ରମିକ ପାଇ ମଧ୍ୟ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ରେ ନିୟୋଜିତ ଥିବାରୁ ନିଜକୁ ଧନ୍ୟ ମନେ କରିଥାନ୍ତି। ରଥ କାର୍ଯ୍ୟ ନେତ୍ର ଉତ୍ସବ ଦିନ ଶେଷ କରି ଦେବୋତ୍ତର ବିଭାଗକୁ ଦେବାଲାଗି ଏବେ ରଥ ନିର୍ମାଣରେ କାରିଗରମାନେ ନିମଗ୍ନ ହୋଇପଡ଼ିଛନ୍ତି। ରଥ କାର୍ଯ୍ୟ ଆଗେଇ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ନେତ୍ର ଉତ୍ସବ ଦିନ କାରିଗର ରଥ ନିର୍ମାଣ ଶେଷ କରି ଦେବୋତ୍ତର ବିଭାଗ ହସ୍ତାନ୍ତର କରିବାପାଇଁ ପ୍ରତିଶ୍ରୁତି ଦେଇଥାନ୍ତି। ଯାହାକି ଆଶା ରହିଛି ଉକ୍ତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ସମାପନ ହୋଇଯିବ। ପରେ ଆର .ଆଣ୍ଡ .ବି ଅଧିକାରୀ ଆସି ଫିଟନେସ ସାର୍ଟିଫିକେଟ ପ୍ରଦାନ କରିବେ ବୋଲି ଜାଣିବାକୁ ମିଳିଛି। ଦେବୋତ୍ତର ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ରଥଯାତ୍ରା ପୂର୍ବରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ କୁହାଯାଇଛି।

# ବିଦ୍ୟାଳୟ ନିରାପତ୍ତା ସପ୍ତାହ ପାଳିତ



**କାମାକ୍ଷାନଗର, ୩୦।୬(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସନ୍ନିକଟ କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଏକ ସପ୍ତାହ ବ୍ୟାପୀ ବିଦ୍ୟାଳୟ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଅଧ୍ୟକ୍ଷତା କରିଥିଲେ। ଦୈନନ୍ଦିନ ଜୀବନ ରେ ଦୁର୍ବିପାକ, ବିଭିନ୍ନ ପ୍ରକାର ରୋଗ, ରାସ୍ତା ନିରାପତ୍ତା ଆଦି ବିଷୟରେ ସଚେତନ କରିବା ସହ କିପରି ସୁରକ୍ଷିତ ରହିପାରିବା ତାହା ଉପରେ ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଓ ଆକସ୍ମିକ ଦୁର୍ଘଟଣାରୁ ନିଜକୁ ସୁରକ୍ଷିତ ରଖିବାରେ ପ୍ରାଥମିକ ଚିକିତ୍ସା ର ଗୁରୁତ୍ୱ ଉପରେ ଜେ ଆର ସି କାଉନସିଲର ସୁରେଶ କୁମାର ବିଶ୍ୱାଳ ଆଲୋଚନା କରିଥିଲେ। ଶିକ୍ଷକ ଧ୍ରୁବ ଚରଣ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଢେଙ୍କାନାଳ ବନାଞ୍ଚଳରେ ସବୁଜିମା ହ୍ରାସ

# କେବଳ କାଗଜକଲମରେ ବୃଦ୍ଧିପାଉଛି ଜଙ୍ଗଲ

**ଢେଙ୍କାନାଳ, ୩୦।୬(ସମିସ)**

ଢେଙ୍କାନାଳ ବନାଞ୍ଚଳରେ କ୍ରମାଗତ ଭାବେ ବ୍ୟାପକ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି। ଜିଲ୍ଲାରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି, ଖଣି, ଖାଦାନ, କାରଖାନା, ବସ୍ତି ବୃଦ୍ଧି ପାଉଥିବା ବେଳେ କେନାଲ ନିର୍ମାଣ ଯୋଗୁ ବ୍ୟାପକ ଜଙ୍ଗଲ ଏଠାରେ ହ୍ରାସ ପାଇଥିବା ଜଣାପଡ଼ିଛି। ପ୍ରତିବର୍ଷ ବନବିଭାଗ ତରଫରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଚାରାରୋପଣ କରାଯାଉଥିବା ବେଳେ ଏହାର ସ୍ଥିତି କେବଳ କାଗଜ କଲମରେ ସୀମିତ ରହିଛି।

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର

● ପରିବେଶ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ଼, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଡଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହିତ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ୍ ରହିଛି। ବନଖଣ୍ଡରେ ମୋଟ ୨୭୨.୨୮ କିଲୋମିଟର ଜଙ୍ଗଲ ରାସ୍ତା ରହିଛି। ମୋଟ ଜଙ୍ଗଲ ପରିମାଣ ରାସ୍ତା କଟିଗଲେ ମାତ୍ର ୧ ହଜାର ୪୬୫ କିଲୋମିଟର ଜଙ୍ଗଲ ରହିଛି। ମୋଟ ଭୌଗୋଳିକ ଆୟତନର ମାତ୍ର ୩୯.୩ ଭାଗ ଜଙ୍ଗଲ ରହିଛି। ଜିଲ୍ଲାରେ କ୍ରମଶଃ ଜନସଂଖ୍ୟା ବୃଦ୍ଧି ସହିତ କଂକ୍ରିଟ ରାସ୍ତା ଓ ବ୍ୟାପକ ଗୃହ ନିର୍ମାଣ ଏଠାରେ ବିପଦ ସୃଷ୍ଟି କରୁଛି। ଜଙ୍ଗଲ ରାସ୍ତା ମଧ୍ୟରେ ମହାବିରୋଡ଼ ରେଞ୍ଜରେ ଶୁଣ୍ଢିଖାଇକାଟେଣୀ-ବିଲେଇଶୁଣୀରେ ୬.୨ କିଲୋମିଟର, ଭେଜିଆ-ଗେଙ୍ଗୁଟିଆ ୮କିଲୋମିଟର, ଦଦରାଘାଟି-ବୁଲାଝର ୮.୮୬କିଲୋମିଟର ରାସ୍ତା ରହିଥିବା ବେଳେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ପଥରଗଡ଼-ଗୁଣ୍ଡିଚାନାଳୀ ୨୦ କିଲୋମିଟର, ବସୋଇ-କଙ୍କିଳି ୫ କିଲୋମିଟର, ଆଲୁଅଝରଣ-ମୁକ୍ତାପଶି ୧୦.୩୦ କିଲୋମିଟର,



ଢେଙ୍କାନାଳ ରେଞ୍ଜ ଝରଣ-ଛଣବୋଲୁଅ ୧୧.୩୦ କିଲୋମିଟର, ଭାପୁର-ଅଭିମନ୍ୟୁପୁର ୨ କିଲୋମିଟର, ହାତିଣ୍ଡା-ମହୁଲପୁଞ୍ଜି ୧୧.୫୦ କିଲୋମିଟର, ଷଡଙ୍ଗୀ ରେଞ୍ଜ ଅଧୀନରେ ଖଙ୍କିରା-ଧନିଆନାଳୀ ୧୨ କିଲୋମିଟର, ଛୋଟତେନ୍ତୁଳି-ମହିଷାକଡ଼ା ୫ କିଲୋମିଟର, ହିନ୍ଦୋଳ ରେଞ୍ଜର ହିନ୍ଦୋଳ-ଫାଶିଗାଁ ୪୨ କିଲୋମିଟର, ବମ୍ପା-ପଟାଲୁ ୧୨.୫ କିଲୋମିଟର, ଗୁରୁଜଙ୍ଗ-ଫାଶିଗାଁ ୧୯.୨ କିଲୋମିଟର, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ବାଟଗାଁ-କେନ୍ଦୁଝର ସୀମା ପର୍ଯ୍ୟନ୍ତ ୨୦.୯ କିଲୋମିଟର, ଉମେନ୍ଦ୍ର- ଏକୁଲ ୧୧.୨କିଲୋମିଟର, ବାଇଗଣପଲି-ଏକୁଲ ୧୪.୨ କିଲୋମିଟର, ଚିଲଦା- ଖଡ଼ିକିଦ୍ୱାର ୧୫କିଲୋମିଟର, ସିଆରିମାଳିଆ-ଝିଲ୍ଲୀ ୨୫.୩ କିଲୋମିଟର ରାସ୍ତା ଏଭଳି ମୋଟ ୨୭୨ କିଲୋମିଟର ୨୮ମିଟର ରାସ୍ତା ରହିଛି। ଜିଲ୍ଲାରେ ଜଙ୍ଗଲ ପରିମାଣ ବୃଦ୍ଧି ପାଉଥିବା ବନବିଭାଗ ବାହାସ୍ଫୋଟ ମାରୁଥିବା ବେଳେ ବାସ୍ତବରେ ଜଙ୍ଗଲ ପରିମାଣ ହ୍ରାସ ପାଇବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ସହିତ କଳ କାରଖାନା, ବସ୍ତି, କେନାଲ, ଖଣି, ଖାଦାନ ଯୋଗୁ ଜଙ୍ଗଲ ନଷ୍ଟ ହେବା ସହିତ କାଠ ପାଇଁ ମଧ୍ୟ ଜଙ୍ଗଲ କାଟି ଦିଆଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଚାରାରୋପଣ କରାଯାଉଥିବା ଜଙ୍ଗଲ ବିଭାଗ ସଫେଇ ଦେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ଗଛ ବଞ୍ଚି ରହୁନାହିଁ। ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବୃକ୍ଷରୋପଣ ପାଇଁ ଗୁରତ୍ୱ ଦିଆଯାଉଥିବା ବେଳେ ଗଛ ଲଗାଇଦେଇ କେବଳ ଫଟୋ ଉଠାଇଦେଲେ କାମ ଶେଷ ହୋଇଯାଉଛି। ଚଳିତ ବର୍ଷ ରୋପଣ କରାଯାଇଥିବା ଗଛ ପରବର୍ତ୍ତୀ ସମୟରେ ଗୋଟିଏ ହେଲେ ବଞ୍ଚି ରହୁନାହିଁ। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ଏଠାରେ ପାଣିରେ ପଡୁଛି। ସେହିପରି ଗଛ ଜଗିବା ପାଇଁ କର୍ମଚାରୀମାନଙ୍କୁ ନିଯୁକ୍ତି ସହିତ ବିଭିନ୍ନ ବନସଂରକ୍ଷଣ ସମିତି କରାଯାଇଥିଲେ ମଧ୍ୟ ବାସ୍ତବରେ ଏହାର ତଦନ୍ତ କରାଗଲେ କେତେ ଜଙ୍ଗଲ ସୃଷ୍ଟି ହୋଇଛି, ତାହା ଲୋକଲୋଚନକୁ ଆସିବା ସହିତ ବନବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ କ୍ରମଶଃ ଉତ୍ତାପ ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି ପରିବେଶବିତ୍ ପ୍ରକାଶ କରିଥିବା ବେଳେ କୌଣସି ଯୋଜନା ଏଠାରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଢେଙ୍କାନାଳ ବନାଞ୍ଚଳରେ କ୍ରମଶଃ ଜଙ୍ଗଲ କ୍ଷୟ ହେବା ଯୋଗୁ ପଶୁ ପକ୍ଷୀମାନେ ଆହାର ନପାଇ ଜନବସତି ମୁହାଁ ହୋଇ ମୃତ୍ୟୁ ମୁଖରେ ପଡ଼ିବା ସହ ସେମାନଙ୍କ ବଂଶ ଲୋପ ପାଇବାରେ ଲାଗିଛି। ଚଳିତ ବର୍ଷା ଋତୁରେ ଏକ ଯୋଜନା କରାଯାଇ ବନାଞ୍ଚଳ ସହିତ ଗଢ଼ି ଉଠିଥିବା ଜନବସତି ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଗଲେ, ଜିଲ୍ଲାରେ ଉତ୍ତାପ ସନ୍ତୁଳନ ରହିବ ବୋଲି ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଜନବସତି ଅଞ୍ଚଳରେ କଂକ୍ରିଟ ରାସ୍ତା ନିର୍ମାଣ ବ୍ୟବସ୍ଥା ସରକାର କରିଥିବାରୁ ଏହି କଂକ୍ରିଟ ରାସ୍ତାରେ ବର୍ଷା ଜଳ ପ୍ରବେଶ କରୁ ନଥିବା ଯୋଗୁ ଭୂତଳ ଜଳ କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ସକାଳ THE SAKALA



# ପାତାଳି ଶ୍ରୀକ୍ଷେତ୍ର ବୌଦ୍ଧର ନାଏକପଡ଼ା

**ବୌଦ୍ଧ, ୩୦।୬(ସମିସ)**

ମାଦଳାପାଞ୍ଜି ବର୍ଣ୍ଣିତ ତଥା ଇତିହାସ ସମର୍ଥିତ ତଥ୍ୟ ଅନୁସାରେ ସମ୍ରାଟ ଶୋଭନ ଦେବଙ୍କ ରାଜତ୍ୱ ସମୟରେ ଯବନ ସମ୍ରାଟ ରକ୍ତବାହୁ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମାକୁ ଆଘାତର ଆଶଙ୍କା ଥିବାରୁ ବୈଷ୍ଣବଧର୍ମୀ ଭଞ୍ଜବଂଶୀୟ ରାଜାମାନେ ଯେଉଁମାନେ ପୂର୍ବରୁ ଗନ୍ଧବରାଡୀ (ଗାନ୍ଧାରବାଡି) ଠାରେ ଶ୍ରୀନୀଳମାଧବଙ୍କ ଉପାସକ ଥିଲେ, ସେମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଭଞ୍ଜଶାସିତ ଉଡ୍ରମଣ୍ଡଳ (ଆଧୁନିକବୌଦ୍ଧ)ରେ ଥିବା ଧୃତିପୁରାକୁ ନେଇଯାଇଥିଲେ। କାରଣ ଶ୍ରୀଜଗନ୍ନାଥ (ପୁରୁଷୋତ୍ତମ)ଙ୍କୁ ସେମାନେ ପରମ ବିଷ୍ଣୁ ଜ୍ଞାନ କରୁଥିଲେ। ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ, ବିଶେଷଜ୍ଞଙ୍କ ମତ ଅନୁଯାୟୀ ଗନ୍ଧରାଡୀଠାରେ ନୀଳମାଧବ, ସିଦ୍ଧେଶ୍ୱର ଯମଜ ମନ୍ଦିର ସପ୍ତମ ଶତାବ୍ଦୀର ଉତ୍ତରାର୍ଦ୍ଧରେ ନିର୍ମିତ। କଣ୍ଟିଲୋ ନୀଳମାଧବ ମନ୍ଦିର ମଧ୍ୟ ବୌଦ୍ଧରାଜାଙ୍କ ଦ୍ୱାରା ନିର୍ମିତ।

କେତେକ ଐତିହାସିକ ମାନଙ୍କ ମତରେ ରକ୍ତବାହୁ ହେଉଛି ରାଷ୍ଟ୍ରକୁଟ ରାଜା ଦ୍ୱିତୀୟ ଗୋବିନ୍ଦ (ଖ୍ରୀ.ଅ ୭୯୩-୮୧୪) ରକ୍ତବାହୁ ଆକ୍ରମଣ ସମୟରେ ତତ୍କାଳୀନ ଉଡ୍ର (ଅଧୁନା ବୌଦ୍ଧ ଅଞ୍ଚଳ) ମଣ୍ଡଳରେ ଅତ୍ୟନ୍ତ ପରାକ୍ରମୀରାଜା ରଣଭଞ୍ଜଦେବ (ପ୍ରଥମ) ଖ୍ରୀ.ଅ ୭୯୮-ଖ୍ରୀ.ଅ ୮୫୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ତେଣୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ କ୍ଷତି ପହଞ୍ଚାଇବାର ଆଶଙ୍କା କରି ସ୍ୱଶାସିତ ଉଡ୍ରମଣ୍ଡଳ ରାଜଧାନୀ ଧୃତିପୁର ଠାରୁ ଅନତି ଦୂରରେ ଗୋପାଳୀ ଗ୍ରାମଠାରେ ପାତାଳୀ କରାଇଥିଲେ। ଧୃତିପୁର ହେଉଛି ଆଧୁନିକ ବୌଦ୍ଧସହର। ଗୋପାଳୀଗ୍ରାମ ହେଉଛି ଗୋପାଳପୁର, ଗୋପାଳପୁର ଗ୍ରାମକୁ ସଂଲଗ୍ନିତ ହେଉଛି ନାୟକପଡ଼ା ଗୁମ୍ଫା। ଏହି



ଗୁମ୍ଫାରେ ଶ୍ରୀଜଗନ୍ନାଥଙ୍କୁ ପାତାଳୀ କରାଯାଇଥିବାର ତଥ୍ୟ ପ୍ରଣିଧାନଯୋଗ୍ୟ। ମାଦଳାପାଞ୍ଜିରେ ବର୍ଣ୍ଣିତ ରତନପୁର ଗ୍ରାମ ନାୟକପଡ଼ା ଗ୍ରାମଠାରୁ ମାତ୍ର ୨ କି.ମି ଦୂରରେ ଅବସ୍ଥିତ। ବିରିବନ୍ଧ ଆଜିର ବିରିଗଡ଼ ଗ୍ରାମ। ପାଖରେ ଦେବଗଡ଼ ଗ୍ରାମ। ଦେବଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ କ୍ଷତ୍ରୀୟ ବଡସୁଦ ସମ୍ପ୍ରଦାୟର ଯୋଦ୍ଧାଙ୍କୁ ରାଜା ନିୟୋଜନ କରିଥିଲେ। ବିରିଗଡ଼, ଦେବଗଡ଼ରେ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ଆଜି ମଧ୍ୟ ଅଧିକାଂଶ ବାସିନ୍ଦା ହେଉଛନ୍ତି କ୍ଷତ୍ରୀୟ ବଡ ସୁଦ ସମ୍ପ୍ରଦାୟର। ସେତେବେଳର ଉଡ୍ରମଣ୍ଡଳ ଆଧୁନିକ ଅନୁଗୁଳ, ବୌଦ୍ଧ, କନ୍ଧମାଳ, ଦଶପଲ୍ଲା ଅଞ୍ଚଳକୁ କୁହାଯାଉଥିଲା। ମାଦଳାପାଞ୍ଜିରେ ଦଶଘରି ବ୍ରାହ୍ମଣ କଥା ମଧ୍ୟ ଦର୍ଶାଯାଇଛି। ବୌଦ୍ଧ ସହରର ରଥଯାତ୍ରା ଓ ଶ୍ରୀଜଗନ୍ନାଥ ମାଧବ ଉପାସନା କେଉଁ ଆବାହନମାନକାଳରୁ ପ୍ରଚଳିତ। ବୌଦ୍ଧ ରଥଯାତ୍ରା ସମୟରେ ଦଶଘରି ବ୍ରାହ୍ମଣମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ସମ୍ପାଦିତ ହୋଇଥାଏ।

## ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ସୁରକ୍ଷାଗଡ଼

ଏସବୁ ତଥ୍ୟ ଉଡ୍ରମଣ୍ଡଳର ବୈଷ୍ଣବଧର୍ମୀ ଭଞ୍ଜବଂଶୀୟ ରାଜାମାନଙ୍କର ନିଜର ଇଷ୍ଟଦେବ ମାଧବଙ୍କର ପ୍ରତିଥିବା ଅଗାଢ ଭକ୍ତି ଓ ବିଶ୍ୱାସ ସମ୍ପର୍କରେ ସୂଚନା ପ୍ରଦାନ କରୁଛି। ନାୟକପଡ଼ା ଗ୍ରାମରେ ରଥଯାତ୍ରା ଶହଶହ ବର୍ଷ ଧରି ପାଳିତ ହୋଇଆସୁଛି। ପ୍ରାକ୍ତ ଉଡ୍ରମଣ୍ଡଳରେ (ଆଧୁନିକ ବୌଦ୍ଧ ଅଞ୍ଚଳ)ରେ ଯେଭଳି ଭାବରେ ବୈଷ୍ଣବଧର୍ମ ପ୍ରଚାର ପ୍ରସାର ଘଟିଥିଲା, ପଡୋଶୀ ଜିଲ୍ଲାମାନଙ୍କରେ ସେଭଳି ଦେଖିବାକୁ ମିଳେନାହିଁ। ଏହି ପାଞ୍ଚ ଦଶନ୍ଧିରେ ଶ୍ରୀଜଗନ୍ନାଥ ମନ୍ଦିର ରାଜ୍ୟରେ ଅନେକସ୍ଥାନରେ ସ୍ଥାପିତ ହୋଇଥିବା ଧାରାରେ ଅନେକ ସ୍ଥାନରେ ମନ୍ଦିର ନିର୍ମାଣ କରାଯାଇଛି। ବ୍ୟତିକ୍ରମ ହେଲା ଆମ ଅଞ୍ଚଳର ଜନସାଧାରଣ ତିଳକୁ ତାଳ କଲାଭଳି ପ୍ରଚାରଧର୍ମୀ ନୁହନ୍ତି। ତେଣୁ ପ୍ରକୃତ ତଥ୍ୟ, ପାରିପାର୍ଶ୍ୱିକ ଅବସ୍ଥିତି, ତତ୍କାଳୀନ ସମସାମୟିକ ଇତିହାସ, ମାଦଳାପାଞ୍ଜିରେ ବର୍ଣ୍ଣିତ ଗ୍ରାମ ଆଦିକୁ ବିଚାରକୁ ନେଲେ ଶ୍ରୀଜଗନ୍ନାଥଙ୍କୁ ପରାକ୍ରମୀ ଭଞ୍ଜବଂଶୀୟ ରାଜାମାନେ ନାୟକପଡ଼ା ଗ୍ରାମରେ ହିଁ ପାତାଳୀ କରାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିମାପକ ହେଲା ନାମାନୁଶୀଳନ ବିଦ୍ୟା। ମାଦଳାପାଞ୍ଜିରେ ବର୍ଣ୍ଣିତ ରତନପୁର, ଗୋପାଳୀ, ବିରିବନ୍ଧ ଗ୍ରାମଗୁଡିକ ଆଜି ମଧ୍ୟ ରତନପୁର, ଗୋପାଳପୁର, ବିରିଗଡ଼ ନାମରେ ପାତାଳୀ ଶ୍ରୀକ୍ଷେତ୍ର ପାଖରେ ବିଦ୍ୟମାନ। ନାମାନୁଶୀଳନ ଅନୁସାରେ ସେତେବେଳର ଗୋପାଳୀ ଆଜିର ଗୋପାଳପୁର, ସେବେଳର ବିରିବନ୍ଧ ଆଜିର ବିରିଗଡ଼ ହୋଇପାରେ କିନ୍ତୁ ମୂଳନାମ ସଂଲଗ୍ନ ବ୍ୟତିରେକ ଅନ୍ୟନାମ କଦାପି ହୋଇପାରେନାହିଁ। ତେଣୁ ଶ୍ରୀଜଗନ୍ନାଥଙ୍କୁ ବାହ୍ୟଶତ୍ରୁ ଆକ୍ରମଣରୁ ସୁରକ୍ଷା ପାଇଁ ଯେଉଁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ସେଥିମଧ୍ୟରୁ ବୌଦ୍ଧ ଜିଲ୍ଲାର ନାୟକପଡ଼ା ଅନ୍ୟତମ ଯେଉଁଠାରେ କି ଶ୍ରୀଜଗନ୍ନାଥଙ୍କୁ ପାତାଳୀ କରାଯାଇଥିଲା।

ତେବେ ୨୦୦୯, ୨୦୧୪ ଏବଂ ୨୦୨୧ରେ ବୌଦ୍ଧର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିବା ବେଳେ ମନ୍ଦିର ପ୍ରଶାସନ ତାଙ୍କ ଉତ୍ତରରେ କୌଣସି ସ୍ଥାନକୁ ପାତଳୀ ଶ୍ରୀକ୍ଷେତ୍ର ମାନ୍ୟତା ପ୍ରଦାନ କରାଯାଇ ନଥିବା ପ୍ରକାଶ କରିଛନ୍ତି।







## ମୃତ ଯବାନଙ୍କୁ ସମ୍ମାନ ଜଣାଇଲା ସିଆର୍‌ପିଏଫ୍

**ବୌଦ୍ଧ, ୩୦।୬(ସମିସ):** ରବିବାର ଅପରାହ୍ନ ୪ଟା ସମୟରେ ବୌଦ୍ଧ ରାଜଘାଟଠାରେ ହୃଦଘାତରେ ମୃତ ସିଆରପିଏଫ ହେଡ କନେଷ୍ଟବଲ ନରେନ୍ଦ୍ର ରାଜଙ୍କୁ ଶେଷ ସମ୍ମାନ ପ୍ରଦାନ ପୂର୍ବକ ଶେଷକୃତ୍ୟ ସମ୍ପନ୍ନ



କରାଯାଇଛି। ସିଆରପିଏଫ ଯବାନମାନେ ତାଙ୍କ ମରଶରୀରରେ ଜାତୀୟ ପତାକା ରଖି ସମ୍ମାନ ଜଣାଇଥିଲେ। ସକାଳେ କଟକ ଡାକ୍ତରଖାନାରେ ହୃଦଘାତରେ ଚିକିତ୍ସାଧୀନ ଅବସ୍ଥାରେ ସିଆରପିଏଫ ହେଡ କନେଷ୍ଟବଲ ନରେନ୍ଦ୍ର ରାଜଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମରଶରୀରକୁ ସିଆରପିଏଫ ଯବାନମାନେ ଧରି ଅପରାହ୍ନ ୩ଟା ସମୟରେ ବୁଟୁପାଲି ଆନନ୍ଦ ବିହାରସ୍ଥିତ ବାସଭବନରେ ପହଞ୍ଚିଥିଲେ। ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିବା ପରେ ବୌଦ୍ଧ ସହର ଶ୍ମଶାନ ରାଜଘାଟକୁ ନିଆଯାଇଥିଲା। ସେଠାରେ ସିଆରପିଏଫ ଯବାନଙ୍କ ପକ୍ଷରୁ ଶେଷ ସମ୍ମାନ ପ୍ରଦାନ କରାଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଯବାନଙ୍କ ବଡ଼ ଝିଅ ମୁଖାଗ୍ନି ଦେଇଥିଲେ।

## ରାଣୀପଥର ଘାଟିରେ କାର୍ ଦୁର୍ଘଟଣାଗ୍ରସ୍ତ; ଚାରି ଗୁରୁତର

**ହରଭଙ୍ଗା, ୩୦।୬(ସମିସ):** କନ୍ଧମାଳ ସୀମାନ୍ତ ରାଣୀପଥର ଘାଟିରେ ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାରି ଜଣ



ଗୁରୁତର ଆହାତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ବାଉଁଶୁଣି ଅଞ୍ଚଳର ଧର୍ମୁ ମେହେରଙ୍କ ପରିବାରର ପ୍ରୀତି ମେହେର, ଗାୟତ୍ରୀ ମେହେର, ତନ୍ମୟ ମେହେର କୌଣସି କାମରେ ଫୁଲବାଣୀ ଯାଇ ନିଜ ଘରକୁ ଫେରୁଥିବା ସମୟରେ କାରଟି ଭାରସାମ୍ୟ ହରାଇଥିଲା। ଏଥିରେ ଚାରିଜଣ ଗୁରୁତର ଆହତ ହୋଇଥିବା ବେଳେ ସମସ୍ତଙ୍କୁ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା କରି ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିବା ସୂଚନା ମିଳିଛି।

## ମୃତ ସ୍ତ୍ରୀଙ୍କୁ ଡାକ୍ତରଖାନାରେ ଛାଡ଼ି ସ୍ୱାମୀ ଫେରାର

**ଡୁଙ୍ଗୁରିପାଲି, ୩୦।୬(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଡାକ୍ତରଖାନାରେ ମୃତ ସ୍ତ୍ରୀଙ୍କ ଶରୀରକୁ ଛାଡ଼ି ସ୍ୱାମୀ ଫେରାର ହୋଇଯାଇଛି।



ଡୁଙ୍ଗୁରିପାଲି ଥାନା ପିପିଲିପାଲି ଗ୍ରାମର ମହାଦେବ ବାଗଙ୍କ ପୁଅ ସୁଦାମ ଗତ ରାତ୍ରିରେ ପତ୍ନୀ ସରସ୍ୱତୀଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ଦେଖି ସରସ୍ୱତୀଙ୍କୁ ମୃତ ଘୋଷଣା କରିଥିଲେ। ପରେ ଡାକ୍ତରଖାନାର କର୍ମଚାରୀଙ୍କୁ ଘରୁ ଆସୁଛି ବୋଲି କହି ସୁଦାମ ଆଉ ଫେରି ନଥିବା ଜଣାପଡ଼ିଛି। ମୃତ ମହିଳାଙ୍କ ୬ ମାସର ଝିଅ ଓ ୪ ବର୍ଷର ପୁଅ ଅଛନ୍ତି। ଏନେଇ ଡୁଙ୍ଗୁରିପାଲି ପୁଲିସ ଖବର ପାଇ ଶବକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

## ବେଆଇନ ବାଲି ଚାଲାଣ: ୧୩ ଟ୍ରାକ୍ଟର ଅଟକ

**ବୌଦ୍ଧ/ବାଉଁଶୁଣି, ୩୦।୬(ସମିସ):** ରବିବାର ସନ୍ଧ୍ୟାରେ ଡମ୍ବୁରୁଗଡ଼ ନିକଟରୁ ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ୧୩ଟି ଟ୍ରାକ୍ଟରକୁ ବାଉଁଶୁଣୀ ପୁଲିସ ଅଟକ ରଖି ଥାନାକୁ ଆଣିଛି। ସନ୍ଧ୍ୟା ୫ଟା ସମୟରେ ବାଉଁଶୁଣୀ ରାଜସ୍ୱ ସର୍କଲର ଡମ୍ବୁରୁଗଡ଼ ମହାନଦୀ ବାଲି ଘାଟରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ହେଉଥିବା ଖବର ପାଇ ଜିଲ୍ଲାପାଳ ଜେ ସୋନାଲ ଓ ଏସପି ରାଜ୍ ପ୍ରସାଦ ଅତର୍କିତ ଭାବେ ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀ ମଧ୍ୟରେ ୧୩ଟି ଟ୍ରାକ୍ଟର ବାଲି ବୋଝେଇ କରୁଥିବା ଦେଖିବା ପରେ ସେ ସମସ୍ତ ଟ୍ରାକ୍ଟରକୁ ଅଟକ ରଖି କାଗଜପତ୍ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଉଁଶୁଣୀ ପୁଲିସ ସମସ୍ତ ଗାଡ଼ିକୁ ଥାନାକୁ ନେଇ ଅଟକ ରଖିଛି। ଏହି ଚଢ଼ଉ ସମୟରେ ଜିଲ୍ଲାପାଳ ଓ ଏସପିଙ୍କ ସମେତ ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ଏବଂ ବାଉଁଶୁଣୀ ଓ ବୌଦ୍ଧ ଥାନାର ପୁଲିସ ଟିମ୍ ସାମିଲ ଥିଲେ।



## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ତୁଷୁରା, ୩୦।୬(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ଥାନାରେ



ନୂତନ ଥାନା ଅଧିକାରୀ ଭାବେ ଶଶି ଭୂଷଣ ମିଶ୍ର ରବିବାର ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଝାରସୁଗୁଡ଼ା ଠାରେ ଥାନା ଅଧିକାରୀ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ତୁଷୁରା ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବାପାଇଁ କହିଥିଲେ।

## ରାଜପଥରେ ବିପଦପୂର୍ଣ୍ଣ ଅବସ୍ଥାରେ ଶୁଖିଲାଗଛ



**ଦେଓଗାଁ, ୩୦।୬(ସମିସ):** ବରଗଡ଼-ବୋରିଗୁମ୍ମା ୨୬ନଂ ଜାତୀୟରାଜପଥ ଦେଓଗାଁ ଏଟିଏମ ଛକ ନିକଟରେ ବହୁପୁରୁଣା ଏକ ଶୁଖିଲାଗଛ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତାରେ ଲୋକେ ଯାଉଥିବା ବେଳେ କେତେବେଳେ କାହା ଉପରେ ପଡ଼ି ଧନଜୀବନ ନଷ୍ଟ ହେବା ଆଶଙ୍କା ରହିଛି। ତେଣୁ ଉଭୟ ରାଜପଥ ଓ ଜଙ୍ଗଲ ବିଭାଗ ଦୃଷ୍ଟିଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଭୀମଡୁଙ୍ଗୁରୀରେ ବିଜେଡିର ବୈଠକ

**ଦେଓଗାଁ, ୩୦।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମଡୁଙ୍ଗୁରୀ ଠାରେ ଶନିବାର ବିଜେଡି ସମର୍ଥୀତ ଜନପ୍ରତିନିଧିଙ୍କ ତରଫରୁ ଏକ ବନ୍ଧୁମିଳନ ତଥା ବୈଠକର ଆୟୋଜନ ହୋଇଯାଇଛି। ଉକ୍ତ ବୈଠକରେ ନବନିର୍ବାଚିତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା।

## କାର୍ତ୍ତିକେଶ୍ୱରଙ୍କୁ ଅନ୍ତର୍ଜାତୀୟ ଶିକ୍ଷା ଓ କବି ସମ୍ମାନ



**ବୌଦ୍ଧ, ୩୦।୬ (ସମିସ):** ୱାର୍ଲ୍ଡଚାରିଟି ୱେଲଫେୟାର ଫାଉଣ୍ଡେସନ ଦିଲ୍ଲୀ ତରଫରୁ କଟକ ଶତାବ୍ଦୀ ଭବନଠାରେ ବୌଦ୍ଧ ଜିଲ୍ଲାର ବରିଷ୍ଠ ଶିକ୍ଷକ, କବି, ଗାଳ୍ପିକ ଓ ସ୍ତମ୍ଭକାର କାର୍ତ୍ତିକେଶ୍ୱର ନାୟକଙ୍କୁ ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ଦୀର୍ଘଦିନ ଧରି ଶିକ୍ଷକତା କରି ଅନେକ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା, କବିତା ଓ ଗଳ୍ପ ମାଧ୍ୟମରେ ସମାଜକୁ ଏକ ମାନବ ଚେତନାଧର୍ମୀ ସୂଚନା ପ୍ରଦାନ କରିବାରେ ଶ୍ରୀ ନାୟକ ସିଦ୍ଧହସ୍ତ। ଏସବୁକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନ ତାଙ୍କୁ ଅନ୍ତର୍ଜାତୀୟ ଶିକ୍ଷାସମ୍ମାନ ପୁରସ୍କାର ପ୍ରଦାନ କରିଛି। ବର୍ତ୍ତମାନ ବୌଦ୍ଧ ଜିଲ୍ଲା ନାଏକପଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଥିବା ଶ୍ରୀ ନାୟକ ଏହି ପୁରସ୍କାର ପାଇବାପରେ ତାଙ୍କୁ ପରିବାର, ଶୁଭେଚ୍ଛୁ, ଅନୁଗାମୀ, ବୌଦ୍ଧ ଜିଲ୍ଲାବାସୀ ଓ ବିଭିନ୍ନ ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି।

## ଜନଗହଳି ରାସ୍ତାକଡ଼ରେ ବେଇଆନ ବାରୁଦ ଗୋଦାମ ଗୃହ

**ତୁରେକେଲା, ୩୦।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରେ ଜଣେ ବ୍ୟବସାୟୀ ପ୍ରଶାସନୀୟ ନିୟମକୁ କୌଣସ ଭୟ ନ କରି ମନମୁଖୀ ବ୍ୟବସାୟୀ କରୁଛନ୍ତି। ଜନ ସାଧାରଣଙ୍କ ଜୀବନକୁ ବିପଦରେ ଟାଣି ନିଜ ସ୍ୱାର୍ଥ ହାସଲ କରୁଛନ୍ତି। କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ଧାମନଡ଼ଙ୍ଗ ପଞ୍ଚାୟତରେ ସେହି ପଞ୍ଚାୟତର ବାନ୍ଧନପାଳି ଗାଁରେ କଣ୍ଟାବାଞ୍ଜି ସହର ଜଣେ ବ୍ୟବସାୟୀ ବେଆଇନ ଭାବେ ବର୍ଷ ବର୍ଷ ବାରୁଦ ଗୋଦାମ ଗୃହ ରାସ୍ତାକଡ଼ରେ ନିର୍ମାଣ କରିଛନ୍ତି। ଯାହାଫଳରେ ଭୟଭୀତ ଅଞ୍ଚଳବାସୀ। ନିୟମ ଅନୁଯାଏ କୌଣସି ବାରୁଦ ଗୋଦାମ ଗୃହ ରାସ୍ତାକଡ କିମ୍ବା ଗାଁ ପାଖରେ ନିର୍ମାଣ ନ ହେବା କଥା କିନ୍ତୁ ଏଠାରେ ସବୁ ନିୟମକୁ ଫୁ କରି ଗାଁ ପାଖରେ ରାସ୍ତା କଡ଼ରେ ଅଧିକ ପରିମାଣର ବାରୁଦ ରଖାଇ ଯାଇଛି। ଯଦି କେଉଁ ସମୟରେ କୌଣସି ଅଘଟଣ ଘଟେ ଦେବେ ଏହି ଅଞ୍ଚଳ ଅନେକ ଜୀବନ ଧ୍ୱଂସ ହୋଇଯିବ। କେବଳ ଯେ ସେତିକି ନୁହେଁ ବାରୁଦ ଗୋଦାମ ଗୃହ ଅଳ୍ପ ଦୂରରେ ଜେଲ ମଧ୍ୟ ରହିଛି। ଜନଗହଳି ଅଞ୍ଚଳରେ ବାରୁଦ ଗୋଦାମ ଗୃହ ନିର୍ମାଣ ପାଇଁ କେଉଁ ଅଧିକାରୀ ଅନୁମତି ଦେଉଛନ୍ତି ତାହା ବଡ଼ ପ୍ରଶ୍ନ ଉଠୁଛି। ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଦୃଷ୍ଟିଦେଇ ଏହି ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଇସ୍ରୋକୁ ଯାତ୍ରାକଲେ ବୌଦ୍ଧ ଆଦର୍ଶ ବିଦ୍ୟାଳୟର ଛାତ୍ରୀ କୃତ୍ତିକା

**ବୌଦ୍ଧ, ୩୦।୬(ସମିସ):** ବୌଦ୍ଧ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ କୃତ୍ତିକା ପ୍ରତ୍ୟୟା ପାଣିଗ୍ରାହୀ ଅହମଦାବାଦସ୍ଥିତ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ବା ଇସ୍ରୋକୁ ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବେ ମନୋନୀତ ହୋଇ ଗତକାଲିଠାରୁ ଯାତ୍ରା କରିଛନ୍ତି। ସେ ଇସ୍ରୋରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ମହାକାଶ ବିଜ୍ଞାନ ପ୍ରତିଯୋଗିତାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଠାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ଇସ୍ରୋ ପଠାଇଛନ୍ତି। କୃତ୍ତିକା ବୌଦ୍ଧ



ବ୍ରାହ୍ମଣସାହିସ୍ଥିତ ଶିକ୍ଷକ ଚନ୍ଦ୍ରଶେଖର ପାଣିଗ୍ରାହୀ ଏବଂ ଜ୍ୟୋସ୍ନା ପାଣିଗ୍ରାହୀଙ୍କ କନିଷ୍ଠ କନ୍ୟା ଅଟନ୍ତି। ଗତ ୨୦୨୩ ଡିସେମ୍ବର ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମରେ ଯୁବ ବୈଜ୍ଞାନିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ବିଦ୍ୟାଳୟରୁ ୮୦ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦ ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିଲେ। ବୌଦ୍ଧର କୃତ୍ତିକା ଷଷ୍ଠ ସ୍ଥାନରେ ମନୋନୀତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ମହାକାଶ ବିଜ୍ଞାନ ଓ ଚନ୍ଦ୍ରଯାନ ଉପରେ ତାଲିମ ଗ୍ରହଣ କରିବାସହ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଜ୍ଞାନ ଆହରଣ କରିବାର ସୁଯୋଗ ପାଇଛନ୍ତି। ଜୁଲାଇ ୬ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।

## ସ୍ୟାଲୁଟ୍ ଟୁ ସାଇଲେଣ୍ଟ ଷ୍ଟାର୍ କାର୍ଯ୍ୟକ୍ରମ




**କେସିଙ୍ଗା, ୩୦।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜେସିଆଇ ଶାଖା ପକ୍ଷରୁ କେସିଙ୍ଗା ମୁଖ୍ୟ ଡାକଘରକୁ ଯାଇ କାର୍ଯ୍ୟରତ ଅନେକ କର୍ମଚାରୀଙ୍କୁ ସ୍ୟାଲୁଟ ଟୁ ସାଇଲେଣ୍ଟ ଷ୍ଟାର କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ମାନିତ କରାଯାଇଛି। ଜେସିଆଇ ଏକ ବେସରକାରୀ ଅନୁଷ୍ଠାନ ହୋଇଥିଲେ ମଧ୍ୟ ବିଗତ ଦିନରେ ରକ୍ତଦାନ ଶିବିର ଆୟୋଜନ କରି ପ୍ରଶଂସିତ ହୋଇଛି। ସ୍ୟାଲୁଟ ଟୁ ସାଇଲେଣ୍ଟ ଷ୍ଟାର କାର୍ଯ୍ୟକ୍ରମ ଆୟୋଜନ କରି ବର୍ଷର ପ୍ରତ୍ୟେକ ମାସରେ କିଛି ନିର୍ଦ୍ଦିଷ୍ଟ ସରକାରୀ ବେସରକାରୀ ବ୍ୟକ୍ତି ବିଶେଷମାନଙ୍କୁ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଉଛି। ଆଗାମୀ ଦିନରେ ପୁଲିସ, କୃଷକ, ବ୍ଲଡ଼ ବ୍ୟାଙ୍କ ଷ୍ଟାଫ, ଅଟୋ ଡ୍ରାଇଭର, ଶିକ୍ଷକମାନଙ୍କୁ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯିବ ବୋଲି ଜେସିଆଇ କେସିଙ୍ଗା ଶାଖା ସଭାପତି ସୂରଜ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ସୌରଭ ଅଗ୍ରୱାଲ ଓ ବିନୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହ



**ବଲାଙ୍ଗିର, ୩୦।୬(ସମିସ):** ରବିବାର ବିଶିଷ୍ଟ ସମାଜବାଦୀ ଚିନ୍ତକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବଲାଙ୍ଗିର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ସରକାରୀ ଆୟୁର୍ବେଦ କଲେଜ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଚାରାବଣ୍ଟନ କରାଯାଇଛି। କଲେଜ ଏନ୍‌ଏସ୍‌ଏସ୍ ଅଧିକାରୀ ଡା. ବୁଦ୍ଧଦେବ ମିଶ୍ର ଓ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ପ୍ରକୃତି ବନ୍ଧୁ ସୁନୀଲ କୁମାର ମହାନ୍ତି ସ୍ୱେଚ୍ଛାସେବୀଙ୍କୁ ଚାରା ବଣ୍ଟନ କରିଥିଲେ। ଜୁଲାଇ ୧ତାରିଖରୁ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସ୍ୱତନ୍ତ୍ର ପରିବେଶ ସଚେତନତା ଅଭିଯାନ 'କିଶନ ସବୁଜ ସପ୍ତାହ' ପାଳନ କରାଯିବ। ଏହା ଏକ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ଏହି ସଚେତନତା କାର୍ଯ୍ୟକ୍ରମରେ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ବଲାଙ୍ଗିର ସହର ଏବଂ ଆଖପାଖ ଗାଁରେ ପରିବେଶ ସଚେତନତା କାର୍ଯ୍ୟକ୍ରମ, ଚାରାବଣ୍ଟନ ଓ ବୃକ୍ଷରୋପଣ କରାଯିବ। ଅବିଚାରିତ ଖଣି ଉତ୍ତୋଳନ, ବିକାଶ ନାଁରେ ପ୍ରାକୃତିକ ଜଙ୍ଗଲ ନଷ୍ଟ, ବିଶ୍ୱତାପନର କୁପ୍ରଭାବ ସମ୍ପର୍କରେ ୯୦ ଦଶକ ପୂର୍ବରୁ ଜନସଚେତନତା ସୃଷ୍ଟି କରିଆସିଥିବା ସମାଜବାଦୀ ଚିନ୍ତକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ସ୍ମରଣରେ କିଶନ ସବୁଜ ସପ୍ତାହ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଅଭିଯାନର ଆବାହକ ପ୍ରକୃତି ବନ୍ଧୁ ମହାନ୍ତି କହିଛନ୍ତି।

**ଦୁର୍ନୀତିର ଗନ୍ତାଘର ସାଜିଛି ତିଳେଶ୍ୱର**

# ତଥ୍ୟ ଦେବା ପାଇଁ ନାରାଜ୍ ବ୍ଲକ୍ ଯନ୍ତ୍ରୀ

**ହରଭଙ୍ଗା, ୩୦।୬ (ସମିସ)**

ପୂର୍ବ ସରକାର ସମୟର ୫-ଟି ରୂପାନ୍ତରିତ ସ୍କୁଲ ନିର୍ମାଣ ପାଇଁ ହୋଇଥିବା ଖର୍ଚ୍ଚ ଅଟକଳରେ ଅନିୟମିତତା ଅଭିଯୋଗ ହେଉଛି। ଏହିକ୍ରମରେ ଦୁର୍ନୀତିର ଗନ୍ତାଘର ଭାବେ ଚର୍ଚ୍ଚାରେ ରହି ଆସିଥିବା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତିଳେଶ୍ୱର ପଞ୍ଚାୟତରେ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଲାଲବାହାଦୁର ସରକାରୀ ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇ ପ୍ରାୟ ଏକ ବର୍ଷ ତଳେ ଏହାର ଲୋକାର୍ପଣ କରାଯାଇଥିଲା। ତେବେ, ସମ୍ପୃକ୍ତ ଠିକାଦାର କାମ ନକରି ସବୁ ଟଙ୍କା ଉଠାଇ ଛୁ ମାରିଥିବା ନେଇ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ ଅନେକ ଶ୍ରେଣୀ କକ୍ଷ ଆଜି ବି ଖୋଲି ଦେଇ ଛାଡ଼ି ଦିଆଯାଇଥିବା ବେଳେ କେବଳ ଭଙ୍ଗା କାନ୍ଥରେ ରଙ୍ଗ ମାରି ୫-ଟି ଆଖ୍ୟାର ରୂପ ଦିଆଯାଇଛି। ୫-ଟି କାର୍ଯ୍ୟରେ ଏକ କୂଅ ଅର୍ଦ୍ଧନିର୍ମିତ ଅବସ୍ଥାରେ ଅତି ବିପଦସଂକୁଳ ଅବସ୍ଥାରେ ବିଦ୍ୟାଳୟ ମୁଖ୍ୟ ଫାଟକକୁ ଲାଗି ରହିଛି। ସେହିଭଳି ପାଚେରି ଭାଙ୍ଗି ପଡ଼ିଥିବା ବେଳେ ଏହାର ନିର୍ମାଣ ବାବଦକୁ ମଞ୍ଜୁର ହୋଇଥିବା ଅର୍ଥ ରାଶିର ହିସାବ ବ୍ଲକ ପ୍ରଶାସନ ପାଖରେ ନଥିବା ଜଣାପଡ଼ିଛି। ଏଭଳି ଅନିୟମିତତାର ତଦନ୍ତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ହରଭଙ୍ଗା ବ୍ଲକ ଆସିଷ୍ଟାଣ୍ଟ ଯନ୍ତ୍ରୀ ମନରଞ୍ଜନ ପାତ୍ରଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ କିଛି ଦିନ ତଳେ କିଛି ପୁରାତନ ଛାତ୍ର ସ୍କୁଲର ଏଭଳି ଅବସ୍ଥା ଦେଖି ସମ୍ପୃକ୍ତ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିବେଦନ କରିଥିଲେ; ନହେଲେ ଆନ୍ଦୋଳନ ପନ୍ଥା ଆପଣେଇବା ପାଇଁ ମଧ୍ୟ ଆଲୋଚନା କରିଥିଲେ। ଏହାପରେ





ତରବରିଆ ଭାବେ ସମ୍ପୃକ୍ତ ଠିକାଦାର ଜଣଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଆରମ୍ଭ କରିଥିଲା ବେଳେ ବର୍ଷେ ପରେ ବି ଏହା ଅସମ୍ପୂର୍ଣ୍ଣ ପଡ଼ି ରହିଛି। ସ୍କୁଲ କର୍ତ୍ତୃପକ୍ଷ କିମ୍ବା ମୋ ସ୍କୁଲ କମିଟି ମୁହଁ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ, ଏନେଇ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିଜକୁ ନିରୁପାୟ ବୋଲି କହି ହାତ ଟେକି ଦେଇଛନ୍ତି। ତେବେ ବିଧି ଦୃଷ୍ଟିରୁ ସାମଗ୍ରୀ କିଣିବା ପାଇଁ ଭିତିରିଆ ପ୍ରସ୍ତାବ କରିଛୁ ବୋଲି ପୁରାତନ ଛାତ୍ରଙ୍କୁ କହିବା ପରେ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୩୫ • ପାଉଣ୍ଡ ୧୦୫.୩୬
- ୟୁରୋ ୮୯.୨୩ • ୟେନ୍ ୦.୫୧

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୭୨,୨୮୦ (ନୂଆଦିଲ୍ଲୀ)
- ରୁପା : ୯୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୯,୦୩୨.୦୦
- ନିଫ୍ଟି ୨୪,୦୧୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ସପ୍ତାହକରେ ସେନ୍ସେକ୍ସରେ ୧୮୨୨ ପଏଣ୍ଟ ବୃଦ୍ଧି

# ୯ କମ୍ପାନୀଙ୍କ ବଜାର ପୁଞ୍ଜିରେ ୨ ଲକ୍ଷ ୮ ୯ ହଜାର କୋଟି ବୃଦ୍ଧି



### ସବୁଠୁ ଲାଭରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, କ୍ଷତିରେ ଏଲ୍ଆଇସି

**ମୁମ୍ବାଇ,୩୦।୬(ଏଜେନ୍ସି):**

ଗତ ସପ୍ତାହରେ ବିଏସଇ ସେନସେକ୍ସ ତାଲିକାଭୁକ୍ତ କମ୍ପାନୀଙ୍କ କାରବାର ଭଲ ପ୍ରଦର୍ଶନ କରିବା ସହିତ ହାରାହାରି ଭାବେ ଏହି ସପ୍ତାହରେ ସେନସେକ୍ସରେ ୧୮୨୨.୮୩ ପଏଣ୍ଟ ବୃଦ୍ଧି ଘଟିଛି। ଏହାକୁ ନେଇ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୯ କମ୍ପାନୀଙ୍କ ବଜାର ପୁଞ୍ଜି (ଏମ୍ କ୍ୟାପ୍)ରେ ଉନ୍ନତି ଘଟିବା ସହିତ ମୋଟ ୨ ଲକ୍ଷ ୮ ୯ ହଜାର ୬୯ ୯ କୋଟି ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଏହି ୯ କମ୍ପାନୀଙ୍କ ମଧ୍ୟରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠୁ ଅଧିକ ଲାଭବାନ ହୋଇଥିଲା ବେଳେ ବଜାର ପୁଞ୍ଜି ଦୃଷ୍ଟିରୁ ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି)କୁ କ୍ଷତି ସହିବାକୁ ପଡ଼ିଥିବା କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହରେ କାରବାରର ପ୍ରଥମ ଦିବସରୁ ବିଭିନ୍ନ କମ୍ପାନୀର ଶେୟାର ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଯାହାକୁ ନେଇ ଗତ ଗୁରୁବାର ସେନସେକ୍ସ ୭ ୯,୦୦୦ ପଏଣ୍ଟ ଅତିକ୍ରମ କରିବା ସହିତ ଜୁନ୍ ମାସ ସର୍ବୋତ୍ତମ ମାସ ଭାବେ ବିବେଚିତ ହୋଇଥିଲା। ଏହିକ୍ରମରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟିସିଏସ୍, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀ ଏୟାରଟେଲ, ଏସବିଆଇ,ଇନଫୋସିସ୍, ହିନ୍ଦୁସ୍ତାନ ୟୁନିଲିଭର ଏବଂ ଆଇଟିସି ଭଳି କମ୍ପାନୀଙ୍କ ବଜାର ପୁଞ୍ଜିରେ ଯଥେଷ୍ଟ ଉନ୍ନତି ଘଟିଥିଲା। ସବୁଠାରୁ ଲାଭବାନ ହୋଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ବଜାର ପୁଞ୍ଜିରେ ୧,୫୨,୨୬୪ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ବଜାର ପୁଞ୍ଜି ପରିମାଣ ୨୧ ଲକ୍ଷ ୧୮ ହଜାର ୯୫୧ କୋଟି ଟଙ୍କାରେ ପହଞ୍ଚିଛି। ଯଦ୍ୱାରା ଏହି କମ୍ପାନୀ ଦେଶର ସବୁଠୁ ମୂଲ୍ୟଯୁକ୍ତ କମ୍ପାନୀ ଭାବେ ବିବେଚିତ ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପଛକୁ ଟିସିଏସ୍ର ବଜାର ପୁଞ୍ଜିରେ ୩୪ ହଜାର ୭୩୩ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପୁଞ୍ଜି ପରିମାଣ ୧୪ ଲକ୍ଷ ୧୨ ହଜାର ୮୪୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କର ୩୦ ହଜାର ୨୮୬ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ପରିମାଣ ୮ ଲକ୍ଷ ୪୪ ହଜାର ୨୦୧ କୋଟି ଟଙ୍କା,ଭାରତୀ ଏୟାରଟେଲର ୧୮ ହଜାର ୨୬୭ କୋଟି ଟଙ୍କା ବୃଦ୍ଧିରେ ୮ ଲକ୍ଷ ୨୨ ହଜାର ୫୩୦ କୋଟି,ଇନଫୋସିସ୍ର ୧୪ ହଜାର ୬୫୬ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ପୁଞ୍ଜି ପରିମାଣ ୬ ଲକ୍ଷ ୫୦ ହଜାର ୬୦୨ କୋଟି ଏବଂ ଏଚଡିଏଫସି ବ୍ୟାଙ୍କର ୧୩ ହଜାର ୮୦୮ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ୧୨ ଲକ୍ଷ ୮୦ ହଜାର ୮୬୫ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ୟ କମ୍ପାନୀଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୧୧ ହଜାର ୧୧୧ କୋଟି ଟଙ୍କା ବୃଦ୍ଧି ସହ ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୫୭ ହଜାର ୫୬୫ କୋଟି ଏବଂ ହିନ୍ଦୁସ୍ତାନ ୟୁନିଲିଭରର ୭ ହଜାର ୯୫୩ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୫ ଲକ୍ଷ ୮୧ ହଜାର ୫୭୦ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏଲଆଇସି ବଜାର ପୁଞ୍ଜିରେ ୨୨ ହଜାର ୪୨ କୋଟି ଟଙ୍କା ହ୍ରାସ ପାଇ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୬ ଲକ୍ଷ ୨୫ ହଜାର ୫୭୩ କୋଟି ଟଙ୍କାକୁ ଖସି ଆସିଛି।

## ଆର୍‌ପିଏଫ ଦ୍ୱାରା ବିପୁଳ ରେଳବାଇ ସାମଗ୍ରୀ ହେର୍‌ଫେର୍

**କୋଲକାତା,୩୦।୬(ଏଜେନ୍ସି):** ବିଭାଗୀୟ ଦାୟିତ୍ୱ ହସ୍ତାନ୍ତର ବେଳେ ଦକ୍ଷିଣପୂର୍ବ ରେଳବାଇ ଆରପିଏଫ ଦ୍ୱାରା ବିପୁଳ ପରିମାଣର ରେଳବାଇ ସାମଗ୍ରୀ ହେରଫେର କରାଯାଇଥିବାର ଖବର ସାମ୍ନାକୁ ଆସିଛି। ଆରପିଏଫର ଦୁଇ ଇନ୍ସପେକ୍ଟରଙ୍କ ମଧ୍ୟରେ ଷ୍ଟୋର ଦାୟିତ୍ୱ ହସ୍ତାନ୍ତର କରାଯାଉଥିଲା ବେଳେ ୟୁପିଏସ୍ ୟୁନିଟ୍ ଏବଂ ଏହା ସହ ଜଡ଼ିତ ବିଭିନ୍ନ ଉପକରଣରେ ହେରଫେର କରାଯାଇଥିବା ଜଣାପଡ଼ିଛି। ଏହିସବୁ ଉପକରଣ




ରେଳବାଇ ଦ୍ୱାରା ୨୦୨୨ରେ କ୍ରୟ କରାଯାଇଥିଲା। ଏହି ଖବର ସାମ୍ନାକୁ ଆସିବା ପରେ ଦକ୍ଷିଣପୂର୍ବ ରେଳବାଇ ଆରପିଏଫ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ପରେ ଦକ୍ଷିଣପୂର୍ବ ରେଳବାଇ ଆରପିଏଫ ଆଭ୍ୟନ୍ତରୀଣ ଭିଜିଲାନ୍ସ ଗ୍ରୁପ୍(ଆଇଭିଜି) ପକ୍ଷରୁ ଏକ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୨୦ ତାରିଖରେ ଯାଞ୍ଚ ରିପୋର୍ଟ ଆସିଥିଲା ବେଳେ ଏହି ହେରଫେର କାର୍ଯ୍ୟରେ ଜଣେ ଇନ୍ସପେକ୍ଟରଙ୍କ ସମେତ ଜଣେ ସବ୍ ଇନ୍ସପେକ୍ଟର ଏବଂ ଜଣେ କନଷ୍ଟେବଲ ଜଡ଼ିତ ଥିବା ଜଣାପଡ଼ିଥିଲା। ପରେ ପରେ ଏହି ସମସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏହାସହିତ ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆର୍ଥିକ ଦଣ୍ଡ ବିଧାନ କରିବାକୁ ବ୍ୟବସ୍ଥା କରାଯାଇଛି। ଏହାସହିତ ଖଡ଼ଗପୁରସ୍ଥିତ ଗାର୍ଡେନ ରିଚ୍ ଆରପିଏଫ ପୋଷ୍ଟ ଅଧୀନରେ ସମସ୍ତଙ୍କ ବିରୋଧରେ ଏକ ଅପରାଧିକ ମାମଲା ମଧ୍ୟ ରୁଜୁ ହୋଇଛି। ଯେଉଁ ପରିମାଣର ରେଳବାଇ ସାମଗ୍ରୀ ହେରଫେର କରାଯାଇଛି ତାହାର ମୂଲ୍ୟ ୧୭ ଲକ୍ଷ ୬୫ ହଜାର ୪୫୬ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ରବି ଅଗ୍ରଓ୍ୱାଲ ହେଲେ ସିବିଡିଟି ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୩୦।୬(ଏଜେନ୍ସି):** କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି)ର ଅଧ୍ୟକ୍ଷ ନୀତୀନ ଗୁପ୍ତାଙ୍କ ବର୍ଦ୍ଧିତ



କାର୍ଯ୍ୟକାଳ ଆଜି ସମାପ୍ତ ହେଉଥିବାରୁ ସେ ଆଜି ଅବସର ଗ୍ରହଣ କରିଛନ୍ତି। ସିବିଡିଟିର ସଦସ୍ୟ(ପ୍ରଶାସନ) ଭାବେ ଦାୟିତ୍ୱ ତୁଲାଉଥିବା ରବି ଅଗ୍ରଓ୍ୱାଲଙ୍କୁ ସିବିଡିଟି'ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଅଗ୍ରଓ୍ୱାଲ ହେଉଛନ୍ତି ୧୯୮୮ ବ୍ୟାଚ୍ ଆଇଆର୍‌ଏସ୍ ଅଫିସର। ସିବିଡିଟି ହେଉଛି ଆୟକର ବିଭାଗର ପ୍ରାଶାସନିକ ତଥା ନୀତି ନିର୍ଦ୍ଧାରକ ସଂସ୍ଥାନ। ଏଥିରେ ଅଧ୍ୟକ୍ଷଙ୍କ ସମେତ ସର୍ବାଧିକ ୭ ସଦସ୍ୟ ରହିପାରିବେ। ଏହାର ସଦସ୍ୟଙ୍କ ପାହ୍ୟା ସ୍ୱତନ୍ତ୍ର ସଚିବ ପାହ୍ୟା ସମତୁଲ। ସିବିଡିଟି ଅଧ୍ୟକ୍ଷ ଭାବେ ଅଗ୍ରଓ୍ୱାଲ ଆସନ୍ତା ବର୍ଷ ଜୁନ୍ ୩୦ ଯାଏ କାର୍ଯ୍ୟ କରିବେ।

## ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ଅଭିନବ ଫିଟ୍‌ନେସ୍ କାର୍ଯ୍ୟକ୍ରମ

**କଟକ,୩୦।୬(ଏଜେନ୍ସି):** ଜାତୀୟ ଡାକ୍ତର ଦିବସ ପାଳନ ଅବସରରେ କଟକସ୍ଥିତ ଏଚସିଜି ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ଡାକ୍ତରଙ୍କ ଅଭିଯାନରେ ଏକ ଫିଟନେସ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। 'ୱିଂଗସ୍ ଓ ଷ୍ଟେଥସ୍କୋପ : ହିଲରସ ଅଫ ହୋପ୍ ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ପ୍ରତିବର୍ଷ ଭଳି ଏଚସିଜିର ପ୍ରଫେସରଙ୍କ ଦ୍ୱାରା ରୋଗୀମାନଙ୍କ ପାଇଁ ଆଶ୍ୱସନା ସୃଷ୍ଟି କରାଯିବା ସହିତ ଡାକ୍ତରଙ୍କ ନିଃସ୍ୱାର୍ଥପର କର୍ତ୍ତବ୍ୟବୋଧକୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କ ଠାରୁ ପ୍ରୋତ୍ସାହନ ପାଇ ଡାକ୍ତରମାନଙ୍କ ମହଲରେ ଉତ୍ସାହ ଭରିଦେଇଥିଲା। ସମସ୍ତେ ଫିଟନେସ ଦକ୍ଷତା ପ୍ରଦର୍ଶନ କରିବା ସହିତ ଉତ୍ତମ ଡାଉନଟାଇମ ଉପଭୋଗ କରିବାକୁ ଆଗ୍ରହୀ ରହିଥିବା ମତ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବେଳେ ଅଂଶଗ୍ରହଣକାରୀମାନେ ଡାକ୍ତରଖାନା ପରିବେଶକୁ ଏକ ଜୀବନ୍ତ ଓ ଆନନ୍ଦଦାୟକ କରି ରୋଗୀଙ୍କ ମୁହଁରେ ହସ ଫୁଟାଇଥାନ୍ତି। ଏହି ଅବସରରେ ଡାକ୍ତରମାନେ ଫିଟନେସ ଇଭେଣ୍ଟରେ ଯୋଗ ଦେଇ ୨୦-୩୦ 'ପୁସ୍ ଅପ ' ଏବଂ 'ଲଙ୍ଗ ଜମ୍ପ୍ ଜ୍ୟାକ' ପ୍ରଦର୍ଶନ କରିଥିଲେ ଓ ଅନ୍ୟାନ୍ୟ ଫିଟନେସ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ସେମାନଙ୍କ




ଏହି ଯୋଗଦାନ ସ୍ୱାସ୍ଥ୍ୟ ଓ ସୁସ୍ଥତା ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ପ୍ରମାଣ ଥିଲା। ଏହି ଅବସରରେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଶାନ୍ତନୁ କୁମାର ଦାସ କହିଥିଲେ ଯେ, ରୋଗୀ ସେବା କ୍ଷେତ୍ରରେ ଡାକ୍ତରମାନଙ୍କ ତ୍ୟାଗ ଏବଂ ଅକ୍ଳାନ୍ତ ଚେଷ୍ଟା ପ୍ରଶଂସାଯୋଗ୍ୟ। କ୍ୟାନସର ଚିକିତ୍ସା ବ୍ୟବସ୍ଥାକୁ ସୁଗମ କରିବା ଲାଗି ଏଚସିଜିର ପ୍ରୟାସ ସର୍ବଦା ରହିଆସିଛି। ଏହି ଜାତୀୟ ଡାକ୍ତର ଦିବସରେ ଆମେ ନିଜର ସ୍ୱାସ୍ଥ୍ୟସେବା ହିରୋମାନଙ୍କ ଉତ୍ସର୍ଗକୁ ସମ୍ମାନିତ କରୁ। ଅଙ୍କୋଲୋଜିରେ ଆମର ନେତୃତ୍ୱକୁ ନିଶ୍ଚିତ କରି ଏଚସିଜିର ରୋଗୀମାନଙ୍କ ମୁହଁରେ ହସ ଫୁଟାଇବାକୁ ଆମେ ସର୍ବଦା ତତ୍ପର ବୋଲି ସେ କହିଥିଲେ।

**ଶ୍ରମ କମିଶନରଙ୍କ ନିକଟରେ ଫେରାଦ ହେଲା କ୍ୟାବିନ କ୍ର୍ୟୁ ସଂଘ**

## କର୍ମଚାରୀଙ୍କ ପ୍ରତି ପରିଚାଳନା କର୍ତ୍ତୃପକ୍ଷ ଭିନ୍ନ ନିୟମ ଲାଗୁ କରୁଛନ୍ତି




**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** ଶ୍ରମ ଆଇନ ଅନୁସାରେ କର୍ମଚାରୀଙ୍କ ପ୍ରତି ଯେଉଁଳି ନିୟମ ଲାଗୁ ହେବା କଥା ସେଭଳି କରାଯାଉ ନାହିଁ। ବରଂ ସେମାନଙ୍କ ପ୍ରତି ଭିନ୍ନ ଏବଂ ଅନ୍ୟାୟୋଚିତ ପଦକ୍ଷେପ ନିଆଯାଉଛି। ଏପରିକି କ୍ୟାବିନ କ୍ରୁ ସଦସ୍ୟମାନଙ୍କ ପ୍ରତି ଏୟାର ଇଣ୍ଡିଆ ଏକ୍ସପ୍ରେସ ପରିଚାଳନା କର୍ତ୍ତୃପକ୍ଷ ଚାର୍ଜସିଟ୍ ମଧ୍ୟ ଇସ୍ୟୁ କରୁଛନ୍ତି। ଏଭଳି ପଦକ୍ଷେପ ଆଇନ ସମ୍ମତ ହୋଇ ନଥିବାରୁ ଏୟାର ଇଣ୍ଡିଆ କ୍ୟାବିନ କ୍ରୁ ସଂଘ କେନ୍ଦ୍ରୀୟ ଶ୍ରମ କମିସନରଙ୍କ ନିକଟରେ ଫେରାଦ ହୋଇଛି। ଭାରତୀୟ ମଜଦୁର ସଂଘ ସହ ସହବନ୍ଧିତ ହୋଇଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ କର୍ମଚାରୀ ସଂଘ କେନ୍ଦ୍ରୀୟ ଶ୍ରମ କମିଶନରଙ୍କୁ ଏ ସମ୍ପର୍କରେ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ଆବେଦନ କରିଛି। ବିଶେଷକରି ଶିଳ୍ପ ଏବଂ ଉଦ୍ୟୋଗ କ୍ଷେତ୍ରରେ ଯେଉଁଳି ଶ୍ରମ ଆଇନ ଲାଗୁ କରାଯାଇଥାଏ ତାହା କରାଯାଉ ନ ଥିବାରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ନିଷ୍ପତ୍ତି ନେବାକୁ ସଂଘ ଶ୍ରମ କମିସନରଙ୍କୁ ଜଣାଇଛି।

## 'ଆର୍‌ଇ ୧୦୦'ରେ ସାମିଲ ହେଲା ଏୟାରଟେଲ୍‌ର ନେକ୍ସଟ୍ରା

**୧୦୦% ଅକ୍ଷୟ ଶକ୍ତି ଡାଟା ସେଣ୍ଟର କମ୍ପାନୀରେ ରୂପାନ୍ତରିତ ହେବାକୁ ଲକ୍ଷ୍ୟ**

**ଗୁରୁଗ୍ରାମ,୩୦।୬(ଏଜେନ୍ସି):** ଭାରତର ଅନ୍ୟତମ ପ୍ରତିଷ୍ଠିତ ଟେଲିକମ କମ୍ପାନୀ ଏୟାରଟେଲ ଦ୍ୱାରା ପରିଚାଳିତ ପ୍ରମୁଖ ଡାଟା ସେଣ୍ଟର 'ଏୟାରଟେଲ ନେକ୍ସଟ୍ରା'




ଆରଇ ୧୦୦ ଇନିସିଏଟିଭ୍‌ରେ ସାମିଲ ହୋଇଛି। ଆରଇ ୧୦୦ ହେଉଛି ଏକ ବୈଶ୍ୱିକ ଉଦ୍ୟୋଗ ଯାହାକି ସିଡିପି ସହ ଭାଗିଦାରୀରେ କ୍ଲାଇମେଟ ଗ୍ରୁପ୍ ନେତୃତ୍ୱରେ ୧୦୦% ଅକ୍ଷୟ ବିଦ୍ୟୁତ ଉତ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ନେକ୍ସଟ୍ରା ଭାରତର ଏକମାତ୍ର ଡାଟା ସେଣ୍ଟର ଭାବେ ଆରଇ୧୦୦ ସାମିଲ ହୋଇଛି ଏବଂ ଏହି ମାଇଲଖୁଣ୍ଟ ହାସଲ କରିବାରେ ୧୪ତମ ଭାରତୀୟ କମ୍ପାନୀ। ଏହା ପରିବେଶ ରକ୍ଷଣାବେକ୍ଷଣ ପ୍ରତି ଏହାର ପ୍ରତିବଦ୍ଧତା ଏବଂ ୨୦୩୧ ସୁଦ୍ଧା ନିଟ୍-ଶୂନ୍ୟ ହେବାର ଲକ୍ଷ୍ୟ ଉପରେ ଆଲୋକପାତ କରିଛି। କମ୍ପାନୀ ଏହାର ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରରେ ଯଥେଷ୍ଟ ବୃଦ୍ଧି କରିଛି ଏବଂ ବର୍ତ୍ତମାନ ସୁଦ୍ଧା ୪୨୨,୦୦୦ ମେଗାୱାଟ୍ ଅକ୍ଷୟ ଶକ୍ତି ପାଇଁ ଚୁକ୍ତି କରିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ନେକ୍ସଟ୍ରା ଶକ୍ତି କ୍ରୟ ଚୁକ୍ତି ପିପିଏ(ପିପିଏ) ଏବଂ କ୍ୟାପ୍ଟିଭ୍ ରୁଫ୍‌ଟପ୍ ପ୍ୟାନେଲ ମାଧ୍ୟମରେ ଅକ୍ଷୟ ଶକ୍ତି ଉତ୍ପାଦନ କରି ୧୫୬,୫୯୫ ଟିସିଓ ୨ର ନିର୍ଗମନ କମ୍ କରିଛି। ଏୟାରଟେଲ ସିଇଓ ଆଶିଷ ଆରୋରା କହିଛନ୍ତି, ଆମେ ପରିବେଶ ପାଇଁ ଏକ ଦାୟିତ୍ୱବାନ ବ୍ରାଣ୍ଡ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପକୁ ଅଧିକରୁ ଅଧିକ ଗ୍ରହଣ କରୁଛୁ। ଆମେ ୨୦୩୧ରେ ଆମର ନେଟ-ଶୂନ୍ୟ ଲକ୍ଷ୍ୟ ହାସଲ ଦିଗରେ ଏକ ସଠିକ୍ ମାର୍ଗରେ ଅଗ୍ରସର ହୋଇଛୁ ଏବଂ ୧୦୦% ଅକ୍ଷୟ ବିଜୁଳି ପ୍ରତି ପ୍ରତିବଦ୍ଧତା ସହିତ ଆରଇ ୧୦୦ ପଦକ୍ଷେପର ଅଂଶ ବିଶେଷ ହୋଇ ଆନନ୍ଦିତ। ସିଷ୍ଟମ ଚେଞ୍ଜ-ଇଣ୍ଡିଆର ନିର୍ଦ୍ଦେଶକ ଅତୁଲ ମୁଦଲିୟାର କହିଛନ୍ତି, ଅତ୍ୟଧିକ ଶକ୍ତି ସମ୍ପନ୍ନ ହୋଇଥିଲେ ମଧ୍ୟ ଡାଟା ସେଣ୍ଟର ଗୁଡ଼ିକୁ ଏହାର ନିର୍ଗମନ ପାଇଁ ଅଣଦେଖା କରାଯାଇଥାଏ। କିନ୍ତୁ ନେକ୍ସଟ୍ରା ସେମାନଙ୍କ ଅଙ୍ଗାରକାମ୍ଳର ମାତ୍ରାକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ପଦ୍ଧତିକୁ ଆପଣେଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

**■ ଆଜିଠାରୁ ଲାଗୁହେବ ନୂଆ ନିୟମ**

## ମୋବାଇଲ୍ ନମ୍ବର ପୋର୍ଟେବିଲିଟି ପାଇଁ ସପ୍ତାହେ ଅପେକ୍ଷା

**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** ମୋବାଇଲ ନମ୍ବର ପୋର୍ଟ ପାଇଁ ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଏ) ଦ୍ୱାରା ପୂର୍ବ ପ୍ରକାଶ ସୂଚନା ଅନୁସାରେ ଜୁଲାଇ ପହିଲାରୁ ଏକ ନୂତନ ନିୟମ କାର୍ଯ୍ୟକାରୀ ହେବ। ଗତ ମାର୍ଚ୍ଚ ୧୪ ରେ ଏ ସମ୍ପର୍କରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି ନୂଆ ନିୟମ ସାରା ଦେଶରେ ଲାଗୁ ହେବ। ମୋବାଇଲ୍ ନମ୍ବର ପୋର୍ଟ ପାଇଁ ରହିଥିବା ନିୟମରେ ନବମ ଥର ପାଇଁ ସଂଶୋଧନ କରାଯାଇଥିଲା ବେଳେ ଏହି ନୂଆ ନିୟମ ଅନୁଯାୟୀ ବର୍ତ୍ତମାନ ଉପଭୋକ୍ତାମାନଙ୍କୁ ମୋବାଇଲ୍ ନମ୍ବର ପୋର୍ଟ ପାଇଁ ୭ ଦିନ ଅପେକ୍ଷା କରିବାକୁ ପଡିବ।ମୋବାଇଲ୍ ଫୋନ୍ ନମ୍ବର ବ୍ୟବହାର କରି ବିଭିନ୍ନ ସ୍ତରରେ ଯେଉଁଳି ଠକେଇ କରାଯାଉଛି ତାହାକୁ ରୋକିବା ପାଇଁ ଟ୍ରାଏ ଏହି ନିୟମ ଆଣିଛି। ସିମ୍ କାର୍ଡ ଅଦଳବଦଳ ଘଟଣାକୁ ଦୃଷ୍ଟିରେ ରଖି ଟ୍ରାଏ ଦ୍ୱାରା ଏହି ନୂତନ ନିୟମ ଲାଗୁ କରାଯାଇଛି।ଟ୍ରାଏ ୭ ଦିନ ମଧ୍ୟରେ ମୋବାଇଲ୍ ନମ୍ବର ପୋର୍ଟ ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ବିକଳ୍ପ ଦେଇଛି। ଏହି କାରଣରୁ ୟୁନିକ୍ ପୋର୍ଟିଂ କୋଡ୍ ଯଥା ୟୁପିସି ପ୍ରଦାନ କରିବାରେ ବିଳମ୍ବ ହେଉଛି। ନୂତନ ନିୟମ ଅନୁଯାୟୀ,ୟୁପିସି କୋଡ୍ ସିମ୍ କାର୍ଡ ଅଦଳବଦଳ ଏବଂ ସିମ୍ ରିପ୍ଲେସମେଣ୍ଟର ୭ ଦିନର ବ୍ୟବଧାନ ରହୁଥିବାରୁ ବର୍ତ୍ତମାନ କୌଣସି ଗ୍ରାହକଙ୍କ ସିମ୍ କାର୍ଡକୁ ତୁରନ୍ତ ଜାରି କରି କେହି ଅପବ୍ୟବହାର କରିପାରିବେ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଟେଲିକମ୍ କମ୍ପାନୀଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମୋବାଇଲ୍ ନମ୍ବର ପୋର୍ଟେବିଲିଟି(ଏମଏନପି) ସେବା ଉପଭୋକ୍ତାମାନଙ୍କୁ ଅନ୍ୟ ଟେଲିକମ୍ ସେବା ସହ ଯୋଡି ହେବାକୁ ଅନୁମତି ଦେଇଥାଏ।

**ଚୈତନ୍ୟ ପ୍ରୋଜେକ୍ଟ କନସଲଟାନ୍ସି**

## ସମ୍ପୂର୍ଣ୍ଣ ହେଲା ୪ ଲେନ୍ କୋଇଲା କରିଡର୍ ରୋଡ୍




**ସୁନ୍ଦରଗଡ଼,୩୦।୬(ସମିସ):**

ଭାରତର ଏକ ଅଗ୍ରଣୀ ନିର୍ମାଣକାରୀ ସଂସ୍ଥା ଭାବେ ଚୈତନ୍ୟ ପ୍ରୋଜେକ୍ଟ କନସଲଟାନ୍ସି ସୁନ୍ଦରଗଡ଼ ଜିଲ୍ଲାର ବାଙ୍କିବାହଲ ଠାରୁ ଭେଡାବାହାଲ(ଏସଏଚ୍ ୧୦)ର ୪ ଲେନ କରିଡର ପ୍ରକଳ୍ପ କାର୍ଯ୍ୟ ସଫଳତାରେ ସହ ସମ୍ପନ୍ନ କରିଛି। ଏହି କରିଡ଼ର ହେମଗିରି,ଲେଫ୍ରିପଡ଼ା, ଟାଙ୍ଗରାପାଲି, ବିଳାଶକରା ସମେତ ସଦର ଗ୍ରାମାଞ୍ଚଳର ପ୍ରାୟ ୨.୮ ଲକ୍ଷ ଲୋକଙ୍କ ଜୀବନ ଚଳଣିରେ ଉନ୍ନତି ଆଣିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅଞ୍ଚଳର ନିରାପତ୍ତା ଏବଂ ପରବ୍ଲେ ସ୍ଥିରତାକୁ ପ୍ରାଧାନ୍ୟ ଦେବା ସହିତ କୋଇଲା ପରିବହନ କ୍ଷମତାକୁ ବୃଦ୍ଧି କରିବା ଲାଗି ୭ କିମି ରାସ୍ତା ବିଟମ୍ନେ ପରିବର୍ତ୍ତେ କ୍ରଂକିଟ୍ ନିର୍ମାଣ କରାଯାଇଛି। ଯେଉଁଥିରେ ପ୍ରାୟ ୭ ହଜାର ୨୭୭ କୋଟି ଟଙ୍କା ନିବେଶ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ସଡ଼କ ନିରାପତ୍ତା ସହିତ ପ୍ରଦୂଷଣ କମ୍ କରାଯାଇପାରିବ। ୩୦.୮୧୧ କିମି ବ୍ୟାପି ଏହି ଭିତ୍ତିଭୂମି ପ୍ରକଳ୍ପ ଏକ ମାଇଲଖୁଣ୍ଟ ଭାବେ ଗତ ଏପ୍ରିଲ ମାସ ୨୩ ତାରିଖରେ ଉଦଘାଟିତ ହୋଇଥିଲା। ଏହି ଅବସରରେ ଚୈତନ୍ୟ ପ୍ରୋଜେକ୍ଟ କନସଲଟାନ୍ସି ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିହ୍ନା କହିଛନ୍ତି ଯେ, ଉତ୍ତମ ସଡ଼କ ବ୍ୟବସ୍ଥା ଦ୍ୱାରା କୋଇଲା ପରିବହନ ଦିଗରେ ଉନ୍ନତ ଭିତ୍ତିଭୂମିକ ସବୁଧା ମିଳିବା ସହିତ ଅର୍ଥ ସଞ୍ଚୟ ଏବଂ ଗମନାଗମନ ସୁଗମତା ସୃଷ୍ଟି ହୋଇପାରିବ। ବାଙ୍କିବାହାଲରୁ ଭେଡାବାହାଲ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ଏହି କୋଇଲା କରିଡର ରୋଡ୍ ସମ୍ପୂର୍ଣ୍ଣ ହେବା ଅର୍ଥ ସଂପୃକ୍ତ ଅଞ୍ଚଳରେ ନିରନ୍ତର ବିକାଶ ଓ ପରିବେଶ ସଂରକ୍ଷଣକୁ ସୂଚାଉଛି ବୋଲି ସେ କହିଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ଦିଗରେ ତାଙ୍କ କମ୍ପାନୀ ଜଡ଼ିତ ରହି ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରିଥିବାରୁ ଏହା କମ୍ପାନୀ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସିହ୍ନା କହିଛନ୍ତି।

ଟି-୨୦ ବିଶ୍ୱକପ୍ ୨୦୨୪

# ଚାମ୍ପିଅନ ଭାରତ ଅପରାଜେୟ

## ବ୍ୟାଟିଂ-ବୋଲିଂ ଶୀର୍ଷରେ ଆଫଗାନିସ୍ତାନ ଖେଳାଳି


ଅର୍ଶଦୀପ୍ ସିଂହ

ପାଖାପାଖି ଏକ ମାସ ଧରି ଚାଲିଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ଶେଷରେ ବାର୍ବାଡସ୍‌ରେ ଖେଳାଯାଇଥିବା ରୋମାଞ୍ଚକର ଫାଇନାଲ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ୧୭ ବର୍ଷ ପରେ ପୁଣିଥରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି । ସେହିଭଳି ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତ ୧୧ ବର୍ଷର ପ୍ରତିକ୍ଷାର ଅନ୍ତ ଘଟାଇ ଶେଷରେ ଏକ ଆଇସିସି ଟ୍ରଫି ହାତେଇବାରେ ସଫଳ ହୋଇଛି । ଚଳିତ ଟି-୨୦ରେ ଏକମାତ୍ର ଦଳ ଭାବେ ଏକମାତ୍ର ଦଳ ଭାବେ ଭାରତ ୮ ମ୍ୟାଚରୁ ୮ ବିଜୟ ସହ ଅପରାଜେୟ ରହି ଚାମ୍ପିଅନ ହୋଇଛି । ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମଥର ଏକ ଅପରାଜେୟ ଚାମ୍ପିଅନ ଦେଖିବାକୁ ମିଳିଛି । ଅପରପକ୍ଷରେ ସମସ୍ତଙ୍କୁ ଚକିତ କରି ସେମିଫାଇନାଲରେ ପ୍ରବେଶ କରିଥିବା ଆଫଗାନିସ୍ତାନର ରହମନୁଲ୍ଲା ଗୁର୍‌ବାଜ ଓ ଫଜଲହକ୍ ଫାରୁକି ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାରେ ଶୀର୍ଷରେ ରହିଛନ୍ତି ।

### ବ୍ୟାଟିଂ ପରିସଂଖ୍ୟାନ

#### ଗୁର୍‌ବାଜ ୮ ମ୍ୟାଚରେ ୨୮୧ ରନ

ବିଶ୍ୱକପ୍‌ର ଏହି ସଂସ୍କରଣରେ ଆଫଗାନିସ୍ତାନର ୱିକେଟ୍‌ରକ୍ଷକ ଗୁରବାଜ୍ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ତାଲିକାର ଶୀର୍ଷରେ ରହିଛନ୍ତି । ସେ ୮ ପାଳିରୁ ୩୫.୧୨ ହାରରେ ୨୮୧ ରନ କରିଛନ୍ତି । ତାଙ୍କ ପଛକୁ ରୋହିତ୍ ଶର୍ମା ସମାନ ୮ ପାଳି ଖେଳି ୨୫୭ ରନ କରିଛନ୍ତି । ଟ୍ରାଭିସ ହେଡ୍ (୨୫୫ ରନ), କ୍ୱିଣ୍ଟନ ଡି କକ୍ (୨୪୩) ଓ ଇବ୍ରାହିମ୍ ଜର୍ଦାନ (୨୩୧) ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି ।

#### ପୁରନଙ୍କ ନାମରେ ଶ୍ରେଷ୍ଠ ପାଳି

୨୦୦୯ ସଂସ୍କରଣ ପରେ ଏଥର ମଧ୍ୟ ଟି-୨୦ ବିଶ୍ୱକପ୍‌ରେ କୌଣସି ବ୍ୟାଟର୍ ଶତକୀୟ ପାଳି ଖେଳିପାରି ନଥିଲେ । ୱେଷ୍ଟଇଣ୍ଡିଜର ନିକୋଲସ ପୁରନ ଆଫଗାନିସ୍ତାନ ବିପକ୍ଷରେ ୫୩ ବଲରେ ୯୮ ରନ କରିଥିଲେ । ଯାହାକି ଏହି ବିଶ୍ୱକପ୍‌ର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହେବାର ରେକର୍ଡ କରିଛି । ଆମେରିକାର ଆରୋନ ଜୋନ୍ସ (୯୪*) ଓ ରୋହିତ୍ ଶର୍ମା (୯୨) ମଧ୍ୟ ୯୦ରୁ ଉର୍ଦ୍ଧ୍ୱ ସ୍କୋର କରିଥିଲେ ମଧ୍ୟ ଏହାକୁ ଶତକରେ ପରିଣତ କରିପାରି ନ ଥିଲେ ।


ରହମନୁଲ୍ଲା ଗୁର୍‌ବାଜ

#### ରୋହିତ-ଗୁରବାଜ ୩ ଅର୍ଦ୍ଧଶତକ

ରୋହିତ୍ ଶର୍ମା ଓ ଗୁର୍‌ବାଜ ଏହି ବିଶ୍ୱକପ୍‌ରେ ସର୍ବାଧିକ ୩ଟି ଲେଖାଏ ଅର୍ଦ୍ଧଶତକ ହାସଲ କରିଥିଲେ । ସେହିଭଳି ୮ଜଣ ଖେଳାଳି ୨ଟି ଲେଖାଏ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି । ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଟୁର୍ଣ୍ଣାମେଣ୍ଟରେ ୬ ପାଳିରୁ ୩ ଅପରାଜିତ ସହ ୧୪୪ ରନ କରିଥିଲେ । ମ୍ୟାଚ୍ ପିଛା ତାଙ୍କ ଆଭରେଜ ୪୮ ରନ ରହିଥିଲା । ସେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଆଭରେଜ ହାସଲ କରିଥିଲେ ।

#### ଚୌକାରେ ହେଡ୍, ଛକାରେ ପୁରନ ନଂ୧

ଏହି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍ ୭ଟି ପାଳିରୁ ସର୍ବାଧିକ ୨୬ଟି ଚୌକା ମାରିଛନ୍ତି । ଇବ୍ରାହିମ୍ ଜର୍ଦାନ ୨୫, ରୋହିତ୍ ୨୪, ଜୋଶ୍ ବଟଲର୍ ୨୨ ଓ ଡି କକ୍ ୨୧ଟି ଚୌକା ମାରି ତାଲିକାରେ ପଛକୁ ପଛ ରହିଛନ୍ତି । ସେହିଭଳି ଯଦି ସର୍ବାଧିକ ଛକା ଉପରେ ନଜର ପକାଯିବ ତେବେ ଏଥିରେ ନିକୋଲସ ପୁରନ ସର୍ବାଗ୍ରେ ରହିଛନ୍ତି । ପୁରନ ୭ ପାଳିରୁ ୧୭ଟି, ଗୁରବାଜ୍ ୮ ପାଳିରୁ ୧୬ଟି ଏବଂ ହେଡ୍ ଓ ରୋହିତ୍‌ଙ୍କ ବ୍ୟାଟ୍‌ରୁ ୧୫ଟି ଲେଖାଏ ଛକା ଦେଖିବାକୁ ମିଳିଛି ।

### ବୋଲିଂ ପରିସଂଖ୍ୟାନ

#### ଫାରୁକି-ଅର୍ଶଦୀପଙ୍କୁ ୧୭ ୱିକେଟ୍

ଏଥର ବିଶ୍ୱକପ୍‌ରେ ଆଫଗାନିସ୍ତାନର ଫଜଲହକ୍ ଫାରୁକି ଓ ଭାରତର ଅର୍ଶଦୀପ୍ ସିଂହ ୧୭ଟି ଲେଖାଏ ୱିକେଟ୍ ନେଇ ତାଲିକାରେ ମିଳିତ ଭାବେ ଶୀର୍ଷ ସ୍ଥାନରେ ରହିଛନ୍ତି । ଫାରୁକି ୮ ପାଳିରେ ୨୫ ଓଭର ଓ ଅର୍ଶଦୀପ୍ ୮ ପାଳିରେ ୩୦ ଓଭର ବୋଲିଂ କରି ଏହି ସଫଳତା ପାଇଥିଲେ । ଯଶପ୍ରୀତ୍ ବୁମ୍‌ରା ଓ ଆନରିଚ୍ ନୋର୍ଜେ ୧୫ଟି ଲେଖାଏ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି ।

#### ହୋସେନ-ଫାରୁକି ଙ୍କୁ ୫ ୱିକେଟ୍ ସଫଳତା

ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ୨ଜଣ ବୋଲର ୫ ୱିକେଟ୍ ସଫଳତା ପାଇଛନ୍ତି । ସେମାନେ ହେଲେ ଫାରୁକି ଓ ୱେଷ୍ଟଇଣ୍ଡିଜର ଅକିଲା ହୋସେନ । ଉଭୟ ଉଗାଣ୍ଡା ବିପକ୍ଷରେ ଏହି ୫ ୱିକେଟ୍ ନେଇଥିଲେ । ଫାରୁକି ୪ ଓଭରରେ ୯ ରନ ବ୍ୟୟ କରି ଓ ହୋସେନ ୪ ଓଭରରେ ୧୧ ରନ ଦେଇଥିଲେ ।

#### ୧୪ ଡିସ୍‌ମିସାଲ କରିଛନ୍ତି ପନ୍ତ

ୱିକେଟ୍ ପଛରେ ରହି ଭାରତର ଋଷଭ ପନ୍ତ ୧୪ଜଣ ଖେଳାଳିଙ୍କୁ ଡିସ୍‌ମିସାଲ (କ୍ୟାଚ୍, ଷ୍ଟମ୍ପିଂ) କରିଛନ୍ତି । ୮ ଡିସ୍‌ମିସାଲ ସହ ଏହି ତାଲିକାରେ ଡି କକ୍, ପୁରନ ଓ ଲିଟନ ଦାସ ମିଳିତ ଭାବେ ୨ୟ ସ୍ଥାନରେ ରହିଛନ୍ତି ।

#### ୱେଷ୍ଟଇଣ୍ଡିଜ ନାମରେ ସର୍ବୋଚ୍ଚ ସ୍କୋର

ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଆୟୋଜକ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୫ ୱିକେଟ୍ ୱିକେଟ୍ ହରାଇ ୨୧୮ ରନ କରିଥିଲା । ଚଳିତ ବିଶ୍ୱକପ୍‌ରେ ଏହା ସର୍ବାଧିକ ଦଳଗତ ସ୍କୋର ରେକର୍ଡ ହୋଇଛି । ଅଷ୍ଟ୍ରେଲିଆ ବିପକ୍ଷରେ ୫ ୱିକେଟ୍‌ରେ ୨୦୫ ରନ ସହ ଭାରତ ଏହି ତାଲିକାର ୨ୟରେ ରହିଛି ।

#### ୩୯ ରନରେ ଅଲଆଉଟ୍ ହୋଇଥିଲା ଉଗାଣ୍ଡା

ୱେଷ୍ଟଇଣ୍ଡିଜ ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଉଗାଣ୍ଡା ୧୨ ଓଭର ଖେଳି ୩୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏହି ବିଶ୍ୱକପ୍‌ରେ ଏହା ସର୍ବନିମ୍ନ ଦଳଗତ ସ୍କୋରର ଅଲୋଡ଼ା ରେକର୍ଡ ହୋଇଛି । ସେହିଭଳି ନ୍ୟୁଜିଲାଣ୍ଡ ବିପକ୍ଷରେ ଉଗାଣ୍ଡ ୪୦, ଇଂଲଣ୍ଡ ବିପକ୍ଷରେ ଓମାନ ୪୭, ଆଫ୍ରିକା ବିପକ୍ଷ ସେମିଫାଇନାଲରେ ଆଫଗାନିସ୍ତାନ ୫୬ ରନରେ ଅଲ୍‌ଆଉଟ୍ ହୋଇଥିଲା ।

#### ବିପର୍ଯ୍ୟୟ: ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡକୁ ମାତ୍‌ଦେଲା ଆଫଗାନିସ୍ତାନ

ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣରେ ୩ଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ପ୍ରଥମ ବିପର୍ଯ୍ୟୟ ଘଟାଇଥିଲା ଆୟୋଜକ ଆମେରିକା । ଗ୍ରୁପ୍ ପର୍ଯ୍ୟାୟର ଏକ ମୁକାବିଲାରେ ଆମେରିକା ସୁପର୍ ଓଭରରେ ପୂର୍ବ ବିଜେତା ପାକିସ୍ତାନକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲା । ଏହି ବିପର୍ଯ୍ୟୟ ଯୋଗୁଁ ହିଁ ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ସେହିଭଳି ଆଉ ୨ଟି ବଡ଼ ବିପର୍ଯ୍ୟ ଆଫଗାନିସ୍ତାନ ଘଟାଇଥିଲା । ଗ୍ରୁପ୍ ପର୍ଯ୍ୟାୟରେ ଏହି ଉଦୀୟମାନ ଏସୀୟ ଦଳ ୮୪ ରନରେ ନ୍ୟୁଜିଲାଣ୍ଡକୁ ହରାଇ ବିଦାୟର ରାସ୍ତା ଦେଖାଇଥିଲା । ସେହିଭଳି ସୁପର୍-୮ରେ ଆଫଗାନିସ୍ତାନ ରୋମାଞ୍ଚକ ଭାବେ ୨୧ ରନରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆକୁ ହରାଇ ଇତିହାସ ରଚିଥିଲା । ଏହି ପରାଜୟ ହିଁ ଅଷ୍ଟ୍ରେଲିଆକୁ ବିଶ୍ୱକପ୍‌ରୁ ବିଦାୟ ଦେଇଥିଲା । ତେବେ ନେପାଳ ନିକଟରୁ ୧ ରନରେ ଅଳ୍ପକେ ବିଜୟୀ ହୋଇ ଦକ୍ଷିଣ ଆଫ୍ରିକା ଏକ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିଲା ।

#### କମିନ୍ସଙ୍କୁ ଦୁଇଥର ହ୍ୟାଟ୍ରିକ୍



ଏହି ବିଶ୍ୱକପ୍‌ରେ ୩ଟି ହ୍ୟାଟ୍ରିକ ୱିକେଟ୍ ସଫଳତା ଦେଖିବାକୁ ମିଳିଥିଲା । ସେଥିମଧ୍ୟରୁ ଅଷ୍ଟ୍ରେଲିଆର ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ କ୍ରମାଗତ ୨ଟି ମ୍ୟାଚରେ ଦୁଇଥର ହ୍ୟାଟ୍ରିକ ସଫଳତା ପାଇ ସମସ୍ତଙ୍କୁ ଚକିତ କରିଥିଲେ । କମିନ୍ସ ବାଂଲାଦେଶ ବିପକ୍ଷରେ ପ୍ରଥମ ଓ ପରବର୍ତ୍ତୀ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ହ୍ୟାଟ୍ରିକ ୱିକେଟ୍ ନେଇଥିଲେ । ସେହିଭଳି ଆମେରିକା ବିପକ୍ଷରେ କ୍ରିସ୍ ଜୋର୍ଡାନ ଅନ୍ୟ ହ୍ୟାଟ୍ରିକ ୱିକେଟ୍ ଅକ୍ତିଆର କରିଥିଲେ ।

---

କୋପା ଆମେରିକା ଫୁଟବଲ

## ହ୍ୟାଟ୍ରିକ୍ ବିଜୟ ସହ ଆର୍ଜେଣ୍ଟିନା ଗ୍ରୁପ୍ ଚାମ୍ପିଅନ



ମିଆମି, ୩୦।୬(ଏଜେନ୍ସି): ଆମେରିକାର ଚାଲିଥିବା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା କ୍ରମାଗତ ୩ଟି ବିଜୟ ହାସଲ କରି ଗ୍ରୁପ୍ ଏ ଚାମ୍ପିଅନ ବିବେଚିତ ହୋଇଛନ୍ତି । ରବିବାର ସକାଳେ ଅନୁଷ୍ଠିତ ମୁକାବିଲାରେ ଆର୍ଜେଣ୍ଟିନା ୨-୦ ଗୋଲରେ ପେରୁକୁ ପରାସ୍ତ କରିଛି । ଏହାପୂର୍ବରୁ ଆର୍ଜେଣ୍ଟିନା ପ୍ରଥମ ମୁକାବିଲାରେ ୨-୦ ଗୋଲରେ କାନାଡାକୁ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୧-୦ ଗୋଲରେ ହରାଇଥିଲା । ୩ଟି ଯାକ ମ୍ୟାଚ୍‌ରେ ଆର୍ଜେଣ୍ଟିନା କୌଣସି ଗୋଲବରଣ କରିନାହିଁ । ଏହା ଆର୍ଜେଣ୍ଟିନାର ଶକ୍ତିଶାଳୀ ରକ୍ଷଣଭାଗକୁ ଦର୍ଶାଉଛି । ଆର୍ଜେଣ୍ଟିନା ଏଥିସହ କ୍ୱାର୍ଟର ଫାଇନାଲରେ ପୂର୍ବରୁ ପ୍ରବେଶ କରିସାରିଛି । ଜୁଲାଇ ୫ ଶୁକ୍ରବାର ଆର୍ଜେଣ୍ଟିନା କ୍ୱାର୍ଟର ଫାଇନାଲ ଖେଳିବ । ଆର୍ଜେଣ୍ଟିନା ୩ଟି ଯାକ ମ୍ୟାଚ ଜିତି ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି । ଅପରପକ୍ଷରେ ପେରୁ ୩ଟି ମ୍ୟାଚ୍ ଖେଳି ୨ ପରାଜୟ ଓ ଗୋଟିଏ ଡ୍ର ସହ ୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି । ପେରୁ ତା'ର ପ୍ରଥମ ମୁକାବିଲାରେ ଚିଲି ବିପକ୍ଷରେ ମୁକାବିଲା ଗୋଲଶୂନ୍ୟ ଭାବେ ଅମୀମାଂସିତ ରଖିଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କାନାଡାଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା । ସ୍ଥାନୀୟ ମିଆମି ଗାର୍ଡନ୍ସର ହାର୍ଡ ରକ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଏକପାଖିଆ ମୁକାବିଲାରେ ଆର୍ଜେଣ୍ଟିନା ତରଫରୁ ୨୬ ବର୍ଷୀୟ ଷ୍ଟ୍ରାଇକର ଲାଉଟାରୋ ମାର୍ଟିନେଜ ଦୁଇଟି ଯାକ ଗୋଲ ସ୍କୋର କରିଥିଲେ । ସେ ଦ୍ୱିତୀୟାର୍ଦ୍ଧରେ ୪୭ ଓ ୮୬ତମ ମିନିଟ୍‌ରେ ଗୋଲ ଦେଇଥିଲେ ।

#### ଶେଷ ୮ରେ କାନାଡ଼ା

ଗ୍ରୁପ ଏ'ରେ କାନାଡା ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ରବିବାର ସକାଳେ ଚିଲି ବିପକ୍ଷ ଅନ୍ତିମ ଗ୍ରୁପ୍ ମୁକାବିଲାକୁ ଗୋଲଶୂନ୍ୟ ଭାବେ ଡ୍ର ରଖି କାନାଡ଼ା ଏହି ସଫଳତା ହାସଲ କରିଛି । କାନାଡା ଗ୍ରୁପ୍ ମୁକାବିଲାରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି । ଅନ୍ୟପଟେ ଚିଲି ୩ଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ୨ ଡ୍ର ସହ ୨ ପଏଣ୍ଟ ହାସଲ କରି କ୍ୱାର୍ଟର ଦୌଡ଼ରୁ ବାଦ୍ ପଡ଼ିଛି । ଫ୍ଲୋରିଡାର ଓର୍ଲାଣ୍ଡୋସ୍ଥିତ ଇଣ୍ଟର ଆଣ୍ଡ କୋ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କୌଣସି ଦଳ ଗୋଲ ଦେଇପାରି ନଥିଲେ । କାନାଡା ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା ।

---

'ଫିସୁ' ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍

## ସାଇନାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୩୦।୬(ସମିସ): ଉଗାଣ୍ଡାର ଏଣ୍ଟେବେଠାରେ ଅନୁଷ୍ଠିତ ହୋଇଥିବା ଏଫ୍‌ଆଇଏସ୍‌ୟୁ ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିଅନସିପ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ଚେସ୍ ଦଳର ସଦସ୍ୟା ଆକାଂକ୍ଷା ହାଗାୱାନ ଓ ସାଇନା ସାଲୋନିକା ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି । ରବିବାର ମହିଳା କ୍ଲାସିକାଲ କାଟାଗୋରୀରେ ଦୁହେଁ ୯ମ ରାଉଣ୍ଡ ମୁକାବିଲାକୁ ଅମୀମାଂସିତ ରଖିଛନ୍ତି ଓ ୬.୫ ପଏଣ୍ଟ ଲେଖାଏ ହାସଲ କରି ଏହି ସଫଳତା ପାଇଛନ୍ତି । ଓଡ଼ିଶାର ସାଇନା ସାଲୋନିକା ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିଲେ ମଧ୍ୟ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ପଢ଼ିଥିଲେ । ସେହିପରି ମୋକ୍ଷଦା ମହାଜନ ଓ ଜୁନୁ ବିରୁଆ ୪.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ୧୭ ଓ ୧୮ ତମ ସ୍ଥାନରେ ରହିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୨୫ରୁ ଆରମ୍ଭ ହୋଇ ୩୦ରେ ଶେଷ ହୋଇଥିଲା । ଭାରତୀୟ ଚେସ୍ ଟିମ୍ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି । ପିଲା ବେଳେ ଚେସ୍ ଖେଳିବାକୁ ସହାୟତା କରିଥିବାରୁ ସାଇନା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି କିସ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜୁନୁ ମଧ୍ୟ ଅଚ୍ୟୁତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆକାଂକ୍ଷା ଓ ସାଇନାଙ୍କୁ ଅଚ୍ୟୁତ ଅଭିନନ୍ଦନ ଜଣାଇଛନ୍ତି ।



---

ରାଜ୍ୟ ସ୍କୁଲ ଓପନ ଚେସ୍

## ବିନୀତ ଚାମ୍ପିଅନ, ପ୍ରାଂଶୁ ରନର୍ସଅପ୍



ଭୁବନେଶ୍ୱର, ୩୦।୬ (ସମିସ): ଆୟୋଜକ ବିଜେଇଏମ୍ ସ୍କୁଲର ବିନୀତ ନାୟକ ଭୁବନେଶ୍ୱର ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି । ବିଜେଇଏମ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ବିନୀତ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ । ସେହିପରି ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ ୪.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ଯଶଶ୍ରୀ ସ୍ୱାଇଁ, ସତ୍ୟନାରାୟଣ ସ୍ୱାଇଁ, ଆୟୁଷ୍ମାନ ବେହେରା ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ଷଷ୍ଠ ସ୍ଥାନ ହାସଲ କରିଛନ୍ତି । ସେଣ୍ଟ ଯୋଶେଫ୍ ହାଇସ୍କୁଲର ସକେତ କୁମାର ମାଇତି ପଞ୍ଚମ, ଷ୍ଟିୱାର୍ଟ ସ୍କୁଲ୍‌ର ରୁଦ୍ରପ୍ରତାପ ମିଶ୍ର ୭ମ, ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍‌ର ଶ୍ୱେତଜିତ ପଟ୍ଟନାୟକ ୮ମ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ମୃଗାଙ୍କ ଶେଖର ଦାସ ୯ମ ଓ କେଦାରଗୋରୀ ସେଣ୍ଟ ଜାଭିୟର ହାଇସ୍କୁଲର ନମସ୍ୟ ନଳିନୀ ୧୦ମ ସ୍ଥାନରେ ରହିଛନ୍ତି । ଖେଳ ଶେଷରେ ଆୟୋଜକ ବିଜେଇଏମ୍ ସ୍କୁଲର ଅଧକ୍ଷା ସନ୍ଧ୍ୟା ଜେନା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ବିଜେଇଏମ୍ କ୍ରୀଡ଼ା ବିଭାଗ ମୁଖ୍ୟ ସରୋଜ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ ।

---

■ ଚେନ୍ନାଇ ଟେଷ୍ଟରେ ସ୍ନେହଙ୍କୁ ୮ ୱିକେଟ୍

## ଫଲୋଅନ ପରେ ଦ. ଆଫ୍ରିକାର ସଂଘର୍ଷ ଜାରି


ସ୍ନେହ ରାଣା



ସୁନେ ଲସ୍

ଚେନ୍ନାଇ, ୩୦।୬ (ଏଜେନ୍ସି): ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଫଲୋଅନ୍‌ର ସମ୍ମୁଖୀନ ହୋଇଛି । ଭାରର ବିଶ୍ୱରେକର୍ଡ ପ୍ରଥମ ପାଳି ସ୍କୋର ୬୦୩/୬ ରନ ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨୬୬ ରନରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି । ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ଭାରତର ଅଭିଜ୍ଞ ସ୍ପିନର ସ୍ନେହ ରାଣା ୮ ୱିକେଟ୍ ନେଇ ଫଲୋଅନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୩୩୭ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୮୫ ଓଭରରେ ୨ ୱିକେଟ ହରାଇ ୨୩୨ ରନ ସଂଗ୍ରହ କରି ସଂଘର୍ଷ ଜାରି ରଖିଛି । ସୁନେ ଲସ୍ ସର୍ବାଧିକ ୧୦୯ ରନର ଶତକୀୟ ପାଳି ଖେଳି ଅଧିନାୟିକା ହରମନପ୍ରୀତ୍ କୌରଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଲୌରା ୱଲଭାର୍ଡଟ ୯୩ ଓ ମାରିଜନେ କାପ୍ପ ୧୫ ରନରେ ଅପରାଜିତ ରହିଛନ୍ତି । ଦ୍ୱିତୀୟ ପାଳିରେ ୮ ୱିକେଟ୍ ବଳକା ରହିଥିବାବେଳେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ପାଳି ପରାଜୟ ଏଡ଼ାଇବା ଲାଗି ଆହୁରି ୧୦୫ ରନ ଆବଶ୍ୟକ କରୁଛି ।

#### ୮ ୱିକେଟ୍ ନେବାରେ ସ୍ନେହ ୨ୟ ଭାରତୀୟ

ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ପାଳିରେ ୪ ୱିକେଟ୍‌ରେ ୨୩୬ ରନ କରିଥିବା ଦକ୍ଷିଣ ଆଫ୍ରିକା ରବିବାର ସକାଳେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଆଉ ୩୦ ରନ ଯୋଡ଼ି ବଳକା ୬ ୱିକେଟ୍ ହରାଇଥିଲା । ଫଳରେ ଦଳ ୨୬୬ ରନରେ ସୀମିତ ରହି ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲା । ପୂର୍ବଦିନ ୬୯ ରନ କରିଥିବା କାପ୍ପ ୭୪ ରନ କରି ଆଉଟ୍ ହୋଇଥିଲେ । ଘରୋଇ ଭାରତୀୟ ଦଳ ପକ୍ଷରୁ ଅଫ୍-ସ୍ପିନର ରାଣା ୭୭ ରନ ବ୍ୟୟରେ ଦକ୍ଷିଣ ଆଫ୍ରିକାର ୮ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ । ଦୀପ୍ତି ଶର୍ମାଙ୍କୁ ଅନ୍ୟ ଦୁଇଟି ୱିକେଟ୍ ମିଳିଥିଲା । ଟେଷ୍ଟରେ ସ୍ନେହଙ୍କ ଏହା ଶ୍ରେଷ୍ଠ ବୋଲିଂ ଫିଗର ଥିବାବେଳେ ସେ ୨ୟ ଭାରତୀୟ ଭାବେ ୮ ୱିକେଟ୍ ସଫଳତା ପାଇଛନ୍ତି । ତାଙ୍କ ପୂର୍ବରୁ ୧୯୯୫ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ନୀତୁ ଡେଭିଡ୍ ୫୩ ରନରେ ୮ ୱିକେଟ୍ ଅକ୍ତିଆର କରିଥିଲେ ।

#### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି:** ୬୦୩/୬, ୧୧୫.୧ ଓଭର (ଶେଫାଳି- ୨୦୫, ମନ୍ଧାନା- ୧୪୯, ରିଚା- ୮୬, ଟକର- ୨/୧୪୧) ।

**ଦ.ଆଫ୍ରିକା ପ୍ରଥମ ପାଳି:** ୨୬୬/୧୦, ୮୪.୩ ଓଭର (କାପ୍ପ- ୭୪, ସୁନେ ଲସ୍- ୬୫, ସ୍ନେହ ରାଣା- ୮/୭୭) ।

**ଦ.ଆଫ୍ରିକା ୨ୟ ପାଳି (ଫଲୋଅନ):** ୨୩୨/୨, ୮୫ ଓଭର (ସୁନେ- ୧୦୯, ଲୌରା- ୯୩*, କାପ୍ପ- ୧୫*, ହରମନପ୍ରୀତ୍- ୧/୨୪) ।

# ରଥ ବିନା ରଥଯାତ୍ରା

**ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥ । ବଡ଼ ଦେଉଳରେ ବସି ବାରମାସରେ କରନ୍ତି ତେର ଯାତ୍ରା । ସେସବୁ ମଧ୍ୟରେ ରଥଯାତ୍ରା ଅନନ୍ୟ । ଯେଉଁଠି କାଳିଆ ସାଆନ୍ତ ଭାଇ ଭଉଣୀଙ୍କ ସହ ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଚାଲି ଆସନ୍ତି ଭକ୍ତଙ୍କ ସହ ମିଶିବା ପାଇଁ । ସେଦିନ ରାଜ୍ୟ ତଥା ଦେଶର ବିଭିନ୍ନ ଭାଗ, ଏପରିକି ବିଦେଶରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୁଏ । ତେବେ କେତେକ ସ୍ଥାନରେ ରଥଯାତ୍ରା ରୀତିନୀତିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ । ଏଇ ଯେମିତି ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲା କେଶରୀୟାରୀ ଗାଁରେ । ଏଠାରେ ବିନା ରଥରେ ଅନୁଷ୍ଠିତ ହୋଇଥାଏ ରଥଯାତ୍ରା ।**



**ଊନବିଂଶ ଶତାବ୍ଦୀରୁ ଆରମ୍ଭ:** ଏହି ନିଆରା ରଥଯାତ୍ରାର ଊନବିଂଶ ଶତାବ୍ଦୀରେ ପଶ୍ଚିମବଙ୍ଗ ମେଦିନୀପୁର ଜିଲ୍ଲାର କେଶୀୟାରୀ ଗାଁରେ ଆରମ୍ଭ ହୋଇଥିବା କୁହାଯାଏ । ତେବେ କେଶୀୟାରୀ ଗାଁରେ ଏହି ପୂଜା ଆରମ୍ଭକୁ ନେଇ ଏକ ରୋଚକୀୟ କାହାଣୀ ଅଛି । ଦିନେ ଗାଁର ଜମିଦାର ପଦ୍ମଲୋଚନ ଦତ୍ତ ଗାଁ ପରିଦର୍ଶନରୁ ଫେରୁଥିଲେ । ହଠାତ୍ ବର୍ଷା ହେଲା । ସେଇଠୁ ସେ ଗଗନେଶ୍ୱର ଗାଁର କୁରୁମ୍ବ ଭିଲ୍ଲା ନାମକ ଏକ ପରିତ୍ୟକ୍ତ ଘରେ ଆଶ୍ରୟ ନେଲେ । ସେଠାରେ ସେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କଲେ ।

**ପରିତ୍ୟକ୍ତ ଘରେ ତିନିଠାକୁର:** ଘରଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବାରୁ ଜମିଦାର ପଦ୍ମଲୋଚନଙ୍କ ଦୃଷ୍ଟିଆକର୍ଷଣ କଲା । ଘରର କବାଟ ବନ୍ଦ ଥିଲା । ସେଇଠୁ ଘରର କବାଟ ଖୋଲି ଦେଖିଲା ବେଳକୁ ତା' ଭିତରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ କାଠ ପ୍ରତିମା ଶୋଭା ପାଉଛି । ତ୍ରିମୂର୍ତ୍ତିକୁ ଦେଖି ସେ ଉତ୍ସାହିତ ହୋଇ ଏ ବାବଦରେ ଅଧିକ କିଛି ଜାଣିବା ଲାଗି ସେ ଗାଁ ଲୋକଙ୍କୁ ଡାକିଲେ । କିନ୍ତୁ ଗ୍ରାମବାସୀମାନେ ମୂର୍ତ୍ତି ବାବଦରେ କିଛି ଠୋସ୍ ତଥ୍ୟ ଦେଇପାରିଲେ ନାହିଁ । ସେଇଠୁ ଜମିଦାର ପଦ୍ମଲୋଚନ ଅନ୍ୟ କିଛି ନ ଭାବି ନିଜ ଗାଁ କେଶୀୟାରୀକୁ ନେଲେ ।









ସେଠାରେ ଠାକୁରଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରାଗଲା । ଆଉ ସେବେଠୁ ଏବେ ସୁଦ୍ଧା ଠାକୁର ସେମିତି ଏହି ଗାଁରେ ଦତ୍ତ ପରିବାରଙ୍କ ପିଢ଼ି ଦ୍ୱାରା ପୂଜା ପାଇ ଆସୁଛନ୍ତି ।

**କାନ୍ଧରେ ଯାଆନ୍ତି ତିନିଠାକୁର:** ଯଦିଓ ଏଠାରେ ରଥଯାତ୍ରା ଆଡ଼ମ୍ବରରେ ପାଳନ କରାଯାଏ, ତଥାପି ଏଠାକାର ରଥଯାତ୍ରା ଅନ୍ୟ ସମସ୍ତ ରଥଯାତ୍ରାଠାରୁ ସମ୍ପୂର୍ଣ୍ଣ ଭିନ୍ନ । କାରଣ ଏଠାରେ ବିନା ରଥରେ ଘୋଷଯାତ୍ରା ଅନୁଷ୍ଠିତ ହୁଏ । ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ । ତିନି ବିଗ୍ରହଙ୍କୁ ପୂଜାରୀମାନେ କାନ୍ଧରେ ଟେକି ଟେକି ଓ ମୁଣ୍ଡରେ ମୁଣ୍ଡାଇ ନିଅନ୍ତି । ଏହିପରି ଭାବେ ତିନିଠାକୁର ମାଉସୀ ଘରକୁ ଯାଆନ୍ତି । କେବଳ ସେତିକି ନୁହେଁ, ଗାଁଲୋକ ଶଙ୍ଖ ଧ୍ୱନି, ହୁଳହୁଳି, ଘଣ୍ଟ ବାଦନ କରି ମାଉସୀ ଘରେ ଠାକୁରଙ୍କୁ ପହଞ୍ଚାଇଥାନ୍ତି । ଅନ୍ୟପକ୍ଷରେ ଏହି ପବିତ୍ର ଦିନରେ ପୂରା ଗାଁରେ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଏ ।

# ମାସାନୁସାରେ ଖାଦ୍ୟ ନିୟମ

**ପ୍ରତି ମାସରେ ଯେଭଳି ବିଭିନ୍ନ ଦେବଦେବୀଙ୍କ ପୂଜାର୍ଚ୍ଚନାର ନିୟମ ଅଛି, ଠିକ୍ ସେହିପରି ୧୨ ମାସ ଅନୁସାରେ ଖାଦ୍ୟକୁ ନେଇ କେତେକ ନିୟମ ରହିଛି । ହିନ୍ଦୁଶାସ୍ତ୍ର ଅନୁସାରେ, କେଉଁ ମାସରେ କେଉଁ ପ୍ରକାର ଖାଦ୍ୟ ଖାଇବା ଦରକାର, ସେ ସମ୍ପର୍କରେ ଜାଣିବା ।**



**ବୈଶାଖ (ଏପ୍ରିଲ-ମେ):** ବୈଶାଖ ମାସରେ ପ୍ରବଳ ଗରମ ଆରମ୍ଭ ହୋଇଥାଏ । ବେଲପତ୍ରର ଉପଯୋଗ ଏହି ମାସରେ ଅବଶ୍ୟ କରିବା ଦରକାର । ତେବେ ଏହି ମାସରେ ତେଲର ଉପଯୋଗ ନ କରିବା ଭଲ । କାରଣ ଏହା ଦ୍ୱାରା ଶରୀର ଅସୁସ୍ଥ ହୋଇଥାଏ ।

**ଜ୍ୟେଷ୍ଠ (ମେ-ଜୁନ୍):** ଏହି ମାସରେ ପ୍ରବଳ ଗରମ ଅନୁଭୂତ ହୋଇଥାଏ । ଦ୍ୱିପହରରେ ଶୋଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ଲସି, ଜୁସ୍ ଏବଂ ଅଧିକ ପାଣି ପିଇବା ଦରକାର । ଜ୍ୟେଷ୍ଠ ମାସରେ ବାସି ଖାଦ୍ୟ ତଥା ଗରିଷ୍ଠ ଭୋଜନରୁ ଦୂରେଇ ରହିବା ଉଚିତ ।

**ଆଷାଢ଼ (ଜୁନ-ଜୁଲାଇ):** ଆଷାଢ଼ ମାସରେ ଆମ୍ବ, କ୍ଷୀର, ଥଣ୍ଡା ଖାଦ୍ୟ ପଦାର୍ଥ, କାକୁଡ଼ି, କଲରା, ବଥୁଆ ଶାଗ ଆଦି ନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଏହାର ଉପଯୋଗ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।

**ଶ୍ରାବଣ (ଜୁଲାଇ-ଅଗଷ୍ଟ):** ଶ୍ରାବଣ ମାସରେ ହରଡ଼ ଡାଲି ଖାଇବା ଭଲ । ଏହି ମାସରେ ସବୁଜ ପନିପରିବା ଏବଂ ଦୁଗ୍ଧଜାତ ଖାଦ୍ୟ କମ୍ ଖାଇବା ଆବଶ୍ୟକ । କମ୍ ଖାଦ୍ୟ ଗ୍ରହଣ କରିବା ସହ ପୁରୁଣା ଚାଉଳ, ଖେଚୁଡ଼ି, ଦହି ଏବଂ ସୁପାଚ୍ୟ ଖାଦ୍ୟ ଖାଇବା ଭଲ ।

**ଭାଦ୍ରବ (ଅଗଷ୍ଟ-ସେପ୍ଟେମ୍ବର):** ଏହି ମାସରେ ହାଲୁକା ସୁପାଚ୍ୟ ଖାଦ୍ୟ ଗ୍ରହଣ କରିବା ଉତ୍ତମ । ବର୍ଷା ଋତୁ ଯୋଗୁଁ ପାଚନ୍ୟଯୋଗ୍ୟ ଖାଦ୍ୟ ଶରୀର ପାଇଁ ଉତ୍ତମ ହୋଇଥାଏ ।

**ଆଶ୍ୱିନ (ସେପ୍ଟେମ୍ବର-ଅକ୍ଟୋବର):** ଏହି ମାସରେ କ୍ଷୀର, ଘିଅ, ଗୁଡ଼, ନଡ଼ିଆ, କୋବି ଆଦି ଖାଇବା ଭଲ । ଏହା ଗରିଷ୍ଠ ଖାଦ୍ୟ ହୋଇଥିଲେ ହେଁ ସହଜରେ ହଜମ ହୋଇଥାଏ ।

**କାର୍ତ୍ତିକ (ଅକ୍ଟୋବର-ନଭେମ୍ବର):** ଦାନ ତଥା ପୁଣ୍ୟ ମାସ କାର୍ତ୍ତିକରେ ଦହି ଆଦି ଥଣ୍ଡା ଜାତୀୟ ଖାଦ୍ୟ ପଦାର୍ଥ ଖାଇବା ମନା । ବାଇଗଣ, କଲରା, ମାଛ, ମାଂସ ଆଦି ଖାଦ୍ୟ ନ ଖାଇବା ଭଲ । କ୍ଷୀର, ଗୁଡ଼ ଆଦି ଖାଦ୍ୟପଦାର୍ଥ ସ୍ୱାସ୍ଥ୍ୟ ପାଇଁ ଭଲ ।

**ମାର୍ଗଶୀର (ନଭେମ୍ବର-ଡିସେମ୍ବର):** ଏହି ମାସରେ ଥଣ୍ଡା ଏବଂ ଗରମ ଜିନିଷକୁ ବ୍ୟବହାର ନ କରିବା ଭଲ । ତେବେ ଡାଲି ଜାତୀୟ ଖାଦ୍ୟ, କ୍ଷୀର ଆଦି ଖାଇବା ହିତକର ।

**ପୌଷ (ଡିସେମ୍ବର-ଜାନୁଆରୀ):** ଏହି ଋତୁରେ କ୍ଷୀର, ଖୁଆ, ଗୁଡ଼, ରାଶି, ଘିଅ, ଆଳୁ, ଅଁଳା ଆଦି ଦେହକୁ ସୁସ୍ଥ ରଖିଥାଏ । ଥଣ୍ଡା ଖାଦ୍ୟ, ପୁରୁଣା ଅନ୍ନ ଆଦି ନ ଖାଇବା ଭଲ ।

**ମାଘ (ଜାନୁଆରୀ-ଫେବୃଆରୀ):** ଏହି ମାସରେ ଗରମ ଓ ଗରିଷ୍ଠ ଖାଦ୍ୟ ଖାଇପାରିବେ । ଘିଅ, ନୂଆ ଅନ୍ନ, ଲଡୁ ଆଦି ଖାଇବା ଉତ୍ତମ ।

**ଫାଲଗୁନ୍ (ଫେବୃଆରୀ-ମାର୍ଚ୍ଚ):** ଏହି ମାସରେ ଗୁଡ଼ ଖାଇବା ଭଲ । ସକାଳେ ଯୋଗ ଏବଂ ସ୍ନାନ ନିୟମ ପାଳନ କରିବା ଉଚିତ । ଚଣା ନ ଖାଇବା ଶରୀର ପାଇଁ ହିତକର ।

**ଚୈତ୍ର (ମାର୍ଚ୍ଚ-ଏପ୍ରିଲ):** ଏହି ମାସରେ ଗୁଡ଼ ଖାଇବା ଉଚିତ । ଗୁଡ଼ ରକ୍ତ ପ୍ରବାହ ଏବଂ ରକ୍ତକୁ ଶୁଦ୍ଧ କରି ଅନେକ ରୋଗରୁ ରକ୍ଷା କରେ । ଚୈତ୍ର ମାସରେ ନିତିଦିନ ୪-୫ଟି ନିମ୍ବ ପତ୍ର ଖାଇବା ଭଲ ।

## ଗୀତାବାଣୀ

**କାୟେନ ମନସା ବୁଦ୍ଧ୍ୟା କେବଲୈରିନ୍ଦ୍ରିୟୈରପି ।**
**ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ॥**



କର୍ମଯୋଗୀମାନେ ଆସକ୍ତି ତ୍ୟାଗ କରି, କେବଳ (ମମତାରହିତ) ଇନ୍ଦ୍ରିୟ, ଶରୀର, ମନ ଓ ବୁଦ୍ଧି ଦ୍ୱାରା ଅନ୍ତଃକରଣ ଶୁଦ୍ଧି ନିମନ୍ତେ ହିଁ କର୍ମ କରନ୍ତି ।

- (ପଞ୍ଚମୋଽଧ୍ୟାୟଃ: ଶ୍ଳୋକ-୧୧)

## ପ୍ରଶ୍ନୋତ୍ତର

୧. ହନୁମାନଙ୍କୁ କିଏ ଗଦା ପ୍ରଦାନ କରିଥିଲେ?
୨. ଭୀମସେନଙ୍କୁ କେଉଁ ବିଷ ଦିଆଯାଇଥିଲା?
୩. କର୍ଣ୍ଣଙ୍କ ପୁତ୍ରଙ୍କ ନାମ କ'ଣ?
୪. କେଉଁ ସେବକ ଦିଅଁମାନଙ୍କୁ ବନକ ଲାଗି କରନ୍ତି?
୫. ସଞ୍ଜିବନୀ କିଏ ଉଦ୍ଭାବନ କରିଥିଲେ?



**ଉତ୍ତର**
(୧) କୁବେର (୨) କାଳକୂଟ (୩) ବୃଷସେନ (୪) ଦତ୍ତ ମହାପାତ୍ର (୫) ଶୁକ୍ରାଚାର୍ଯ୍ୟ

# ବୁଦ୍ଧ କଥା: ମଣିଷର ମୂଲ୍ୟ

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଅନ୍ୟ ସହ ମଣିଷ ନିଜର ତୁଳନା କିପରି କରେ, ତାହାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଥରେ ଜଣେ ବ୍ୟକ୍ତି ଗୌତମ ବୁଦ୍ଧଙ୍କ ପାଖରେ ପହଞ୍ଚି ତାଙ୍କୁ ପ୍ରଶ୍ନ କଲା, 'ପ୍ରଭୁ ମୋତେ ଏ ଜୀବନ କାହିଁକି ମିଳିଲା? ଏତେ ବଡ଼ ଦୁନିଆରେ ମୋର ମୂଲ୍ୟ ବା କେତେ?' ବୁଦ୍ଧ ସେହି ଲୋକର କଥା ଶୁଣିଲେ ଏବଂ ତାଙ୍କ ହାତକୁ ଏକ ପଥର ବଢ଼େଇ ଦେଇ କହିଲେ, 'ତୁମେ ପ୍ରଥମେ ଏହି ପଥରର ମୂଲ୍ୟ ବୁଝି ଆସ, କିନ୍ତୁ ପଥର ମୂଲ୍ୟ ବୁଝି ଏହାକୁ ସାଙ୍ଗରେ ଅବଶ୍ୟ ନେଇ ଆସିବ ।'

ସେହି ବ୍ୟକ୍ତି ଜଣକ ପ୍ରଥମେ ଜଣେ ଫଳ ଦୋକାନୀକୁ ପଥରର ମୂଲ୍ୟ ପଚାରିଲା । ଦୋକାନୀ ଜଣକ କହିଲା, 'ଏହି ପଥରଟି ମୋର କୌଣସି କାମରେ ଆସିବ ନାହିଁ । ତେବେ ପଥରର ଚମକ ଦେଖି ମୁଁ ତୁମକୁ ୧୦ଟି ଆମ୍ବ ଦେଇପାରିବି ।' ଏହା ଶୁଣି ଲୋକଟି ସେଠାରୁ ଚାଲି ଆସିଲା । ପୁଣି ଜଣେ ପରିବାବାଲା ପାଖକୁ ଯାଇ ପଥରର ମୂଲ୍ୟ କେତେ ହେବ ବୋଲି ପଚାରିଲା । ଦୋକାନୀ ଜଣକ କହିଲା, 'ମୁଁ ଏହା ବଦଳରେ ଗୋଟିଏ ବସ୍ତା ଆଳୁ ତୁମକୁ ଦେଇପାରିବି ।' ସେଇଠୁ ସେହି ବ୍ୟକ୍ତି ଜଣକ ବୁଝିଗଲା ଯେ, ପଥରର ମୂଲ୍ୟ କେତେ ବେଶି । ଏହାପରେ ସେ ଜଣେ ହୀରା ବ୍ୟବସାୟୀଙ୍କ ପାଖକୁ ଗଲା । ହୀରା ବ୍ୟବସାୟୀ ଜଣକ ପଥର ଦେଖି ଆଚମ୍ବିତ ହୋଇ କହିଲା, 'ଏହା ବଦଳରେ ମୁଁ ତମକୁ ୧୦ ଲକ୍ଷ ଟଙ୍କା ଦେବି ।' ଏକଥା ଶୁଣି ବ୍ୟକ୍ତି ଜଣକ ସେଠାରୁ ଚାଲିଆସୁଥିବା ଦେଖି ବ୍ୟବସାୟୀ ଜଣକ ପଥର ବଦଳରେ ୫୦ ଲକ୍ଷ ଟଙ୍କା ଦେବେ ବୋଲି ପ୍ରଲୋଭିତ କଲେ । ତେବେ ବ୍ୟକ୍ତି ଜଣକ ସେଠାରେ ଅଟକି ନ ରହି ସିଧା ବୁଦ୍ଧଙ୍କ ପାଖକୁ ଚାଲି ଆସିଲା । ପଥରଟିକୁ ବୁଦ୍ଧଙ୍କୁ ଦେଇ ସେ ଏହାର ମୂଲ୍ୟ ବାବଦରେ ସମସ୍ତ କାହାଣୀ କହିଲା । ଏହାପରେ ସେ ପୁଣି ଥରେ ବୁଦ୍ଧଙ୍କୁ ପ୍ରଶ୍ନ କଲା, 'ଏବେ ଆପଣ କୁହନ୍ତୁ, 'ମୋ ଜୀବନର ମୂଲ୍ୟ କ'ଣ?'

ଏହାପରେ ବୁଦ୍ଧ କହିଲେ, "ମୁଁ ତୁମକୁ ଏହି ପଥରର ମୂଲ୍ୟ ଜାଣିବା ପାଇଁ ପଠାଇ ଥିଲି । ସମସ୍ତେ ନିଜ ନିଜ ଅନୁସାରେ ପଥରର ମୂଲ୍ୟ ସମ୍ପର୍କରେ ତୁମକୁ କହିଲେ । ଠିକ୍ ଏହି ପ୍ରକାରେ ଜୀବନର ମୂଲ୍ୟ ହେଉଛି ହୀରା ସମାନ । ପ୍ରତ୍ୟେକ ଲୋକଙ୍କ ପାଖରେ କିଛି ନା କିଛି ଗୁଣ ଲୁଚି ରହିଥାଏ । ଯାହାକୁ ସେମାନଙ୍କୁ ନିଜେ ନିଜେ ଖୋଜିବାକୁ ହୋଇଥାଏ । ଅବଶ୍ୟ ଏହି ଗୁଣ ସହ ପରିଚିତ କରିବା ପାଇଁ ଅନ୍ୟ ଜଣେ ତା'ପାଖରେ ହେବା ନିହାତି ଦରକାର ।"



# ଆଷାଢ଼ରେ କଦଳୀ ଗଛ ପୂଜା

**ହିନ୍ଦୁ ଶାସ୍ତ୍ରରେ ଆଷାଢ଼କୁ ଶୁଭ ତଥା ପବିତ୍ର ମାସ ବୋଲି ବିବେଚନା କରାଯାଏ । ଏହି ମାସରେ ଭଗବାନ ବିଷ୍ଣୁ ଏବଂ ଶିବଙ୍କ ପୂଜା କରାଯାଏ । ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ମାସରେ କଦଳୀ ଗଛ ପୂଜା କରିବା ଅତ୍ୟନ୍ତ ଶୁଭ । ଆଷାଢ଼ ମାସ ଗୁରୁବାରରେ କଦଳୀ ଗଛକୁ ପୂଜିଲେ ଜୀବନରେ ସୁଖ, ଶାନ୍ତି ବୃଦ୍ଧି ପାଏ । ତେବେ କିଭଳି କଦଳୀ ଗଛକୁ ପୂଜା କରିବା ଦରକାର, ସେ ସମ୍ପର୍କରେ ଜାଣିବା ।**

- ସକାଳୁ ସ୍ନାନ ସାରି କଦଳୀ ଗଛ ଆଖପାଖକୁ ପ୍ରଥମେ ପରିଷ୍କାର କରନ୍ତୁ ।
- ଏହାପରେ ଗଛରେ ହଳଦୀ ଜଳ ଅର୍ପଣ କରନ୍ତୁ ।
- ତା'ପରେ ଚନ୍ଦନ, ଅକ୍ଷତ, ତିଳକ ଓ ହଳଦୀ ଗଛରେ ଲଗାନ୍ତୁ ।
- ହଳଦିଆ ରଙ୍ଗ ବସ୍ତ୍ର ଧାରଣ କରି ଗୁଡ଼କୁ ପ୍ରସାଦ ଭାବେ ଅର୍ପଣ କରନ୍ତୁ ।
- ଏହି ଗଛ ସହ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରନ୍ତୁ ।
- ପୂଜା ଶେଷରେ ଆରତି ଅବଶ୍ୟ କରନ୍ତୁ ।



# ମନ୍ତ୍ର ସହିତ କରନ୍ତୁ ଦିନର ପ୍ରାରମ୍ଭ

**ଧାର୍ମିକ ମାନ୍ୟତାନୁସାରେ, ନିତିଦିନ ମନ୍ତ୍ର ଜପ ଦ୍ୱାରା ଶୁଭଫଳ ମିଳିଥାଏ । ତେବେ ମନ୍ତ୍ର କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ଲାଭକାରୀ ବୋଲି କୁହାଯାଇ ନାହିଁ, ବରଂ ସ୍ୱାସ୍ଥ୍ୟ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ରରେ କିଛି ମନ୍ତ୍ର ଏଭଳି ଅଛି, ଯାହାକୁ ପ୍ରତିଦିନ ଉଚ୍ଚାରଣ ବା ଜପ କରିବା ଦ୍ୱାରା ଦେବୀ ଦେବତାଙ୍କ କୃପା ପ୍ରାପ୍ତ ହୋଇଥାଏ । ତା'ସହ କିଛି ମନ୍ତ୍ର ନିୟମିତ ଜପ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇଥାଏ ।**



**'ଓମ୍' ମନ୍ତ୍ର:** ଏହି ମନ୍ତ୍ର ସରଳ ହେଲେ ବି ଖୁବ୍ ପ୍ରଭାବଶାଳୀ । ଦିନର ପ୍ରାରମ୍ଭ 'ଓମ୍' ମନ୍ତ୍ର ଦ୍ୱାରା କଲେ ମନ ନିୟନ୍ତ୍ରଣରେ ରହେ । ସେହିପରି ସ୍ୱାସ୍ଥ୍ୟ ପାଇଁ ଏହି ମନ୍ତ୍ର ନିତିଦିନ ଜପ କରିବା ଉତ୍ତମ । ଲୟବଦ୍ଧ ଭାବେ ନିତିଦିନ ଏହି ମନ୍ତ୍ରକୁ ଜପ କରିବା ଦ୍ୱାରା ଅବସାଦ, ଚିନ୍ତା ଆଦି ସମସ୍ୟା ହ୍ରାସ ପାଏ ।

**ଗାୟତ୍ରୀ ମନ୍ତ୍ର:** ହିନ୍ଦୁ ଧର୍ମରେ ଗାୟତ୍ରୀ ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । କୁହାଯାଏ, ପ୍ରତିଦିନ ଗାୟତ୍ରୀ ମନ୍ତ୍ର ଜପ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏ । ଏହାସହ ଆନ୍ତରିକ ଶକ୍ତି ବି ବିକଶିତ ହୁଏ । ସୂର୍ଯ୍ୟୋଦୟ ସମୟରେ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ମନ ଶାନ୍ତ ରହେ ।

**ମହାମୃତ୍ୟୁଞ୍ଜୟ ମନ୍ତ୍ର:** ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ସବୁବେଳେ ଜପ କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୁଏ । ଏହା ବିଭିନ୍ନ ସମସ୍ୟାରୁ ରକ୍ଷା କରିବାରେ ଲୋକଙ୍କୁ ସାହାଯ୍ୟ କରେ । ମୁଖ୍ୟତଃ ଅକାଳ ମୃତ୍ୟୁ ଭୟ, ରୋଗ ଆଦି ଦୂର କରି ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ ।

## ଅନ୍ତର୍ଜାତୀୟ ଟି-୨୦ କ୍ରିକେଟକୁ ୩ ବିଶ୍ୱ ଚାମ୍ପିଅନଙ୍କ ଅଲ୍‌ବିଦା

# ବିରାଟ, ରୋହିତଙ୍କ ପରେ ଜାଡେଜା



### ରବୀନ୍ଦ୍ର ଜାଡେଜା

ବିଶ୍ୱର ତଥା ଭାରତର ଜଣେ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ନିଜକୁ ପ୍ରତିଷ୍ଠା କରିଥିବା ଏହି ଭାରତୀୟ ଖେଳାଳି ୨୦୦୯ ରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଜାଡେଜା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ବିଶ୍ୱକପ୍ ଶେଷ ଯାଏ ସେ ୭୪ଟି ମ୍ୟାଚ୍ ଖେଳି ୫୧୫ ରନ୍ କରିବା ସହ ୫୪ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ମଧ୍ୟରେ ଚଳିତ ବିଶ୍ୱକପ୍ ଟାଇଟଲ ତାଙ୍କ ଖେଳ ଜୀବନରେ ଶ୍ରେଷ୍ଠ ସଫଳତା ଆଣିଦେଇଛି। ଗତ ଏକ ଦଶନ୍ଧି ଧରି ଅନ୍ତର୍ଜାତୀୟ କ୍ରିକେଟରେ ଭାରତକୁ ପ୍ରତିନିଧିତ୍ୱ କରିଆସୁଥିବା ଏହି ଖେଳାଳି କୌଣସି ଶତକ କିମ୍ବା ଅର୍ଦ୍ଧଶତକୀୟ ପାଳି ଖେଳି ନାହାନ୍ତି। ତାଙ୍କର ସର୍ବାଧିକ ସ୍କୋର ଅପରାଜିତ ୪୬ ରନ୍ ହୋଇଥିଲାବେଳେ ୧୫ ରନ୍‌ରେ ୩ ୱିକେଟ ନେବା ଶ୍ରେଷ୍ଠ ବୋଲିଂ ସଫଳତା।

ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଦ୍ୱିତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିବା ପରେ ବରିଷ୍ଠ ଖେଳାଳିମାନେ ଅବସର ନେବାରେ ଲାଗିଛନ୍ତି। ଭାରତ ଯେତେବେଳେ ବିଜୟ ଉତ୍ସବ ପାଳନ କରୁଥିଲା ଠିକ ସେହି ସମୟରେ ଦୁଇ କିମ୍ବଦନ୍ତୀ ଖେଳାଳି ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଉଭୟ ଖେଳାଳିଙ୍କ ନାମରେ ଏକାଧିକ ରେକର୍ଡ ରହିଛି ଓ ଏମାନେ ଭାରତ ଲାଗି ଅନେକ ସ୍ମରଣୀୟ ଖେଳ ପ୍ରଦର୍ଶନ କରିଛନ୍ତି। ଖେଳ ଜୀବନର ସାୟାହ୍ନରେ ଉପନୀତ ହୋଇଥିବା ଏହି ଦୁଇ ଖେଳାଳି ଠିକଣା ସମୟରେ ନିଜ ଖେଳ ଜୀବନରୁ ଅପସରି ଯାଇଛନ୍ତି। ଉଭୟ ଖେଳାଳିଙ୍କ ବୟସ ଏବେ ୩୫ରେ ପହଞ୍ଚିଛି। ଏମାନେ ନିଷ୍ପତ୍ତି ନେବାର ପରଦିନ ବା ରବିବାର ଦଳର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ତଥା ୩୫ ବର୍ଷୀୟ ରବୀନ୍ଦ୍ର ଜାଡେଜା ମଧ୍ୟ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ଏହା ଫଳରେ ଏକାଥରକେ ଗୋଟିଏ ଦଳରୁ ୩ଜଣ ବିଶ୍ୱସ୍ତରର ଖେଳାଳି ଅବ୍ୟାହତି ନେଇଛନ୍ତି। ଭାରତର ବିଶ୍ୱବିଜୟ ପରେ ସେମାନଙ୍କର ଏହି ନିଷ୍ପତ୍ତି ଦର୍ଶକଙ୍କୁ ବ୍ୟଥିତ କରିଛି। ଏମାନେ କିନ୍ତୁ ଦିନିକିଆ ଓ ଟେଷ୍ଟ ଫର୍ମାଟରେ ଖେଳ ବଜାୟ ରଖିବେ ବୋଲି ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଭାରତରେ ଚାଲିଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ ଫର୍ମାଟରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ କ୍ରିକେଟ ଖେଳିବେ ବୋଲି କହିଛନ୍ତି।



'କୃତଜ୍ଞତାରେ ପରିପୂର୍ଣ୍ଣ ହୃଦୟରୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ମୁଁ ମୋ ଖେଳ ଜୀବନର ଶ୍ରେଷ୍ଠ ସଫଳତା ପ୍ରଦର୍ଶନ କରିଛି। ଦେଶ ଲାଗି ଯାହା କରିବା କଥା ତାହା କରିବାରେ ଆଦୌ ହେଳା କରି ନାହିଁ। ଏଭଳି ଗର୍ବ ଅନୁଭବ କରୁଥିବା ସମୟରେ ମୁଁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅପସରି ଯାଉଛି ଓ ଅନ୍ୟ ଦୁଇ ଫର୍ମାଟ ଯଥା ଟେଷ୍ଟ ଓ ଦିନିକିଆରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବି ବୋଲି ସୋସିଆଲ ମିଡିଆରେ ପୋଷ୍ଟ କରି ସେ ଏହା କହିଛନ୍ତି। ଏହି ପରି ଭାବେ ଗର୍ବର ସହ ମୁଁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବ୍ୟାହତି ନେଉଛି ବୋଲି ଜାଡେଜା ପ୍ରକାଶ କରିଛନ୍ତି।

### ବିରାଟ କୋହଲି

ଭାରତୀୟ କ୍ରିକେଟର ସୁପରଷ୍ଟାର ବିରାଟ କୋହଲି ଫାଇନାଲ ମ୍ୟାଚ୍‌ରେ ୭୬ ରନ୍ କରି ଦଳକୁ ଜିତାଇ ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ପରେ ଅନ୍ତର୍ଜାତୀୟ କ୍ରିକେଟରୁ ପ୍ରଥମେ ଅବସର ଘୋଷଣା କରିଥିଲେ। ୨୦୧୦ ଜୁନ୍ ୧୨ରେ ସେ ଭାରତ ପାଇଁ ଅନ୍ତର୍ଜାତୀୟ ଟି-୨୦ରେ ପଦାର୍ପଣ କରିଥିଲେ ଓ ଦୀର୍ଘ ୧୪ ବର୍ଷ ପରେ ଚଳିତ ଜୁନ୍‌ରେ ହିଁ ସନ୍ୟାସ ନେଇଛନ୍ତି। ଭାରତ ପାଇଁ ସେ ୧୨୫ଟି ଟି-୨୦ ମ୍ୟାଚ୍ ଖେଳି ୪୮.୬୯ ହାରରେ ଓ ୧୩୭.୦୪ ଷ୍ଟ୍ରାଇକ୍‌ରେଟ୍‌ରେ ୪୧୮୮ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଗୋଟିଏ ଶତକ ଓ ୩୮ଟି ଅର୍ଦ୍ଧଶତକ ସାମିଲ ରହିଛି। ୧୨୨ ହେଉଛି ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର। ବୋଲିଂ କରି ସେ ୪ ୱିକେଟ ମଧ୍ୟ ଅକ୍ତିଆର କରିଛନ୍ତି। କେବଳ ସେତିକି ନୁହଁ ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୧୨୯୨ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ସେ ବିଶ୍ୱକପ୍‌ରେ ସର୍ବାଧିକ ୧୫ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ପ୍ରଥମ ୭ଟି ମ୍ୟାଚ୍ ଖେଳି ୭୫ ରନ୍ କରିବା ପରେ ଫାଇନାଲରେ ୭୬ ରନ୍ କରି ଭାରତକୁ ଜିତାଇଥିଲେ।

### ରୋହିତ ଶର୍ମା

ଭାରତକୁ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇଥିବା ଅଧିନାୟକ ରୋହିତ ଶର୍ମା ମଧ୍ୟ ଏହି ସ୍ମରଣୀୟ ମୁହୂର୍ତ୍ତରେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟକୁ ଅଲ୍‌ବିଦା କରିଛନ୍ତି। ଶନିବାର ଟି-୨୦ ବିଶ୍ୱକପ୍ ଜିତିବା ପରେ ରୋହିତ ଟି-୨୦ କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ। ଉଲ୍ଲେଖନୀୟ ଘଟଣାକ୍ରମେ ରୋହିତ୍ ତାଙ୍କ ଅନ୍ତର୍ଜାତୀୟ ଟି-୨୦ କ୍ୟାରିୟର ୨୦୦୭ ଟି-୨୦ ବିଶ୍ୱକପ୍‌ରେ ଆରମ୍ଭ କରିଥିଲେ। ୨୦୦୭ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ତାଙ୍କର ପ୍ରଥମ ଟି-୨୦ କ୍ୟାରିୟରର ପ୍ରଥମ ମ୍ୟାଚ୍ ଥିଲା। ଏବେ ୨୦୨୪ ବିଶ୍ୱକପ୍ ଜିତିବା ପରେ ସେ ଟି-୨୦ ବିଶ୍ୱକପ୍‌ରୁ ଅବସର ନେଇଛନ୍ତି। ଫଳରେ ଯେଉଁ ଟି-୨୦ ବିଶ୍ୱକପ୍‌ରୁ ରୋହିତ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ସେହି ଟି-୨୦ ବିଶ୍ୱକପ୍‌ରେ ଏହି ଫର୍ମାଟ୍‌କୁ ଅଲ୍‌ବିଦା ଜଣାଇଛନ୍ତି। ରୋହିତ୍ ୧୫୯ ଟି-୨୦ ମ୍ୟାଚ୍ ଖେଳି ୩୨ରୁ ଊର୍ଦ୍ଧ୍ୱ ଆଭରେଜରେ ୪୨୩୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫ ଶତକ ଓ ୩୨ ଅର୍ଦ୍ଧଶତକ ସାମିଲ ରହିଛି। ସେ ୨୦୫ ଛକା ଓ ୩୮୩ ଚୌକା ମାରିଛନ୍ତି।

## ୪ଟି ଆଇସିସି ଟାଇଟଲ ବିଜେତା କୋହଲି

ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଭାରତ ବରିଷ୍ଠ ବିଭାଗରେ ୬ଟି ଟାଇଟଲ ଜିତିଛି। ଏହା ମଧ୍ୟରୁ ଅବସର ନେଇଥିବା ବିରାଟ କୋହଲି ୩ଟି ଟୁର୍ଣ୍ଣାମେଣ୍ଟରେ ଅଂଶୀଦାର ଅଛନ୍ତି। ଗତ ଶନିବାର ବାର୍ବାଡୋସ୍‌ରେ ଅନୁଷ୍ଠିତ ୯ମ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତ ଚାମ୍ପିଅନ ହୋଇଛି। ଏହି ଫାଇନାଲରେ କୋହଲି ୭୬ ରନ୍ କରି ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ ସେ ୨୦୧୧ରେ ଦିନିକିଆ ବିଶ୍ୱକପ୍ ଓ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ବିଜେତା ଦଳର ସଦସ୍ୟ ଥିଲେ। ଏହା ବାଦ୍ ତାଙ୍କ ନେତୃତ୍ୱରେ ଭାରତ ୨୦୦୮ରେ ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିଲା। ଏହା ଫଳରେ କୋହଲି ତାଙ୍କ କ୍ୟାରିୟରରେ ବରିଷ୍ଠ ବିଭାଗରେ ୩ଟି ଓ କନିଷ୍ଠ ବିଭାଗରେ ଗୋଟିଏ ଆଇସିସି ଟ୍ରଫି ଜିତିବାରେ ରେକର୍ଡ କରିଛନ୍ତି। ସେ ମୋଟ ୪ଟି ଟ୍ରଫି ଜିତିଥିଲାବେଳେ ଆଉ ୪ଟି ଟ୍ରଫି ମଧ୍ୟ ହାତଛଡ଼ା କରିଛନ୍ତି।

**ରୋହିତଙ୍କ ଦ୍ୱିତୀୟ ବିଶ୍ୱକପ୍:** ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିଅନ ହୋଇଛି। ଏହା ଭାରତର ଦ୍ୱିତୀୟ ଟି-୨୦ ବିଶ୍ୱକପ୍ ଟାଇଟଲ। ପୂର୍ବରୁ ଏମ୍‌ଏସ୍ ଧୋନିଙ୍କ ନେତୃତ୍ୱରେ ଭାରତ ୨୦୦୭ରେ ପ୍ରଥମ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ରୋହିତ ଶର୍ମା ଏହି ଦଳର ସଦସ୍ୟ ରହିଥିଲେ। ଏହା ଫଳରେ ରୋହିତଙ୍କୁ ଦ୍ୱିତୀୟ ଟି-୨୦ ବିଶ୍ୱକପ୍ ଟାଇଟଲ ମିଳିଛି। ତାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଆଇପିଏଲ୍ ଟାଇଟଲ ବିଜୟୀ ହୋଇଛି।

## ଅନିମେଶ, ଶ୍ରାବଣୀଙ୍କୁ ସ୍ୱର୍ଣ୍ଣ





ଭୁବନେଶ୍ୱର, ୩୦।୬ (ସମିସ): ହରିୟାଣାର ପଞ୍ଚକୁଲାଠାରେ ଜାତୀୟ ବରିଷ୍ଠ ଆଥ୍‌ଲେଟିକ ଚାମ୍ପିଅନସିପ୍‌ର ୬୩ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନ୍ତିମ ଦିବସରେ ଓଡ଼ିଶାକୁ ଡବଲ୍ ସ୍ୱର୍ଣ୍ଣ ପଦକ ସଫଳତା ମିଳିଛି। ୨୦୦ ମିଟର ରେସରେ ଅନିମେଶ କୁଜୁର ଓ ଶ୍ରାବଣୀ ନନ୍ଦ ଏହି ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

ପୁରୁଷ ୨୦୦ ମିଟର ରେସରେ ୨୦.୬୫ ସେକେଣ୍ଡ ସମୟ ନେଇ ଅନିମେଶ ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆନ୍ଧ୍ର ପ୍ରଦେଶର ଏନ୍. ଶ୍ରୀନିବାସ (୨୦.୯୫) ଓ ତାମିଲନାଡୁର ରଗୁଲ କୁମାର (୨୧.୧୫) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଅନ୍ୟତମ ଓଡ଼ିଆ ଧାବକ ଦଣ୍ଡପତି ଜୟରାମ ସର୍ବନିମ୍ନ ୮ମ ସ୍ଥାନରେ ରହିଥିଲେ। ପ୍ରତିଯୋଗିତାରେ ଅନିମେଶଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ୧୦୦ ମିଟର ରେସକୁ ୧୦.୪୬ ସେକେଣ୍ଡରେ ଶେଷ କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ମହିଳା ୨୦୦ ମିଟରରେ ୨୩.୮୯ ସେକେଣ୍ଡ ସହ ଶ୍ରାବଣୀ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ମହିଳା ୧୦୦ ମିଟର ହର୍ଡଲ୍ସରେ ଆନ୍ଧ୍ରର ଜ୍ୟୋତି ୟାରାଜୀ (୧୩.୦୬ ସେକେଣ୍ଡ)ଙ୍କ ପଛକୁ ୨ୟ ସ୍ଥାନରେ ରହି ପ୍ରଜ୍ଞା ପ୍ରଶାନ୍ତି (୧୩.୧୫) ରୌପ୍ୟ ପଦକ ହାସଲ କରିଥିଲେ।

### ପରିବାର ସହ ବିଜୟ ଉତ୍ସବ



ଭାରତ ବିଶ୍ୱକପ୍ ଜିତିବା ପରେ ଝିଅ ସହ ରୋହିତ ଶର୍ମା



ପୁଅ ଓ ପତ୍ନୀ ସଞ୍ଜନା ଗଣେଶନ୍‌ଙ୍କ ସହ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା

## ରସେଲ ଜିତିଲେ ଅଷ୍ଟ୍ରିଆନ ଗ୍ରାଁପ୍ରି

ଅଷ୍ଟ୍ରିଆ, ୩୦।୬ (ଏଜେନ୍ସି): ମର୍ସିଡିଜ୍ ଚାଳକ ଜର୍ଜ ରସେଲ ଏଠାରେ ରବିବାର ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ ଅଷ୍ଟ୍ରିଆନ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ୩୦୬.୪୫୨ କିମି ତଥା ୭୧ ଲ୍ୟାପ୍ ବିଶିଷ୍ଟ ଏହି ରେସ୍‌କୁ ୨୬ ବର୍ଷୀୟ ବ୍ରିଟିଶ ଚାଳକ ରସେଲ ଏକ ଘଣ୍ଟା ୨୪ ମିନିଟ୍ ୨୨.୭୯୮ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ମ୍ୟାକ୍‌ଲରେନ ଚାଳକ ଓସ୍କାର ପିଆଷ୍ଟ୍ରି ୧.୯୦୬ ସେକେଣ୍ଡ ଅଧିକ ସମୟ ନେଇ ପ୍ରଥମ ରନର୍ସଅପ୍ ଓ ଫରାରୀର କାର୍ଲୋସ ସିଆଞ୍ଜ (+୪.୫୩୩ ସେକେଣ୍ଡ) ୨ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଦୁଇ ତାରକା ଡ୍ରାଇଭର ମର୍ସିଡିଜର ଲୁଇସ ହାମିଲଟନ ଓ ରେଡ୍‌ବୁଲ୍ସର ମ୍ୟାକ୍ସ ଭର୍ଷ୍ଟାପେନ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଥିଲେ। ପୋଲ୍ ପୋଜିସନ୍‌ରେ ରହି ରେସ୍ ଆରମ୍ଭ କରିଥିବା ଭର୍ଷ୍ଟାପେନ ଓ ହାମିଲଟନ ଅତିକ୍ରମକୁ ନେଇ ପରସ୍ପର କାର୍ ମଧ୍ୟରେ ଧକ୍କା ଲାଗିଥିଲା। ଯେଉଁଥି ପାଇଁ ଭର୍ଷ୍ଟାପେନଙ୍କୁ ୧୦ ସେକେଣ୍ଡ ପେନାଲ୍ଟି ଲାଗିଥିଲା।

## ୱିମ୍ବଲ୍‌ଡନ ଟେନିସ୍ ଆଜିଠାରୁ

ଲଣ୍ଡନ, ୩୦।୬(ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଟେନିସ୍ ସୋମବାରଠାରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଏହି ୧୩୭ତମ ସଂସ୍କରଣ ଜୁଲାଇ ୧ରୁ ଆରମ୍ଭ ହୋଇ ୧୪ରେ ଶେଷ ହେବ। ଲଣ୍ଡନର ଅଲ୍ ଇଂଲଣ୍ଡ ଲନ୍ ଟେନିସ ଆଣ୍ଡ କ୍ରୋକେଟ କ୍ଲବରେ ଖେଳାଯିବାକୁ ଥିବା ଏହି ହାଇପ୍ରୋଫାଇଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଏଥର ରେକର୍ଡ ମୋଟ୍ ୫୩୩ କୋଟି ୬୫ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ପୁରୁଷ ଓ ମହିଳା ଏକକ ଚାମ୍ପିଅନ ପାଖାପାଖି ୨୮ କୋଟି ୪୭ ଲକ୍ଷ ୮୭ ହଜାର ଟଙ୍କା ଲେଖାଏ ପୁରସ୍କାର ପାଇବେ।

କେତେଜଣ ତାରକାଙ୍କୁ ଛାଡି ଦେଲ ବିଶ୍ୱର ସବୁ ଆଗଧାଡିର ଟେନିସ ତାରକା ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ଦ୍ୱିତୀୟ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍, ଡିଫେଣ୍ଡିଂ ଚାମ୍ପିଅନ ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ଚତୁର୍ଥ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ରୁଷିଆର ଆନ୍ଦ୍ରେ ରୁବଲେଭ ଓ ଡାନିଲ ମେଦଭେଦେଭ ଓ ଅନ୍ୟମାନେ ସାମିଲ ରହିଛନ୍ତି।

### ପୁରୁଷ ଏକକରେ ଏକା ନାଗଲ

ଭାରତର ଏକମାତ୍ର ଖେଳାଳିଭାବେ ସୁମିତ ନାଗଲ ପ୍ରଥମ ରାଉଣ୍ଡରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଏଟିପି ମାନ୍ୟତାର ୭୨ ନଂ ସ୍ଥାନରେ ରହିଥିବା ନାଗଲ ପ୍ରଥମ ରାଉଣ୍ଡରେ ୫୩ ନଂ ଖେଳାଳି ସର୍ବିଆର ମିଓମୀର କେକ୍‌ମାନୋଭିକଙ୍କୁ ଭେଟିବେ।

### ପୁରୁଷ ଯୁଗଳରେ ୪ ଭାରତୀୟ

ୱିମ୍ବଲଡନ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଏଥର ୪ଜଣ ଭାରତୀୟ ଖେଳାଳି ସେମାନଙ୍କ ସାଥିଙ୍କ ସହ ପ୍ରତଯୋଗିତାରେ ଅବତୀର୍ଣ୍ଣ ହେବେ। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆ ସାଥି ମାଥ୍ୟୁ ଏବଡେନ ବୁଧବାର ୱିମ୍ବଲଡନ ଅଭିଯାନ ଆରମ୍ଭ କରିବେ। ପ୍ରଥମ ରାଉଣ୍ଡରେ ଏହି ଯୋଡି ଫ୍ରାନ୍ସର ପେରିକାର୍ଡ ଓ ମାନ୍ନାରିନୋଙ୍କୁ ଭେଟିବେ। ଅନ୍ୟତମ ଭରାତୀୟ ଖେଳାଳି ୟୁକି ଭାମ୍ବ୍ରି ଓ ଫ୍ରାନ୍ସର ଅଲବାନୋ ଓଲିଭେଟ୍ଟି କାଜାଖସ୍ତାନର ଆଲେକଜାଣ୍ଡର ବଲବିକ୍ ଓ ଆଲେକଜାଣ୍ଡର ଶେଭଚୋଙ୍କୋଙ୍କୁ ଭେଟିବେ। ନାଗଲ ଓ ଏନ୍ ଶ୍ରୀରାମ ବାଲଜୀ ମଧ୍ୟ ବୁଧବାର ଯୁଗଳ ଅଭିଯାନ ଆରମ୍ଭ କରିବେ।

## ଆରମ୍ଭ ହେଲା ଓସିଏଲ-୨୦୨୪

# ଟୁକୁନାଙ୍କ ଧୂଆଁଧାର ବ୍ୟାଟିଂ; ଟାଇଗର୍ସ ବିଜୟୀ

କଟକ, ୩୦।୬(ସମିସ): ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ)ର ଚଳିତ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଟାଇଗର୍ସ ୧୦ରନ୍‌ରେ ଓଡ଼ିଶା ଲାୟନ୍ସକୁ ପରାସ୍ତ କରିଛି। ଡିଏଲଏସ୍ ପଦ୍ଧତିରେ ମ୍ୟାଚ୍‌ର ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଟୁକୁନା ସାହୁ ୨୮ ବଲରୁ ୫୬ରନ୍‌ର ଧୂଆଁଧାର ଇନିଂସ୍ ଖେଳି ଟାଇଗର୍ସ ବିଜୟରେ ପ୍ରମୁଖ ଭୂମିକା ତୁଲାଇବା ସହ ଶ୍ରେଷ୍ଠ ବିବେଚିତ ହୋଇଥିଲେ।




ରାକେଶ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ଲାୟନ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଓପନର ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଅଧିନାୟକ ରାକେଶଙ୍କ ବଲରେ କ୍ଲିନ ବୋଲ୍ଡ ହୋଇ ସେ ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ବ୍ୟାଟର ତଥା ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ୧୪ରନରେ ରାକେଶଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସାଇଦୀପ ମହାପାତ୍ର ଏବଂ ସୁଜଳ ସିଂହ ଯଥାକ୍ରମେ ୪୧ରନ ଏବଂ ୫୦ରନ ସଂଗ୍ରହ କରିବା ଯୋଗୁଁ ଦଳ ୨୦ ଓଭରରେ ୭ ୱିକେଟ ହରାଇ ୧୪୭ରନ କରିଥିଲା। ଲାୟନ୍ସ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ୭ରନ କରିଥିଲେ। ଟାଇଗର୍ସ ପକ୍ଷରୁ ରାକେଶଙ୍କ ସମେତ ତରଣୀ ସ ଓ ସୁମିତ ଶର୍ମା ୨ଟି ଲେଖାଏ ୱିକେଟ ଦଖଲ କରିଥିଲା। ଶୋଭନ ଦେବ ବେହେରାଙ୍କୁ ଗୋଟିଏ ୱିକେଟ ମିଳିଥିଲା। ଆକ୍ରମଣାତ୍ମକ ଶୈଳୀରେ ଖେଳ ଆରମ୍ଭ କରିଥିଲା ଟାଇଗର୍ସ ଦଳ। ଓପନର ଗୌରବ ଚୌଧୁରୀ ୮ ବଲରୁ ୧୬ରନ ସଂଗ୍ରହ କରିଥିବା ବେଳେ ଆଉଟ ହୋଇଥିଲେ। ପ୍ରଦୀପ ପ୍ରଧାନଙ୍କୁ ବଡ ସଟ୍ ମାରିବାକୁ ଯାଇ ସେ ପପୁ ରାୟଙ୍କ ହାତରେ ଧରା ପଡ଼ିଥିଲେ। ଏହା ପରେ ଟାଇଗର୍ସ ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲା। ବିଶ୍ୱଭୂଷଣ ବିହାରୀ ୩, ଆଶୁତୋଷ ମାରାଣ୍ଡି ୨୭ରନ, ରାକେଶ ପଟ୍ଟନାୟକ ଶୂନରେ ଆଉଟ ହୋଇଥିଲେ। ଇତି ମଧ୍ୟରେ ଅନ୍ୟତମ ଓପନର ଟୁକୁନା ସାହୁ ୨୮ ବଲରୁ ୯ଟି ଚୌକା ଏବଂ ୨ଟି ଛକା ବଳରେ ୫୬ରନ ସଂଗ୍ରହ କରି କ୍ରିଜ ଛାଡ଼ିଥିଲେ। ୧୨ ଓଭର ଖେଳ ଶେଷ ସୁଦ୍ଧା ଦଳ ୫ ୱିକେଟ ହରାଇ ୧୦୦ରନ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ସୌମ୍ୟ ବିଶ୍ୱାଳ ୬ରନ ଏବଂ ବିକ୍ରମ ସାମଲ ୯ ରନ୍‌ରେ ଅପରାଜିତ ଥିଲେ। ଡିଏଲଏସ୍ ନିୟମ ଅନୁସାରେ ୧୨ ଓଭର ସୁଦ୍ଧା ଟାଇଗର୍ସ ସମ୍ମୁଖରେ ୯୧ରନ୍‌ର ଟାର୍ଗେଟ ରହିଥିଲା। ଏଣୁ ୧୦ରନ୍‌ରେ ଟାଇଗର୍ସକୁ ବିଜୟୀ ଘୋଷିତ କରାଯାଇଥିଲା। ଅତିଥି ମେହେତାବ ଖାନ୍ ଶ୍ରେଷ୍ଠ ଖେଳାଳି ଟୁକୁନା ସାହୁଙ୍କୁ ଟ୍ରଫି ସହ ୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

### ପାନ୍ଥର୍ସକୁ ଜିତାଇଲେ ରଘୁନାଥ ମଲ୍ଲ

ରବିବାର ରାତିରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପାନ୍ଥର୍ସ ୩ ୱିକେଟରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁମାସ ସମସ୍ତ ୱିକେଟ ହରାଇ ୧୦୫ ରନ କରିଥିଲା। ଏପରିକି ୪ଜଣ ଖେଳାଳି ଦୁର୍ଭାଗ୍ୟବଶତଃ ରନ୍‌ଆଉଟ୍ ହୋଇଥିଲେ। ପାନ୍ଥର୍ସ ପକ୍ଷରୁ ଦେବବ୍ରତ ପ୍ରଧାନ ଏବଂ ଅଙ୍କିତକାର ଜୈସୱାଲ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ ରଘୁନାଥ ମଲ୍ଲଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ପାନ୍ଥର୍ସ ୩ ୱିକେଟ ବଳକା ରଖି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ରଘୁନାଥ ୩୪ ବଲରୁ ୬୦ ରନ୍ କରିଥିଲେ। ଯେଉଁଥିରେ ୩ଟି ଚୌକା ଏବଂ ୫ଟି ଛକା ରହିଥିଲା। ପୁମାସ ପକ୍ଷରୁ ସୌଭାଗ୍ୟ ରାଉତ ୪ଟି ଏବଂ ବିଶ୍ୱଜିତ ମହାପାତ୍ର ୩ଟି ୱିକେଟ ଅକ୍ତିଆର କରିଥିଲେ। ରଘୁନାଥ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ଅତିଥି ତଡ଼ିତ ରାଉତ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ରବିବାର ଖେଳାଯିବାକୁ ଥିବା ଓଡ଼ିଶା ଜାଗୁଆର୍ସ ଏବଂ ଓଡ଼ିଶା ଚିତାସ୍ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର